# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୨/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 22/2024 Page 16 ₹ 7.00

୫୦ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 299 ମୂଲ୍ୟ ₹୭/-


## ଅମରପ୍ରୀତ୍ ସିଂ ବାୟୁସେନାର ନୂଆ ମୁଖ୍ୟ

**ନୂଆଦିଲ୍ଲୀ,୨୧।୯(ପିଟିଆଇ)**

ଲଢୁଆ ବିମାନ ପାଇଲଟ୍ ଏୟାର ମାର୍ଶଲ ଅମରପ୍ରୀତ୍ ସିଂ ଭାରତୀୟ ବାୟୁସେନାର ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଭି.ଆର୍. ଚୌଧରୀ ସେପ୍ଟେମ୍ବର ୩୦ରେ ଅବସର ଗ୍ରହଣ କରିବାକୁ ଥିବାବେଳେ ଅମରପ୍ରୀତ୍ ସେହିଦିନ ନୂଆ ମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ। ୫,୦୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ଯୁଦ୍ଧବିମାନ ଉଡ଼ାଇବାର ଅଭିଜ୍ଞତା ରଖିଥିବା ଅମରପ୍ରୀତ୍ ଏବେ ଏୟାର ଷ୍ଟାଫ୍‌ର ଉପମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ସେ ପରମ



ବିଶିଷ୍ଟ ସେବା ପଦକ (ପିଭିଏସ୍ଏମ୍) ଏବଂ ଅତି ବିଶିଷ୍ଟ ସେବା ପଦକ (ଏଭିଏସ୍ଏମ୍)ରେ ସମ୍ମାନିତ ହୋଇଛନ୍ତି। ବାୟୁସେନା ମୁଖ୍ୟ ଭାବେ ସେ ନୂଆ ଯୁଦ୍ଧବିମାନ କ୍ରୟ ଏବଂ ଆଧୁନିକୀକରଣ କାର୍ଯ୍ୟସୂଚୀକୁ ଆଗେଇ ନେବାକୁ ପ୍ରାଥମିକତା ଦେବେ ବୋଲି ଆଶା କରାଯାଉଛି। ୧୯୬୪ ଅକ୍ଟୋବର ୨୭ରେ ଜନ୍ମିତ ଅମରପ୍ରୀତ୍ ୧୯୮୪ ଡିସେମ୍ବରରେ ଭାରତୀୟ ବାୟୁସେନାରେ ଯୁଦ୍ଧବିମାନ ପାଇଲଟ୍ ଭାବେ ଯୋଗଦେଇଥିଲେ। ପାଖାପାଖି ୪୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ବିଭିନ୍ନ ଦାୟିତ୍ୱ ନେବା ସହ ବିଦେଶରେ ମଧ୍ୟ କାର୍ଯ୍ୟ କରିଛନ୍ତି।


**ଆଜିର ସମ୍ପାଦକୀୟ**

ଦକ୍ଷତାର ଅଭାବ



## ଯୋଗ, ଆୟୁର୍ବେଦ, ନେଚୁରୋପାଥି ଏବଂ ସୁସ୍ଥ ଜୀବନର ସନାତନ ଉପାୟକୁ ଆପଣାନ୍ତୁ

PATANJALI wellness — Yoga, Ayurveda & Naturopathy

ଯୋଗ, ଆୟୁର୍ବେଦ, ନେଚୁରୋପାଥି ଏବଂ ମହର୍ଷି ପତଞ୍ଜଳି ଏବଂ ଧନ୍ୱନ୍ତରୀଙ୍କ ଭଳି ପ୍ରାଚୀନ ମୁନିଋଷିଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ସୁସ୍ଥ ଜୀବନର ଚିରନ୍ତନ ସିଦ୍ଧାନ୍ତକୁ ଆପଣାନ୍ତୁ ଏବଂ ପ୍ରତିଦିନ ସକାଳେ ସ୍ୱାମୀଜୀଙ୍କ ସହିତ ଲାଇଭ୍ ଯୋଗାଭ୍ୟାସ କରି ଏବଂ ଯୋଗାଭ୍ୟାସ ଶିଖି ସ୍ଥୂଳତା, ରକ୍ତଚାପ, ମଧୁମେହ, ଥାଇରଏଡ୍, ଆଜ୍ମା, ଆର୍ଥ୍ରାଇଟିସ୍, ପୁରୁଣା ଏସିଡିଟି, ପେଟର ପୁରୁଣା ସମସ୍ୟା, ହୃଦ୍‌ରୋଗ, ଯକୃତ ଓ ବୃକ୍କ ବିଫଳତା, ସୋରିଆସିସ୍, ଏକ୍‌ଜିମା, ଭିଟିଲିଗୋ, ମାନସିକ ଚାପ, ଅବସାଦ, ଦୁଃଶ୍ଚିନ୍ତା ଭଳି ଶାରୀରିକ ଏବଂ ମାନସିକ ବିକାର ନିମନ୍ତେ ବ୍ୟାପକ (ସମନ୍ୱିତ) ବୈଜ୍ଞାନିକ ସମାଧାନ ଏବଂ ଦୀର୍ଘସ୍ଥାୟୀ ଉପଶମ ପାଆନ୍ତୁ ।

आस्था LIVE — Daily 5:00 am to 7:30 am and 8:00 pm to 9:30 pm | INDIA TV LIVE — Daily 8:00 am to 8:40 am

ସ୍ୱାମୀଜୀଙ୍କ ସହିତ ଲାଇଭ୍ ଯୋଗାଭ୍ୟାସ କରିବା ପାଇଁ ତାଙ୍କୁ ୟୁଟ୍ୟୁବ୍ ଓ ଫେସ୍‌ବୁକ୍‌ରେ ଫଲୋ କରନ୍ତୁ

@swamiramdevofficial @swamiramdev

## ପତଞ୍ଜଳିର ଆୟୁର୍ବେଦିକ ଔଷଧଗୁଡ଼ିକ ସର୍ବଶ୍ରେଷ୍ଠ କାହିଁକି?

ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନରେ ଆମେ 5,000ରୁ ଅଧିକ ଗବେଷଣା ପ୍ରୋଟୋକଲ୍ ଅନୁସରଣ କରି ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ଜର୍ନାଲ୍‌ଗୁଡ଼ିକରେ 500ରୁ ଅଧିକ ରିସର୍ଚ୍ଚ ପେପର୍ ପ୍ରକାଶିତ କରିଛୁ । ଆହୁରି ମଧ୍ୟ, ଆମର ଆୟୁର୍ବେଦିକ ଔଷଧଗୁଡ଼ିକୁ 'ଗବେଷଣା-ଏବଂ-ପ୍ରମାଣ-ଆଧାରିତ ଔଷଧ' ଭାବେ ସ୍ୱୀକୃତିକୁ ସୁନିଶ୍ଚିତ କରିବା ପାଇଁ ଆମେ ବିସ୍ତୃତ ଏବଂ ବିଶ୍ୱସ୍ତ ପଦ୍ଧତିରେ ଆୟୁର୍ବେଦିକ ଓ ଏଲୋପାଥିକ୍ ଔଷଧଗୁଡ଼ିକର ବ୍ୟାପକ ତୁଳନାତ୍ମକ ଅଧ୍ୟୟନ ସଞ୍ଚାଳିତ କରିଛୁ । ଆନିମଲ୍ ମଡେଲ୍ ପ୍ରି-କ୍ଲିନିକାଲ୍ ଅଧ୍ୟୟନରେ ଆମେ ଯକୃତ, ବୃକ୍କ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍, ହୃଦ୍‌ଯନ୍ତ୍ର, ମସ୍ତିଷ୍କ ଏବଂ ପ୍ରଜନନ ପ୍ରଣାଳୀକୁ କ୍ଷତିଗ୍ରସ୍ତ କରିବା ପରେ ତାହାକୁ ଆୟୁର୍ବେଦିକ ଔଷଧ ମାଧ୍ୟମରେ ସୁସ୍ଥ କରି ଏହା ପ୍ରମାଣିତ କରିଥିଲୁ ଯେ-

- ଆୟୁର୍ବେଦିକ ଔଷଧଗୁଡ଼ିକ କ୍ଷତିଗ୍ରସ୍ତ କୋଷିକା ଏବଂ ଅଙ୍ଗପ୍ରତ୍ୟଙ୍ଗକୁ ପୁନରୁଜ୍ଜୀବିତ କରିଥାଏ ।
- ଏହି ଔଷଧଗୁଡ଼ିକ ରୋଗର ମୂଳ କାରଣକୁ ଚିହ୍ନଟ କରି ତାହାର ମୂଳୋତ୍ପାଟନ କରିଥାଏ ।
- ପତଞ୍ଜଳିର ଔଷଧଗୁଡ଼ିକ ରୋଗର ଲକ୍ଷଣ ଏବଂ ନିହିତ ପ୍ରଣାଳୀ ଉଭୟ ଉପରେ କାମ କରିଥାଏ ଏବଂ ସାମଗ୍ରିକ ସୁସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିଥାଏ । ସେଗୁଡ଼ିକ ପ୍ରଦାହନିରୋଧୀ, ବାର୍ଦ୍ଧକ୍ୟନିରୋଧୀ ହେବା ସହ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ ।
- ନିର୍ଦ୍ଧାରିତ ଡୋସେଜ୍‌ଠାରୁ 4 ରୁ 28 ଗୁଣ ଅଧିକ ମାତ୍ରାର ଔଷଧ ବ୍ୟବହାର କରି ସଞ୍ଚାଳିତ କରାଯାଇଥିବ ବିସ୍ତୃତ ବିଷାକ୍ତତା ଅଧ୍ୟୟନରେ ଏହା ନିଶ୍ଚିତ ହୋଇଥିଲା ଯେ, ପତଞ୍ଜଳିର ଔଷଧଗୁଡ଼ିକ ନିରାପଦ ଅଟେ ଏବଂ ସେଥିରୁ କୌଣସି ପ୍ରତିକୂଳ ପ୍ରତିକ୍ରିୟା ସୃଷ୍ଟି ହୋଇ ନ ଥାଏ ।

ପତଞ୍ଜଳିର ଆୟୁର୍ବେଦିକ ଔଷଧଗୁଡ଼ିକ ମାନବ ପ୍ରକୃତି ସହିତ ସୁସଙ୍ଗତ ହୋଇଥାଏ, କାରଣ ଆମର କୋଷିକାଗୁଡ଼ିକରେ କୋଟି କୋଟି ବର୍ଷର ସ୍ମୃତି ରହିଥାଏ ଏବଂ ଏପରି ଔଷଧଗୁଡ଼ିକ ତାହା ପ୍ରାକୃତିକ ଭାବେ ଆପଣାଇଥାଏ । ଅନ୍ୟପକ୍ଷରେ, ଗବେଷଣାରୁ ଜଣାପଡ଼ିଛି ଯେ ମାନବ ଶରୀର କୃତ୍ରିମ ଏଲୋପାଥିକ୍ ଔଷଧ ବିରୁଦ୍ଧରେ ପ୍ରତିକ୍ରିୟାଶୀଳ ହୋଇଥାଏ ଯେଉଁ କାରଣରୁ ବିଭିନ୍ନ ପ୍ରତିକୂଳ ପ୍ରଭାବ ଜାତ ହୋଇଥାଏ । ତେଣୁ, ଔଷଧର ଶିକୁଳିରୁ ନିଜକୁ ମୁକ୍ତ କରନ୍ତୁ ଏବଂ ନିଜ ଜୀବନର ଉପାୟ ଭାବେ ଯୋଗ, ଆୟୁର୍ବେଦ ଏବଂ ନେଚୁରୋପାଥିକୁ ଆପଣାନ୍ତୁ । 1-2 ସପ୍ତାହ ଆବାସିକ ନିରାମୟ ଚିକିତ୍ସା ପାଇଁ ହରିଦ୍ୱାର ଅବଶ୍ୟ ପରିଦର୍ଶନ କରନ୍ତୁ ।

ପତଞ୍ଜଳି ୱେଲ୍‌ନେସ୍, ଯୋଗଗ୍ରାମ ଏବଂ ନିରାମୟମ୍‌ରେ ପଞ୍ଚକର୍ମ, ଷଟ୍‌କର୍ମ, ନେଚୁରୋପାଥି, ଔଷଧୀୟ ଜଳ, ଖାଦ୍ୟ ଏବଂ ଉପବାସ ମାଧ୍ୟମରେ ଆବାସିକ ଉପଚାର ଦିଆଯାଇଥାଏ । ପଞ୍ଜୀକରଣ ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ:

**8954666111, 8954666222, 8954666333**

**booking@patanjaliwellness.com | www.patanjaliwellness.com**

ରାଷ୍ଟ୍ରର ଧନକୁ ରାଷ୍ଟ୍ର ଭିତରେ ହିଁ ରଖନ୍ତୁ । ଆମ ପାଖରେ ଯାହା ବି ଅଛି ତାହାକୁ ଅନ୍ୟମାନଙ୍କ ସେବାରେ ଉତ୍ସର୍ଗ କରିବା ପତଞ୍ଜଳିର ମୂଳମନ୍ତ୍ର ଅଟେ । ରାଷ୍ଟ୍ରକୁ ଆର୍ଥିକ ଦାସତ୍ୱରୁ ରକ୍ଷା କରନ୍ତୁ । ଯୋଗ ଏବଂ ଆୟୁର୍ବେଦକୁ ଆପଣାନ୍ତୁ ଏବଂ ଘରକୁ ଶୁଦ୍ଧ, ସାତ୍ତ୍ୱିକ ପତଞ୍ଜଳି ଉତ୍ପାଦ ଆଣନ୍ତୁ ।




ଦିବ୍ୟ ଏବଂ ପତଞ୍ଜଳିର ଗବେଷଣା-ଏବଂ-ପ୍ରମାଣ ଆଧାରିତ ଔଷଧ ଏବଂ ନ୍ୟୁଟ୍ରାସ୍ୟୁଟିକାଲ୍ସ ଆପଣାଇ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ଲାଭ କରନ୍ତୁ ।

ପତଞ୍ଜଳିର କୌଣସି ଔଷଧ କୌଣସି ନିୟାମକ ସଂସ୍ଥା କିମ୍ବା ମାନ୍ୟବର ଅଦାଲତଙ୍କ ଦ୍ୱାରା ପ୍ରତିବନ୍ଧିତ ହୋଇନାହିଁ । 14ଟି ଔଷଧ ଉପରେ ପ୍ରତିବନ୍ଧକ ଲାଗିଥିବା ସମ୍ପର୍କରେ ଯେଉଁ ଅପପ୍ରଚାର କରାଯାଉଛି ତାହା ଭୁଲ୍ ଅଟେ । ଏହିସବୁ ଔଷଧ (ଶ୍ୱାସାରୀ ଗୋଲ୍ଡ, ଶ୍ୱାସାରୀ ବଟି, ବ୍ରୋଙ୍କୋମ୍, ଶ୍ୱାସାରୀ ପ୍ରବାହୀ, ଶ୍ୱାସାରୀ ଅବଲେହ, ମୁକ୍ତା ବଟି ଏକ୍ସଟ୍ରା ପାୱାର, ଲିପିଡମ୍, ବିପି ଗ୍ରିଟ୍, ମଧୁ ଗ୍ରିଟ୍, ମଧୁନାଶିନୀ ବଟି ଏକ୍ସଟ୍ରା ପାୱାର, ଲିଭାମୃତ ଆଡ୍‌ଭାନ୍ସ, ଲିଭୋଗ୍ରିଟ୍, ଆଇଗ୍ରିଟ୍ ଗୋଲ୍ଡ, ପତଞ୍ଜଳି ଦୃଷ୍ଟି ଆଇ ଡ୍ରପ୍ ଇତ୍ୟାଦି) ସମେତ ଅନ୍ୟାନ୍ୟ ଔଷଧଗୁଡ଼ିକ ଆମର ପତଞ୍ଜଳି ଚିକିତ୍ସାଳୟ, ଆରୋଗ୍ୟ କେନ୍ଦ୍ର, ମେଗା ଷ୍ଟୋର୍ ଏବଂ ଦେଶର ସମସ୍ତ ପ୍ରମୁଖ ଷ୍ଟୋର୍ସରେ ଉପଲବ୍ଧ ।

ଉପରୋକ୍ତ ଔଷଧର ବ୍ୟବହାର କେବଳ ପ୍ରସ୍ତାବ ମାତ୍ର ଅଟେ ଏବଂ ଉପରଦର୍ଶିତ ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ସେଗୁଡ଼ିକ ଚିକିତ୍ସାର ଏକ ବିକଳ୍ପ ଅଟେ । ନିଜ ଇଚ୍ଛାରେ ଔଷଧ ଖାଆନ୍ତୁ ନାହିଁ । ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ ଔଷଧ ବ୍ୟବହାର କରନ୍ତୁ ।







# ଇସ୍ରାଏଲ୍‌ର ହେଜବୋଲ୍ଲା ଦମନ: ୩୧ ମୃତ



ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ବେରୁଟ୍‌ର ଏକ ବହୁତଳ ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

**ବେରୁଟ୍,୨୧ା୯**

ଲେବାନନ୍‌ର ବେରୁଟ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ଜନିତ ମୃତ୍ୟୁସଂଖ୍ୟା ୩୧କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ୭ ମହିଳା ଓ ୩ ଜଣ ପିଲା ରହିଛନ୍ତି। ଏଥିସହିତ ୬୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୨୩ ଜଣ ଏବେ ବି ନିଖୋଜ ଥିବା ଲେବାନନ୍‌ର ପରିବହନ ମନ୍ତ୍ରୀ କହିଛନ୍ତି। ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

୨୦୦୬ ଇସ୍ରାଏଲ୍-ହେଜବୋଲ୍ଲା ଯୁଦ୍ଧ ପରେ ଶୁକ୍ରବାର ଲେବାନନ୍ ରାଜଧାନୀ ବେରୁଟ୍ ଉପରେ ଇସ୍ରାଏଲ୍ ସବୁଠୁ ଘାତକ ଏୟାରଷ୍ଟ୍ରାଇକ୍ କରିଛି। ଲୋକେ କାମଧନ୍ଦା ସାରି ଘରକୁ ଫେରୁଥିବାବେଳେ ଗହଳି ସମୟରେ ଏହି ଆକ୍ରମଣ ହୋଇଥିଲା। ଏଥିରେ ହେଜ୍‌ବୋଲ୍ଲାର ବରିଷ୍ଠ କମାଣ୍ଡର ଇବ୍ରାହିମ୍ ଅକିଲଙ୍କ ସମେତ ଉକ୍ତ ସଂଗଠନର ୧୧ ଆତଙ୍କବାଦୀ ନିହତ ହୋଇଥିବା ଇସ୍ରାଏଲ୍ କହିଛି। ଏୟାରଷ୍ଟ୍ରାଇକ୍‌ରେ ଧ୍ୱଂସ ହୋଇଥିବା ଏକ ବିଲ୍ଡିଂର ବେସ୍‌ମେଣ୍ଟରେ ହେଜବୋଲ୍ଲା ଆତଙ୍କବାଦୀମାନଙ୍କର ଏକ ବୈଠକ ଚାଲିଥିଲା। ଅନ୍ୟପକ୍ଷରେ ୧୫ ଜଣ ହେଜବୋଲ୍ଲା ଅପରେଟିଭ୍ ନିହତ ହୋଇଥିବା ଉକ୍ତ ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି। ଲେବାନନ୍ ସୈନ୍ୟ ଉକ୍ତ ବିଲ୍ଡିଂକୁ ଚାରିପଟୁ ଘେରି ରହିଥିବାବେଳେ ରେଡ୍‌କ୍ରସ୍ ସଦସ୍ୟମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ସେହିପରି କ୍ୱାଇମ୍ ଷ୍ଟ୍ରିଟ୍‌ରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ୧୬ ଆପାର୍ଟମେଣ୍ଟ ଥିବା ଏକ ୮ ମହଲା ବିଲ୍ଡିଂ ଧ୍ୱଂସ ହୋଇଯାଇଛି। ଏହା ନିକଟରେ ଥିବା ଅନ୍ୟ ଏକ ବିଲ୍ଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ଲେବାନନ୍‌ରେ କ୍ରମାଗତ ୨ ଦିନ ପେଜର ଓ ୱାକି-ଟକି ବିସ୍ଫୋରଣରେ ଅନ୍ୟୂନ ୩୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୯୦୦ ଲୋକ ଆହତ ହୋଇଥିଲେ। ରିପୋର୍ଟ ଅନୁସାରେ ହାତରେ ଧରାଯାଉଥିବା ୱାୟାରଲେସ୍ ୱାକି-ଟକି ଉପକରଣଗୁଡ଼ିକୁ ପେଜର ସହ ଏକସଙ୍ଗେ କିଣାଯାଇଥିଲା। ଏହି ବିସ୍ଫୋରଣ ପାଇଁ ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଇସ୍ରାଏଲ୍‌କୁ ଦାୟୀ କରିଥିଲା। ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଇସ୍ରାଏଲ ଗାଜା ଆକ୍ରମଣ କରିଥିଲା। ହମାସ୍-ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ହେଜବୋଲ୍ଲା ଅନେକ ସମୟରେ ଏହାକୁ ଟାର୍ଗେଟ କରିଆସୁଛି।

## ୪୨ ଦିନ ପରେ କାର୍ଯ୍ୟରେ ଯୋଗଦେଲେ ଜୁନିୟର ଡାକ୍ତର

**କୋଲକାତା,୨୧ା୯**

କୋଲକାତାର ଆର୍.ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବି କରି ୪୨ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ପଶ୍ଚିମବଙ୍ଗ ସରକାରୀ ହସ୍ପିଟାଲଗୁଡ଼ିକର ଜୁନିୟର ଡାକ୍ତରମାନେ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେବେ ସେମାନେ କେବଳ ଜରୁରୀକାଳୀନ ଚିକିତ୍ସା ଡ୍ୟୁଟିରେ ଯୋଗ ଦେଇଥିବାବେଳେ ବର୍ହିର୍ବିଭାଗ ରୋଗୀ ସେବା (ଓପିଡି) କରିବେ ନାହିଁ ବୋଲି କହିଛନ୍ତି। ଡାକ୍ତରମାନଙ୍କ ଯୋଗଦାନ ଫଳରେ ବିଭିନ୍ନ ସରକାରୀ ହସ୍ପିଟାଲରେ ଜରୁରୀ ସେବା ସ୍ୱାଭାବିକ ହୋଇଛି।

## ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାରେ ବଣ୍ଟାଯାଇଥିଲା ତିରୁପତି ଲଡୁ

**ଅଯୋଧ୍ୟା, ୨୧ା୯**

ତିରୁପତି ଭେଙ୍କଟେଶ୍ୱର ମନ୍ଦିର ଲଡୁରେ ଗୋରୁ ଚର୍ବି ଏବଂ ମାଛ ତେଲ ମିଶିଥିବା ଥିବା ନେଇ ରିପୋର୍ଟ ସାମ୍ନାକୁ ଆସିବା ପରେ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି। ଜାନୁଆରୀ ୨୨ରେ ଅଯୋଧ୍ୟାର ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ତିରୁପତିରୁ ଆସିଥିବା ଲଡୁକୁ ପ୍ରସାଦ ଭାବରେ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା ବୋଲି ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ କହିଛନ୍ତି। ପ୍ରାଣପ୍ରତିଷ୍ଠା ସମାରୋହ ପାଇଁ ତିରୁମାଲା ତିରୁପତି ଦେବସ୍ଥାନମ୍(ଟିଟିଡି) ଦ୍ୱାରା ପ୍ରାୟ ୧ ଲକ୍ଷ ଲଡୁ ପଠାଯାଇଥିବା ସେ କହିଛନ୍ତି।

## କେରଳ ବ୍ୟବସାୟୀଙ୍କ ସମ୍ପୃକ୍ତି ଚର୍ଚ୍ଚା

**ନୂଆଦିଲ୍ଲୀ,୨୧ା୯**



ଗାନିକର ରିନ୍‌ସନ ଜୋସ୍

ଲେବାନନ୍‌ର ପେଜର ବିସ୍ଫୋରଣ ସହ ଜଣେ କେରଳ ଜନ୍ମିତ ବ୍ୟବସାୟୀ ସମ୍ପୃକ୍ତ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ଉକ୍ତ ବ୍ୟବସାୟୀ ନରୱେର ନାଗରିକତ୍ୱ ଗ୍ରହଣ କରିଛନ୍ତି। ହଙ୍ଗେରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ବୁଲଗେରିଆ କମ୍ପାନୀ ନୋର୍ଟା ଗ୍ଲୋବାଲ ଲିଃ ପେଜର ଡିଲ୍ ସହ ସମ୍ପୃକ୍ତ। ଉକ୍ତ କମ୍ପାନୀର ପ୍ରତିଷ୍ଠାତା ହେଉଛନ୍ତି ନରୱେ ଗାନିକର ରିନ୍‌ସନ ଜୋସ୍। ତାଙ୍କ ଜନ୍ମସ୍ଥାନ କେରଳର ୱାୟନାଡ୍ ହୋଇଥିବାବେଳେ ଏମ୍‌ବିଏ ପଢ଼ା ଶେଷ କରି ସେ ନରୱେ ଯାଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। କେତେକ ଟିଭି ଚ୍ୟାନେଲ ମଧ୍ୟ ଜୋସ୍‌ଙ୍କ ସମ୍ପର୍କୀୟମାନଙ୍କ ସହ କଥା ହୋଇଛନ୍ତି। ଜୋସ୍‌ଙ୍କ ବାପା ମୁଥେଡାମ୍ ଏକ ଟେଲର ଦୋକାନରେ କାମ କରୁଥିବାରୁ ସେ ସ୍ଥାନୀୟ ଅଞ୍ଚଳରେ ଟେଲର ଜୋସ୍ ଭାବେ ପରିଚିତ। ଅନ୍ୟପକ୍ଷରେ ଲେବାନନ୍ ବିସ୍ଫୋରଣରେ ବ୍ୟବହୃତ ପେଜର ଆମଦାନି କିମ୍ବା ରପ୍ତାନି ହୋଇ ନ ଥିଲା କି ବୁଲ୍‌ଗେରିଆରେ ଉତ୍ପାଦନ ହୋଇ ନ ଥିଲା ବୋଲି ତଦନ୍ତକାରୀ ସଂସ୍ଥା ଡିଏଏନ୍‌ଏସ୍ ଶୁକ୍ରବାର ସ୍ପଷ୍ଟ କରିଛି।

## ଗାଜା ସ୍କୁଲ ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୨୧ ମୃତ

**ଗାଜା ସିଟି,୨୧ା୯:** ଯୁଦ୍ଧରେ ଘରଦ୍ୱାର ହରାଇ ପାଲେଷ୍ଟିନୀୟମାନେ ଗାଜା ସିଟିର ଏକ ସ୍କୁଲ୍‌ରେ ଆଶ୍ରୟ ନେଇଥିବାବେଳେ ସେଠାରେ ଇସ୍ରାଏଲ୍ ବୋମାମାଡ଼ କରିଛି। ଏଥିରେ ଅନ୍ୟୂନ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଅଲ୍-ଜେଇଟୁନ୍ ସ୍କୁଲ୍ ଉପରେ ବୋମାମାଡ଼ କରି ଇସ୍ରାଏଲ୍ ଭୟଙ୍କର ଗଣହତ୍ୟା କରିଥିବା ଗାଜାର ସରକାରୀ ଗଣମାଧ୍ୟମ କହିଛି। ମୃତକଙ୍କ ମଧ୍ୟରେ ୧୩ ଜଣ ପିଲା ଓ ୬ ମହିଳା ରହିଛନ୍ତି। ଅନ୍ୟୂନ ୩୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଅନେକେ ଗୁରୁତର ଭାବେ ପୋଡ଼ିଯାଇଛନ୍ତି। ୨ ଜଣ ନିଖୋଜ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୱେଷ୍ଟବ୍ୟାଙ୍କରେ ଇସ୍ରାଏଲ୍ ଆକ୍ରମଣରେ ନିହତ ପାଲେଷ୍ଟିନୀୟଙ୍କ ମୃତଦେହକୁ ଇସ୍ରାଏଲ୍ ସେନା ବୁଲ୍‌ଡୋଜରରେ ଉଠାଇ ଅନ୍ୟତ୍ର ନେଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ମସଜିଦ୍ ବିବାଦ: ଧରାବୀରେ ଉତ୍ତେଜନା



**ମୁମ୍ବାଇ, ୨୧ା୯**

ମୁମ୍ବାଇର ଧରାବୀ ବସ୍ତିରେ ଶନିବାର ଉତ୍ତେଜନା ଦେଖାଦେଇଥିଲା। ବସ୍ତିରେ ଥିବା ଏକ ମସ୍‌ଜିଦର ବେଆଇନ ଅଂଶକୁ ଭାଙ୍ଗିବା ନେଇ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି) ଯୋଜନା କରିଥିବାବେଳେ ଏହା ବିରୋଧରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ବିଏମ୍‌ସି ଅଧିକାରୀମାନେ ମସ୍‌ଜିଦ ଥିବା ଗଳିରେ ପ୍ରବେଶ କରିବାକୁ ପ୍ରୟାସ କରୁଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ସେମାନଙ୍କୁ ଅଟକାଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଅନେକ ଶହ ସଂଖ୍ୟାରେ ଲୋକ ଧରାବୀ ଥାନା ଘେରାଉ କରିବା ସହ ରାସ୍ତାରୋକ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ମସଜିଦ ପରିଚାଳନା କମିଟି ସଦସ୍ୟ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବେଆଇନ୍ ନିର୍ମାଣ ହଟାଇବାକୁ ମସ୍‌ଜିଦ ପରିଚାଳନା କମିଟି ସଦସ୍ୟ ୪ରୁ ୫ ଦିନ ସମୟ ମାଗିଥିଲେ, ଯେଉଁଥିରେ ବିଏମ୍‌ସି ଅଧିକାରୀ ରାଜି ହୋଇଥିଲେ। ଘଟଣାସ୍ଥଳରେ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଅଧିକ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ମୋଦି ପହଞ୍ଚିବା ପୂର୍ବରୁ ଖଲିସ୍ତାନୀ ସଂଗଠନ ସହ ହ୍ୱାଇଟ୍ ହାଉସ୍‌ର ଆଲୋଚନା

**ୱାଶିଂଟନ,୨୧ା୯**

ଚତୁର୍ଥ କ୍ୱାଡ୍ ନେତାମାନଙ୍କ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠାରୁ ତିନିଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି। ସେ ୨୨ରେ ଜାତିସଂଘ ସାଧାରଣ ସଭାର ଏକ ବୈଠକରେ ଉଦ୍‌ବୋଧନ ଦେବେ। ଏଥିସହିତ ଆମେରିକାରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ତେବେ ପ୍ରଧାନମନ୍ତ୍ରୀ ମୋଦି ଶନିବାର ଆମେରିକାରେ ପହଞ୍ଚିବା ପୂର୍ବରୁ ହ୍ୱାଇଟ୍ ହାଉସ୍ କର୍ତ୍ତୃପକ୍ଷ ଖଲିସ୍ତାନୀ ଆନ୍ଦୋଳନର ସମର୍ଥକ ଶିଖ୍ ସଂଗଠନଗୁଡ଼ିକ ସହ ଆଲୋଚନା ଚଳାଇଥିଲେ। ଆମେରିକା ମାଟିରେ ଶିଖ୍‌ମାନଙ୍କୁ ଯେକୌଣସି ଅନ୍ତର୍ଜାତୀୟ ଆକ୍ରମଣରୁ ସୁରକ୍ଷା ଦିଆଯିବ ବୋଲି ହ୍ୱାଇଟ୍ ହାଉସ୍ ପ୍ରତିଶ୍ରୁତି ଦେଇଛି। ଆମେରିକା ସୀମା ଭିତରେ ରହିଥିବା ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ହ୍ୱାଇଟ୍ ହାଉସ୍ ପ୍ରତିବଦ୍ଧ ବୋଲି କୁହାଯାଇଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କୁ ଆମେରିକା ଏବଂ କାନାଡ଼ା ଶରଣ ଦେଉଥିବାରୁ ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଉକ୍ତ ଖଲିସ୍ତାନୀ ଆତଙ୍କବାଦୀମାନେ ବହୁ ଦଶନ୍ଧି ହେଲା ଆତଙ୍କବାଦୀ କାର୍ଯ୍ୟ ସହ ଜଡ଼ିତ ରହିଛନ୍ତି।



ଆମେରିକାର ଫିଲାଡେଲ୍‌ଫିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପ୍ରବାସୀ ଭାରତୀୟମାନଙ୍କ ସହ କଥା ହେବା ଅବସରରେ।

## ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ: ଖାର୍ଗେ

**ଜମ୍ମୁ,୨୧ା୯(ପି.ଟି.)**

### ରାହୁଲଙ୍କ ବିରୋଧରେ ଭାଜପା-ଆର୍‌ଏସ୍‌ଏସ୍‌ର ଅପମାନଜନକ ମନ୍ତବ୍ୟ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ନେତାମାନେ ଅପମାନଜନକ ମନ୍ତବ୍ୟ ଦେଉଛନ୍ତି। ତାଙ୍କୁ ଧମକ ଦିଆଯାଉଛି। ଏହା ବିରୋଧରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର କହିଛନ୍ତି। ରାହୁଲଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଉଥିବା ଭାଜପା ନେତାମାନଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ରାହୁଲ ସତ କହିବାରୁ ତାଙ୍କ ଜିଭ କାଟିଦେବାକୁ ଏବଂ ତାଙ୍କୁ ଜେଜେମା' ଇନ୍ଦିରା ଗାନ୍ଧୀଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ଧମକ ଦିଆଯାଉଛି। ଭାଜପା-ଆର୍‌ଏସ୍‌ଏସ୍‌ର ବିଷାକ୍ତ ମାନସିକତା ଦ୍ୱାରା କଂଗ୍ରେସ ଭୟଭୀତ ହୋଇଯିବ ନାହିଁ ବୋଲି ଖାର୍ଗେ ଜମ୍ମୁରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର ପାଇଁ ଜମ୍ମୁ ଯାଇଥିବା ଖାର୍ଗେ କହିଛନ୍ତି, ରାହୁଲଙ୍କୁ ଆତଙ୍କବାଦୀ ଏବଂ ଦେଶଦ୍ରୋହୀ କୁହାଯାଉଛି। ଏଭଳି ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀ ପ୍ରୋତ୍ସାହିତ କରିବା ସହ ଉତ୍ତେଜନା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଖାର୍ଗେ କହିଛନ୍ତି।

## ସବୁଠୁ ଦୁର୍ବଳଙ୍କ ପାଇଁ ବୀମାକୁ ସୁଲଭ କରିବାକୁ ହେବ

### ଏନ୍‌ଡିଏମ୍‌ଏ କର୍ମଶାଳାରେ ପି.କେ. ମିଶ୍ରଙ୍କ ଉଦ୍‌ବୋଧନ

**ନୂଆଦିଲ୍ଲୀ, ୨୧ା୯**



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କ୍ଷତିଏବଂ ହାନିର ଆକଳନ ପାଇଁ ବୀମା ଉତ୍ପାଦ/ବଣ୍ଡ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ପ୍ରୟାସ ଉପରେ ଆଲୋକପାତ କରିଛନ୍ତି। ନୂଆଦିଲ୍ଲୀରେ ଶୁକ୍ରବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ପକ୍ଷରୁ ଆୟୋଜିତ କର୍ମଶାଳା 'ବିପର୍ଯ୍ୟୟ ବିପତ୍ତି ବୀମା କାହିଁକି ଗୁରୁତ୍ୱପୂର୍ଣ୍ଣ-ପ୍ରମୁଖ ଧାରଣା ଏବଂ ଲାଭ'ରେ ସେ କହିଥିଲେ, ଉଦୀୟମାନ ଧାରା ବିପର୍ଯ୍ୟୟ ବିପଦ ବୀମା ପ୍ରୟୋଗରେ ଅଭିନବତ୍ୱ ଏବଂ ଅଧିକ ନମନୀୟ, ଦକ୍ଷ ଏବଂ ସମାବେଶୀ ବୀମା ସମାଧାନ ଦିଗରେ ବୈଶ୍ୱିକ ଧାରାରେ ସାମିଲ ହେବା କ୍ଷେତ୍ରରେ ଭାରତର ସମ୍ଭାବନାକୁ ଦର୍ଶାଉଛି।

ଡକ୍ଟର ମିଶ୍ର ବିଭିନ୍ନ କ୍ଷେତ୍ର ଏବଂ ସଂସ୍ଥାରେ ବୀମା କଭରେଜ ସମ୍ପ୍ରସାରଣ ପାଇଁ ଏକ ରଣନୀତିକ ଦୃଷ୍ଟିକୋଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ବୀମା କେବଳ ଉପଲବ୍ଧ ନୁହେଁ ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପାଇଁ ଏହାର ସୁଲଭତାକୁ ସୁନିଶ୍ଚିତ କରିବାକୁ ପଡିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଦ୍ୱାରା ଅନୁପ୍ରାଣିତ ହୋଇ ସେ କହିଥିଲେ, ଗରିବ ପରିବାରଠାରୁ ଆରମ୍ଭ କରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବହୁରାଷ୍ଟ୍ରୀୟ ନିଗମ ଏବଂ ରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବିପର୍ଯ୍ୟୟ ବିପଦଠାରୁ ସୁରକ୍ଷା ନିହାତି ଆବଶ୍ୟକ। ଡକ୍ଟର ମିଶ୍ର ଦୁଇଟି ସରକାରୀ ସମର୍ଥିତ ବୀମା କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଏବଂ ଆୟୁଷ୍ମାନ ଭାରତ ବିଷୟରେ ଉଲ୍ଲେଖ କରିଥିଲେ। ପିଏମ୍‌ଏଫ୍‌ବିୱାଇ କୃଷକମାନଙ୍କୁ ସୁଲଭ ମୂଲ୍ୟର ଫସଲ ବୀମା ପ୍ରଦାନ କରିଥାଏ, ଯାହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟରୁ ଫସଲ ନଷ୍ଟରୁ ସେମାନଙ୍କ ଆୟ ସୁରକ୍ଷିତ ରହିଥାଏ। ଗରିବଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଥିବା ଆୟୁଷ୍ମାନ ଭାରତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହ ପକେଟରୁ ଖର୍ଚ୍ଚ ହ୍ରାସ କରିଥାଏ। ଏହା ସାମାଜିକ ସମାନତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବିପଦ ପରିଚାଳନାକୁ ପ୍ରୋତ୍ସାହିତ କରିବା ଲାଗି ସରକାରଙ୍କ ବ୍ୟାପକ ଏଜେଣ୍ଡାର କେନ୍ଦ୍ରବିନ୍ଦୁ।

ଡକ୍ଟର ମିଶ୍ର ବିବିଧ ବୀମା ସମାଧାନ ପାଇଁ ପରାମର୍ଶ ଦେବା ସହିତ ଏହାର ମୂଳରେ ଦୀର୍ଘସ୍ଥାୟିତ୍ୱକୁ ରଖିବା ଏବଂ ଗୋଟିଏ ନିରନ୍ତର ବିସ୍ତାରିତ ଗୋଷ୍ଠୀକୁ ବୀମା ଯୋଗାଇ ଦେବା ତଥା ବର୍ଦ୍ଧିତ ଓ ସମ୍ଭାବ୍ୟ ରିସ୍କ ପୁଲ୍‌କୁ ବଜାୟ ରଖିବା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଏନଡିଏମ୍‌ଏ ସଦସ୍ୟ ରାଜେନ୍ଦ୍ର ସିଂ ଉପସ୍ଥିତ ଥିଲେ।

## ଯୋଗାଯୋଗ ଉପକରଣକୁ ଅସ୍ତ୍ର କରିବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ: ଜାତିସଂଘ

**ଜାତିସଂଘ,୨୧ା୯**

### ଲେବାନନ୍‌ରେ ପେଜର, ୱାକିଟକି ବିସ୍ଫୋରଣକୁ ନେଇ ଉଦ୍‌ବେଗ

ସାଧାରଣ ଯୋଗାଯୋଗ ଉପକରଣକୁ ଅସ୍ତ୍ରରେ ପରିଣତ କରିବା ଯୁଦ୍ଧରେ ଏକ ନୂତନ ବିକାଶକୁ ସୂଚାଉଛି। ଲେବାନନ୍‌ରେ ପେଜର ଏବଂ ୱାକିଟକିକୁ ଅସ୍ତ୍ରରେ ପରିଣତ କରାଯାଇ ବହୁ ହଜାର ଲୋକଙ୍କୁ ଟାର୍ଗେଟ କରାଯାଇଥିଲା। ଲୋକମାନଙ୍କ ବିନା ଜ୍ଞାତସାରରେ ପେଜର, ଟୁ-ୱେ ରେଡିଓ ଏବଂ ଇଲେକ୍ଟ୍ରୋନିକ୍ ଉପକରଣକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଅନ୍ତର୍ଜାତୀୟ ମାନବାଧିକାର ଆଇନର ଉଲ୍ଲଂଘନ ବୋଲି ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲ୍‌କର ତୁର୍କ କହିଛନ୍ତି। ଶୁକ୍ରବାର ଜାତିସଂଘ ସାଧାରଣ ପରିଷଦର ଜରୁରୀ ବୈଠକରେ ଭୋଲ୍‌କର ଲେବାନନ୍‌ରେ ଘଟିଥିବା ଦୁଇଟି ଆକ୍ରମଣର ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଏବଂ ବୁଧବାର ଲେବାନନ୍‌ରେ ଅନେକ ହଜାର ପେଜର ଏବଂ ୱାକିଟକି ବିସ୍ଫୋରଣ କରାଯାଇଥିଲା, ଯେଉଁଥିରେ ୩୭ ଜଣ ପ୍ରାଣ ହରାଇବା ସହ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଆକ୍ରମଣ ପଛରେ ଇସ୍ରାଏଲ୍‌ର ହାତ ରହିଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ସମ୍ପର୍କରେ ଉକ୍ତ ଦେଶର ଜାତିସଂଘ ଆମ୍ବାସାଡର ଡାନି ଡାନନ୍‌ଙ୍କୁ ପ୍ରଶ୍ନ କରାଯିବାରୁ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। ତେବେ ଏହି ଆକ୍ରମଣ ପାଇଁ ଯେଉଁମାନେ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଯେଉଁମାନେ କରିଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଇବାକୁ ହେବ ବୋଲି ଭୋଲ୍‌କର କହିଛନ୍ତି। ହେଜ୍‌ବୋଲ୍ଲା ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବାବେଳେ ଛୋଟ ପିଲାଙ୍କ ସମେତ ବହୁସଂଖ୍ୟା ସାଧାରଣ ନାଗରିକ ମୃତାହତ ହୋଇଥିଲେ।

## ଫୁରସତ୍

## କ୍ୟାନ୍‌ସର ପୀଡ଼ିତଙ୍କୁ ଲୋଡ଼ା ସକାରାତ୍ମକ ସହଯୋଗ

**ଆ**ଜି ସାରା ବିଶ୍ୱରେ ରୋଜ ଡେ' ପାଳନ କରାଯାଉଛି। କ୍ୟାନସରରେ ପୀଡିତ ଲୋକଙ୍କ ଜୀବନରେ ସୁଖ ଆଣିବା ଏବଂ ଜୀବନର ମହତ୍ତ୍ୱ ବୁଝାଇବା ପାଇଁ ପ୍ରତିବର୍ଷ ୨୨ ସେପ୍ଟେମ୍ବରରେ ଏହି ଦିବସ ଭାବେ ପାଳନ କରାଯାଏ। କ୍ୟାନସର ପୀଡିତଙ୍କ ମନରେ ସକାରାତ୍ମକ ଭାବନାର ଉଦ୍ରେକ କରିବା ଏହି ଦିବସ ପାଳନର ଲକ୍ଷ୍ୟ। ଶାରୀରିକ ପ୍ରଭାବ ବ୍ୟତୀତ କ୍ୟାନସରକୁ ନେଇ ଚାପ, ମାନସିକ ପ୍ରଭାବ ଯନ୍ତ୍ରଣା ସୃଷ୍ଟି କରେ। ଏହି ରୋଗର ମୁକାବିଲା କରିବାବେଳେ ପୀଡିତମାନେ ହତାଶ ହୋଇପଡିଥା'ନ୍ତି। ତେଣୁ ଏଭଳି ସମୟରେ ସେମାନେ ଦୃଢ଼ ମନୋବଳ ତଥା ସକାରାତ୍ମକ ସହଯୋଗ ଆବଶ୍ୟକ କରନ୍ତି। ସେମାନଙ୍କୁ ମାନସିକ ଭାବରେ ସମର୍ଥନ ସହ ଭରସା ସୃଷ୍ଟି କରିବା ପାଇଁ 'ୱାର୍ଲ୍ଡ ରୋଜ ଡେ' ପାଳନ କରାଯାଉଛି।

### 'ୱାର୍ଲ୍ଡ ରୋଜ୍ ଡେ'



କାନାଡାର ୧୨ ବର୍ଷୀୟ ଝିଅ ମେଲିଣ୍ଡା ରୋଜଙ୍କ ସ୍ମୃତିରେ ହିଁ ଏହି ଦିବସଟି ପାଳିତ ହୋଇ ଆସୁଛି। ୧୯୯୪ରେ ମାତ୍ର ୧୨ ବର୍ଷ ବୟସରେ ବ୍ଲଡ କ୍ୟାନ୍ସରରେ ପୀଡିତ ହୋଇ ଯନ୍ତ୍ରଣା ପାଉଥିବାବେଳେ ଡାକ୍ତର ତାଙ୍କୁ ଦୁଇ ସପ୍ତାହର ସମୟ ଦେଇଥିଲେ। ହେଲେ ମେଲିଣ୍ଡା ମୃତ୍ୟୁକୁ ଭୟ ନ କରି ବେଶ ଖୁସିରେ ସେହି ୨ ସପ୍ତାହ ଉପଭୋଗ କରିଥିଲେ। ତାଙ୍କର ଏହି ମନୋଭାବ ତାଙ୍କର ଆୟୁଷ ୬ ମାସ ବଢାଇ ଦେଇଥିଲା। ସେପ୍ଟେମ୍ବର ୨୨ ରେ ପ୍ରାଣ ହରାଇଥିଲେ ମେଲିଣ୍ଡା ରୋଜ। ତାଙ୍କର ଆତ୍ମବିଶ୍ୱାସ ଓ ଦୃଢ ମନୋବଳକୁ ପ୍ରତିଟି ପୀଡିତଙ୍କ ପାଖରେ ପହଞ୍ଚାଇବାକୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି।

## ଲାପ୍‌ଟପ୍ ସଦୃଶ ବିବାହ ନିମନ୍ତ୍ରଣ କାର୍ଡ



**ଚେନ୍ନାଇ**

ତାମିଲନାଡୁର ଥିରୁକୋଭିଲୁର ଡିଏସ୍‌ପି ମନୋଜ କୁମାର ନିଜ ବିବାହରେ ଏକ ନିଆରା ନିମନ୍ତ୍ରଣ କାର୍ଡ ଛପାଇଛନ୍ତି, ଯାହା ଆପଲ୍ କମ୍ପାନୀର ଏକ ଲାପ୍‌ଟପ୍ ପରି ଅବିକଳ ଦେଖାଯାଉଛି। ଏହି ନିମନ୍ତ୍ରଣ କାର୍ଡର ଏକ ଝଲକକୁ ମନୋଜ ଶନିବାର ନିଜ ଇନ୍‌ଷ୍ଟଗ୍ରାମ ଆଇଡିରେ ଶେୟାର କରିଛନ୍ତି।

## ନାଗାଲାଣ୍ଡରେ 'ଫ୍ୟାମିଲି ମ୍ୟାନ୍ ୩'ର ଶୁଟିଂ

**କୋହିମା**



ମନୋଜ ବାଜପେୟୀଙ୍କ ଅଭିନୀତ 'ଫ୍ୟାମିଲି ମ୍ୟାନ୍' ସିରିଜ୍‌ର ତୃତୀୟ ସଂସ୍କରଣର ଶୁଟିଂ ଆରମ୍ଭ ହୋଇସାରିଛି। ମନୋଜଙ୍କ ସମେତ ପୂରା ଷ୍ଟାର୍ କାଷ୍ଟ ସମ୍ପ୍ରତି ନାଗାଲାଣ୍ଡରେ ଏହି ସିରିଜ୍‌ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ମନୋଜ ଏବଂ ଅନ୍ୟ କଳାକାରମାନେ ନିଜ ନିଜ ଇନ୍‌ଷ୍ଟାଗ୍ରାମରେ ଶୁଟିଂ ସେଟ୍‌ର ଚିତ୍ରଗୁଡ଼ିକୁ ଶେୟାର କରିଛନ୍ତି। ମନୋଜ ତାଙ୍କ ଇନ୍‌ଷ୍ଟାଗ୍ରାମ ଆଇଡିରେ ଶୁଟିଂ ବେଳର ଏକ ଭିଡିଓ ପୋଷ୍ଟ କରିଛନ୍ତି। ଭିଡିଓରେ ସେ ସିରିଜ୍‌ରେ ନିଜ ଚରିତ୍ର ଶ୍ରୀକାନ୍ତ ତିୱାରୀଙ୍କ ଏକ ଝଲକ୍ ଦେଖାଇଛନ୍ତି। ସେହିପରି 'ଫ୍ୟାମିଲି ମ୍ୟାନ୍ ୩'ର ଅନ୍ୟତମ ମୁଖ୍ୟ ଅଭିନେତା ଶାରିବ ହାଶ୍ମୀ ମଧ୍ୟ ଏହି ଦୃଶ୍ୟରେ ନଜରକୁ ଆସିଛନ୍ତି। ଉକ୍ତ ସିରିଜ୍‌ରେ ଶାରିବଙ୍କ ବିପକ୍ଷରେ ଅଭିନେତ୍ରୀ ଶ୍ରେୟା ଧନ୍‌ୱନ୍ତରୀ ଅଭିନୟ କରୁଛନ୍ତି। ଆମାଜନ ପ୍ରାଇମର ଉକ୍ତ ସିରିଜର ପ୍ରଥମ ସଂସ୍କରଣ ୨୦୧୯ରେ ମୁକ୍ତିଲାଭ କରିଥିଲା, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ତେଣୁ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ଫ୍ୟାମିଲି ମ୍ୟାନ୍ ୨' ୨୦୨୧ରେ ରିଲିଜ୍ ହୋଇଥିଲା। ସିରିଜ୍‌ର ଏହି ଦ୍ୱିତୀୟ ସଂସ୍କରଣ ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ରିପୋର୍ଟ ଅନୁଯାୟୀ, 'ଫ୍ୟାମିଲି ମ୍ୟାନ୍ ୩' ଆସନ୍ତା ବର୍ଷ ମୁକ୍ତିଲାଭ କରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୨/୨୦୨୪ | Bhubaneswar, Sunday, September 22/2024 | ପୃଷ୍ଠା-୧



**ଆତିଶୀ ମାର୍ଲେନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ**
ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଶନିବାର ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।
୧୨

୧୪
**ଏଫ୍‌ଆଇଏଚ୍ ପୁରସ୍କାର ଦୌଡ଼ରେ ହରମନ୍‌ପ୍ରୀତ**
ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ଲେୟର ଅଫ୍ ଦ ଇୟର ଦୌଡରେ ଅଛନ୍ତି ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ।



# ପ୍ରତି ପଞ୍ଚାୟତରେ ମିନି ଷ୍ଟାଡିୟମ: ମୁଖ୍ୟମନ୍ତ୍ରୀ

- ସବୁ ଜିଲାରେ ଷ୍ଟାଡିୟମ, କେନ୍ଦୁଝରରେ ହେବ ଜାତୀୟସ୍ତରର ଷ୍ଟାଡିୟମ
- ବିଦେଶୀଙ୍କ ଦୋକାନରୁ ନାଲି ଚା' ପିଇଲେ, ମର୍ନିଂୱାକ୍ କଲେ
- ଚା'ପେ ଚର୍ଚ୍ଚାରେ ଲୋକଙ୍କ ସହ କଥା ହେଲେ

କେନ୍ଦୁଝର,୨୧ା୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କ୍ରୀଡ଼ାର ପ୍ରଚାରପ୍ରସାର ପାଇଁ ଭାଜପା ସରକାର ସମସ୍ତ ପ୍ରୟାସ କରୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଖେଳକୁ ଗୁରୁତ୍ୱ ଏବଂ ଖେଳାଳୀଙ୍କୁ ପ୍ରୋତ୍ସାହନ ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ପ୍ରତି ଜିଲାରେ ଷ୍ଟାଡିୟମ ଏବଂ ପଞ୍ଚାୟତରେ ମିନି ଷ୍ଟାଡିୟମ କରାଯିବ। ସେହିପରି କେନ୍ଦୁଝରରେ ଜାତୀୟସ୍ତରର ଷ୍ଟାଡିୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶୁକ୍ରବାରଠାରୁ କେନ୍ଦୁଝର ଜିଲାକୁ ତିନିଦିନିଆ ଗସ୍ତ କରିଛନ୍ତି। ଶନିବାର ସକାଳେ କେନ୍ଦୁଝର ଷ୍ଟାଡିୟମରେ ଚା'ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସକାଳେ କେନ୍ଦୁଝର ଷ୍ଟାଡିୟମକୁ ଯାଇ ସ୍ଥାନୀୟ ଯୁବକ, କ୍ରୀଡ଼ାବିତ୍, ବିଶିଷ୍ଟ ଲୋକଙ୍କ ସହ ମର୍ନିଂୱାକ୍ କରିଥିଲେ। ଏଥିସହ ଚା'ପେ ଚର୍ଚ୍ଚାରେ ଯୋଗଦେଇ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିର ଅଭାବ ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଖେଲୋ ଇଣ୍ଡିଆ ଭଳି ଯୋଜନାକରି ରାଜ୍ୟରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ହେବ, ଅଧିକ ପ୍ରତିଭା ସୃଷ୍ଟି କରାଯିବ। ଏ ନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ସେ ବି ଜଣେ ଖେଳାଳି। ସେ ଫୁଟ୍‌ବଲ ଓ କ୍ରିକେଟ ଖେଳୁଥିଲେ। ଭଲ ଭଲିବଲ ବି ଖେଳନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଜିଲାରେ କ୍ରୀଡ଼ାର ଭିତ୍ତିଭୂମି ସୁଦୃଢ଼ ପାଇଁ ଜାତୀୟସ୍ତରର ଷ୍ଟାଡିୟମ କରିବାକୁ ସେ ପ୍ରୟାସ ମଧ୍ୟ କରିଛନ୍ତି। ବିଧାୟକ ଥିବାବେଳେ ଦାବି କରିଆସୁଥିଲେ। କିନ୍ତୁ ପୂର୍ବ ସରକାର ଏଥିପ୍ରତି ଧ୍ୟାନଦେଇ ନ ଥିଲେ। ଏବେ କେନ୍ଦୁଝରରେ ଜାତୀୟସ୍ତରର ଷ୍ଟାଡିୟମ ହେବ। ପ୍ରତି ପଞ୍ଚାୟତରେ ମିନି ଷ୍ଟାଡିୟମ କରାଯିବ। ଏନେଇ ଜିଲାପାଳ ଓ ଜିଲା ପ୍ରଶାସନ ସହ ଆଲୋଚନା ସରିଛି ବୋଲି ମୁଖ୍ୟମନ୍ତ୍ରୀ ଆଲୋଚନା ସମୟରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଧାୟକ ଥିବା ସମୟରେ ଯେଉଁଠାରୁ ଚା' ☞ପୃଷ୍ଠା-୨



କେନ୍ଦୁଝର ଷ୍ଟାଡିୟମରେ ଶନିବାର ପ୍ରାତଃଭ୍ରମଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

# ଭିଡିଓ ଭାଇରାଲ କରି ଧ୍ୟାନ ହଟାଇବାକୁ ଉଦ୍ୟମ

**ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଗାଢ଼ ଅନ୍ୟାୟ**

- ଯେଉଁଦିନ ଗିରଫ ସେଦିନ ବେଲ୍ ପାଇଲେ ୭ ଦୁର୍ବ୍ୟବହାରକାରୀ
- ନିଲମ୍ବିତ ପୋଲିସ ଅଧିକାରୀଙ୍କୁ ଜେରା, ପୀଡ଼ିତାଙ୍କ ବୟାନ ରେକର୍ଡ
- ଜାତୀୟ ମହିଳା କମିଶନଙ୍କୁ ରିପୋର୍ଟଦେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୧ା୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ନିର୍ଯାତନା ଘଟଣାକୁ ନେଇ ଓଡ଼ିଶା ପୋଲିସ ସମେତ ରାଜ୍ୟ ଓ କେନ୍ଦ୍ରର ଭାଜପା ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଲାଣି। ଏଇ ୨ ଦିନ ମଧ୍ୟରେ ଅଙ୍କିତା ପ୍ରଧାନ ଥାନାରେ ଅଭିଯୋଗ କରିବା ଏବଂ ଘରୋଇ ହସ୍ପିଟାଲରେ ତାଙ୍କର ଡାକ୍ତରୀ ମାଇନା କରାଯିବା ସମୟର କିଛି ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାରିତ ହେବାରେ ଲାଗିଛି। ଏଭଳି କିଛି ଭିଡିଓ ପୋଲିସ ପକ୍ଷରୁ ସଂଗ୍ରହ କରାଯାଇ ସାମାଜିକ ଗଣମାଧ୍ୟମରେ ଛଡ଼ାଯାଉଥିବା ଚର୍ଚ୍ଚା ହେଉଛି। ଏହାଦ୍ୱାରା ଥାନା ପରିସରରେ ଅଙ୍କିତାଙ୍କୁ ସେଭଳି କିଛି ନିର୍ଯାତନା ଦିଆଯାଇ ନାହିଁ ବୋଲି ଦର୍ଶାଇବା ସହ ପ୍ରକୃତ ଘଟଣା ଉପରୁ ଧ୍ୟାନ ହଟାଇବାକୁ ଉଦ୍ୟମ କରାଯାଉଥିବା ମନେହେଉଛି। ଅନ୍ୟପଟେ ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ପୋଲିସ ଅଧିକାରୀ ଓ କର୍ମଚାରୀ ଏକାଠି ହୋଇଛନ୍ତି। ଏହି ଘଟଣାରେ ପୋଲିସ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରାଯାଇଛି। କମିଶନରେଟ୍ ପୋଲିସରେ କାର୍ଯ୍ୟରତ ସମସ୍ତ ପୋଲିସ (ପ୍ରାୟ ୨୦୦) ଏଥିରେ ସାମିଲହୋଇ ଆଗାମୀ ଦିନରେ ବଡ଼ ପ୍ରତିବାଦ କରିବାକୁ ସଜବାଜ ଆରମ୍ଭ କରିଛନ୍ତି।

ଅନ୍ୟପଟେ ରାସ୍ତାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରିଥିବା ୭ ଜଣଙ୍କୁ ପୋଲିସ ଶନିବାର ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କୁ ଜାମିନ ମିଳିଯାଇଛି। ସେମାନେ ମେଜର ଓ ତାଙ୍କ ବାନ୍ଧବୀଙ୍କ ସହ କିଛି ପୂର୍ବ ଶତ୍ରୁତା ☞ପୃଷ୍ଠା-୨

## ଅନେକ ଭିଡିଓ ତଦନ୍ତ ସାପେକ୍ଷ



ପୀଡ଼ିତା ଅଙ୍କିତା ପ୍ରଧାନ

ଭୁବନେଶ୍ୱର, ୨୧ା୯ (ସୁନିତ୍ ମିଶ୍ର)

ଭରତପୁର ଥାନା ଭିତରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ହାଜତ ନିର୍ଯାତନା ଦେଶବ୍ୟାପୀ ଆଲୋଡନ ସୃଷ୍ଟି କରିଥିବାବେଳେ ବିଭିନ୍ନ କଥା ପ୍ରଚାରିତ ହେବାରେ ଲାଗିଛି। ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କିତ ଅନେକ ଭିଡିଓ ଘୂରି ବୁଲୁଛି। ପୀଡ଼ିତା ଅଙ୍କିତା ପ୍ରଧାନ ଥାନା ଭିତରେ କିଭଳି ପୋଲିସ ବର୍ବରତାର ଶିକାର ହୋଇଥିଲେ ସେ ସମ୍ପର୍କରେ କେତେକ ଭିଡିଓରେ ବୟାନ ଦେଉଛନ୍ତି, ଯାହାକି ପୋଲିସ ପାଇଁ ଅଧିକ ମୁଣ୍ଡବ୍ୟଥାର କାରଣ ହୋଇପାରେ। ଉକ୍ତ ଭିଡିଓର ସତ୍ୟାସତ୍ୟ ଯାଞ୍ଚ କରିବା ବାଟ ଆମର ନାହିଁ, ତଥାପି ଏହା ତଦନ୍ତ ସାପେକ୍ଷ ବୋଲି ଅନେକେ ମତ ଦେଲେଣି।

DSPL-112

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**



ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୨୩ା୦୯ା୨୦୨୪ରିଖ (ସୋମବାର)** ଦିବା ୧୧ ଘଟିକା ସମୟରୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ସରକାରୀ ବାସଗୃହ ନମ୍ବର VIIIMR-4 ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ **ତା୧୯ା୦୯ା୨୦୨୪ରିଖ** ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ**ରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/13/0026/2425

# ପେଜର ବିସ୍ଫୋରଣ ପଛରେ ରହସ୍ୟମୟୀ ମହିଳା

ବୁଦାପେଷ୍ଟ, ୨୧ା୯

ଲେବାନନ୍‌ରେ ଲଗାତର ୨ ଦିନ ଧରି ଘଟିଥିବା ଅନେକ ହଜାର ପେଜର ବିସ୍ଫୋରଣରେ ୩୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ହଜାର ଲୋକ ଆହତ ହୋଇଥିଲେ। ଏହି ସିରିଏଲ୍ ବିସ୍ଫୋରଣରେ ୨୦ ହେଜ୍‌ବୋଲ୍ଲା ବିଦ୍ରୋହୀ ମଧ୍ୟ ନିହତ ହୋଇଛନ୍ତି। ବିଶ୍ୱବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟିକାରୀ ଏହି ବିସ୍ଫୋରଣ ଷଡ଼ଯନ୍ତ୍ର ପଛରେ ବୁଦାପେଷ୍ଟସ୍ଥିତ ବାଣିଜ୍ୟ ମଧ୍ୟସ୍ଥ କମ୍ପାନୀ 'ବିଏସି କନ୍‌ସଲ୍‌ଟିଂ'ର ସିଇଓ କ୍ରିଷ୍ଟିଆନା ବାର୍ସୋନୀ ଆର୍କିଡିଆକନ୍(୪୯)ଙ୍କ ଭୂମିକାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି।



ବିଏସି କନ୍‌ସଲ୍‌ଟିଂ ସିଇଓ କ୍ରିଷ୍ଟିଆନା ବାର୍ସୋନୀ ଆର୍କିଡିଆକନ୍

ମଙ୍ଗଳବାର ବିସ୍ଫୋରଣ ପରଠାରୁ ଏହି ରହସ୍ୟମୟୀ ମହିଳାଙ୍କ ସହ ଯୋଗାଯୋଗ ହୋଇ ପାରୁନାହିଁ, ଫଳରେ ତାଙ୍କୁ ନେଇ ସନ୍ଦେହ ବଢ଼ିଛି। ବିଭିନ୍ନ ଅନ୍ତର୍ଜାତୀୟ ମିଡିଆ ରିପୋର୍ଟ ଅନୁଯାୟୀ, ଲେବାନନ୍‌ରେ ବିସ୍ଫୋରଣ ଘଟିଥିବା ପେଜରଗୁଡ଼ିକର ନିର୍ମାତା ତାଇୱାନୀ କମ୍ପାନୀ 'ଗୋଲ୍ଡ ଆପୋଲୋ' ଏହାର ଡିଜାଇନ୍ ପ୍ରସ୍ତୁତ କରିବାକୁ କ୍ରିଷ୍ଟିଆନାଙ୍କ 'ବିଏସି କନସଲଟିଂ'କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା। ଏନେଇ 'ଗୋଲ୍ଡ ଆପୋଲୋ' ପକ୍ଷରୁ ଦାବି କରାଯାଇଛି। ତେବେ ମଙ୍ଗଳବାର ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଲୋକମାନଙ୍କ ବିନା ଜ୍ଞାତସାରରେ ପେଜର, ଟୁ-ଓ୍ୱେ ରେଡିଓ ଏବଂ ଇଲେକ୍ଟ୍ରୋନିକ୍ ଉପକରଣକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଅନ୍ତର୍ଜାତୀୟ ମାନବାଧିକାର ଆଇନର ଉଲ୍ଲଂଘନ।

-ଭୋଲ୍‌କର ତୁର୍କ, ଜାତିସଂଘ ମାନବାଧିକାର ମୁଖ୍ୟ









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲଫେୟାର ଫୋରମ୍, ବମିଖାଲର ୭ମ ବାର୍ଷିକ ଅଧିବେଶନ, ସ୍ଥାନ: ବମିଖାଲ ଶାଖା ସମ୍ମୁଖସ୍ଥ ନିର୍ମାଣାଧୀନ ୩୧ନଂ. ୱାର୍ଡ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜୟଦେବ କଲେଜ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: କଲେଜ ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୦ଟା।
- ଲେଖକ ଦେବଦତ୍ତ ପଟ୍ଟନାୟକଙ୍କ ପୁସ୍ତକ ଉନ୍ମୋଚନ, ସ୍ଥାନ: ଦି କ୍ରାଉନ, ସମୟ: ପୂର୍ବାହ୍ନ ୧୦ଟା।
- କମ୍ରେଡ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦାଣ୍ଡିଆ ନାଇଟ୍ର ଖବରଦାତା ସମ୍ମିଳନୀ, ସ୍ଥାନ: ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ମଞ୍ଚେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- 'ସଲଫେଜ୍'ର ଉଦ୍‌ଘାଟନ, ସ୍ଥାନ: ଉତ୍କଳ କନିକା ଗ୍ୟାଲେରିଆ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଲିଟେରାରି ଫେଷ୍ଟିଭାଲର ଉଦ୍‌ଯାପନୀ, ସ୍ଥାନ: ମେ ଫେୟାର କନ୍‌ଭେନଶନ, ସମୟ: ଅପରାହ୍ନ ୫ଟା।

## କଟକ

- ସୌରମୋହନ ଉଦ୍‌ଗାତାଙ୍କ ଦିବଂଗତ ପୁତ୍ର ସହସ୍ରାଂଶୁଙ୍କ ୨୯ତମ ଜୟନ୍ତୀ ଅବସରରେ ସାରସ୍ୱତ ସମାବେଶ, ସ୍ଥାନ: ଅମୃତାୟନ, ସିଡିଏ– ସେକ୍ଟର ୮, ସମୟ: ସକାଳ ୯ଟା।
- ଗୀତ ଆବୃତ୍ତି ପ୍ରତିଯୋଗିତା (ତୃତୀୟ ଶ୍ରେଣୀ ଠାରୁ ଯୁକ୍ତ୨ ପର୍ଯ୍ୟନ୍ତ), ସ୍ଥାନ: ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପାଟଣା, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ଦି ରିସର୍ଚ୍ଚର୍ସ ଆସୋସିଏଶନ୍ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ଆକ୍‌ବରୀ ସମ୍ମିଳନୀ କକ୍ଷ,କଟକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ ରାଜ୍ୟ ସମ୍ମିଳନୀ, ସ୍ଥାନ: କଟକ ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ହୀରାଖଣ୍ଡ ସଂସ୍କୃତି ସମାଜ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସତ୍ୟବାଦୀ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଉଟ ସୋର୍ସିଂ କର୍ମଚାରୀଙ୍କ ପକ୍ଷରୁ ବୈଠକ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ତୀର୍ଥକ୍ଷେତ୍ର ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା।
- ଶ୍ରୀହରି ବ୍ୟାଡ ମିଣ୍ଟନ କ୍ଲବ ପକ୍ଷରୁ ଅନୁଷ୍ଠିତ ତିନିଦିନିଆ ସିନିୟର୍ ଡବଲ୍ସ ଓ ଭେଟରାନ ଡବଲ ମ୍ୟାଚର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀହରି ସ୍ପୋର୍ଟସ ଆରିନା, ବଳିଆପଣ୍ଡା, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- 'ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତିର ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ନନ୍ଦିଘୋଷ ଭବନ, ବୋଲଗଡ଼, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଦେବ ଭାଷା ବିକାଶ ପରିଷଦର ୭ମ ପ୍ରତିଷ୍ଠା ଦିବସ ଏବଂ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା, ସ୍ଥାନ: ଆର୍‌ଆଇଏଚ୍‌ଏସ୍ କଲେଜ, ଭୋଗରାଇ, ସମୟ: ସକାଳ ୮ଟା।
- ଗୋପନାରାୟଣ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନ ଛକ, ଓଟି ରୋଡ୍‌ସ୍ଥିତ ମୁକ୍ତ ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୯ଟା।
- ମୋହନ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ–୧, ପାଣିଚାଙ୍କି ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ଖଇରା ହାଇସ୍କୁଲ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- 'ଖଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ' ତରଫରୁ ସର୍ବଦଳୀୟ ସଭା, ସ୍ଥାନ: ଶାଳବନ୍ଧ, ନୀଳଗିରି, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଶହୀଦ ସ୍ମୃତି ଦିବସ ପାଳନ, ସ୍ଥାନ: ଲୁଣିଆ, ଶହୀଦନଗର, ଧାମନଗର, ସମୟ: ସକାଳ ୭ଟା।
- ସେବା ସପ୍ତାହ ପାଳନ ଓ ଫଳ ବଣ୍ଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଭାଜପାର ମଣ୍ଡଳସ୍ତରୀୟ ବୈଠକ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ୮୨ତମ ଶହୀଦ ସ୍ମୃତି ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଲୁଣିଆ ଶହୀଦନଗର, ଧାମନଗର, ସମୟ: ଅପରାହ୍ନ ୪ଟା
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: ଶଙ୍କରପୁର ବାଲ୍ ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଜିଲାସ୍ତରୀୟ ବିକାଶ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମାଳଦା ପଞ୍ଚାୟତ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।
- ଉଷାରାଣୀ ମହାନ୍ତିଙ୍କ ଏକାଦଶାହ, ସ୍ଥାନ: ଜଗନ୍ନାଥପୁର, କଲେଜ ଛକ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ନ୍ୟାସନାଲ ବିଲଡର ଆୱାର୍ଡ଼ ଓ ଇଞ୍ଜିନିୟରିଂ ଦିବସ ପାଳନ, ସ୍ଥାନ: ରୋଟାରୀ କ୍ଲବ୍, କେନ୍ଦୁଝର ଗଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଫିଲ୍ମ ଗୋଲାମର ଶୁଭ ମହୁରତ, ସ୍ଥାନ: ସଦର ବ୍ଲକ୍ ପଦ୍ମପୁର ଶିବ ମନ୍ଦିର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।
- ସତ୍ୟସାଇ ସଂଗଠନ ତରଫରୁ ସେବା ଦଳ ପରୀକ୍ଷା, ସ୍ଥାନ: ଡ଼ଅଁର, ମଠ କପୁଣ୍ଡି, ମରୈଗାଁ, ଶାଳନିଆଁ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀ ହନୁମାନ ମନ୍ଦିରରେ ବେଦ ପାଠ ପ୍ରଶିକ୍ଷଣ ଏବଂ ବେଦ ପାଠ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ଓସାର ଷଷ୍ଠ ବାର୍ଷିକୀ ସମ୍ମିଳନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ମୋରଡ଼ା ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ, ସ୍ଥାନ: ଅସ୍ଥାୟୀ ହେଲିପ୍ୟାଡ୍ ରିଜର୍ଭ ପୋଲିସ ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ଅପରାହ୍ନ ୧ଟା ୩୦।
- ବିକାଶ ମେଳା, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ମୁଖ୍ୟମନ୍ତ୍ରୀଙ୍କ ଅମ୍ବିକାଙ୍କ ମନ୍ଦିର ଦର୍ଶନ, ସ୍ଥାନ: ବାରିପଦା ଅମ୍ବିକା ମନ୍ଦିର, ସମୟ: ଅପରାହ୍ନ ୪ଟା ୫୦।
- ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ହରିବଳଦେବଜୀଉ ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୫ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ରାତ୍ରିଯାପନ, ସ୍ଥାନ: ସର୍କିଟ ହାଉସ, ବାରିପଦା, ସମୟ: ଅପରାହ୍ନ ୫ଟା ୫୦।

## ଗଞ୍ଜାମ

- ବିକାଶ ମେଳା ଉଦ୍‌ଘାଟନ,ସ୍ଥାନ: ଛତ୍ରପୁର ଖେଳ ପଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ବେଲଗୁଣ୍ଠା ବ୍ଲକ ଗୋବରା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ଭଞ୍ଜନଗର ଆର୍ ଏମ ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ

- ବିକାଶ ମେଳା, ସ୍ଥାନ:କରୋନେଶନ ପଡ଼ିଆ, ଫୁଲବାଣୀ, ସମୟ:ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଅନ୍ତର୍ଜାତୀୟ ସାଇନ୍ ଲାଙ୍ଗୁଏଜ ଦିବସ ପାଳନ, ସ୍ଥାନ: ଜିଲା ଲେଖକ ସଂସଦ, ବସଷ୍ଟାଣ୍ଡ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ତୀରନ୍ଦାଜ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ:ଆର୍‌କେ ରିଜେନ୍ସି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ହରିହରାନନ୍ଦ ଧ୍ୟାନ ମନ୍ଦିର, ଅବଦଲପୁର, ନାଉଗାଁ, ସମୟ: ସକାଳ ୯ଟା।
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର ବିଶ୍ୱକର୍ମା ପୂଜା ମହୋତ୍ସବ ଓ ଭସାଣୀ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସନ୍ଧ୍ୟା ୬ଟା।
- ପାରାଦୀପ ବନ୍ଦର ବିଦ୍ୟୁତ ବିଭାଗ, ମେରାଇନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗର ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଳିମି, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଜଗନ୍ନାଥ ଚେତନା ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋରେଇ ବ୍ଲକ ଶଙ୍ଖଚିଲା ହିଙ୍ଗୁଳା ପୀଠ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ:ନୟାଗଡ଼ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପନୀ ଦିବସ, ସ୍ଥାନ: ରେଲୱେ ଖେଳ ପଡିଆ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ନାଲ୍‌କୋ କମ୍ୟୁନିଟି ସେଣ୍ଟର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଦାମନଯୋଡି ସେକ୍ଟର–୨ ନାଲ୍‌କୋ କମ୍ୟୁନିଟି ସେଣ୍ଟର, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା ୩୦।
- କୋରାପୁଟରେ ବିକାଶ ମେଳା ଦ୍ୱିତୀୟ ଦିନ, ସ୍ଥାନ: ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା।
- କୋରାପୁଟ ସାହିତ୍ୟ ପରିବାର ପକ୍ଷରୁ ଗୋପୀନାଥ ମହାନ୍ତିଙ୍କ ରଚନାରେ ଆଦିବାସୀ ଜନଜୀବନ ଚିତ୍ର ଉପରେ ଆଲୋଚନାଚକ୍ର, ସ୍ଥାନ: କୋରାପୁଟ ଆଦିବାସୀ ସଂଗ୍ରାହଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ନବୀନ ପାଙ୍ଗି ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ସୁନାବେଡ଼ା ଦଶହରା ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦।

## ସମ୍ବଲପୁର

- ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୯ଟା।
- ଧନୁପାଲି ଦୁର୍ଗାପୂଜା କମିଟି ପକ୍ଷରୁ ଚିତ୍ରାଙ୍କନ ଓ କୌତୁକ ବେଶ ପ୍ରତିଯୋଗିତା, ସ୍ଥାନ : ଶ୍ରୀଗଣେଷ ସରକାରୀ ଉଚ୍ଚବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଭେଟ୍‌ଘାଟ ଉତ୍ସବ, ସ୍ଥାନ : ଭାଲୁପାଲଇ ଛକ ସ୍ଥିତ ଡି–ଲଙ୍ଗ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ବିକାଶ ମେଳା ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ସୁଶ୍ରୀ ସୁପ୍ରଭା ମିଶ୍ର ସ୍ମାରକୀ ସାରସ୍ୱତ ସମାବେଶ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ୟୁଟିଲିଟି ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବୁଢ଼ାରଜା ନଗର ସନ୍ଥକବି ଭୀମ ଭୋଇ ତରୁଣ ବିଦ୍ୟାର୍ଥୀ ଶାଖାର ଧ୍ୱଜ ପ୍ରାପ୍ତି ଉତ୍ସବ, ସ୍ଥାନ : ଭୀମ ଭୋଇ ପାର୍କ, ସମୟ : ଅପରାହ୍ନ ୪ଟା।
- ଜଙ୍ଗଲ ବିଭାଗ ପକ୍ଷରୁ ଜୋନାଲ ସ୍ପୋର୍ଟ ମିଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସନ୍ଧ୍ୟା ୫ଟା।
- ସମ୍ବଲପୁର ୟୁଥ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ଧନକଉଡା ପଡିଆ, ସମୟ : ସନ୍ଧ୍ୟା ୫ଟା ୩୦।
- ଅନ୍ତିରା ଚକ୍ରବର୍ତ୍ତିଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ସେବା ସପ୍ତାହ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆଗଲପୁର କଲ୍ୟାଣମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୀ ଦିବସ ପାଳନ ସମାରୋହ, ସ୍ଥାନ: ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ବିକାଶ ମେଳା ଦ୍ୱିତୀୟ ଦିନ, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଓଡିଶା ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଓ କୋଶଳ ଆନ୍ଦୋଳନ ପରିପ୍ରେକ୍ଷୀରେ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ।

## ସୁବର୍ଣ୍ଣପୁର

- କୋଶଲି ଅସ୍ମିତା ରଥର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ସୋନପୁର ସୁରେଶ୍ୱରୀ ମନ୍ଦିର ପରିସର, ସମୟ:ସକାଳ ୯ଟା।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣପୁର ଓମଫେଡ୍ ଡାଏରୀର ଉଦ୍‌ଘାଟନ ଉତ୍ସବ, ସ୍ଥାନ: କଳାପଥର ସ୍ଥିତ ଓମଫେଡ୍ ପ୍ଲାଣ୍ଟ ପରିସର, ସମୟ: ଅପରାହ୍ନ ୪ଟା।
- ମା' ସୁରେଶ୍ୱରୀଙ୍କ ମହିମା ସମ୍ପର୍କରେ ଆଲୋଚନା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୫ଟା ୩୦ ।

## ବରଗଡ଼

- ମଞ୍ଚ ନାଟକ ଉପରେ ଆଲୋଚନାଚକ୍ର, ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼, ସମୟ: ସକାଳ ୯ଟା।
- ଶୁଣ୍ଡି ସମାଜର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଦେବଦର୍ହା, ପଦ୍ମପୁର, ସମୟ: ପୂର୍ବାହ୍ନ ୧୧ଟା।
- ସରକାରଙ୍କ ୧୦୦ଦିନ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଝାରସୁଗୁଡ଼ା ସହର ବେହେରାମାଲ ତାରିଣୀ ମନ୍ଦିର, ସମୟ: ସକାଳ ୭ ଟା
- ବୀମା କର୍ମଚାରୀଙ୍କ ଦ୍ୱିତୀୟ ବୈଠକ, ସ୍ଥାନ: ଝାରସୁଗୁଡ଼ାସ୍ଥିତ ହୋଟେଲ ମେଘଦୂତ, ସମୟ: ପୂର୍ବାହ୍ନ ୧୦ଟା
- ବିଶ୍ୱକର୍ମା ପୂଜା ବିସର୍ଜନ, ସ୍ଥାନ: ଝାରସୁଗୁଡ଼ା ବୁରୋମାଲ ଗ୍ରାମ ସତନାମୀ ପଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ପାରିବାରିକ ସମସ୍ୟାକୁ ନେଇ ମନ ଭଲ ରହିନପାରେ। କୃତ୍ତିକା ନକ୍ଷତ୍ର ସକାଶେ ସାଧାରଣ ଘଟଣାକୁ କେନ୍ଦ୍ର କରି ବନ୍ଧୁ ସମ୍ପର୍କ ଫିକା ପଡ଼ିଯିବ। ସଚେତନତା ହେତୁ ଶାରୀରିକ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଭଲ ରହିବ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପ୍ରଶାସନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ ସାମ୍ବାଦିକତାରୁ ଶୁଭଫଳ ମିଳିବ।

**ବୃଷ** ବିଶେଷ ବନ୍ଧୁ ଓ ଲୋକସମ୍ପର୍କ ଅଭାବରୁ କେତେକ କାମ ଅପୂରଣ ରହିଯିବ। ଅତି ନିଜର ବୋଲି ଚିନ୍ତା କରୁଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ବିଷାଦିତ ରହିପାରନ୍ତି। ଛୋଟ ଛୋଟ ଘଟଣାକୁ ନେଇ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ମୃଗଶିରା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

**ମିଥୁନ** ଆଜିର ଅନୁକୂଳ ଗ୍ରହସ୍ଥିତି ହେତୁ ଯାହା କରନ୍ତୁନା କାହିଁକି ଅସୁବିଧା ହେବନାହିଁ। ପ୍ରତ୍ୟେକ ପରିସ୍ଥିତିରେ ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଅବାରିତ ସାହାଯ୍ୟରୁ ଉପକୃତ ହେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ପ୍ରଶାସନିକ ସ୍ତରରେ ସମ୍ମାନ ପାଇବେ। ପୁନର୍ବସୁ ନକ୍ଷତ୍ର ଗୃହ ସମସ୍ୟା ସଜାଡ଼ିବାକୁ ଯାଇ ହଇରାଣ ହେବେ।

**କର୍କଟ** କର୍ମାରମ୍ଭରେ ସାହାଯ୍ୟ ଲାଭକରି ଧାର୍ମିକ କିମ୍ବା ଆନୁଷ୍ଠାନିକ କାମ କରିବେ। କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନା କରିବାର ସାହସ ରଖିପାରିବେ ନାହିଁ। ପୁଷ୍ୟା ନକ୍ଷତ୍ରର ବନ୍ଧୁବର୍ଗଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଅପରାହ୍ନ ସମୟରେ କରଜଦାତାଙ୍କ ଚାପ ବୃଦ୍ଧି କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ସିଂହ** ଆଜି ଚିନ୍ତାନୁଯାୟୀ କାର୍ଯ୍ୟସାଧନ ପରିପ୍ରେକ୍ଷୀରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ସାଙ୍ଗକୁ କାମର ଚାପ ବଢ଼ିଯିବାର ସୂଚନା ରହିଛି। ଦିନଟି ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପାଇଁ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ବହୁତ ଭଲ। ଅପରାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**କନ୍ୟା** ଆର୍ଥିକ ସଂକଟ ମଧ୍ୟରେ ଗତି କରୁଥିଲେ ମଧ୍ୟ ଆଶା ଓ ଅଭିଳାଷ ଅପୂରଣ ରହିବ ନାହିଁ। ଚିତ୍ରା ନକ୍ଷତ୍ର ପିଲାମାନଙ୍କ ସକାଶେ ଅନ୍ୟ ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦରୁ ସ୍ୱାସ୍ଥ୍ୟହାନି ହୋଇପାରେ। ବନ୍ଧୁମିଳନ ସହ କେତେକ ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ବାଧ ହେବେ।

**ତୁଳା** ଅଟକି ରହିଥିବା କାମ ହାସଲ ସକାଶେ ଦୂରକୁ ଯିବାକୁ ପଡ଼ିପାରେ। ବାକି ରହିଥିବା ଅର୍ଥ କିମ୍ବା ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାରଣରୁ ବହୁତ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ପଡ଼ୋଶୀଙ୍କ ସହାୟତାରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଆଜି ବିଶାଖା ନକ୍ଷତ୍ର କୌଣସି କର୍ମାରମ୍ଭ କରି ଆଶ୍ୱସ୍ତି ଲଭିବେ। ବିରୋଧାତ୍ମକ ସ୍ୱର ଉଠାଇ ପରୋକ୍ଷ ଶତ୍ରୁତାକୁ ଆମନ୍ତ୍ରଣ କରିପାରନ୍ତି। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତିରୁ ସୁଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ, ଜମିଜମା, ସଭାସମିତି ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ଧନୁ** ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**ମକର** ଆଜିର ଗ୍ରହଯୋଗ ପାରିବାରିକ ସୁଖ, ସୁବିଧା ସାଙ୍ଗକୁ ସାମାଜିକ ସମ୍ମାନ ଲାଭ କରିବେ। ଅଫିସରେ ବନ୍ଧୁଙ୍କ କାମରେ ଅସନ୍ତୁଷ୍ଟ ହେଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆଜି ବ୍ୟବସାୟିକ କ୍ଷେତ୍ର ଉନ୍ନତ ରହିବା ସହ ବନ୍ଧୁମିଳନ ଘଟିବ।

**କୁମ୍ଭ** ବନ୍ଧୁଙ୍କ ସହ ଆଲୋଚନା ଓ ସହଯୋଗରେ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ପାରିବାରିକ କ୍ଷେତ୍ରରେ ତର୍କବିତର୍କ କରିବା ଠିକ୍ ହେବନାହିଁ। କୌଣସି ମିଥ୍ୟା ଗୁଜବ ଶୁଣି ମନରେ ଆଶଙ୍କା ଜାଗ୍ରତ ହୋଇପାରେ। ଧନିଷ୍ଠା ନକ୍ଷତ୍ରର ସକାଳୁ ଅର୍ଥ କିମ୍ବା ଦ୍ରବ୍ୟହାନି ଘଟିପାରେ।

**ମୀନ** ଆଜି ଉତ୍ତରଭାଦ୍ର ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ବିଚଳିତ କରିପାରେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ନିର୍ମାଣ, ଯାତ୍ରା ଓ ସଭାସମିତିରେ ଆଶାଜନକ ଫଳ ପାଇବେ।

ଆଜି ସେପ୍ଟେମ୍ବର ୨୨ ତାରିଖ, ବିଶ୍ୱ ନଦୀ ଦିବସ, (ସେପ୍ଟେମ୍ବର ଚତୁର୍ଥ ରବିବାର), ଆଶ୍ୱିନ କୃଷ୍ଣପକ୍ଷର ଅଶ୍ୱ ୫ମୀ ରବିବାର, ରାଶିନକ୍ଷତ୍ର–କୃତ୍ତିକା/ବୃଷ, ୫ମୀର ଶ୍ରାଦ୍ଧ ମହାଳୟାବିଧିରେ କରାଯିବ। ସକାଳ ଘ.୦୬।୨୭ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୯ ଗତେ ଘ.୦୫।୩୯ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ପେଜର ବିସ୍ଫୋରଣ ...

ଲେବାନନ୍‌ରେ ପେଜର ବିସ୍ଫୋରଣ ଏବଂ ବୁଧବାର ୱାକିଟକି ବିସ୍ଫୋରଣ ପରଠାରୁ କ୍ରିଷ୍ଟିଆନା ସର୍ବସାଧାରଣ ସ୍ଥାନରୁ ଦୂରେଇ ରହିଛନ୍ତି। ବୁଦାପେଷ୍ଟରେ ଥିବା ତାଙ୍କ ଘର ମଧ୍ୟ ବନ୍ଦ ରହିଛି। ଇଟାଲୀର ଉପକୂଳବର୍ତ୍ତୀ ସହର କାଟାନିଆରେ ବଢ଼ିଥିବା ହଙ୍ଗେରୀର ଏହି ମହିଳା ବ୍ୟବସାୟୀ ଇଟାଲୀରେ ନିଜ ପ୍ରାରମ୍ଭିକ ପଢ଼ା ଶେଷ କରିବା ପରେ ୟୁନିଭର୍ସିଟି କଲେଜ ଲଣ୍ଡନରୁ ପାର୍ଟିକିଲ ଫିଜିକ୍ସରେ ପିଏଚ୍. ଡି. କରିଛନ୍ତି। ୭ଟି ଭାଷାରେ ପାରଙ୍ଗମ ଥିବା କ୍ରିଷ୍ଟିଆନା ଆଫ୍ରିକା ମହାଦେଶରେ ବିଭିନ୍ନ ମାନବୀୟ କାର୍ଯ୍ୟଠାରୁ ଆରମ୍ଭ କରି ଅନେକ ବୈଜ୍ଞାନିକ ଓ ଅନ୍ତର୍ଜାତୀୟ ସଙ୍ଗଠନରେ ଅଂଶଗ୍ରହଣ କରିବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ରେ ତାଲିମ ମଧ୍ୟ ନେଇଛନ୍ତି। ପେଜର ବିସ୍ଫୋରଣ ଘଟିବା ପରେ କ୍ରିଷ୍ଟିଆନା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କର କଲ୍ ଏବଂ ଇମେଲ ଗ୍ରହଣ କରୁନାହାନ୍ତି ଏବଂ ସେମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଉ ନାହାନ୍ତି। ବିସ୍ଫୋରଣ ପଛରେ କ୍ରିଷ୍ଟିଆନାଙ୍କ ସନ୍ଦେହଜନକ ଭୂମିକାକୁ ନେଇ ତାଙ୍କ ମା' ବିଟ୍ରିକ୍ସ କହିଛନ୍ତି, ବିସ୍ଫୋରଣ ଷଡ଼ଯନ୍ତ୍ରରେ କ୍ରିଷ୍ଟିଆନା କୌଣସି ପ୍ରକାରରେ ଜଡ଼ିତ ନାହାନ୍ତି। ସେ କେବଳ ଜଣେ ମଧ୍ୟସ୍ଥ ଥିଲେ। ବିସ୍ଫୋରଣ ଘଟିଥିବା ପେଜର କେବେ ମଧ୍ୟ ବୁଦାପେଷ୍ଟ ଆସି ନ ଥିଲା କିମ୍ବା ଏଗୁଡ଼ିକର ହଙ୍ଗେରୀରେ ଉତ୍ପାଦନ ହୋଇ ନାହିଁ। ଧମକ ମିଳିବା ପରେ ତାଙ୍କ ଝିଅ ହଙ୍ଗେରୀ ସିକ୍ରେଟ ସର୍ଭିସ୍‌ର ସୁରକ୍ଷା ଅଧୀନରେ ଏକ ନିରାପଦ ସ୍ଥାନରେ ରହିଛନ୍ତି ବୋଲି ବିଟ୍ରିକ୍ସ କହିଛନ୍ତି। ତେବେ ବିଟ୍ରିକ୍ସଙ୍କ ବୟାନକୁ ହଙ୍ଗେରୀ ସ୍ପେଶିଆଲ ସର୍ଭିସ୍ ଖଣ୍ଡନ କରିଛି। ହଙ୍ଗେରୀ ସ୍ପେଶିଆଲ ସର୍ଭିସ୍‌ର ସୁରକ୍ଷା ପାଇବାକୁ କ୍ରିଷ୍ଟିଆନା ଯୋଗ୍ୟ ନୁହନ୍ତି ବୋଲି ଏହି ସୁରକ୍ଷା ଏଜେନ୍ସି କହିଛି, ଫଳରେ ତାଙ୍କୁ ନେଇ ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ଓ ବୁଧବାର ଲେବାନନ୍‌ରେ ହୋଇଥିବା ପେଜର ଏବଂ ୱାକିଟକି ବିସ୍ଫୋରଣକୁ ନେଇ ହେଜ୍‌ବୋଲ୍ଲା ଓ ଲେବାନନ୍ ସରକାର ଇସ୍ରାଏଲକୁ ଦାୟୀ କରୁଛନ୍ତି। ତେବେ ଏନେଇ ଇସ୍ରାଏଲ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## ପ୍ରତି ପଞ୍ଚାୟତରେ ...

ପିଉଥିଲେ, ସେଠାରେ ଚା'ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ବିଦେଶୀଙ୍କ ଦୋକାନରୁ ନାଲି ଚା' ପିଇଥିଲେ। ଏନେଇ ପୂର୍ବରୁ ବିଦେଶୀଙ୍କ ଚା' ଦୋକାନକୁ ସୁସଜ୍ଜିତକରି ନୂଆ ରୂପ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ପୂର୍ବଭଳି ତାଙ୍କ ପ୍ରିୟ ନାଲି ଚା' ପିଇଥିଲେ। ଏଣୁ ବହୁ ଖୁସି ବୋଲି ବିଦେଶୀ କହିଛନ୍ତି। ଏହି ଅବସରରେ ବିଦେଶୀବାବୁଙ୍କୁ ମୁଖ୍ୟମନ୍ତ୍ରୀ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଟିକି ଚା'ଦୋକାନରେ ସମସ୍ତଙ୍କ ସହ ଚା' ପିଇଥିଲେ। ପୂର୍ବରୁ ବିଧାୟକ ଥିବା ସମୟରେ ନିୟମିତ ପ୍ରାତଃ ଭ୍ରମଣ କରିଥାନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କର ଚିରାଚରିତ ଶୈଳୀରେ ପୁରୁଣା ବନ୍ଧୁ, କେନ୍ଦୁଝର ସହରର ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀ ଓ ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ କୃପାରୁ ବିଜୟ ଲାଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। କେନ୍ଦୁଝରର ବିକାଶ ପାଇଁ ବିରୋଧୀ ଦଳରେ ଥିବାବେଳେ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଥିଲେ। ଜିଲାର ସାମଗ୍ରିକ ବିକାଶ ପାଇଁ ଯାହା ଆବଶ୍ୟକ ଅଛି, ତାକୁ ବିଚାରକୁ ନେଇ ଆଗାମୀ ଦିନରେ କେନ୍ଦୁଝରକୁ ରାଜ୍ୟର ଏକ ଅଗ୍ରଣୀ ଜିଲାରେ ପରିଣତ କରାଯିବ। ଜିଲାରୁ ଦାରିଦ୍ର୍ୟ ହଟିବ ଏବଂ କେନ୍ଦୁଝରର ପ୍ରାକୃତିକ ସମ୍ପଦର ସୁବିନିଯୋଗ କରାଯାଇ ଜିଲାକୁ ସମୃଦ୍ଧି ପଥରେ ଆଗେଇ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଭିଡିଓ ଭାଇରାଲ କରି ...

ନାହିଁ ବୋଲି କହିଥିଲେ। ଏହାସହ ମେଜରଙ୍କ ବାନ୍ଧବୀ ଗାଡ଼ିରେ ସେମାନଙ୍କୁ ମିଡିଲ ଫିଙ୍ଗର ଦେଖାଇଥିବା ଅଭିଯୋଗ କରିଥିଲେ। ଅନ୍ୟପଟେ ନିଲମ୍ବିତ ୫ ଅଧିକାରୀ ଓ କର୍ମୀଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି। ୧୨୦ ବାଟାଲିୟନ ଭିତରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। କ୍ରାଇମବ୍ରାଞ୍ଚ ଡିସିପି ନରେନ୍ଦ୍ର ବେହେରା କହିଛନ୍ତି, ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଏଥିଲାଗି ଏକାଧିକ ଟିମ୍ କାମ କରୁଛନ୍ତି। ତଦନ୍ତ ସରିବା ପରେ ସବୁ କଥା କୁହାଯିବ ବୋଲି ସେ କହିଛନ୍ତି। ଏସବୁ ଭିତରେ ଜାତୀୟ ମହିଳା କମିଶନଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଗୋଟିଏ ପଟେ ଚାରିଆଡୁ ପୋଲିସ କର୍ମଚାରୀମାନେ ପୋଲିସ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରୁଥିବା ବେଳେ ଏହି ଘଟଣାରେ ପୂର୍ବତନ ସାମରିକ କର୍ମଚାରୀ ସଂଘ ପକ୍ଷରୁ ମେଜର ଓ ତାଙ୍କ ବାନ୍ଧବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଇଛି। ଏଥିରୁ ପୂର୍ବତନ ସେନା କର୍ମଚାରୀ ଓ ପୋଲିସ ମଧ୍ୟରେ ବିବାଦ ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଯୁବତୀଙ୍କ ବିରୋଧରେ ଯେଉଁ ଏକାଧିକ ଭିଡିଓ ଧୀରେ ଧୀରେ ବାହାରେ ବହୁଳ ମାତ୍ରାରେ ପ୍ରସାରିତ ହେଉଛି ତାହା କେଉଁ ଆଧାରରେ ସଂଗ୍ରହ ହେଉଛି ତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ ଯେତେସବୁ ଭିଡିଓ ବାହାରକୁ ଆସିଲାଣି ସେସବୁ ଭିତରେ କେଉଁଠି ଯୁବତୀ ପବ୍‌ରେ ନାଚୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ତ ଆଉ କେଉଁଠି ସେ ରାସ୍ତାରେ ଦୁର୍ବ୍ୟବହାରର ଶିକାର ହେଉଥିବା ଘଟଣା ସାମ୍ନାକୁ ଆସୁଛି। ଏଭଳି ଏକ ଚିତ୍ର ରଖାଯାଉଛି କି ଯେଉଁମାନେ ରାସ୍ତାରେ ଦୁର୍ବ୍ୟବହାର କରିଥିଲେ ସେମାନଙ୍କ ଆକ୍ରମଣରେ ପୀଡ଼ିତା ଆହତ ହୋଇଛନ୍ତି। ସେହିପରି ସାମାଜିକ ଗଣମାଧ୍ୟମ 'ଏକ୍ସ' ଆକାଉଣ୍ଟରେ ଆଉ ଏକ ପୋଷ୍ଟ ମଧ୍ୟ ଦେଖିବାକୁ ମିଳିଛି, ଯେଉଁଥିରେ ଦୁଇଟି ବିଲ୍ ରହିଛି। ଗୋଟିଏରେ ସେଦିନ ମେଜର ଏବଂ ତାଙ୍କ ବାନ୍ଧବୀ କେତେବେଳେ ଏବଂ କେତେ ଟଙ୍କାର ଆଉ କେଉଁ ମଦ ପିଇଥିଲେ। କେତେ ଟଙ୍କାର ବିଲ୍ ହେଇଥିଲା ତାହା ପୋଷ୍ଟ କରାଯାଇଛି। ହେଲେ ଏତେସବୁ ଜିନିଷ କିଏ ସଂଗ୍ରହକରି ବାହାରକୁ ଛାଡୁଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ। ଉକ୍ତ ପୋଷ୍ଟ ତଳେ ଅନେକ ଲୋକ କମେଣ୍ଟରେ ଲେଖିଛନ୍ତି, ସେମାନେ ମଦ ପିଇବା କ'ଣ ଭୁଲ୍। ସେମାନେ ତ ଥାନାରେ ଅଭିଯୋଗ କରିବା ସମୟରେ ଯେପରି ବ୍ୟବହାର ଦେଖାଇବା କଥା ଦେଖାଉଥିଲେ। କାହିଁକି ଏହାକୁ ପୋଷ୍ଟ କରି ଧ୍ୟାନ ହଟାଇବାକୁ ଚେଷ୍ଟା କରାଯାଉଛି ବୋଲି ଅନେକେ କମେଣ୍ଟରେ ମତ ରଖିଛନ୍ତି। ଆଉ କେତେଜଣ ମତ ରଖିଛନ୍ତି, ସେମାନେ ରାସ୍ତାରେ ଦୁର୍ବ୍ୟବହାରର ଶିକାର ହୋଇ ଅଭିଯୋଗ କରିବାକୁ ଗଲେ। ଅଭିଯୋଗକାରୀ ଯଦି ଜଣେ ମହିଳା ଥିଲେ, ତେବେ କାହିଁକି ପୋଲିସ ଅଭିଯୋଗ ଗ୍ରହଣକରି ସଙ୍ଗେ ସଙ୍ଗେ ଦୁର୍ବ୍ୟବହାରକାରୀଙ୍କୁ ଧରିବାକୁ ଚେଷ୍ଟା କଲାନାହିଁ। ଯଦି ଏହା କରାଯାଇଥାଆନ୍ତା ତେବେ ଏଭଳି ସମସ୍ୟା ସୃଷ୍ଟିହୋଇ ନ ଥାଆନ୍ତା। ଅଭିଯୋଗ ରଖି ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ କାହିଁକି, ଏତେ ସମସ୍ୟା ସୃଷ୍ଟି ହେଲା କ'ଣ ପାଇଁ ବୋଲି ଜଣେ ବ୍ୟକ୍ତି ପ୍ରଶ୍ନ ଉଠାଇଛନ୍ତି।

ସେହିପରି ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯିବାରେ ଏତେ ବିଳମ୍ବ ହେବା ଯୋଗୁ ରାଜ୍ୟର ଅନ୍ୟ ଜିଲାର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଏବଂ ସେନା କର୍ମଚାରୀ ମଧ୍ୟ ରାସ୍ତାକୁ ଓହ୍ଲାଇବା ଆରମ୍ଭ କରିଦେଲେଣି। ତେଣୁ ଧୀରେ ଧୀରେ ଏକ ଉଗ୍ର ପରିସ୍ଥିତି ଆଡକୁ ଯାଉଥିବା ଦେଖାଯାଉଛି। ପୋଲିସ ଏବଂ ସେନା ମଧ୍ୟରେ ଏକ ଶୀତଳଯୁଦ୍ଧ ସୃଷ୍ଟିହେବା ଭଳି ପରିସ୍ଥିତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିସାରିଲାଣି। ପୋଲିସ କମିଶନରଙ୍କ ଅଭୂତପୂର୍ବ ନୀରବତା ଭିତରେ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତରେ ରହିଛି। ହେଲେ କ୍ରାଇମବ୍ରାଞ୍ଚର ପୂର୍ବ ରେକର୍ଡ ସବୁ ଯାହା ରହିଛି ଏହି ଘଟଣାର ଏକ ନିରପେକ୍ଷ ତଦନ୍ତକରି ବାସ୍ତବ ଚିତ୍ର ସାମ୍ନାକୁ ଆଣିବା ସେତେଟା ସହଜ ନ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜାତୀୟ ମହିଳା କମିଶନଙ୍କୁ ରିପୋର୍ଟ ଦେଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର,୨୧।୯(ସୂର୍ଯ୍ୟକାନ୍ତ ବେହେରା)**

ଭରତପୁର ଥାନାରେ ଆର୍ମି ଅଫିସର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସର ଅମାନବୀୟ ନିର୍ଯାତନା ଘଟଣାକୁ ଗୁରୁତ୍ୱର ସହ ନେଇ ଜାତୀୟ ମହିଳା କମିଶନ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିସହ ମାମଲାର ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚକୁ ରିପୋର୍ଟ ମାଗିଥିଲେ। କ୍ରାଇମବ୍ରାଞ୍ଚ ଏ ସଂକ୍ରାନ୍ତ ତଦନ୍ତ ରିପୋର୍ଟକୁ ଶନିବାର ଜାତୀୟ ମହିଳା କମିଶନଙ୍କୁ ପଠାଇଥିବା ସୂଚନା ମିଳିଛି। ରିପୋର୍ଟରେ କ'ଣ ଉଲ୍ଲେଖ ଅଛି ତାହା ଜଣାପଡିନାହିଁ। ଏଥିସହ ଏଡିଜି ଅରୁଣ ବୋଥ୍ରାଙ୍କ ନିକଟରେ ମଧ୍ୟ କ୍ରାଇମବ୍ରାଞ୍ଚ ଏକ ରିପୋର୍ଟ ଦାଖଲ କରିଛି। ରବିବାର ଘଟଣାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯିବ। ଏହାପରେ ଭୁବନେଶ୍ୱର ଡିସିପିଙ୍କ ସହ କ୍ରାଇମବ୍ରାଞ୍ଚ ଏଡିଜି ଆଲୋଚନା କରିବେ। ସେପଟେ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀଙ୍କ ବୟାନ ରେକର୍ଡ କରି ପଚରାଉଚରା କରିଛି। ଏଥିସହ ନିଲମ୍ବିତ ୫ ପୋଲିସ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି। ବାସ୍ତବରେ ସେଦିନ ରାତିରେ ଭରତପୁର ଥାନାରେ କ'ଣ ଘଟିଥିଲା ସେ ସମ୍ପର୍କରେ ଅଧିକ ଛାନ୍‌ଭିନ୍ ଜାରି ରହିଛି।




# ସର୍ବୋଚ୍ଚ ସ୍ତରରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୨୧।୯ (ପ୍ରମୋଦ ବହିଦାର)

ସର୍ବୋଚ୍ଚ ଜଳଧାରଣ କ୍ଷମତାରେ ପହଞ୍ଚିଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର। ଶନିବାର ଅପରାହ୍ନ ସାଢ଼େ ୯ଟାରେ ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌କୁ ଛୁଇଁଥିଲା। ଜଳଭଣ୍ଡାରର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ବିଭିନ୍ନ କେନାଲ ମାଧ୍ୟମରେ ଜଳ ନିଷ୍କାସନ କରାଯାଇ ଜଳସ୍ତର ବୃଦ୍ଧିହେବାକୁ ଦିଆ ନ ଯାଇ ସ୍ଥିର ରଖିଛନ୍ତି ବନ୍ଧ କର୍ତ୍ତୃପକ୍ଷ। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫୬ ହଜାର ୩୯୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୩୭ ହଜାର ୩୩୪ ଘନଫୁଟ୍ ଜଳ ନିଷ୍କାସନ କରାଯାଉଥିଲା। ମାତ୍ର ଜଳସ୍ତର ସର୍ବୋଚ୍ଚ ସ୍ତର ଛୁଇଁଲା ପରେ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ଅନୁସାରେ ସମାନ ପରିମାଣର ଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍‌ରେ ସ୍ଥିର ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪୧ ହଜାର ୦୮୯ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୬ ହଜାର ୪୩୦ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୬୪୦ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସନ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୩ ଘନଫୁଟ ଜଳ ଯୋଗାଣ ହେଉଛି।

# ଓଡ଼ିଶା ଷ୍ଟେଟ ବାର୍ କାଉନ୍‌ସିଲ୍ ନାମରେ ମୁଖ୍ୟମନ୍ତ୍ରୀଙ୍କୁ ଜାଲ୍ ଚିଠି

କଟକ,୨୧।୯(କାର୍ତ୍ତିକ ସାହୁ)

## ତଦନ୍ତ ପାଇଁ ଲାଲ୍‌ବାଗ ଥାନାରେ ଏତଲା

ଓଡ଼ିଶା ଷ୍ଟେଟ ବାର୍ କାଉନ୍‌ସିଲ୍ ନାମରେ ମୁଖ୍ୟମନ୍ତ୍ରୀଙ୍କୁ ମିଥ୍ୟା ଚିଠି ପ୍ରେରଣ କରାଯାଇଛି। ଉକ୍ତ ଚିଠିରେ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟସେବା କେନ୍ଦ୍ରର ହାଉସ୍‌କିପିଂ ଟେଣ୍ଡରରେ ଅନିୟମିତତା କରାଯାଇଥିବା ଉଲ୍ଲେଖ କରାଯାଇଛି। ଏହାର ତଦନ୍ତ କରି ଟେଣ୍ଡରର ପୁନଃ ମୂଲ୍ୟାୟନ କିମ୍ବା ତାହାକୁ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। 'ଧରିତ୍ରୀ'ର ସେପ୍ଟେମ୍ବର ୨୧ ତାରିଖ ସଂସ୍କରଣରେ ଏସଂକ୍ରାନ୍ତୀୟ ଖବର ପ୍ରକାଶିତ ହେବା ପରେ ଓଡ଼ିଶା ଷ୍ଟେଟ ବାର୍ କାଉନ୍‌ସିଲ୍ ପକ୍ଷରୁ କଟକ ଲାଲବାଗ ଥାନାରେ ଶନିବାର ଏତଲା ଦିଆଯାଇଛି। ଏଭଳି କୌଣସି ଚିଠି କାଉନ୍‌ସିଲ୍ ପକ୍ଷରୁ କରାଯାଇନାହିଁ। ତେଣୁ ମିଥ୍ୟା ଚିଠି ପ୍ରେରଣ କରିବା ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଦର୍ଶାଯାଇଛି।

ବାର୍ କାଉନ୍‌ସିଲ ପକ୍ଷରୁ କୁହାଯାଇଛି ଯେ, ଢେଙ୍କାନାଳ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ୍‌କିପିଂର ଟେଣ୍ଡର ଫିକ୍ସିଂ ଓ ଅନିୟମିତତା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲ୍‌ର ସମ୍ପାଦକଙ୍କ ପକ୍ଷରୁ ଦିଆଯାଇଥିବା ଚିଠି ମିଥ୍ୟା। ଏଭଳି କୌଣସି ଚିଠି କାଉନ୍‌ସିଲ ପକ୍ଷରୁ ଗତ ୧୩ ତାରିଖରେ ସମ୍ପାଦକଙ୍କ ସ୍ୱାକ୍ଷର ଓ ସିଲ୍ ଥାଇ କରାଯାଇନାହିଁ। ରାଜ୍ୟରେ ଆଇନ ପେସା ଓ ଆଇନ ଶିକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱୟଂକ୍ରିୟ ସଂସ୍ଥା ଭାବେ କାଉନ୍‌ସିଲ କାର୍ଯ୍ୟ କରୁଛି। ଟେଣ୍ଡର ଫିକ୍ସିଂ ପ୍ରସଙ୍ଗ କାଉନ୍‌ସିଲର ବହିର୍ଭୂତ ବ୍ୟାପାର ହୋଇଥିବାବେଳେ କେହି ମନ୍ଦ ଉଦ୍ଦେଶ୍ୟ ଏବଂ କାଉନ୍‌ସିଲ୍‌କୁ ବଦନାମ କରିବା ଉଦ୍ଦେଶ୍ୟରେ ସମ୍ପାଦକଙ୍କ ଦସ୍ତଖତ ଓ ସିଲ୍ ଜାଲ୍ କରି ବ୍ୟବହାର କରିଛନ୍ତି। ପୋଲିସ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଏତଲାରେ ଦର୍ଶାଇଛି।

## ସରକାରୀ ଷ୍ଟାମ୍ପ ଥିବା ପତ୍ର ଆଧାରରେ ଖବର ପ୍ରକାଶିତ

ଭୁବନେଶ୍ୱର,୨୧।୯

'ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ୍ କିପିଂରେ ଟେଣ୍ଡର ଫିକ୍ସିଂ' ଶୀର୍ଷକ ଏକ ଖବର ଢେଙ୍କାନାଳ ଡେଟ୍‌ଲାଇନରେ ଧରିତ୍ରୀର ଶନିବାର ୨୧ ସେପ୍ଟେମ୍ବର ୨୦୨୪ ସଂସ୍କରଣର ପୃଷ୍ଠା ୫ରେ ପ୍ରକାଶିତ ହୋଇଛି। ତେବେ ଏହି ଖବରକୁ ଆଧାର କରି ଷ୍ଟେଟ ବାର୍ କାଉନ୍‌ସିଲ ଅଫ୍ ଓଡ଼ିଶାର ସମ୍ପାଦକଙ୍କ ପକ୍ଷରୁ କଟକ ଲାଲ୍‌ବାଗ୍ ଥାନାରେ ଏକ ଏତଲା ଦିଆଯାଇଛି। ଏତଲାରେ ଧରିତ୍ରୀରେ ଉଲ୍ଲେଖ ଥିବା ଷ୍ଟେଟ ବାର୍ କାଉନ୍‌ସିଲର ପତ୍ରକୁ ଜାଲ୍ ବୋଲି କୁହାଯାଇଛି। ଏହାସହ ଏଥିରେ ବାର୍ କାଉନ୍‌ସିଲ ଅଫ୍ ଓଡ଼ିଶା ସମ୍ପାଦକଙ୍କ ଦସ୍ତଖତ ଜାଲ୍ କରାଯାଇଥିବା ଉଲ୍ଲେଖ କରାଯାଇଛି। ତେବେ ଆମ ଢେଙ୍କାନାଳ ପ୍ରତିନିଧି ରତନ ନାୟାର ଖବର ସମ୍ପର୍କିତ ପାଇଥିବା ଡକ୍ୟୁମେଣ୍ଟରେ ସରକାରୀ ଷ୍ଟାମ୍ପ ଥିବା ସ୍ପଷ୍ଟ ହୋଇଛି। ସେହି ଡକ୍ୟୁମେଣ୍ଟରେ ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲ ପକ୍ଷରୁ ୧୩।୯।୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଏକ ଲିଖିତ ଅଭିଯୋଗ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲା। ପରେ ଉକ୍ତ ଡକ୍ୟୁମେଣ୍ଟ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଡାକ ଯୋଗେ ପହଞ୍ଚିବାପରେ କର୍ତ୍ତୃପକ୍ଷ ତାହାକୁ ଗତ ୧୭ତାରିଖରେ ସିଲ୍ ସହିତ ଗ୍ରହଣ କରିଥିବା ଜଣାପଡ଼ିଛି। ଉକ୍ତ ଡକ୍ୟୁମେଣ୍ଟକୁ ଆଧାରକରି ଧରିତ୍ରୀରେ ଖବର ପ୍ରକାଶ ପାଇଛି। ଏହା କୌଣସି ଉଦ୍ଦେଶ୍ୟମୂଳକ ଭାବେ କରାଯାଇ ନାହିଁ।


Office Email:- odishastatebarcouncil@rediffmail.com    Phone: 0671-2507126(Off)

OdishaState BarCouncil
(Statutory Body Constituted under the Advocates Act, 1961)
HIGHCOURTANNEX, CHANDINICHOWK,CUTTACK-753002

Ref No OSBC/3851(158) /2024    Date-13.09.2024

CDM & PHO, DHENKANAL RECEIVED 17 SEP 2024 HEALTH & F.W. DEPTT.

To
The Hon'ble Chief Minister of
Odisha, Bhubaneswar

Sub: Request for Re-evaluation of Tenders & If necessary vigilance enquiry into the matter in respect of Dhenkanal District .

Ref: Tender Notice No-4 dated 02/01/2024 relating to security service , housekeeping service and laundry service at Govt Health Institutions Dhenkanal District-Under Nirmal

Respected Sir,
With due request & humble submission, I beg to draw your kind attention to the following points mentioned below & proper Justice as per law & as mentioned in tender documents may be considered for fair selection of bidder in order to provide service of Security, Housekeeping & Laundry Service at Govt. Health Institution of Dhenkanal District.

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ପତ୍ରର ନକଲ।

# ୨ ଘୂର୍ଣ୍ଣିବଳୟ ସକ୍ରିୟ, ୨୫ ଯାଏ ବର୍ଷିବ

ଭୁବନେଶ୍ୱର,୨୧।୯ (ଅନୁରାଧା ମହାରଣା)

ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ୨ଟି ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ୨୩ ତାରିଖ ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଉତ୍ତରପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟିର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗିରହିବ। ରବିବାର ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶା ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହିକ୍ରମରେ ପ୍ରବଳ ବର୍ଷା ନେଇ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଗଞ୍ଜାମ ସମେତ ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ୨୩ ତାରିଖ ପାଇଁ ୧୭ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି।




# ଜମି ଆବଣ୍ଟନରେ ଇଡ୍‌କୋର ଅନୁକମ୍ପା, ୧୮ କୋଟି ରାଜସ୍ୱ ହାନି

ଯାଜପୁର,୨୧।୯ (ହର୍ଷବର୍ଦ୍ଧନ ବେହେରା)

## ସିଏଜି ରିପୋର୍ଟ

ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ) ପ୍ରତିଷ୍ଠା କରାଯାଇଛି। କିନ୍ତୁ ଇଡ୍‌କୋର ଜମି ଆବଣ୍ଟନରେ ଅହେତୁକ ଅନୁକମ୍ପା ଯୋଗୁ ରାଜ୍ୟ ସରକାରଙ୍କୁ ୧୮.୦୨ କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ରିପୋର୍ଟ-୨୦୨୪ରେ ଏହା ଦର୍ଶାଯାଇଛି।

ସିଏଜି ରିପୋର୍ଟ ଅନୁସାରେ, ୨୦୧୫ରେ ଶିଳ୍ପ ନୀତି ସଙ୍କଳ୍ପ ଧାର୍ଯ୍ୟ ହୋଇଥିଲା। ଏହିକ୍ରମରେ ଜମି ବ୍ୟାଙ୍କ ଯୋଜନା ଅଧୀନରେ ଚିହ୍ନଟ ହୋଇଥିବା ସରକାରୀ ଓ ଅଣ ସରକାରୀ ଜମି ଶିଳ୍ପ ପ୍ରତିଷ୍ଠା ପାଇଁ ଆବଣ୍ଟନ ହୋଇଥାଏ। ଇଡ୍‌କୋର ଜମି ନିୟମାବଳୀ-୨୦୧୬ରେ ଶିଳ୍ପ ସଂସ୍ଥାଗୁଡିକୁ ଜମି ଆବଣ୍ଟନ ପାଇଁ ଦର ନିର୍ଦ୍ଧାରଣ କରାଯାଇଥାଏ। ୨୯।୫।୨୦୧୫ରେ ଇଡ୍‌କୋର ୧୦୧ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଜମି ମୂଲ୍ୟର ୧.୫ଗୁଣ ଅଧିକ ଗୋଦାମ ପ୍ରକଳ୍ପ ପାଇଁ ନିର୍ଦ୍ଧାରଣ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଗିରିଙ୍ଗାପୁଟ ଗ୍ରାମରେ ୬୦.୪୦୫ ଏକର ପରିମିତ ଅଣ ଜଙ୍ଗଲ ସରକାରୀ ଜମି ବଣ୍ଟନରେ ଉପରୋକ୍ତ ନିଷ୍ପତ୍ତିର ଉଲ୍ଲଂଘନ ହୋଇଥିଲା। ଶିଳ୍ପ ପ୍ରତିଷ୍ଠା ପାଇଁ ଏକର ପ୍ରତି ୪୦.୫୦ ଲକ୍ଷ ଟଙ୍କାରେ ଜମି ଆବଣ୍ଟନ ଲାଗି ଏଠାରେ ଅନୁମୋଦିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୩୧।୩।୨୦୨୧ରେ ଇଡ୍‌କୋ ଗିରିଙ୍ଗାପୁଟ ଜମି ବ୍ୟାଙ୍କ ଯୋଜନାରେ ଏକ ଲଜିଷ୍ଟିକ ଉଦ୍ୟାନ ସ୍ଥାପନ ପାଇଁ ୮ ଏକର ସରକାରୀ ଜମିକୁ ଏକର ପ୍ରତି ଶିଳ୍ପ ପାଇଁ ଉଦ୍ଦିଷ୍ଟ ମୂଲ୍ୟ ୪୫.୫୦ ଲକ୍ଷ ଟଙ୍କାରେ ମେସର୍ସ ମା ମଙ୍ଗଳା ଅଟାକଳ ପ୍ରାଇଭେଟ ଲିମିଟେଡକୁ ଆବଣ୍ଟନ କରିଥିଲା। ଏଠାରେ ସିଏଜି ସମୀକ୍ଷାରେ ଜଣାପଡିଥିଲା ଯେ, ମେସର୍ସ ମା ମଙ୍ଗଳା ଅଟାକଳ ପ୍ରାଇଭେଟ ଲିମିଟେଡ ନିୟମ ଅନୁଯାୟୀ ଶିଳ୍ପ ପ୍ରତିଷ୍ଠା ବାହାରେ ଥିଲା, ତେଣୁ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଜମି ମୂଲ୍ୟର ୧.୫ ଗୁଣ ଅଧିକ ହିସାବରେ ମୂଲ୍ୟ ସ୍ଥିର କରିବା ଉଚିତ ଥିଲା। ତଦନୁସାରେ ଏକର ପିଛା ୪୫.୫୦ ଲକ୍ଷ ଟଙ୍କାର ୧.୫ ଗୁଣ ଅଧିକ ଅର୍ଥାତ୍ ୬୮.୨୫ ଲକ୍ଷ ଟଙ୍କା ମୂଲ୍ୟ ନିର୍ଦ୍ଧାରଣ ହେବା କଥା। କିନ୍ତୁ ୪୫.୫୦ ଲକ୍ଷ ଟଙ୍କା ଆଦାୟ ହେବାରୁ ୧.୮୨ କୋଟି ଟଙ୍କା (୮ ଏକର ଗୁଣନ ୨୨.୭୫ ଲକ୍ଷ ଟଙ୍କା)କ୍ଷତି କରାଯାଇଥିଲା। ଏଭଳି ଭାବେ ମେସର୍ସ ମା ମଙ୍ଗଳା ଅଟାକଳ ପ୍ରାଇଭେଟ ଲିମିଟେଡକୁ ଇଡ୍‌କୋ ପକ୍ଷରୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପ୍ରକ୍ରିୟାରେ କେତେଜଣ ଇଡକୋ ଅଧିକାରୀ ମୋଟା ଅଙ୍କର ଲାଞ୍ଚ କାରବାରରେ ସଂପୃକ୍ତ ଥିବା ସନ୍ଦେହ କରାଯାଇଛି।

୨୦୧୪ ଜୁଲାଇରେ ବାଲେଶ୍ୱର ଆଲଏଜ ଲିମିଟେଡ(ବିଏଏଲ) ପାଖରେ ଥିବା ୩୨.୫୧ ଏକର ଜମିକୁ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀ କିଣିବାକୁ ପ୍ରସ୍ତାବ ଦେଇଥିଲା। ତଦନୁସାରେ ଇଡ୍‌କୋ ୨୦୧୫ ଜାନୁଆରୀରେ ବିଏଏଲଠାରୁ ଉକ୍ତ ଜମିକୁ ୭.୫୯ କୋଟି ଟଙ୍କାରେ କିଣିଥିଲା। ତେବେ ପୂର୍ବରୁ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀର ରେଲୱେ ସାଇଡିଂ ପାଇଁ ୧୭.୫୦ ଏକର ଜମିର ଆବଶ୍ୟକତା ଥିଲା। କିନ୍ତୁ ଇଡ୍‌କୋ ସମ୍ପୂର୍ଣ୍ଣ ୩୨.୫୧ ଏକର ଜମିକୁ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀକୁ ଆବଣ୍ଟନ କରିଥିଲା, ଯାହାର କୌଣସି କାରଣ ନଥିଭୁକ୍ତ ନ ଥିଲା। ଏହାପୂର୍ବରୁ ଇଡ୍‌କୋ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀକୁ ୩୨.୫୦ ଏକର ଆବଣ୍ଟନ କରିଥିଲା। ତେଣୁ ଇଡ୍‌କୋ ମୋଟରେ ଏହି କମ୍ପାନୀକୁ ୬୫.୦୧ ଏକର ଜମି ବଣ୍ଟନ କରିଛି। ଏଥିରେ ୫ ଏକର ଜମିକୁ ସାଧାରଣ ଦେୟ ହାରରେ ଏବଂ ଅବଶିଷ୍ଟ ୬୦.୦୧ ଏକର ଜମିକୁ ଦୀର୍ଘକାଳୀନ ଦେୟ ଫେରସ୍ତ ଆଧାରରେ ଆବଣ୍ଟିତ ହୋଇଥିଲା। ଯେଉଁଥିରେ ୨୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଦେୟ ପଇଠ କରିବାର ଥିଲା। କିନ୍ତୁ ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ, ଇଡ୍‌କୋ ଜମିର ଉପଯୋଗିତା ଏବଂ ଧାର୍ଯ୍ୟ ଦେୟ ପ୍ରଦାନର ଆବଶ୍ୟକ ସମୀକ୍ଷା କରି ନ ଥିଲା। ୬ରୁ ୭ ବର୍ଷ ପରେ ଇଡ୍‌କୋ ଆବଣ୍ଟିତ ଜମିଗୁଡିକର ଯାଞ୍ଚ କରିବା ପରେ ୨୫.୯୦ ଏକର ଜମି ଅବ୍ୟବହୃତ ଥିବା ଜଣାପଡ଼ିଥିଲା। ଏହାପରେ ଇଡ୍‌କୋ ୨୦୨୧ରେ ଉକ୍ତ ଜମିକୁ ଫେରସ୍ତ କରିବାକୁ ଦାବି କରିଥିଲା। ସେଥିରୁ ୧୬.୬୬୦ ଏକର ଜମି ବାଲେଶ୍ୱର ଭିତ୍ତିଭୂମି କମ୍ପାନୀ ୨୦୨୧ ଜୁଲାଇରେ ଫେରସ୍ତ କରିଥିଲା। କିନ୍ତୁ ଅବଶିଷ୍ଟ ୯.୨୪୦ ଏକର ଜମି ଏଯାଏ ଫେରସ୍ତ କରି ନାହିଁ। ଫଳରେ ୩.୬୯ କୋଟି ଟଙ୍କା ରାଜସ୍ୱ କ୍ଷତି ହେଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହାବାଦ୍ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀ ପ୍ରତି ଇଡକୋ ଅନୁକମ୍ପା ପ୍ରଦର୍ଶନ କରି ୧୨.୫୦ କୋଟି ଟଙ୍କା ଦେୟ ଆଦାୟ କରି ନ ଥିଲା। ଏଭଳି ଜମି ବଣ୍ଟନରେ ଅନିୟମିତତା, ଅନୁକମ୍ପା କାରଣରୁ ଏକାଧିକ ଆଗ୍ରହୀ ଶିଳ୍ପ କମ୍ପାନୀ ଜମି ପାଇପାରୁ ନ ଥିବା ମତପ୍ରକାଶ ପାଇଛି।




# ଅଙ୍ଗନୱାଡି କେନ୍ଦ୍ରରେ କଙ୍ଗାରୁ କୋର୍ଟ

ବାଲେଶ୍ୱର,୨୧।୯(ବାଞ୍ଛାନିଧି ଦେ)

## କର୍ମୀଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଅଙ୍ଗନୱାଡ଼ି କର୍ମୀ ସଂଘ

ଅଙ୍ଗନୱାଡ଼ି କେନ୍ଦ୍ରରେ ପଶି କଙ୍ଗାରୁ କୋର୍ଟ କରି କର୍ମୀଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। କର୍ମୀ ଜଣକ ଗୁରୁତର ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ପୋଲିସ ପକ୍ଷରୁ ଏଯାବତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।



ସିଂଲା ଥାନା ଅଧୀନ ମହାପଦା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଉର୍ମିଳା ସାମଲ ଗତ ୧୯ ତାରିଖ କେନ୍ଦ୍ର ପରିଚାଳନା କରୁଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କେନ୍ଦ୍ରକୁ ଯାଇ ହୋ-ହଲ୍ଲା କରିଥିଲେ। କର୍ମୀ ଜଣଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଏତଲାରେ ଦର୍ଶାଯାଇଛି। ଖବରପାଇ ସିଡିପିଓ ପାର୍ବତୀ ମୁର୍ମୁ ଓ ସଂଘର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନ ଥିଲା। କର୍ମୀଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ସିଂଲା ଥାନାରେ ପୋଲିସ ଏକ ମାମଲା (ନଂ. ୧୬୩/୨୪) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସଂଘର ଜିଲା ସଭାପତି ପ୍ରତିଭା ପାଲ ଓ ଜିଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସଙ୍କ ନେତୃତ୍ୱରେ ସଦସ୍ୟାମାନେ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି।

ସୂଚନା ଯେ, ଆକ୍ରମଣକାରୀମାନେ ଉକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ 'ସୁଭଦ୍ରା' କାର୍ଯ୍ୟକ୍ରମରେ ସାମିଲ ନ ହେବାକୁ ତାଗିଦ୍ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କର୍ମୀଜଣକ କାର୍ଯ୍ୟ କରିଥିବାରୁ ଆକ୍ରୋଶ ମୂଳକ ଭାବେ ସେମାନେ ମାଡ଼ ମାରିଥିବା ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଅପରପକ୍ଷରେ କେନ୍ଦ୍ରରେ ଜଣେ ପିଲାଙ୍କୁ କର୍ମୀ ଜଣଙ୍କ ବିଳମ୍ବିତ ସମୟ ପର୍ଯ୍ୟନ୍ତ ରଖିବା ଏବଂ ଅଣ୍ଡା ନ ଦେବାକୁ ନେଇ ଏଭଳି ଘଟଣା ଘଟିଥିବା ନେଇ ଆକ୍ରମଣକାରୀମାନେ ଅଭିଯୋଗ ଆଣିଛନ୍ତି।

“ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା



# ଦକ୍ଷତାର ଅଭାବ



ଆକାର ପଟେଲ

ଚଳିତ ମାସରେ ଦୁଇଟି ଶୀର୍ଷକ ସମ୍ବଳିତ ଖବର ପ୍ରକାଶ ପାଇଛି। ଗୋଟିଏ ହେଉଛି ‘ଟେରର ଫାଇନାନ୍ସିଂ(ଉଗ୍ରବାଦୀଙ୍କୁ ପାଣ୍ଠି ଯୋଗାଣ), ମନି ଲଣ୍ଡରିଂ (ଅର୍ଥ ହେରଫେର) ନିୟନ୍ତ୍ରଣ କରିବାରେ ଭାରତର ପ୍ରୟାସକୁ ଏଫ୍ଏଟିଏଫ୍‌ର ପ୍ରଶଂସା: ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ’। ଅନ୍ୟଟି ହେଲା ‘ଭାରତୀୟ ଏନ୍‌ଜିଓ ସେକ୍ଟରରେ ଟେରର ଫାଇନାନ୍ସିଂ ଶୂନ୍ୟ ବୋଲି ଏଫ୍ଏଟିଏଫ୍‌ର ସଙ୍କେତ’। ଏହି ଦୁଇଟି ଶୀର୍ଷକକୁ ଏକାଠି ଅନୁଧ୍ୟାନ କଲେ ଏହାର ଅର୍ଥ କ’ଣ ମିଳିବ ଆସନ୍ତୁ ଦେଖିବା। ଯଦି ଏବେ ଜଣେ ଖବରଗୁଡ଼ିକୁ ଭଲ ଭାବେ ଦେଖନ୍ତି, ତେବେ ଭାରତୀୟ କର୍ତ୍ତୃପକ୍ଷ ପ୍ରତି ମାସରେ ଅତି କମ୍‌ରେ ଗୋଟିଏ ବେସରକାରୀ ସଂଗଠନକୁ ନିଷିଦ୍ଧ କରୁଥିବା ଜାଣିବାକୁ ପାଇବେ। ବାସ୍ତବରେ ଆହୁରି ଏମିତିକା ଅନେକ ଅଛନ୍ତି, ଯେଉଁମାନଙ୍କ ଖବର ସାମ୍ନାକୁ ଆସେନାହିଁ। ଏହାର କାରଣ ହେଉଛି ଏହି ସରକାରଙ୍କ ଅଧୀନରେ ଏନ୍‌ଜିଓ ବନ୍ଦ ହେବାର ତଥ୍ୟ ସରକାରୀ ୱେବ୍‌ସାଇଟରୁ ହଟାଇ ନିଆଯାଇଛି। ଭାରତ ସରକାରଙ୍କ ଦ୍ୱାରା ନାଗରିକ କ୍ଷେତ୍ର କ୍ରମାଗତ ଭାବେ ହ୍ରାସପାଉଛି ଓ ଏହା ବିରୋଧରେ ପ୍ରତିବାଦର ଅପରାଧୀକରଣ କରାଯାଉଛି। ବର୍ତ୍ତମାନ ଆମକୁ ଏହା ଉପରେ ପ୍ରଶ୍ନ ଉଠାଇବା ଆବଶ୍ୟକ ଓ ଏଥିପାଇଁ ସୁଯୋଗ ଅଛି। କାରଣ ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍) ୧୪ ବର୍ଷର ବ୍ୟବଧାନ ପରେ ଭାରତର ମ୍ୟୁଚୁଆଲ ଇଭାଲ୍ୟୁଶନ ରିପୋର୍ଟ (ଏମ୍ଇଆର୍) ପ୍ରକାଶ କରିଛି, ଯାହା ଅଣ–ଲାଭ କ୍ଷେତ୍ରକୁ ନିୟନ୍ତ୍ରଣ କରିବାରେ ଭାରତ ମାନଦଣ୍ଡକୁ ପାଳନ କରୁନାହିଁ ବୋଲି କହିଛି। ଏଫ୍ଏଟିଏଫ୍ ହେଉଛି ଏକ ଆନ୍ତଃ–ସରକାରୀ ସଂସ୍ଥା। ଏଥିରେ ୪୦ଟି ଦେଶ ସଦସ୍ୟ ଅଛନ୍ତି। ବିଶ୍ୱ ସ୍ତରରେ ମନି ଲଣ୍ଡରିଂ, ଟେରର ଫାଇନାନ୍ସିଂକୁ ନିୟନ୍ତ୍ରଣ କରିବା ଏବଂ ଗଣ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ବିସ୍ତାରକୁ ରୋକିବା କାର୍ଯ୍ୟକୁ ଏଥିରେ ବାଧ୍ୟତାମୂଳକ କରାଯାଇଛି। ଏହା ଦେଶମାନଙ୍କ ପାଇଁ ଅନ୍ତଃରାଷ୍ଟ୍ରୀୟ ମାନଦଣ୍ଡଗୁଡ଼ିକ ସ୍ଥିର କରିଥାଏ ଓ ତାହା ଅନୁଯାୟୀ ନିୟମିତ ବ୍ୟବଧାନରେ ଦେଶଗୁଡ଼ିକର ମନି ଲଣ୍ଡରିଂ ବିରୋଧୀ ଏବଂ ଟେରର ଫାଇନାନ୍ସିଂର ମୁକାବିଲାର ମୂଲ୍ୟାଙ୍କନ କରି ର୍‍ୟାଙ୍କ୍ ପ୍ରଦାନ କରିଥାଏ। ଭାରତ ଏଫ୍ଏଟିଏଫ୍‌ର ଏକ ସଦସ୍ୟ ରାଷ୍ଟ୍ର। ୨୦୨୩ରେ ଭାରତରେ ସିଭିଲ ସୋସାଇଟି ଗ୍ରୁପ୍‌ଗୁଡ଼ିକ ଦର୍ଶାଇଥିଲେ ଯେ ଭାରତ ସରକାର ଲଗାତର ଫରେନ୍ କଣ୍ଟ୍ରିବ୍ୟୁଶନ(ରେଗୁଲେଶନ) ଆକ୍ଟ(ଏଫ୍‌ସିଆର୍ଏ), ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍(ପ୍ରିଭେନ୍‌ଶନ) ଆକ୍ଟ (ୟୁଏପିଏ) ଏବଂ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ) ପ୍ରଣୟନ କିମ୍ବା କଡ଼ାକଡ଼ି କରିବା ସକାଶେ ଭାରତ ସରକାର କ୍ରମାଗତ ଭାବରେ ଏଫ୍ଏଟିଏଫ୍‌ର ସୁପାରିସକୁ ବ୍ୟବହାର କରିଆସୁଛନ୍ତି। ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ କରୁଥିବା ବ୍ୟକ୍ତିଙ୍କୁ ଚପାଇ ଦେବା ଲାଗି ଏହି ତିନୋଟି ଆଇନ ଭାରତୀୟ କର୍ତ୍ତୃପକ୍ଷଙ୍କ ପାଇଁ ସାଧନ ପାଲଟିଯାଇଛି।

ଅର୍ଥ ହେରଫେର ଉପରେ ୪୦ଟି ସୁପାରିସ ଏବଂ ଆତଙ୍କବାଦୀ ପାଣ୍ଠି ଉପରେ ଥିବା ନଅଟି ସ୍ୱତନ୍ତ୍ର ସୁପାରିସକୁ ଏହାର ସଦସ୍ୟ ଦେଶଗୁଡ଼ିକ କିଭଳି କାର୍ଯ୍ୟକାରୀ କରିଥାଆନ୍ତି, ତା’ ଉପରେ ଏଫ୍ଏଟିଏଫ୍ ଆକଳନ କରିଥାଏ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଧାର କରି ଏକ ଚୂଡ଼ାନ୍ତ ମୂଲ୍ୟାୟନ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ଯେଉଁ ଦେଶ ମାନକ ପାଳନ କରିବାରେ ବିଫଳ ହୁଅନ୍ତି, ସେମାନଙ୍କୁ ‘ଅଧିକ ବିପଦପୂର୍ଣ୍ଣ କ୍ଷେତ୍ର’ କୁହାଯାଏ। ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ‘ଧୂସର ବା କଳା ତାଲିକା’ ଭାବେ ସୂଚିତ କରାଯାଇଥାଏ। ଅତୀତରେ ତୁର୍କୀ ଏବଂ ପାକିସ୍ତାନ ଭଳି ଦେଶ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ମନି ଲଣ୍ଡରିଂ, ଟେରର୍ ଫଣ୍ଡିଂ ବିରୋଧରେ ଭାରତର ପଦକ୍ଷେପ ଉପରେ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଅନେକ ବିଳମ୍ବ ପରେ ଏହା ନଭେମ୍ବର ୨୦୨୩ରେ ଆରମ୍ଭ କରାଯାଇ ଜୁନ୍ ୨୦୨୪ରେ ଶେଷ କରାଯାଇଥିଲା। ଏହି ପ୍ରକ୍ରିୟାର ଶେଷରେ ଏଫ୍ଏଟିଏଫ୍ ଏକ ରିପୋର୍ଟ ପ୍ରକାଶ କରିଥିଲା। ଗୋଟିଏ ପଟେ ଏଫ୍ଏଟିଏଫ୍ ଅନ୍ୟମାନଙ୍କ ସହିତ ଉଚ୍ଚସ୍ତରର ବୈଷୟିକ ଅନୁପାଳନ ପାଇଁ ଭାରତକୁ ପ୍ରଶଂସା କଲା। ଏହା ହେଉଛି ପ୍ରଥମ ଶୀର୍ଷକ ଯାହାକୁ ଆମେ ଦର୍ଶାଇଛୁ। ଅନ୍ୟପକ୍ଷରେ ଆତଙ୍କବାଦୀ ଆର୍ଥିକ ସହାୟତା କ୍ଷେତ୍ରରେ ଅଣ–ଲାଭ କ୍ଷେତ୍ରକୁ ରୋକିବାକୁ କେଉଁ ପଦକ୍ଷେପ ନିଆଯାଇଛି ଏବଂ ଏଫ୍ଏଟିଏଫ୍‌ର ସୁପାରିସ ୮ରେ ଉଲ୍ଲେଖ କରାଯାଇଥିବା ଦୃଷ୍ଟିକୋଣକୁ କିଭଳି କାର୍ଯ୍ୟକାରୀ କରାଯାଇଛି ତାହା ନିଶ୍ଚିତ କରିବା ଲାଗି ଦ୍ୱିତୀୟ ଶୀର୍ଷକରେ ଆହ୍ୱାନ ଦିଆଯାଇଛି। ଏଫ୍ଏଟିଏଫ୍ ସୁପାରିସ ୮ ଦର୍ଶାଏ, ଅଣଲାଭକାରୀ ସଂସ୍ଥା(ଏନ୍‌ପିଓ)ର ବୈଧ କାର୍ଯ୍ୟକଳାପରେ ବାଧା ସୃଷ୍ଟି ନ କରିବା ପାଇଁ ଉଚିତ ପଦକ୍ଷେପ ନେବା ଆବଶ୍ୟକ। କିନ୍ତୁ ସୁପାରିସ ୮ର ସମ୍ପୂର୍ଣ୍ଣ ଅବମାନନା କରି ଭାରତୀୟ କର୍ତ୍ତୃପକ୍ଷ ଅତ୍ୟଧିକ କଠୋର ଆଇନ ପ୍ରଣୟନ କରିବା ସହ ମାନବ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ନାଗରିକ ସମାଜ ସଂଗଠନ ତଥା ମାନବ ଅଧିକାର ସୁରକ୍ଷାକର୍ମୀଙ୍କ ବିରୋଧରେ ଏହାର ଦୁରୁପଯୋଗ କରାଯାଇଆସୁଛି।

ଭାରତରେ ଉଗ୍ରବାଦ ନିରୋଧୀ ଆଇନରେ କେବଳ ୨.୨% ମାମଲା ପଞ୍ଜୀକୃତ ହୋଇଛି ଏବଂ ୨୦୨୨ ଶେଷ ସୁଦ୍ଧା ୮୩% ମାମଲାର ବିଚାର ନ ହୋଇ ପଡ଼ିରହିଛି। ୟୁଏପିଏରେ ବିଚାର ପ୍ରକ୍ରିୟାରେ ହେଉଥିବା ବିଳମ୍ବର ସମାଧାନ କରିବା ଲାଗି ଏଫ୍ଏଟିଏଫ୍ ଭାରତକୁ କହିଛି। ଏହା ମଧ୍ୟ ପିଏମ୍ଏଲ୍ଏ କ୍ଷେତ୍ରରେ କରିବାକୁ ସୁପାରିସ କରିଛି, ଯେଉଁଥିରେ ଗତ ନଅ ବର୍ଷ ମଧ୍ୟରେ କେବଳ ୩୧ଟି ମାମଲାର ବିଚାର ଶେଷ ହୋଇଛି। ଏଥିରେ ଦକ୍ଷତାର ଅଭାବକୁ ସ୍ପଷ୍ଟ ଭାବେ ଦର୍ଶାଯାଇଛି। ଏହିସବୁ ସୁପାରିସ ଭାରତର ଅର୍ଥ ମନ୍ତ୍ରଣାଳୟ ପ୍ରେସ୍ ରିଲିଜରେ ଦେଖିବାକୁ ମିଳିଲା ନାହିଁ। ଭାରତ ସରକାର ଏଫ୍ଏଟିଏଫ୍ ସୁପାରିସଗୁଡ଼ିକୁ ଆଳକରି ଲାଭ ଉଠାଉଛନ୍ତି, ଯାହା ଏନ୍‌ଜିଓଗୁଡ଼ିକର ଏଫ୍‌ସିଆର୍ଏ ଲାଇସେନ୍ସ ଲଗାତର ରଦ୍ଦ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ୱରକୁ ଦବାଇ ଦେବା ଲାଗି ୟୁଏପିଏ ଏବଂ ପିଏମ୍ଏଲ୍ଏର ଦୁରୁପଯୋଗରୁ ପ୍ରମାଣିତ। ତିନି ବର୍ଷ ପରେ ପୁଣିଥରେ ଭାରତର ସମୀକ୍ଷା କରାଯିବ। ଏହି ସମୟରେ ଅଣ–ଲାଭକାରୀ କ୍ଷେତ୍ରଗୁଡ଼ିକୁ ଜଡ଼ିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଭିନ୍ନ ବିପଦର ମୂଲ୍ୟାଙ୍କନ କରୁଛନ୍ତି ବୋଲି ସରକାର ନିଶ୍ଚିତ କରିବାକୁ ପଡ଼ିବ। ଏହାସହ ଭାରତର ଆତଙ୍କବାଦ ନିରୋଧୀ ତଥା ଅର୍ଥ ହେରଫେର ଆଇନରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମାମଲାକୁ ମଧ୍ୟ ଶେଷ କରିବା ଆବଶ୍ୟକ।

Email:aakar.patel@gmail.com

# ପଥୁରିବାଟିର ଚେତାବନୀ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନବ୍ୟ ଆଧୁନିକତାର ପ୍ରବାହ ମଧ୍ୟରେ ପୁରୁଣା କାଳର ଯେଉଁ କେତେକ ଦ୍ରବ୍ୟ ବିସ୍ମୃତିର ଅତଳ ଗର୍ଭରେ ହଜିଯାଇଛି, ତନ୍ମଧ୍ୟରୁ ପଥୁରିବାଟି ବା ପଥରରେ ନିର୍ମିତ ବାସନ ଅନ୍ୟତମ। ସାମ୍ପ୍ରତିକ ସମାଜର ବେଶ୍ ଭାଗ ଲୋକ, ବିଶେଷତଃ ଯୁବାବର୍ଗ ଏହି ଚିଜଟିକୁ ଦେଖିବା ତ ଦୂରର କଥା, ଏଇ ଶବ୍ଦଟିକୁ କାନରେ ବି କେବେ ଶୁଣି ନ ଥିବେ। ତେବେ ଅତୀତରେ ପଥୁରିବାଟିକୁ ନେଇ ଲେଖା ହୋଇଥିବା ଏକ କ୍ଷୁଦ୍ର ଗଳ୍ପର କାଳଜୟୀ ପ୍ରଭାବ ଏବେବି ଚମକ ସୃଷ୍ଟି କରିବାର ସାମର୍ଥ୍ୟ ରଖିଛି। ଅବଶ୍ୟ ଏକଥା ଭିନ୍ନ ଯେ, ଅତୀତକୁ ସମ୍ପୂର୍ଣ୍ଣ ବିସ୍ମରି ଯାଇ ଓ ଭବିଷ୍ୟତର ଆଶଙ୍କାରେ ଆତଙ୍କିତ ନ ହୋଇ କେବଳ ବର୍ତ୍ତମାନରେ ବଞ୍ଚୁଥିବା ଲୋକମାନଙ୍କ ପାଇଁ ସେ କାଳରେ ଯେମିତି ଗଳ୍ପଟିର କିଛି ପ୍ରଭାବ ନ ଥିଲା, ଏ କାଳରେ ମଧ୍ୟ ସେମିତି କିଛି ପ୍ରଭାବ ନାହିଁ।

ନିଜ ପତ୍ନୀ ଓ ପୁତ୍ରଙ୍କ ସହ କଂସାବାସନ ଓ ରୁପା ଚାମଚରେ ଖାଇ ନିଜ ବୃଦ୍ଧ ପିତାଙ୍କୁ ଏକ ପୁରୁଣା ପରିତ୍ୟକ୍ତ ପଥୁରିବାଟିରେ ଖାଇବାକୁ ଦେଉଥିବା କୁଳନନ୍ଦନ ଥରେ ଏକ ନିଷ୍ଠୁର ସତ୍ୟର ସାମ୍ନା କଲେ। ତାଙ୍କୁ ଦିଆଯାଇଥିବା ପଥୁରିବାସନର ଖାଦ୍ୟ ଖାଇସାରି ଅଇଁଠା ବାସନଟି ଧୋଇବାକୁ ଯାଉଥିବା ବେଳେ ଅଚାନକ ଗୋଡ଼ ଖସି ବୃଦ୍ଧ ଜଣକ ପଡ଼ି ଯାଉ ଯାଉ ଛିଡ଼ା ହୋଇଗଲେ। ତାଙ୍କର ଏମନ୍ତ ଅବସ୍ଥା ଲକ୍ଷ୍ୟ କରୁଥିଲେ ପୁଅ, ବୋହୂ ଓ ଆଠବର୍ଷର କଅଁଳ କିଶୋର ନାତିଟି। ନିଜ ମା’ବାପାଙ୍କୁ କିଛି କହିବାକୁ ନ ଦେଇ ଜେଜେଙ୍କୁ ତାଗିଦା କରିଦେଲା ନାତି– ‘‘ଭଲ କରି ପଥୁରିବାଟିଟିକୁ ସାଇତି ରଖ ଜେଜେ, ଯେମିତି ତାହା ଭାଙ୍ଗି ନ ଯାଏ। ତୁମ ଅନ୍ତେ ମୋ ବାପା ଯେତେବେଳେ ତୁମ ପରି ବୁଢ଼ା ହୋଇଯିବେ, ସେତେବେଳେ ମୁଁ ବି ତାଙ୍କୁ ସେଇ ବାସନରେ ଖାଇବାକୁ ଦେବି!’’ ନିଜ ପୁଅ ମୁହଁରୁ ଏକ ସମୁଚିତ ସମ୍ଭାବନାର ଆଭାସ ପାଇ ବାପାଙ୍କ ଆଖିରେ ଅତୀତ ଶୈଶବ ଓ ଭବିଷ୍ୟତ ବାର୍ଦ୍ଧକ୍ୟର ପ୍ରତିବିମ୍ବ ଉତ୍ତୋଳିତ ହେଲା କି ନାହିଁ କେଜାଣି, ମାତ୍ର କେଉଁ କାଳର ପ୍ରଚଳିତ ଏକ ଆପ୍ତବାଣୀ ରହି ରହି ତାଙ୍କ କର୍ଣ୍ଣପଟରେ ନିଃଶବ୍ଦରେ ପ୍ରତିଧ୍ୱନିତ ହେଉଥିଲା– ‘‘ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି, ମଝି ବରଡ଼ା ଥାଇ କହୁଛି ମୋ ଦିନକାଳ ଆସୁଛି!’’

ଯେଉଁଦିନରୁ ମା’ବାପା, ଭାଇଭଉଣୀ ଓ ପୁତ୍ରକନ୍ୟାଙ୍କୁ ନେଇ ଗଠିତ ପରିବାରର ପରିଭାଷା ବଦଳିଯାଇ ପତ୍ନୀପତି ଦୁହେଁ ସେମାନଙ୍କ ପିଲାଛୁଆଙ୍କୁ ନେଇ ପରିବାର ଗଢ଼ିଲେଣି, ସେଦିନରୁ ଆମ ସଂସ୍କାର ଓ ସଂସ୍କୃତିର ସଂଜ୍ଞା ମଧ୍ୟ ବଦଳିଗଲାଣି। ମା’ବାପାଙ୍କ ସହ ସାଙ୍ଗ ହୋଇ ରହିବା ଅବା ସେମାନଙ୍କୁ ଆଣି ପାଖରେ ରଖିବା ଆଧୁନିକ ଜୀବନଧାରାର ପରିପନ୍ଥୀ ଭାବେ ବିବେଚିତ ହେଲାଣି। ବାସ୍, କେବଳ ପତ୍ନୀପତି ଓ ସେମାନଙ୍କ ସନ୍ତାନଟିକୁ ନେଇ ସଂସାର ସୀମିତ ହୋଇଗଲାଣି। ମା’ବାପା ନାମକ ଅବାଞ୍ଛିତ ବୋଝ ବୋହି ସଂସାର ସଡ଼କରେ ଆଗକୁ ବଢ଼ିବା ଏକ ପ୍ରଗତିଶୀଳ ଜୀବନର ପରିଭାଷା ରୂପେ ପରିଗଣିତ ହେଉନାହିଁ। ପରିଣାମ ହେଉଛି ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ସକଳ ସମ୍ପତ୍ତି ସତ୍ତ୍ୱେ ବି କେଉଁ ବୃଦ୍ଧାଶ୍ରମ ବୁଢ଼ାବୁଢ଼ୀ ଦୁହିଁଙ୍କ ଠିକଣା ପାଲଟିଲାଣି ତ ଅନ୍ୟ କେଉଁଠି ନିଜ ଆତ୍ମଜମାନଙ୍କ ଅବର୍ତ୍ତମାନରେ ଭଡ଼ାଟିଆମାନଙ୍କ ଦ୍ୱାରା ବୁଢ଼ାବୁଢ଼ୀ ଦୁହେଁ କେତେବେଳେ ହସ୍ପିଟାଲ ତ କେବେ ପୁଣି ଶ୍ମଶାନ ବୁହାହେଲେଣି।

ରାଜଧାନୀ ନଗରୀର ଏକ ସମ୍ଭ୍ରାନ୍ତ ଇଲାକାରେ ଏକ ସୁଦୃଶ୍ୟ ଦ୍ୱିତଳ ପ୍ରାସାଦର ମାଲିକ ଥିଲେ ଜଣେ ଅବସରପ୍ରାପ୍ତ ଉପସଚିବ। ଦିନେ କେବେ ଦୁଇ ପୁଅ ଓ ଦୁଇ ଝିଅଙ୍କୁ ନେଇ ସୁଖୀ ସଂସାରଟିଏ ଥିଲା ତାଙ୍କର। ମାତ୍ର କାଳକ୍ରମେ ଯିଏ ଯାହା ସଂସାର ବାନ୍ଧି ନିଜ ନିଜ ସ୍ଥାନକୁ ଚାଲିଗଲା ପରେ ବୁଢ଼ାବୁଢ଼ୀ ଦୁହେଁ ଘରର ତିନିଭାଗ ଭଡ଼ା ଲଗାଇ ଗୋଟିଏ ଭାଗରେ ରହୁଥିଲେ। ଏମିତି କେଇବର୍ଷ ଚାଲିଲା ପରେ ଦିନେ ବୁଢ଼ା ଅସୁସ୍ଥ ହୋଇପଡ଼ିଲେ। ଦୂରରେ ଥିବା ଝିଅପୁଅମାନଙ୍କୁ ଖବର ପଠାଇ ଭଡ଼ାଟିଆମାନେ ଗୃହସ୍ୱାମୀଙ୍କୁ ନେଇ ହସ୍ପିଟାଲ ପହଞ୍ଚାଇଦେଲେ। ତିନିଦିନଯାଏ ମୃତ୍ୟୁ ସହ ସଂଗ୍ରାମ କରି ବୁଢ଼ା ସବୁଦିନ ପାଇଁ ଆଖି ବୁଜିଦେଲା ପରେ ପିଲାଏ ଆସି ପହଞ୍ଚିଲେ। ପିତାଙ୍କର ଶେଷକୃତ୍ୟ ସମ୍ପନ୍ନ ପରେ ଆଉ ଅଧିକ ସମୟ ଶୋକ ପ୍ରକାଶ କରିବାକୁ ସେମାନଙ୍କର ସମୟ ନ ଥିଲା। ପୁଅ–ବୋହୂ, ଝିଅ–ଜ୍ୱାଇଁଙ୍କୁ ନେଇ ସଭାଟିଏ ବସିଲା। ସର୍ବସମ୍ମତିକ୍ରମେ ସ୍ଥିର ହେଲା ଯେ କୋଠାଟିକୁ ବିକ୍ରି କରିଦିଆଯିବ ଏବଂ ଉପଲବ୍ଧ ଅର୍ଥକୁ ସମାନ ଭାବେ ବାଣ୍ଟିନେବେ ସ୍ୱର୍ଗତ ପିତାଙ୍କ ଚାରି ସନ୍ତାନ। ବିଧବା ମାଆ ବି ବଣ୍ଟା ହୋଇଯିବେ ସମାନ ଭାବେ, ଜଣଙ୍କଠି ତିନିମାସ ଲେଖାଏଁ। ଏପରି ଏକ ନିଷ୍ଠୁର ନିଷ୍ପତ୍ତିରେ ସମ୍ମତ ହୋଇ ନିଜକୁ କ୍ୟାଲେଣ୍ଡରର ପୃଷ୍ଠା ମଧ୍ୟରେ ବାଣ୍ଟିବାକୁ ଚାହିଁଲେ ନାହିଁ ମାଆ। ଶେଷରେ ମାଆକୁ ପରିତ୍ୟାଗ କରି ନିଜ ନିଜ ସ୍ଥାନକୁ ବାହୁଡ଼ିଗଲେ ପୁଅଝିଅମାନେ। ଅତ୍ୟନ୍ତ ଅସହାୟ ଭାବେ ଏକାକିନୀ ପଡ଼ିରହିଲେ ମାଆ।

ଆଉ ଜଣେ ହାତଭାଗ୍ୟ ପିତାଙ୍କର କଥା। ବୃତ୍ତିରେ ଇଞ୍ଜିନିୟର ଥିବା ଏଇ ପିତା ନିଜ ପରିବାର ପାଇଁ ସକଳ ପ୍ରକାର ସମୃଦ୍ଧି ସାଉଁଟି ଆଣିଥିଲେ। ନିଜର ଏକମାତ୍ର ପୁଅକୁ ଡାକ୍ତର କରିଥିଲେ। ବହୁଦିନର ସ୍ୱପ୍ନକୁ ଚରିତାର୍ଥ କରି ନୀଳାଚଳ ଶ୍ରୀକ୍ଷେତ୍ରରେ ଏକ ସୁରମ୍ୟ ପ୍ରାସାଦ ନିର୍ମାଣ କରିଥିଲେ। ଅଥଚ ଯେଉଁଦିନ ଗୃହପ୍ରବେଶ ପାଇଁ ପୂଜାପାଠ ସହ ପ୍ରତିଷ୍ଠା ଉତ୍ସବ ଚାଲିଛି, ସେଦିନ ଆକସ୍ମିକଭାବେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଦୁନିଆରୁ ବିଦାୟ ନେଇଗଲେ। ଅବସର ଜୀବନ ଜଗନ୍ନାଥ ଧାମରେ ବିତାଇବା ପାଇଁ ବହୁଦିନର ସଞ୍ଚିତ ସ୍ୱପ୍ନର ଅପମୃତ୍ୟୁ ଘଟିଲା। ଏକ ଶୋକାକୁଳ ପରିବେଶରେ ଅନ୍ତ୍ୟେଷ୍ଟି ସମ୍ପନ୍ନ ପାଇଁ ସ୍ୱର୍ଗଦ୍ୱାର ନେଇଯିବା ପୂର୍ବରୁ ବାପାଙ୍କ ମୃତଦେହକୁ ନୂଆ ଘର ମଧ୍ୟରେ ଟିକିଏ ବୁଲାଇ ଆଣିଲେ ତାଙ୍କ ଆତ୍ମା ଶାନ୍ତି ପାଇବ ବୋଲି ବିଧବା ମାଆ ତାଙ୍କର ଏକମାତ୍ର ପୁଅକୁ ପରାମର୍ଶ ଦେଲେ। ଗର୍ଜି ଉଠିଲେ ଡାକ୍ତର ପୁଅ ଓ ତାଙ୍କ ଡାକ୍ତରାଣୀ ପତ୍ନୀ। କହିଲେ– ‘‘ନୂଆ ଘର ପ୍ରତିଷ୍ଠା ହେବା ପୂର୍ବରୁ ଏମିତି ଅଘଟଣ। ତହିଁରେ ଗୋଟିଏ ମୃତ ଶରୀରକୁ ଚାରିଆଡ଼େ ବୁଲାଇ ଆଣିଲେ ଏ ଘରେ ମଣିଷ ରହିବ ତ!’’ ଅଥଚ ଶବ ପାଲଟି ନୀରବରେ ଶୋଇ ଯାଇଥିବା ସେଇ ମଣିଷଟି କିଛି ସମୟ ପୂର୍ବରୁ ଥିଲେ ସେଇ ଘରର ମାଲିକ ଓ ତାଙ୍କ ଗୃହପ୍ରବେଶକୁ ନେଇ ପ୍ରତିବାଦ ପ୍ରକଟ କରୁଥିବା ଏଇ ପୁତ୍ରର ପିତା! ବିମ୍ବିସାର ଓ ଅଜାତଶତ୍ରୁଙ୍କ କାହାଣୀରେ ଆଉ କି ଅଧିକ ରୋମାଞ୍ଚ ଅଛି ଯେ!



କାହିଁକି ଘଟୁଛି ସଂସ୍କାରସିଦ୍ଧ ସମ୍ପର୍କରେ ଏ ପ୍ରକାର ବିଘଟନ। ବାର୍ଦ୍ଧକ୍ୟରେ ଭୋଗିବାକୁ ପଡୁଛି ଯାବତୀୟ ଅବହେଳା, ସହିବାକୁ ପଡୁଛି ପୁଅବୋହୂଙ୍କ କଡ଼ା କଥାର ଅପମାନ। ପୁଣି ମରିଗଲା ପରେ ବି ନିସ୍ତାର ନାହିଁ। ଜଣେ ଚାଲିଗଲେ ଅନ୍ୟ ଜଣଙ୍କ ପାଇଁ କଷଣର ଶେଷ ନାହିଁ। କଷଣ ଦେଉଥିବା ଆତ୍ମଜମାନଙ୍କୁ ବାର୍ଦ୍ଧକ୍ୟ କ’ଣ ସ୍ପର୍ଶ କରିବ ନାହିଁ? ସେତେବେଳେ ସେମାନଙ୍କ ସନ୍ତାନଠୁଁ ଏମିତି ବ୍ୟବହାର ସେମାନଙ୍କୁ ମିଳିଲେ କେମିତି ହେବ ସେମାନଙ୍କୁ ଅନୁଭବ। ବିଡ଼ମ୍ବନାର ବିଷୟ ଯେ, ବର୍ତ୍ତମାନରେ ବଞ୍ଚୁଥିବା ଲୋକେ ଏଇ ସତ୍ୟଟିକୁ ବିସ୍ମରିଯାଆନ୍ତି। ନିଜ ଜନ୍ମଦାତାଙ୍କ ପ୍ରତି ସେମାନେ କରୁଥିବା ଅବିଚାର ଯେ ସୁଧ ସହ ସେମାନଙ୍କ ପାଖକୁ ଲେଉଟି ଆସିବ, ଏକଥା ମନରୁ ପାସୋରିପକାନ୍ତି।

ଲକ୍ଷ୍ୟ କରିବାର କଥା , ଉଲ୍ଲିଖିତ ଦୁଇଟିଯାକ ଘଟଣାର ଅଭାବିତ ଦୃଶ୍ୟପଟକୁ ଅତ୍ୟନ୍ତ ଗମ୍ଭୀରତାର ସହ ଅବଲୋକନ କରୁଥିଲେ ତୃତୀୟ ପିଢ଼ିର କଅଁଳ କିଶୋରମାନେ। ପ୍ରଥମ ଘଟଣାରେ ବୃଦ୍ଧୀ ମାଆକୁ ତିରସ୍କାର କରି ନିଜ କର୍ମସ୍ଥଳକୁ ଫେରିଯାଉଥିବା ପିଲାମାନଙ୍କ ପିଲାଛୁଆମାନେ ନିଜ ଜେଜେମା’ଙ୍କ ପାଇଁ ଅନ୍ତରରେ ଦ୍ରବୀଭୂତ ହୋଇ ଯାଉଥିଲେ ବି ପ୍ରତିକ୍ରିୟା ପ୍ରକାଶ କରିବାର ବୟସ ସେମାନଙ୍କର ହୋଇନଥିଲା। ପୁଣି ଦ୍ୱିତୀୟ ଘଟଣାରେ ସଂସାରରୁ ଅଚାନକ ଅପସରି ଯାଇଥିବା ଜେଜେଙ୍କ ଶବ ପ୍ରତି ଅସମ୍ମାନ ହେଉଥିବା ଦେଖି ଟିକି ମନଟି ବିଦ୍ରୋହୀ ହୋଇ ଉଠୁଥିଲେ ବି କିଛି କରିବାର ନ ଥିଲା। ମନର ଅସ୍ୱସ୍ତି ଓ ଅସନ୍ତୋଷକୁ ମନରେ ମାରି ଟିକିପିଲାମାନେ ନୀରବି ଯାଉଥିଲେ ସିନା, କିନ୍ତୁ ମହାକାଳର ହିସାବଖାତାରେ ସବୁ କିଛି ଲିପିବଦ୍ଧ ହୋଇ ରହୁଥିଲା। ସେଇ ହିସାବ ଅନୁଯାୟୀ ଜେଜେଙ୍କ ପଥୁରିବାଟିଟି ଯେ ସେମିତି ଅକ୍ଷତ ରହି ନାତିଟି ପାଖକୁ ଫେରି ନ ଆସିବ, କିଏ ଜାଣେ!

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଦୁଃସାହସିକ ଅଭିଯାତ୍ରୀ

ବ୍ୟକ୍ତିତ୍ୱ



ପର୍ଶୁରାମ ପଣ୍ଡା

କେତେବେଳେ ଗୋଟେ ଚିନ୍ତାଧାରା ଆପଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଦେବ, ସେଥିପାଇଁ ବୟସ କଦାପି ତାହା ନିର୍ଦ୍ଧାରଣ କରି ନ ଥାଏ। ନୂଆ କିଛି ପଦକ୍ଷେପ ନେବା ବେଳେ ବହୁକିଛି ଶୁଣିବାକୁ ମିଳେ। ସାଧାରଣତଃ ଦେଖାଯାଏ, ଅନେକଙ୍କ ମାନସିକତା ନକାରାତ୍ମକ ଦିଗକୁ ସୂଚିତ କରୁଥିବାରୁ ଆଗକୁ ବଢ଼ିବାକୁ ଉଦ୍ୟତ ହେଉଥିବା ବ୍ୟକ୍ତି କ୍ଷଣକ ପାଇଁ ହେଉ ପଛେ ସେହିଠାରେ ଅଟକିଯାଆନ୍ତି। କିନ୍ତୁ ଯେଉଁମାନେ ବହୁ ଆଗକୁ ଦେଖିପାରନ୍ତି, ସେମାନଙ୍କ ପାଇଁ ସୁଯୋଗ ବାଟ ଦେଖାଇ ଦେଇଥାଏ। ବାକ୍ୟାଂଶ ଅଛି ‘ଜୀବନ ୬୦ରୁ ଆରମ୍ଭ ହୋଇଥାଏ’। ବୃଦ୍ଧାବସ୍ଥା ଆଡ଼କୁ ଗତି କରୁଥିବା ମଣିଷ ପାଇଁ ଏଭଳି ଆଶାନ୍ୱିତ ଶବ୍ଦସମୂହ ବ୍ୟବହାର କରିବା ପଛରେ ରହିଥାଏ ଜୀବନରେ ନୂଆ ଉତ୍ସାହ ଓ ଉଦ୍ଦୀପନା ଭରି ଦେବାର ଏକ ମହତ୍ ଉଦ୍ଦେଶ୍ୟ। ବୟସ ହୋଇଗଲେ ଆଶା ମଉଳିଯାଏ ଓ ଜୀବନ ସରିସରି ଯାଏ ବୋଲି ଲୋକେ କଥା ହୋଇଥାଆନ୍ତି। ଅଥଚ ଯେଉଁମାନେ ଦୁଃସାହସିକତା ପ୍ରଦର୍ଶନ କରିଥାଆନ୍ତି ସେମାନେ ତିଷ୍ଠି ରହିଥାଆନ୍ତି। ଜୀବନରେ ଆହ୍ୱାନକୁ ସମ୍ମୁଖୀନ ହେଉଥିବା ବ୍ୟକ୍ତି ହିଁ ଉଦାହରଣ ସୃଷ୍ଟି କରିଥାଆନ୍ତି। ଓଡ଼ିଶାର ପର୍ଶୁରାମ ପଣ୍ଡା ୬୨ ବର୍ଷରେ ଦୁଃସାହସିକ ଯାତ୍ରା କରି ଏବେ ଅବସର ପରବର୍ତ୍ତୀ ଜୀବନ ଜିଉଁଥିବା ବ୍ୟକ୍ତିଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଖୋର୍ଦ୍ଧା ଜିଲା ବାଲକାଟିର ପ୍ରତାପ ଶାସନରେ ୧ ମାର୍ଚ୍ଚ ୧୯୬୨ରେ ପର୍ଶୁରାମଙ୍କ ଜନ୍ମ। ପିତା ପ୍ରହ୍ଲାଦ ପଣ୍ଡା ଓ ମାତା ଲକ୍ଷ୍ମୀ ଦେବୀ। ପ୍ରହ୍ଲାଦ ଥିଲେ ସ୍ୱାଧୀନତା ସଂଗ୍ରାମୀ। ପର୍ଶୁରାମଙ୍କ ପିଲାବେଳ ସଂଘର୍ଷମୟ ଥିଲେ ହେଁ ଜଣେ ମେଧାବୀ ଛାତ୍ର ଭାବେ ଜାତୀୟ ସ୍ତରର ସ୍କଲାରଶିପ୍ ପାଇ ପଢ଼ାକୁ ସେ ଆଗେଇ ନେଇଥିଲେ। ହାଇସ୍କୁଲ ଶିକ୍ଷା ଶେଷ କରିବା ପରେ ବିଜେବି କଲେଜରୁ ଆଇ.ଏସି. ପାସ୍ କରିଥିଲେ। ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଘରର ଆର୍ଥିକ ସ୍ଥିତି ତାଙ୍କୁ ଚାକିରି କରିବା ଲାଗି ବାଧ୍ୟ କରିଥିଲା। ସେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେଶନାରି ଅଫିସର ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସମେତ ୮ଟି ରାଜ୍ୟରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇ ଶେଷରେ ବ୍ୟାଙ୍କ୍‌ର ମୁଖ୍ୟ କାର୍ଯ୍ୟାଳୟରେ ମହାପ୍ରବନ୍ଧକ ହୋଇଥିଲେ। ନିଜର କାର୍ଯ୍ୟଦକ୍ଷତା ପାଇଁ ବ୍ୟାଙ୍କ ତାଙ୍କୁ ବିଦେଶକୁ ପଠାଇ ୟୁରୋପର ବେଲ୍‌ଜିୟମରେ ଥିବା ବ୍ୟାଙ୍କ ଶାଖାରେ ଅବସ୍ଥାପିତ କରିଥିଲା। ଚାକିରିର ଶେଷ ପର୍ଯ୍ୟାୟରେ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି) ତାଙ୍କୁ ଦେନା ବ୍ୟାଙ୍କ ଓ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କ ଅଧିକାରୀ (ସିଭିଓ)ରୂପେ ନିଯୁକ୍ତି ଦେଇଥିଲେ। ୨୮ ଫେବୃଆରୀ ୨୦୨୨ରେ ସେ କର୍ମମୟ ଜୀବନରୁ ଅବସର ନେଇଥିଲେ। ହେଲେ ସେଇଦିନୁ ତାଙ୍କର ନୂଆ ଏକ ଜୀବନ ଆରମ୍ଭ ହୋଇଥିଲା। ପିଲାଟିବେଳୁ ଖେଳକୁଦରେ ରୁଚି ରଖୁଥିବା ପର୍ଶୁରାମ ପାରିବାରିକ ଚାପରେ ତାହାକୁ କ୍ୟାରିୟର କରିପାରି ନ ଥିଲେ ମଧ୍ୟ ଅବସର ପରବର୍ତ୍ତୀ ଜୀବନକୁ ଦୁଃସାହସିକ କ୍ରୀଡ଼ାରେ ସାମିଲ କରିବେ ବୋଲି ମନସ୍ଥ କରିଥିଲେ। ତେଣୁ ଅବସର ପରେ ଅଳ୍ପବାଟ ଦୌଡ଼ିବା ସହ ସାଇକ୍ଲିଂ କରିବାରୁ ତାଙ୍କ ଶରୀର ଫୁର୍ତ୍ତି ରହିବା ସେ ଅନୁଭବ କରିଥିଲେ। ଭାବିଲେ ପର୍ବତାରୋହଣ କରିବେ ଓ ପରେ ତାହାକୁ ହବି କରିନେଲେ। ପର୍ଶୁରାମ ବରିଷ୍ଠ ନାଗରିକ ଭାବେ ସେପ୍ଟେମ୍ବର ୨୦୨୨ରୁ ଅଦ୍ୟାବଧି ୬ଟି ହାଫ୍ ମାରାଥନ (୨୧ କି.ମି.) ଏବଂ ଫୁଲ୍ ମାରାଥନ୍(୪୨ କି.ମି.) ଶେଷ କରି ଚର୍ଚ୍ଚାରେ ରହିଛନ୍ତି।

ଚଳିତବର୍ଷ ଜୁଲାଇ ୧୬ରେ ପର୍ଶୁରାମ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ ସଫଳତାର ସହ ଆରୋହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହାର ଉଚ୍ଚତା ହେଉଛି ସମୁଦ୍ର ପତନଠାରୁ ୫,୮୯୫ ମିଟର। ଜୁଲାଇ ୧୧ ତାରିଖରୁ ୯ ଜଣିଆ ଭାରତୀୟ ଦଳ କିଲିମାଞ୍ଜାରୋ ଅଭିଯାନ ଆରମ୍ଭ କରି ୧୬ ତାରିଖରେ ପହଞ୍ଚିଥିଲା। ଏକମାତ୍ର ଓଡ଼ିଆ ଭାବେ ସେ ଏଥିରେ ସାମିଲ ହୋଇଥିଲେ। ଅନ୍ୟ ୮ ଜଣ ୨୬ରୁ ୩୮ ବର୍ଷ ବୟସର ହୋଇଥିବା ବେଳେ ପର୍ଶୁରାମ ଥିଲେ ୬୨ ବର୍ଷର। ସମ୍ପ୍ରତି ସେ ଲଦାଖ ମାରାଥନରେ ଭାଗ ନେଇ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସହ ଯୁବବର୍ଗଙ୍କୁ ଆଗକୁ ବଢ଼ିବା ଲାଗି ଆହ୍ୱାନ ଜଣାଇଛନ୍ତି। ସେପ୍ଟେମ୍ବର ୫ରୁ ୮ ଯାଏ ଆୟୋଜିତ ଏହି ମାରାଥନର ୧୧ତମ ସଂସ୍କରଣରେ ସେ ଯୋଡ଼ି ହୋଇ ଦୁନିଆର ସବୁଠାରୁ ଉଚ୍ଚ ଓ କଷ୍ଟକର ଦୁଃସାହସିକ ଯାତ୍ରା କରିଛନ୍ତି। ସମୁଦ୍ର ପତନଠାରୁ ୧୧,୧୫୫ ଫୁଟ୍‌ରୁ ୧୭,୨୧୮ ଫୁଟ୍ ଉଚ୍ଚତାରେ ଏହି ମାରାଥନ (୪୨.୧୯୯ କି.ମି.) ଅନୁଷ୍ଠିତ ହୋଇଥିଲା। ଏଠାରେ ଅମ୍ଳଜାନ ଶତକଡ଼ା ୫୫ରୁ ୬୦ ଥିବାରୁ ଯାତ୍ରା ଅତ୍ୟନ୍ତ କଷ୍ଟକର ହୋଇଥାଏ। ସେ କହନ୍ତି, ଟାଟା ମୁମ୍ବାଇ ମାରାଥନ, ଭାଇଜାଗ ମାରାଥନ, ପୁରୀ ବିଚ୍ ମାରାଥନରୁ ଯାଇ ଲଦାଖ ମାରାଥନ ଅତିକ୍ରମ କରିବା ଦୃଢ଼ ଇଚ୍ଛାଶକ୍ତି ଯୋଗୁ ସମ୍ଭବ ହୋଇପାରିଛି। ତାଙ୍କ ସହ ଦେଶବିଦେଶରୁ ଭାଗ ନେଇଥିବା ଅଭିଯାତ୍ରୀଙ୍କ ମଧ୍ୟରେ ଓଡ଼ିଶାରୁ ୩୪ ବର୍ଷୀୟ ପଲକ କୁମାର ସାହୁ ଲଦାଖ ମାରାଥନରେ ଭାଗ ନେଇ ସଫଳତାର ସହ ପୂରା କରିଥିଲେ। ପର୍ଶୁରାମ କହିଥାଆନ୍ତି କୌଣସି ଦୁଃସାହସିକ ଯାତ୍ରା କରିବା ପାଇଁ ରୁଚି ରହିବା ଆବଶ୍ୟକ। ଯୁବାବସ୍ଥାରେ ତାହା କରିପାରି ନ ଥିଲେ ମଧ୍ୟ ୬୨ ବର୍ଷରେ ତାହା କରି ଦେଖାଇବାରେ ସକ୍ଷମ ହୋଇଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭ୍ରମଣ ମଧ୍ୟରେ କିଛି ବିପଦ ଆଉ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ଥିଲେ ତାହା ଏକ ନିଆରା ଅନୁଭବ ଦିଏ ବୋଲି କହନ୍ତି ମୁମ୍ବାଇର ନେହାଲ ଶାହା। ସେ ବହୁ ବିପଜ୍ଜନକ ଭ୍ରମଣ କରିବା ପରେ ଏବେ ଅଭିଭାବକ ଓ ପିଲାମାନଙ୍କ ପାଇଁ ଭ୍ରମଣର ସୁବିଧା ଯୋଗାଇ ଦେଉଛନ୍ତି। ସେ ପାହାଡ଼ ଚଢ଼ିବା, ମରୁଭୂମିରେ ଯାତ୍ରା କରିବା, ନଦୀ ପାର ହେବା ଓ ଘଞ୍ଚ ଜଙ୍ଗଲ ଭ୍ରମଣର ଅନୁଭବ ସାଉଁଟିଛନ୍ତି। ୨୦୧୬ରେ ‘ହାର୍ଟ ଆଣ୍ଡ ସଏଲ’ ସଂସ୍ଥା ଗଠନ କରି ଏବେ ସୁଦ୍ଧା ୨,୦୦୦ରୁ ଅଧିକ ପରିବାର ଓ ପିଲାଙ୍କୁ ବିଭିନ୍ନ ସ୍ଥାନକୁ ଭ୍ରମଣରେ ନେଇ ପରିବେଶ ମନସ୍କ କରିପାରିଛନ୍ତି। ଏଥିପାଇଁ ସେ ‘ମୁମ୍ବାଇ ମମ୍’ ନାମରେ ପରିଚିତ। ପିଲାମାନେ ବନ୍ଦ ଘରେ କେବଳ ରହିବା ଲାଗି ଜନ୍ମ ନେଇନାହାନ୍ତି, ବରଂ କଠିନ ସ୍ଥିତିରେ ଭ୍ରମଣ କରି ପରିବେଶକୁ ଉପଭୋଗ କଲେ ସେମାନଙ୍କ ମଧ୍ୟରେ ସାହସ ଓ ପରିବେଶ ପ୍ରତି ଭଲ ପାଇବା ସୃଷ୍ଟି ହେବ ବୋଲି କୁହନ୍ତି ନେହାଲ। ପ୍ରଥମ ଟ୍ରିପ୍‌ରେ ୩୦ରୁ ଅଧିକ ଲୋକ ଯାଇଥିଲେ। ଏବେ ପ୍ରତି ଟ୍ରିପ୍‌ରେ ଏହାଠାରୁ ଅଧିକ ଲୋକ ଯାଉଛନ୍ତି। ନେହାଲ କିଚେନ ଗଠନ କରି ଏଥିରେ ସ୍ନାକ୍ସ ତିଆରି କରୁଛନ୍ତି ଓ ତାହାକୁ ଭ୍ରମଣକାରୀଙ୍କୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୭୫

- ଜଷ୍ଟିସ ଶ୍ରୀ ଚନ୍ଦ୍ରକାନ୍ତ ବିଠଲ ରାଓ, ଶ୍ରୀ ଅରୁଣ ନନ୍ଦନଲାଲ ସୁର୍ତ୍ତ ଏବଂ ଶ୍ରୀ ମୁକୁନ୍ଦ ରାୟ ତୁନିଲାଲ ତ୍ରିବେଦୀ ଗୁଜରାଟ ହାଇକୋର୍ଟରେ ନୂଆ ଜଜ୍ ନିଯୁକ୍ତ ହୋଇଛନ୍ତି।
- ରାଜ୍ୟର ବନ୍ୟାବିପନ୍ନ ଅଞ୍ଚଳର ଲୋକଙ୍କ ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ତିରୁପତି ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | 3 | | | | | 9 |
| 4 | | | 8 | | 5 | | | |
| | | | | | | 1 | | |
| 8 | | | | | | | 4 | |
| 6 | 5 | | | | | 2 | | 3 |
| | | | | | 7 | 5 | | |
| | | | 1 | | | 3 | | |
| 3 | 8 | | | | 2 | | | 5 |
| | | 4 | | 5 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 7 | 2 | 9 | 5 | 6 | 4 |
| 4 | 6 | 9 | 3 | 8 | 5 | 2 | 1 | 7 |
| 2 | 5 | 7 | 1 | 4 | 6 | 8 | 9 | 3 |
| 3 | 1 | 2 | 4 | 6 | 7 | 9 | 8 | 5 |
| 9 | 7 | 4 | 8 | 5 | 2 | 6 | 3 | 1 |
| 6 | 8 | 5 | 9 | 1 | 3 | 4 | 7 | 2 |
| 8 | 4 | 3 | 5 | 9 | 1 | 7 | 2 | 6 |
| 7 | 9 | 6 | 2 | 3 | 4 | 1 | 5 | 8 |
| 5 | 2 | 1 | 6 | 7 | 8 | 3 | 4 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱାସ୍ଥ୍ୟ ସେବାରେ ଆବଶ୍ୟକ ପଦକ୍ଷେପ

ମହାଶୟ,

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସବୁ ଆୟ ବର୍ଗର ଅତି–ବରିଷ୍ଠ ନାଗରିକଙ୍କୁ (୭୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ) ଅନ୍ତର୍ଭୁକ୍ତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ କିଛି ଆବଶ୍ୟକ ପଦକ୍ଷେପ ବିଷୟରେ ବିଚାର କରାଯାଉ। ଏହି ଯୋଜନାର ବୟସକୁ ୬୦/୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ କରିବା, ଗୁରୁତ୍ୱପୂର୍ଣ୍ଣ ଜୀବନ ରକ୍ଷାକାରୀ ଔଷଧ ଉପରେ ଟିକସ ସୀମା କୋହଳ/ ଉଚ୍ଛେଦ କରିବା, ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରୁ ଜିଏସ୍‌ଟି ଛାଡ଼ ଆଦି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ହିତାଧିକାରୀମାନେ ଯେପରି ଦେଶର ଯେକୌଣସି ଡାକ୍ତରଖାନାରେ ଆୟୁଷ୍ମାନ ଯୋଜନାର ସମସ୍ତ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର। ହସ୍ପିଟାଲାଇଜେଶନ ସମ୍ପର୍କିତ ଖର୍ଚ୍ଚ ସହିତ ଓପିଡି, ପରାମର୍ଶ, ପରୀକ୍ଷା ଓ ଔଷଧପତ୍ର ବାବଦ ସମସ୍ତ ଅପରିହାର୍ଯ୍ୟ ବ୍ୟୟ ଯେପରି ଏହି ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ ହେବ ତାହା ନିଶ୍ଚିତ କରିବା ଆବଶ୍ୟକ।

– ନବନିତ୍ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା।
ନ ଚାହିଁ କେଜିକି ସେ ଏଣୀ–ନୟନା ନଚାଇ ବେଣୀ
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ।
(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରତ୍ନଭଣ୍ଡାରର ଜିପିଆର୍‌ଏସ୍ ସର୍ଭେ ଆରମ୍ଭ

ପୁରୀ,୨୧।୯
(ଅଜିତ୍ କୁମାର ମହାନ୍ତି)

- ୩ ଦିନ ସର୍ଭେ ଚାଲିବ
- ୧୦ ଦିନ ମଧରେ ରିପୋର୍ଟ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ଶନିବାର ଶ୍ରୀମନ୍ଦିର ରତ୍ନଭଣ୍ଡାରର ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏଏସ୍‌ଆଇ ଓ ଏନ୍‌ଜିଆର୍‌ଆଇ ଟିମ୍ ପକ୍ଷରୁ ରତ୍ନଭଣ୍ଡାରର ଜିପିଆର୍‌ଏସ୍ ସର୍ଭେ ଆରମ୍ଭ କରାଯାଇଛି। ଏହି ସର୍ଭେ କାର୍ଯ୍ୟ ୩ ଦିନ ଧରି ଅନୁଷ୍ଠିତ ହେବ। ୨୪ ତାରିଖରେ ଷୋଳପୂଜା ଆରମ୍ଭ ହେବାକୁ ଥିବା ହେତୁ ୨୩ରେ ସର୍ଭେ କାର୍ଯ୍ୟ ସମ୍ପନ୍ନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ପ୍ରଥମ ଦୁଇଟି ପର୍ଯ୍ୟାୟରେ ବାହାର ଓ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯିବା ସହ ସମସ୍ତ ରତ୍ନ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଖାଲି ହୋଇଥିବା ସିନ୍ଧୁକ ଓ ଆଲମିରାକୁ ସ୍ଥାନାନ୍ତରଣ କରାଯାଇଥିଲା। ସେହିପରି ଚତୁର୍ଥ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ଆରମ୍ଭ କରାଯାଇ ଲେଜର ସ୍କାନିଂ କରାଯାଇଥିଲା। ଶନିବାର ପଞ୍ଚମ ପର୍ଯ୍ୟାୟରେ ରତ୍ନଭଣ୍ଡାର ଖୋଲାଯାଇ ଜିପିଆରଏସ୍ ସର୍ଭେ କରାଯାଇଛି। ଅପରାହ୍ନ ୨ଟାରେ ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନର ସଦସ୍ୟମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ବାହାର ଓ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯିବା ପରେ ବୈଷୟିକ ଉପକରଣ ବ୍ୟବହାର କରାଯାଇ ଏହି ବୈଜ୍ଞାନିକ ସର୍ବେକ୍ଷଣ କରାଯାଇଥିଲା। ରତ୍ନଭଣ୍ଡାର ଖୋଲାଯିବା ପୂର୍ବରୁ ଓଡ୍ରାଫ, ଅଗ୍ନି ନିର୍ବାପକ ଯନ୍ତ୍ର ଓ ସ୍ନେକ୍ ହେଲପ୍ ଲାଇନ୍‌ର ସଦସ୍ୟ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ରବିବାର ମଧ୍ୟ ଏହି ସର୍ଭେ ଚାଲିବ।

ଅପରପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ସର୍ଭେକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୨ଟା ୩୫ରେ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ପ୍ରଶାସକ ଉପସ୍ଥିତ ରହି ନୀତି ତ୍ୱରାନ୍ୱିତ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା। ନୀତିକାନ୍ତି ଶେଷ ହେବା ପରେ ଅପରାହ୍ନ ୧ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ହୋଇଥିଲା। ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ଟା ଯାଏ ସର୍ବ ସାଧାରଣ ଦର୍ଶନ ବନ୍ଦ ରହିଥିଲା।

ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ବୈଷୟିକ ସର୍ଭେ କରାଯାଇଛି। ଏହି ସର୍ଭେ ଅସମ୍ପୂର୍ଣ୍ଣ ଥିବାରୁ ରବିବାର ମଧ୍ୟ ଅନୁଷ୍ଠିତ ହେବ। ସହଯୋଗ ପାଇଁ ଭକ୍ତଗଣ, ସେବକ, ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଏଏସ୍‌ଆଇର ବୈଷୟିକ ଟିମ୍, ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲା ପ୍ରଶାସନର କର୍ମଚାରୀ, ପୋଲିସ୍ ପ୍ରଶାସନ ଏବଂ ଗଣମାଧ୍ୟମକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପୂର୍ଣ୍ଣାଙ୍ଗ ଯାଞ୍ଚ ପରେ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଆରମ୍ଭ ହେବ। ଆସନ୍ତା ୨୪ ତାରିଖରେ ଷୋଳପୂଜା ଆରମ୍ଭ ହେଉଥିବାରୁ ତା'ପୂର୍ବରୁ ସର୍ଭେ କାର୍ଯ୍ୟ ଶେଷ କରିବାକୁ ପ୍ରସ୍ତାବ ଦିଆଯାଇଛି। ଆଜି ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ଜିପିଆରଏସ୍ ସର୍ଭେ କରାଯାଇଛି।

ଏନେଇ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ପୂର୍ବ ନିଷ୍ପତ୍ତି ଅନୁସାରେ ଅପରାହ୍ନ ୨ଟାରୁ ଯାନ୍ତ୍ରିକ ସର୍ଭେ ଆରମ୍ଭ କରାଯାଇଥିଲା। ସର୍ଭେ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ଜଣାପଡ଼ିବ।

ଏନ୍‌ଜିଆରଆଇର ମୁଖ୍ୟ ବୈଜ୍ଞାନିକ ଆନନ୍ଦ କୁମାର ପାଣ୍ଡେ କହିଛନ୍ତି, ଆଜି ପ୍ରାୟ ୩ଘଣ୍ଟା ୫୦ ମିନିଟ୍ ଧରି ସର୍ଭେ କରାଯାଇଛି। ସର୍ଭେରେ ତିନି ପ୍ରକାରର ମେଶିନ୍ ବ୍ୟବହାର କରାଯାଇଛି। ଫ୍ରିକ୍ୱେନ୍ସି ନିମନ୍ତେ ୨୦୦, ୪୦୦ ଏବଂ ୯୦୦ ମେଗାହର୍ଜ ଅଟେ। ୧୦ ମିଟର ଗଭୀର ପର୍ଯ୍ୟନ୍ତ ସର୍ଭେ କରାଯାଇପାରିବ। ୩ଦିନ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ ହେବ। ବାରମ୍ବାର ଅଳ୍ପସ୍ଥାନ ବ୍ୟବଧାନରେ ସର୍ଭେ କରାଯାଉଛି। ଡାଟାଗୁଡ଼ିକୁ ଲ୍ୟାବକୁ ନିଆଯାଇ ଅନୁଧ୍ୟାନ କରାଯାଇ ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରକାଶ କରାଯିବ।

# ପୋଲିସ ଭିଡିଓ ଭାଇରାଲ କରୁଥିବା ଅଭିଯୋଗ

## ଭରତପୁର ମାମଲା: ସାଇବର ସେଲ୍‌ରେ କ୍ରାଇମବ୍ରାଞ୍ଚର ତନାଘନା

ଭୁବନେଶ୍ୱର,୨୧।୯
(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନାରେ ଆର୍ମି ଅଫିସର କ୍ୟାପ୍‌ଟେନ୍ ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ନିର୍ଯାତନା ଘଟଣାକୁ ସାରା ଦେଶ ନିନ୍ଦା କରିବା ପରେ କ୍ରାଇମ୍‌ବ୍ରାଞ୍ଚ ୨ଟି ମାମଲା ଆଧାରରେ ତଦନ୍ତ ଚଳାଇଛି। ଏହାରି ମଧ୍ୟରେ ପୋଲିସ ଏବେ ଆତ୍ମରକ୍ଷା ପାଇଁ ଉଦ୍ୟମ ଆରମ୍ଭ କରିଛି। ପୀଡ଼ିତାଙ୍କ ବୟାନକୁ ମିଛ ପ୍ରମାଣିତ କରିବା ଲାଗି ପୋଲିସ ବାର୍, ରେଷ୍ଟୁରାଣ୍ଟ ଓ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ, ଗିରଫ ବ୍ୟକ୍ତିଙ୍କଠାରୁ ଭିଡିଓ ସଂଗ୍ରହ କରି ଭାଇରାଲ କରୁଥିବା ଅଭିଯୋଗ ହେଉଛି। ଯଦିଓ ଏଥିରୁ ଥାନାରେ ସେଦିନ କ'ଣ ଘଟିଲା ତାହାର ଠିକ କାରଣ ଜଣାପଡ଼ିନାହିଁ, ତଥାପି ପୀଡ଼ିତାଙ୍କ ଭାବମୂର୍ତ୍ତିକୁ ଲୋକଲୋଚନକୁ ଆଣିବା ଓ ପୋଲିସ ନିଜକୁ ସ୍ୱଚ୍ଛ ବୋଲି ଦାବି କରିବା ପାଇଁ ଏହା କିଛିମାତ୍ରାରେ ସହଯୋଗ କରିବ ବୋଲି ଏଭଳି ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଏହି ଭିଡିଓ ଭାଇରାଲ ପଛରେ କାହାର ହାତ ରହିଛି ସେନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରିବା ସହ ଶନିବାର ଭୁବନେଶ୍ୱର ସାଇବର ସେଲ୍‌ରେ ତଦନ୍ତ ଚଳାଇଛି।

## ନିରପେକ୍ଷ ତଦନ୍ତ କରାଯିବାକୁ ଦାବି

### ପୋଲିସ କମିଶନରଙ୍କୁ ଭେଟିଲା ଅବସରପ୍ରାପ୍ତ ପୋଲିସ ସଂଘ

ଭୁବନେଶ୍ୱର,୨୧।୯(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନାରେ ଆର୍ମି ଅଫିସର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସର ଅମାନବୀୟ ନିର୍ଯାତନା ଘଟଣାକୁ ନେଇ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଛି। ଏହି ସଙ୍ଗିନ ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ୫ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ତେବେ ଏହାର ପ୍ରତିବାଦ କରି ଅବସରପ୍ରାପ୍ତ ପୋଲିସ ସଂଘ ପକ୍ଷରୁ ଶନିବାର ପୋଲିସ ସେବା ଭବନରେ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ତଦନ୍ତ ନ ସରିବା ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ହୋଇଥିବା ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ଏହି ଘଟଣାରେ ଯିଏ ବି ଦୋଷୀ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ସେହିପରି ସଂଘ ଖୁବ୍‌ଶୀଘ୍ର ପୋଲିସ ଡିଜି, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଏହି ଦାବି ଜଣାଇବ ବୋଲି ପୂର୍ବତନ ପୋଲିସ ଅଧିକାରୀ ସୂର୍ଯ୍ୟମଣି ତ୍ରିପାଠୀ କହିଛନ୍ତି। ପୋଲିସ କର୍ମଚାରୀଙ୍କୁ ବଦଳି ତ କରାଗଲା, କିନ୍ତୁ ନିଲମ୍ବନ କାହିଁକି କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ସରିବା ପରେ ଯିଏ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା। କିନ୍ତୁ ତାହା ଆଗରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣୀୟ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ପ୍ରଥମେ ନିଲମ୍ବନ ପ୍ରତ୍ୟାହାର କରାଯାଉ

କଟକ,୨୧।୯ (କାର୍ତ୍ତିକ ସାହୁ)

ଭରତପୁର ଥାନାରେ ଆର୍ମି ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ପ୍ରତି ପୋଲିସର ନିର୍ଯାତନା ମାମଲାରେ ଓଡ଼ିଶା ପୋଲିସ ଆସୋସିଏଶନ ମୁହଁ ଖୋଲିଛି। ଏହି ମାମଲାରେ ନିଲମ୍ବିତ ହୋଇଥିବା ପୋଲିସ ଅଧିକାରୀମାନଙ୍କ ଉପରୁ ପ୍ରଥମେ ନିଲମ୍ବନ ପ୍ରତ୍ୟାହାର କରିବାକୁ ଆସୋସିଏଶନ ପକ୍ଷରୁ ଦାବି ହୋଇଛି। ଏନେଇ କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ଆସୋସିଏଶନ୍‌ର କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର ସଙ୍ଗଠନ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ କହିଛନ୍ତି, ନିଲମ୍ବନ ପ୍ରତ୍ୟାହାର ପରେ ମାମଲାର ତଦନ୍ତ କରାଯାଉ। ତଦନ୍ତ ପରେ ଯେଉଁ ପୋଲିସ ଅଧିକାରୀ ଦୋଷୀ ବୋଲି ପ୍ରମାଣିତ ହେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏନେଇ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନିଲମ୍ବନ ପ୍ରତିବାଦରେ ମହିଳା ପୋଲିସଙ୍କ ପରିବାରର ପ୍ରତିବାଦ

ଭୁବନେଶ୍ୱର,୨୧।୯(ସତ୍ୟଜିତ୍ ରାଉତ)

ଭରତପୁର ଥାନା ନିର୍ଯାତନା ମାମଲାରେ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସଲୀଳମୟୀ ସାହୁ, ଏସ୍‌ଆଇ ସାଗରିକା ରଥ ଏବଂ କନଷ୍ଟେବଲ ବଳରାମ ହାଂସଦାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏହାର ପ୍ରତିବାଦରେ ମହିଳା ପୋଲିସଙ୍କ ପରିବାର ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଏସ୍‌ଆଇ ବୈଶାଳିନୀ ଏବଂ ଏସ୍‌ଆଇ ସାଗରିକାଙ୍କ ପରିବାର ଲୋକ କମିଶନରେଟ୍ ପୋଲିସ ମୁଖ୍ୟାଳୟ ସାମ୍ନାରେ ପ୍ରତିବାଦ କରିବା ସହ ଗୁରୁଭନ୍ସ ଓ ଅଙ୍କିତାଙ୍କ ଉପରେ ଦୋଷ ଲଦିଛନ୍ତି। ସେମାନେ ପୋଲିସ କମିଶନରଙ୍କୁ ଭେଟି ଦାବି ଜଣାଇଛନ୍ତି। ଅକାରଣରେ ମହିଳା ପୋଲିସ କର୍ମଚାରୀଙ୍କୁ ଅପମାନ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ବୈଶାଳିନୀଙ୍କ ମା' କହିଛନ୍ତି, ତାଙ୍କ ଝିଅକୁ ଆର୍ମି ଅଫିସର ଓ ବାନ୍ଧବୀ ମାଡ଼ ମାରିଛନ୍ତି। ମୋ' ଝିଅକୁ ନ୍ୟାୟ ମିଳୁ ବୋଲି ସେ ଦାବି କରିଛନ୍ତି।

# ଗୋଟିଏ ଟ୍ରାକ୍‌ରେ ୨ ଟ୍ରେନ୍ ସାମ୍ନାସାମ୍ନି

ରାଉରକେଲା,୨୧।୯
(ଦିନେଶ ମିଶ୍ର)


ଗୋଟିଏ ରେଳ ଟ୍ରାକ୍‌ରେ ଦୁଇଟି ଟ୍ରେନ୍ ଛିଡ଼ା ହୋଇଛି।

ରାଉରକେଲା ବାସନ୍ତୀ ରେଲୱେ ଓଭରବ୍ରିଜ ନିକଟରେ ଶନିବାର ଗୋଟିଏ ରେଳ ଦୁର୍ଘଟଣା ଟଳିଯାଇଛି। ଗୋଟିଏ ରେଳ ଟ୍ରାକ୍‌ରେ ଗୋଟିଏ ମାଲବାହୀ ଓ ଅନ୍ୟଟି ଯାତ୍ରୀବାହୀ ଟ୍ରେନ ସାମ୍ନା ସାମ୍ନି ହୋଇଛି। ତେବେ ଏହି ଟ୍ରେନ ଦ୍ୱୟ ଧକ୍କା ହୋଇ ନ ଥିଲେ ମଧ୍ୟ ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ଯାତ୍ରୀବାହୀ ଟ୍ରେନ୍‌ଟି ତାର ଗତି ଧୀର କରିବାରୁ ଯାତ୍ରୀମାନେ ଓହ୍ଲାଇ ପଡିଥିଲେ।

ସୂଚନା ଅନୁସାରେ, ଶନିବାର ଅପରାହ୍ନ ୪ଟା ୩୦ରେ ରାଉରକେଲା ରେଳ ଷ୍ଟେଶନ ଡାଉନଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍ ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିଲା। ଏହି ସମୟରେ ଅପରପାର୍ଶ୍ୱରୁ ଉକ୍ତ ଟ୍ରାକ୍‌ରେ ଏକ ଯାତ୍ରୀବାହୀ ଟ୍ରେନ୍ ସମ୍ବଲପୁର ପଟୁ ରାଉରକେଲା ଅଭିମୁଖେ ଆସୁଥିଲା। ଯାତ୍ରୀବାହୀ ଟ୍ରେନ୍‌ର ଲୋକୋ ପାଇଲଟ୍ ମାଲବାହୀ ଟ୍ରେନ୍ ଉକ୍ତ ଟ୍ରାକ୍‌ରେ ଆସୁଥିବା ଦେଖି ପ୍ରାୟ ଅଧ କିଲୋମିଟର ଦୂରରୁ ଟ୍ରେନ୍‌ର ଗତିକୁ ଧୀର କରିବାରୁ ଗାଡି ଅଟକିଥିଲା। ତେବେ ରାଉରକେଲା ରେଳ ଷ୍ଟେଶନର ମାତ୍ର ୩ଶହ ମିଟର ଦୂରରେ ଏହି ଘଟଣା ଘଟିଥିବା ଜଣାପଡିଛି। ଏ ସମ୍ପର୍କରେ ରାଉରକେଲା ରେଲୱେ ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଗୋଟିଏ ରେଳ ଟ୍ରାକ୍‌ରେ ଦୁଇଟି ଟ୍ରେନ୍ ସାମ୍ନା ସାମ୍ନି ହେବା କିଛି ନୂଆ କଥା ନୁହଁ। ବର୍ତ୍ତମାନ ରେଳ ଟ୍ରାକ୍ ଗୁଡିକରେ ଅଟୋମେଟିକେ ସିଗ୍‌ନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଯଦି ଗୋଟିଏ ଟ୍ରାକ୍‌ରେ ପୂର୍ବରୁ କୌଣସି ଟ୍ରେନ୍ ଅଛି ତେବେ ସିଗ୍‌ନାଲ ମାଧ୍ୟମରେ ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣ କରିବା ପାଇଁ ଲୋକୋ ପାଇଲଟ୍‌ଙ୍କୁ ଅବଗତ କରାଯାଇଛି। ତେଣୁ ଏଥିରେ ଭୟଭୀତ ନ ହେବା ପାଇଁ ଷ୍ଟେଶନ ମାଷ୍ଟର ଦାସ କହିଛନ୍ତି।

# ଡାକ୍ତର ହେବେ ସ୍ୱାଭିମାନ ଅଞ୍ଚଳର ଛାତ୍ରୀ ଅଙ୍କିତା

ଚିତ୍ରକୋଣ୍ଡା, ୨୧।୯
(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)


ଅଙ୍କିତା ବେହେରା

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର ଛାତ୍ରୀ ଅଙ୍କିତା ବେହେରା ଡାକ୍ତରୀ ପଢ଼ିବା ଲାଗି ମନୋନୀତ ହୋଇଛନ୍ତି। ଚିତ୍ରକୋଣ୍ଡା ଅଞ୍ଚଳ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛୁଆ। ଏଭଳି ପରିସ୍ଥିତିରେ ଅଙ୍କିତା ଡାକ୍ତରୀ ପଢ଼ିବାର ସୁଯୋଗ ପାଇବା ସ୍ୱାଭିମାନ ଅଞ୍ଚଳ ପାଇଁ ଏକ ଖୁସି ଖବର। ସେ ପ୍ରଥମଥର ଏନ୍‌ଇଇଟି(ନିଟ୍) ପରୀକ୍ଷା ଦେଇଥିବା ବେଳେ ଏଥିରେ କୃତକାର୍ଯ୍ୟ ହୋଇ ନ ଥିଲେ। ଦ୍ୱିତୀୟ ଥର ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଡାକ୍ତରୀ ପଢିବା ପାଇଁ ମନୋନୀତ ହୋଇଛନ୍ତି। ଅଙ୍କିତାଙ୍କ ବାପା ରବୀନ୍ଦ୍ର କୁମାର ବେହେରା ଶିକ୍ଷକତା କରୁଥିବା ବେଳେ ମାତା ସୁମତି ବେହେରା ଗୃହିଣୀ। ଅଙ୍କିତା ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିବା ବେଳେ ବାଲିମେଳା ନବୋଦୟ ବିଦ୍ୟାଳୟରେ ଷଷ୍ଠରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ। ଅଙ୍କିତାଙ୍କୁ ପଚାରିବାରୁ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ସୁବିଧା ନ ଥିବାରୁ ଡାକ୍ତର ହେବାକୁ ଇଚ୍ଛା କରିଥିଲି। ତେଣୁ ସେ ଯଦି ମାଲକାନଗିରି ଜିଲାରେ ଡାକ୍ତର ଭାବେ ନିଯୁକ୍ତି ମିଳେ, ତେବେ ସ୍ୱାଭିମାନ ଅଞ୍ଚଳରେ ସମସ୍ତଙ୍କୁ ଉଚିତ ଚିକିତ୍ସା ସେବା ଯୋଗାଇଦେବେ ବୋଲି କହିଛନ୍ତି।

# 'ଜୀବନର ଜଳପଥ'

ନଦୀ ପ୍ରାକୃତିକ ଭାବେ ମଧୁର ଜଳକୁ ପ୍ରବାହ କରିଥାଏ। ଏହା ପାହାଡ଼, ପର୍ବତ କିମ୍ବା ହିମବାହରୁ ଉତ୍ପତ୍ତି ଲାଭକରି ସାଗର, ମହାସାଗର, ହ୍ରଦ କିମ୍ବା ଅନ୍ୟ ଏକ ନଦୀରେ ମିଶିଥାଏ। ପୃଥିବୀରେ ୧୬୫ଟି ବଡ଼ ନଦୀ ସମେତ ଅନେକ ନଦୀ ରହିଛି। ପ୍ରତ୍ୟେକ ଦେଶରେ ଅତି କମ୍‌ରେ ଗୋଟିଏ ନଦୀ ଅଛି। ନଦୀଗୁଡ଼ିକ ପାନୀୟ ଜଳ, ଜଳସେଚନ, ପରିବହନ ଏବଂ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ହେଉଛି। ଅନେକ ସଭ୍ୟତାର ବିକାଶରେ ଏଗୁଡ଼ିକର ଅବଦାନ ଅଛି। ପ୍ରାଚୀନ ମିଶର ସଭ୍ୟତା ନୀଳନଦୀ କୂଳରେ ଏବଂ ମେସୋପୋଟାମିଆ ସଭ୍ୟତା ଟାଇଗ୍ରିସ୍ ନଦୀ କୂଳରେ ଗଢ଼ି ଉଠିଥିଲା। ଏପରିକି ଭାରତର ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତା ପ୍ରାଚୀନ ସରସ୍ୱତୀ ନଦୀ କୂଳରେ ଗଢ଼ି ଉଠିଥିଲା ଏବଂ କୌଣସି କାରଣରୁ ନଦୀର ଗତିପଥରେ ପରିବର୍ତ୍ତନ ହେତୁ ଏହି ସଭ୍ୟତା ଲୋପ ପାଇଗଲା।

ଭାରତରେ ଚାରିଶହରୁ ଅଧିକ ନଦୀ ଅଛି। ଯଦି ଏଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଯୋଡ଼ି ଦିଆଯାଏ, ତାହାହେଲେ ଏହାର ଦୈର୍ଘ୍ୟ ପ୍ରାୟ ଦୁଇଲକ୍ଷ କିଲୋମିଟର ହେବ। ଏଗୁଡ଼ିକରେ ବର୍ଷକୁ ୧୮୬୯ ବିଲିୟନ ଘନମିଟର ଜଳ ପ୍ରବାହିତ ହେଉଛି। ଚିନ୍ତାଜନକ ବିଷୟ ଯେ ଭାରତ ସମେତ ପୃଥିବୀର ଅନେକ ଦେଶରେ ନଦୀଗୁଡ଼ିକ ପ୍ରଦୂଷିତ ହେବାରେ ଲାଗିଛି। ଆଗ କାଳରେ କୃଷିକାର୍ଯ୍ୟ ପାଇଁ ଜଳର ସୁବିଧା ନିମିତ୍ତ ଲୋକମାନେ ମୁଖ୍ୟତଃ ନଦୀକୂଳରେ ବସବାସ ଆରମ୍ଭ କରିଥିଲେ। ଅଧୁନା ଶିଳ୍ପ ପାଇଁ ଜଳର ଆବଶ୍ୟକତା ଥିବାରୁ ନଦୀକୂଳରେ କାରଖାନା ସ୍ଥାପନ ହେଉଛି ଏବଂ ଏହାର ଆବର୍ଜନା ନଦୀରେ ମିଶି ନଦୀ ଜଳକୁ ପ୍ରଦୂଷିତ କରୁଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ସୂତ୍ରରୁ ଜଣାପଡ଼ିଛି ଯେ, ଗଙ୍ଗା ଓ ଯମୁନା ନଦୀ ଅନେକ ସ୍ଥାନରେ ସ୍ନାନଯୋଗ୍ୟ ନୁହେଁ। ଏପରି କି ଆମ ଓଡ଼ିଶାରେ ମହାନଦୀ ଓ ବ୍ରାହ୍ମଣୀ ନଦୀର ଅବସ୍ଥା ମଧ୍ୟ ସେଇଆ।




ଭୁବନେଶ୍ୱର ଉପକଣ୍ଠରେ ଥିବା ଗଙ୍ଗୁଆ ନଦୀ ଆଉ ନଦୀ ହୋଇ ନାହିଁ, ଭୁବନେଶ୍ୱରର ସମସ୍ତ ନର୍ଦ୍ଦମା ନାଳ ଏଥିରେ ମିଶି ଏହାକୁ ଏକ ବଡ଼ ଡ୍ରେନ୍‌ରେ ପରିଣତ କରିଦେଇଛି। ଗଙ୍ଗୁଆ ଯାଇ ଦୟାନଦୀରେ ମିଶିଛି ଏବଂ ଦୟାନଦୀ ମଧ୍ୟ ସ୍ନାନ ପାଇଁ ଅନୁପଯୁକ୍ତ ବୋଲି ସରକାର ସ୍ୱୀକାର କରିଛନ୍ତି। ଏହିବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ସେନ୍ ନଦୀରେ ହେବାକୁ ଥିବା ଏକ ସନ୍ତରଣ ପ୍ରତିଯୋଗିତାକୁ ନଦୀ ପ୍ରଦୂଷଣ କାରଣରୁ ସ୍ଥାନାନ୍ତରିତ କରାଯାଇଥିଲା।

ନଦୀର ଏତେ ଉପକାର ସତ୍ତ୍ୱେ ଲୋକମାନେ ଏହାର ପ୍ରଦୂଷଣର କାରଣ ହେଉଛନ୍ତି। ଏଥିପାଇଁ ସଚେତନତା ଆବଶ୍ୟକ। ଏଥିନିମିତ୍ତ ପ୍ରତିବର୍ଷ ସେପ୍ଟେମ୍ବର ଚତୁର୍ଥ ରବିବାରକୁ 'ବିଶ୍ୱ ନଦୀ ଦିବସ' ଭାବରେ ପାଳନ କରାଯାଉଛି। ଏହିବର୍ଷ ବିଶ୍ୱ ନଦୀ ଦିବସର ମୁଖ୍ୟ ପ୍ରସଙ୍ଗ ହେଉଛି 'ଜୀବନର ଜଳପଥ'। ନଦୀ କିପରି ପର୍ଯ୍ୟାବରଣ, ବନ୍ୟଜନ୍ତୁ, କୃଷି ଏବଂ ମାନବ ସମାଜ ପାଇଁ ଏକ ଅତ୍ୟାବଶ୍ୟକ ଭୂମିକା ନିର୍ବାହ କରୁଛି, ତାହା ଏହି ପ୍ରସଙ୍ଗ ଦର୍ଶାଇଥାଏ। କେବଳ ସରକାର ଚେଷ୍ଟାକଲେ ହେବ ନାହିଁ, ନଦୀର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷର ଦାୟିତ୍ୱ ଅଛି।

– ଇଂ. ମାୟାଧର ସ୍ୱାଇଁ
ମୋ: ୯୪୩୮୬୯୩୭୨୪


**EXTENTION OF TIMELINE OF EOI**

**No.PP-28 : Expression of Interest No.** 1520 dated 05.09.2024 published in "The Sambad", "The Dharitri" & "The Times of India" on 06.09.2024 inviting bids for selection of Architect for 19th Toshali National Crafts Mela to be organised from 01st to 12th December 2024 is hereby extended up to **26.09.2024 (05:00 P.M.)**. Interested bidders may download the EOI documents available in the websites : **www.sidacodisha.org.in**, **www.crafts.odisha.gov.in.**, **www.odisha.gov.in/textiles** and apply within the above stipulated time. The Technical Bids will be opened on 27.09.2024 at 11:00 A.M. at the same venue.

Authority reserves the right to reject any or all bids without assigning any reason thereof.

**Sd./-Member Secretary**
**State Institute for Development of Arts & Crafts**
SIDAC
Handlooms, Textiles & Handicrafts department, Govt. of Odisha
Handicrafts Complex, Gandamunda, P.O. - Khandagiri, Bhubaneswar-751030
Tel. No. : +91(0)674 2350318, E-mail : sidacorissa@gmail.com, www.sidacodisha.org.in
**OIPR-31036/11/0009/2425**

**OFFICE OF THE MUNICIPAL COUNCIL, TITILAGARH**
**(Dept. of Housing & Urban Development, Govt. of Odisha)**
**At/P.O./P.S.- Titilagarh, Dist.- Balangir- 767033**
**e-mail: titilagarhmunicipality@gmail.com, www.titilagarhmunicipality.in**
**No.2347/Dated 19.09.2024**
No.C-637

**e-tender notice**
**BID Identification No. TIG-MPL-001-2024**

Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

| | | | |
|---|---|---|---|
| 1 | Name of the work | : | Civil Construction |
| 2 | No. of cover | : | 2 |
| 3 | No. of works | : | 02 Nos. |
| 4 | Estimated cost | : | As per DTCN |
| 5 | Period of completion | : | 180 days |
| 6 | Date & time of availability of bid documents in the portal | : | From 24.09.2024, 11.00 A.M. to 09.10.2024, 5.00 P.M. |
| 7 | Last date & time for receipt of bids in the portal | : | On 09.10.2024 at 5.00 P.M. |
| 8 | Last date & time for deposit of fees& documents (in sealed envelope) at Office | : | On15.10.2024 at 04.00 P.M. |
| 9 | Bids received online shall be opened on | : | On 17.10.2024 at 11.00 A.M. |
| 10 | Name and address of the officer inviting bid | : | Executive Officer, Titilagarh Municipality |

Further details can be seen from the procurement portal i.e. **https://tendersodisha.gov.in**
OIPR-13095/11/0001/2425 **Sd./- Executive Officer, Titilagarh Municipality**

**Office of the Executive Engineer**
**Road Construction Department, Road Division, Chaibasa**

**Very Short E-Procurement Notice**

**E-tender Reference No. : RCD/CHAIBASA/2024-25/07Date : 20.09.2024**

| | | |
|---|---|---|
| 1. | Name of Work | Ordinary Repair/Traffic Restoration work of Asura (PWD) Road to Kumardungi via Balandia Road MDR(183) in 12P,13P,14P,15P, 16P,17P,18P,19P, 20P,21P,22P,23P,24P and 25P under Road Division, Chaibasa for the year 2024-25. |
| 2. | Estimated Cost (Rs.) | ₹ 1,96,00,000.00 (One Crore Ninety Six Lacs) Only. |
| 3. | Time of Completion | 03 (Three) Months |
| 4. | Date of Publication of Tender On Website | 23.09.2024 at 11.30 AM |
| 5. | Last date/Time for receipt of bids. | 30.09.2024 Up to 3.00 P.M. |
| 6. | Last date/Time of receipt of cost of bidding document and Bid Security | 01.10.2024 Up to 12.00 P.M. |
| 7. | Date of Opening of Bid | 01.10.2024 at 3:30 P.M. |
| 8. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 9. | Contact no. of Procurement Officer | 7781899686 |
| 10. | Authority to Open the Bid | E- ProcurementOfficer, office of the Chief Engineer(Com), RCD, Jharkhand. |
| 11. | Helpline number of e-Procurement cell | 0651-3510880 |

* Quoted rate above Schedule rate will be Outright Rejected.
* Estimated value me be increase or decrease.
* Further details can be seen on website http://jharkhandtender.gov.in

**Executive Engineer**
**PR 336428 West Singhbhum(24-25)#D RCD, Road Division, Chaibasa.**

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION,
AT/P.O.- KAMAKHYANAGAR
Dist.: Dhenkanal, Odisha, PIN--759018
No.A-315
Ph.No.: 06769-270771, Email ID: eerlbcdivision@gmail.com
**e-PROCUREMENT NOTICE No.RLBCD-P1-08/2024-25**

| | | |
|---|---|---|
| 1 | Category of work | "Civil construction works" |
| 2 | Total No. of works | 06 (Six) Nos. |
| 3 | Estimated cost | Varies from Rs.17.95 lakhs to Rs.9.97 lakhs |
| 4 | Period of completion | 60 days to 30 days |
| 5 | Class of contractor | 'D' & 'C' or equivalent grade / class |
| 6 | Cost of bid document/ mode of payment | Rs.6,000/- to Rs.4,000/- (Non-refundable)/ Online through Electronic Payment Mode (Internet Banking / NEFT / RTGS of Designated Banks and their Aggregator Banks) |
| 7 | EMD/ Bid Security Amount / Mode of payment | Varies from Rs.17,950/- to Rs.9,970/- / Online through Electronic Payment Mode (Internet Banking / NEFT / RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of bid documents for Online Bidding | 24.09.2024 from 10.00 hours to 03.10.2024 upto 17.00 hours |
| | (iii) Date, time & venue of bid opening (Online) | On 04.10.2024 at 11.00 hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On 23.10.2024 at 11.00 hours in the O/o the Superintending Engineer, Rengali Left Bank Canal Division, Kamakhyanagar |

* Further details can be seen from the Government of Odisha website https://tendersodisha.gov.in
**Sd./- Superintending Engineer, R.L.B. Canal Division, Kamakhyanagar**
OIPR-32298/11/0011/2425

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧))

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋସାଣିନୂଆଗାଁ** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଗୋସାଣିନୂଆଗାଁ ଶାଖା/ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ କାଜଲ ପ୍ଲାଏଉଡ୍ସ, ସ୍ୱତ୍ୱାଧିକାରୀ: ଭଞ୍ଜାରାମ ମହାରଣା, ସା: ପିଡବ୍ଲୁଡି କାର୍ଯ୍ୟାଳୟ ନିକଟ ଏବଂ ଲକ୍ଷ୍ମଣ ନାଏକ କଲ୍ୟାଣ ମଣ୍ଡପ, ହିଲପାଟଣା, ବ୍ରହ୍ମପୁର, ଓଡ଼ିଶା - ୭୬୦୦୦୪, ୨) ଭଞ୍ଜାରାମ ମହାରଣା (ବନ୍ଧକଦାତା), ସା: ଭବାନୀ ନଗର, ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା - ୭୬୦୦୦୧/ ଜାମିନ୍‌ଦାର: ଲକ୍ଷ୍ମୀ ମହାରଣା, ସ୍ୱାମୀ: ଭଞ୍ଜାରାମ ମହାରଣା, ସା: ଭବାନୀ ନଗର, ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା - ୭୬୦୦୦୧ | ୧୮.୧୧.୨୦୨୩ ସୁଦ୍ଧା ଟ.୧୦,୨୦,୩୫୯/- ଏବଂ ସେବାବଦ ସୁଧ | ୧୮.୧୧.୨୦୨୩ / ୧୯.୦୯.୨୦୨୩ | ଶ୍ରୀ ଭଞ୍ଜାରାମ ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୩୦/୭୮୦, ପ୍ଲଟ୍ ନଂ.: ୩୪୮/୧୯୯୧, କ୍ଷେତ୍ର: ଏକର୦.୦୧୨ ଡିସିମିଲି, ମୌଜା: ରାଜେନ୍ଦ୍ରପୁର, ରେଭିନ୍ୟୁ ସର୍କଲ: ଗୋଇଲୁଣ୍ଡି, ତହସିଲ/ଏମ୍‌ସି: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର ୧, ଗଞ୍ଜାମ, ଓଡ଼ିଶା, ଏହାର ଚଉପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ମାନସ ପାଣିଗ୍ରାହୀଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଲେନ୍ |

**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୧.୦୯.୨୦୨୪** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ପୂର୍ବ ତଟ ରେଳପଥ**

**ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା**
ପ୍ରୋଫର୍ମା- 10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz., AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ । ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ/ଲାଇନ୍ | ମଣ୍ଡଳ | ବିଦ୍ୟୁତ ପ୍ରବାହ ତାରିଖ |
|---|---|---|
| ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର (TLHR)ର ଲିଙ୍ଗରାଜ ସାଇଡିଙ୍ଗ ଠାରୁ NTPC (କଣିହାଁ) ଏମ୍‌ଟି ଲାଇନ୍‌ର ସ୍କଟ୍‌ଲ୍ୟାଣ୍ଡପୁର ପର୍ଯ୍ୟନ୍ତ | ଖୋର୍ଦ୍ଧା ରୋଡ଼ | 30.09.2024 |

**AC 25 KV ଟ୍ରାକ୍ସନର ପ୍ରଚଳନ "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"**
ପ୍ରୋଫର୍ମା- 10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର(TLHR)ର ଲିଙ୍ଗରାଜ ସାଇଡିଙ୍ଗ ଠାରୁ NTPC (କଣିହାଁ) ଏମ୍‌ଟି ଲାଇନ୍‌ର ସ୍କଟ୍‌ଲ୍ୟାଣ୍ଡପୁର ପର୍ଯ୍ୟନ୍ତ ସେକ୍ସନରେ 25,000 ଭୋଲ୍ଟ AC ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରଚଳନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡିକଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡକ ସ୍ତର ଠାରୁ 4.78 ମିଟର ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି : (i) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ । (ii) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ । (iii) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା ।

PR-67/CH/24-25 ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ଭୁବନେଶ୍ୱର

## ସଂକ୍ଷେପରେ

### ପୋଲିସ ହାବିଲଦାର କନଷ୍ଟେବଲ ସଂଘ ନିର୍ବାଚନ
### ଦିଲୀପ ସଭାପତି, ସୁଶାନ୍ତ ସମ୍ପାଦକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ପାଣିକୋଇଲି,୨୧।୯(ବିକାଶ ମଲ୍ଲିକ): ଯାଜପୁର ଜିଲା ହାବିଲଦାର କନେଷ୍ଟବଲ ସଂଘର ନିର୍ବାଚନ ଘୋଷଣା ପରେ ନିର୍ବାଚନ ହେବ କି ମନୋନୟନ ହେବ ସେ ନେଇ ଥିବା ଆଶଙ୍କା ଦୂର ହୋଇଛି। ଅକ୍ଟୋବର ୧ରେ ନିର୍ବାଚନ ହେବାକୁ ଥିବାବେଳେ ଶନିବାର ନାମାଙ୍କନ ପତ୍ର ଦାଖଲ ପାଇଁ ତାରିଖ ଘୋଷଣା କରାଯାଇଥିଲା। ଏଥିରେ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ୨ ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ୫ଜଣ କାର୍ଯ୍ୟକାରୀ ସଦସ୍ୟ ପାଇଁ ନିର୍ବାଚନ ଘୋଷଣା କରାଯାଇଥିଲା। ଏହି ୧୧ ପଦବୀ ପାଇଁ ନମାଙ୍କନ ଦାଖଲ କରିବାକୁ ଗୋଟିଏ ଦିନ ରଖାଯାଇଥିଲା। ମାତ୍ର ପ୍ରତି ପଦବୀ ପାଇଁ ଶେଷ ସମୟ ପର୍ଯ୍ୟନ୍ତ ଜଣେ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ ହୋଇଛନ୍ତି। ଏଥିରେ ସଭାପତି ପାଇଁ ଦିଲୀପ କୁମାର ଦାସ, ଉପସଭାପତି କାଣ୍ଡେ ବାନାରା, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଦୀନେଶ ରଣା, ଦେବେନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ସତ୍ୟଜିତ ଦଳାଇ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦେବେନ୍ଦ୍ର କୁମାର ବେହେରା, ରାଜକିଶୋର ପୃଷ୍ଟି, ପ୍ରଭାତ କୁମାର ଜେନା, ବିପିନ କୁମାର ନାୟକ ଓ ଭାସ୍କର ସାହୁ ନାମାଙ୍କନ ଦାଖଲ କରିଥିଲେ। ପ୍ରତିପଦବୀରେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେମାନଙ୍କୁ ବିଜୟୀ ଘୋଷିତ କରାଯାଇଛି।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯାଜପୁର ଟାଉନ,୨୧।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଥାନା ଅନ୍ତର୍ଗତ ବେଲେଶ୍ୱର କମାଗଡ଼ ମୁଖ୍ୟରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଅଡ଼ଙ୍ଗ ପୁରୁଷୋତ୍ତମପୁର ଗ୍ରାମର ଜମାଲଉଦ୍ଦିନ୍ ଖାଁଙ୍କ ପୁଅ ସଲାଉଦ୍ଦିନ ଖାଁ। ସେ ଶନିବାର କମାଗଡ଼ରୁ ନିଜ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଯାଜପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲା।

### ପୋଖରୀରେ ବୁଡ଼ି ଯୁବକ ମୃତ

ମୋରଡା, ୨୧।୯(ସ୍ମାରକ ମାଜୀ) ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ଭଦୁଆଶୋଳ ଗ୍ରାମରେ ରବୀନ୍ଦ୍ର ମହାନ୍ତ(୪୪) ଶୁକ୍ରବାର ସନ୍ଧ୍ୟାରେ ଗାଈ ଚରାଇ ଆସି ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀରେ ରବୀନ୍ଦ୍ର ଭାସୁଥିବା ଦେଖି ଉଦ୍ଧାର କରି ରାସଗୋବିନ୍ଦପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୪) ରୁଜୁ ହୋଇଛି।

# ୯ ପଞ୍ଚାୟତରେ ପାଳନ ହେଲାନି ସ୍ୱଚ୍ଛତା ପକ୍ଷ

■ ପଞ୍ଚାୟତକୁ ଆସିଲେନି ଦାୟିତ୍ୱରେ ଥିବା ଅଧିକାରୀ
■ ସରପଞ୍ଚମାନଙ୍କ ମହଲରେ ଅସନ୍ତୋଷ




ରସୁଲପୁର,୨୧।୯(ରଞ୍ଜିତ ରାଉତ): ରସୁଲପୁର ବ୍ଲକଅଧୀନ ୨୮ ପଞ୍ଚାୟତମଧ୍ୟରୁ ଭୋଟକା, ବଡ଼କଇଞ୍ଚ, ବାହାଦଲାପୁର, ବନ୍ଧଡ଼ିହ, ବାରବାଟୀ, ଅତଲାପୁର, ଅର୍ଥଗାଁ, ବ୍ରହ୍ମବରଦା ଓ ଗନ୍ଧଣ ଆଦି ୯ ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ ହୋଇପାରିନାହିଁ। ଏହା ବୁଧବାରଠାରୁ ଆରମ୍ଭ ହେବା ନେଇ ବ୍ଲକ ପକ୍ଷରୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ), ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ)ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାକୁ ତଦାରଖ କରିବା ପାଇଁ ସହକାରୀ ଯନ୍ତ୍ରୀ(ଏଇ) ଓ କନିଷ୍ଠ ଯନ୍ତ୍ରୀ(ଜେଇ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପିଇଓ, ଏଡିଇଓମାନେ ପଞ୍ଚାୟତକୁ ନ ଆସିବାରୁ ଏହି ଦିନରେ କୌଣସି ଗୋଟିଏ ହେଲେ ପଞ୍ଚାୟତରେ କାର୍ଯ୍ୟକ୍ରମ କରାଯାଇନାହିଁ। ଫଳରେ ଏହାକୁ ନେଇ ସରପଞ୍ଚମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚମାନେ ଦାବି କରିଛନ୍ତି।

ସୂଚନା ମୁତାବକ, ଚଳିତ ମାସ୧୭ ତାରିଖରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ରସୁଲପୁର ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ ପାଇଁ ବିଡିଓଙ୍କ ପକ୍ଷରୁ ଚିଠି କରାଯାଇଥିଲା। ଏହି ଦିନରେ ୯ ପଞ୍ଚାୟତ ପରିସରରୁ ସଫେଇ କାର୍ଯ୍ୟ ଆରମ୍ଭ ସହ ପଞ୍ଚାୟତର ଅନ୍ୟ ସ୍ଥାନ ସଫା ସୁତୁରା କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ବିଧିମୁତାବକ, ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ ସହ ଏ ନେଇ ଗାଁରେ ସଚେତନତା ସୃଷ୍ଟି କରିବା, ବିଭିନ୍ନ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା କରିବା, ପଞ୍ଚାୟତରେ ସମୂହ ସଫେଇ କାର୍ଯ୍ୟକ୍ରମକୁ ହାତକୁ ନେବା, ପଞ୍ଚାୟତରେ ସବୁଠାରୁ ଅଧିକ ଅପରିଷ୍କାର ଅପରିଚ୍ଛନ୍ନ ସ୍ଥାନକୁ ଚିହ୍ନଟ କରି ତାକୁ ସଫାସୁତୁରା କରିବା ଉପରେ ଗୁରୁତ୍ୱ ଦେବା, ଗାନ୍ଧୀ ଜୟନ୍ତୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଚିଠିରେ ଉଲ୍ଲେଖ କରାଯାଇଥିଲା। ସ୍ୱଚ୍ଛତାକୁ ନେଇ ୧୫ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ କୁହାଯାଇଥିଲା। ଏ ସମ୍ପର୍କରେ ଅଧିକାରୀମାନେ ସରପଞ୍ଚମାନଙ୍କ ସହ ଆଲୋଚନା କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ମାତ୍ର ଉକ୍ତ ନିର୍ଦ୍ଦେଶନାମାକୁ ଅଧିକାରୀମାନେ ଉଲ୍ଲଘଂନ କରିଥିବା ଜଣାଯାଇଛି। କେତେକ ପଞ୍ଚାୟତରେ ସରପଞ୍ଚମାନେ ଉକ୍ତ ଚିଠି ସମ୍ପର୍କରେ ଅବଗତ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ନିର୍ଦ୍ଧାରିତ ସମୟରେ ଯାଇଥିଲେ। ମାତ୍ର ପିଇଓ, ଏଡିଇଓ, ଏଇ, ଜେଇମାନେ ପଞ୍ଚାୟତ ଅଫିସରେ ନ ପହଞ୍ଚିବାରୁ ସରପଞ୍ଚମାନେ ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ବାରବାଟୀ ସରପଞ୍ଚ ଆୟୁଷମତି ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟକ୍ରମ ବିଷୟରେ ଅବଗତ ନାହାନ୍ତି। ତାଙ୍କ ପଞ୍ଚାୟତକୁ ପିଇଓ, ଏଡିଇଓ ଆସି ନ ଥିଲେ ବୋଲି ସେ ସୂଚନା ଦେଇଛନ୍ତି। ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ ପାଇଁ ସେ ଚିଠି ପାଇଛନ୍ତି। ମାତ୍ର ପିଇଓ,ଏଡିଇଓ ନ ଆସିବାରୁ ସେ ଫୋନ କରି ପଚାରିଥିଲେ। ଅନ୍ୟ ଏକ ଦିବସରେ କାର୍ଯ୍ୟକ୍ରମ କରାଯିବ ବୋଲି ସେମାନେ ଉତ୍ତର ରଖିଥିଲେ। ବଡ଼କଇଞ୍ଚ ପିଇଓ ସତ୍ୟଜିତ୍ ରାଉତଙ୍କୁ ପଚାରିବାରୁ ତାଙ୍କ ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ ହୋଇପାରି ନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ଅବନିକାନ୍ତ ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଆଞ୍ଚଳିକ ସାଧନା କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ



ଆଞ୍ଚଳିକ ସାଧନା କେନ୍ଦ୍ରସ୍ତରୀୟ ବୈଠକରେ ଯୋଗ ଦେଇଥିବା ଅତିଥି।

ବ୍ରହ୍ମବରଦା,୨୧।୯(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ୍ ବନ୍ଧଡ଼ିହ ପଞ୍ଚାୟତ ଅନ୍ତର୍ଗତ ସାହାପଡ଼ା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ୍ଧଡ଼ିହ କ୍ଲଷ୍ଟରର ଚତୁର୍ଥ ମାସିକ ଆଞ୍ଚଳିକ ସାଧାନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କଣ୍ଟେଇ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ମହାରଣା, ପ୍ରଧାନଶିକ୍ଷକ ତପନ ଚରଣ ଧୀର, ପ୍ରଧାନଶିକ୍ଷକ ଶେଖ ଫସିଉଲ ହକ ଯୋଗ ଦେଇଥିଲେ। ବୈଠକରେ ଛାତ୍ରୀଛାତ୍ରଙ୍କ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ବିଦ୍ୟାଳୟ ପରିଦର୍ଶନ, ଜାତୀୟ ଉପଲବ୍ଧି ପରୀକ୍ଷଣ ପାଇଁ ପ୍ରସ୍ତୁତି, ପର୍ଯ୍ୟାୟ ଭିତ୍ତିକମାନ ନିର୍ଦ୍ଧାରଣ ବିଷୟ ଉପରେ ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବୈଠକରେ ବନ୍ଧଡିହ ଆଞ୍ଚଳିକ ସାଧନ କେନ୍ଦ୍ର ଅର୍ନ୍ତଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ।

# ଜିଲାପାଳଙ୍କ ସହ ଖବରଦାତାଙ୍କ ଆଲୋଚନା



ଜିଲାପାଳଙ୍କ ସହ ଖବରଦାତାମାନେ ଆଲୋଚନା କରୁଛନ୍ତି।

ଯାଜପୁର ଟାଉନ,୨୧।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ପରିଷଦ ବୈଠକରେ ଜିଲାପାଳ ଖବରଦାତାମାନଙ୍କୁ ଉଠିଯିବା ପାଇଁ କହିବା ଘଟଣାର ସମାଧାନ କରାଯାଇଛି। ଏହି ଘଟଣା ଏକ ଭୁଲ ବୁଝାମଣା ଥିଲା ଏବଂ ଜିଲାର ବିକାଶ ପାଇଁ ଗଣମାଧ୍ୟମଠାରୁ ଜିଲା ପ୍ରଶାସନ ସର୍ବଦା ସହଯୋଗ ଚାହେଁ ବୋଲି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ମତ ରଖିଛନ୍ତି।

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ଯାଜପୁର ଅଞ୍ଚଳର ସମସ୍ତ ଖବରଦାତାଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଜିଲାପାଳ ଓ ଖବରଦାତାଙ୍କ ମଧ୍ୟରେ ବିଭିନ୍ନ ଆଲୋଚ଼ନା ହୋଇଥିଲା। ବିଶେଷ କରି ଜିଲାର ବିକାଶ ପାଇଁ ଗଣମାଧ୍ୟମର ପରାମର୍ଶ ଏବଂ ତ୍ରୁଟି ପାଇଁ ଗଠନ ମୂଳକ ସମାଲୋଚ଼ନାକୁ ପ୍ରଶାସନ ସାଦରେ ଗ୍ରହଣ କରିବ ବୋଲି ଜିଲାପାଳ କହିଥିଲେ। ଅନ୍ୟପକ୍ଷରେ ଜିଲା ପରିଷଦ ବୈଠକରେ ହୋଇଥିବା ବୁଝାମଣା ଭବିଷ୍ୟତରେ ଆଉ ଯେପରି ନ ହୁଏ ସେଥି ପ୍ରତି ଜିଲା ପ୍ରଶାସନ ନିଶ୍ଚିତ ଧ୍ୟାନ ଦେବବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହି ବୈଠକ ପରେ ଜିଲା ପ୍ରଶାସନ ଏବଂ ଖବରଦାତାଙ୍କ ମଧ୍ୟରେ ହୋଇଥିବା ମନୋମାଳିନ୍ୟ ଦୂର ହୋଇଥିବା ପ୍ରେସ କ୍ଲବ ସଭାପତି ରାଜୀବ କୁମାର ମହାନ୍ତି ଏବଂ ଜିଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ କାମିନୀକାନ୍ତ ପଟ୍ଟନାୟକ ସୂଚ଼ନା ଦେଇଛନ୍ତି। ବୈଠକରେ ବରିଷ୍ଠ ସାମ୍ବାଦିକ କୈଳାଶ ଚ଼ନ୍ଦ୍ର ନାୟକ, ସମରଜିତ ମହାନ୍ତି, ଆଦିତ୍ୟ ମେକାପ, ମହେଶ୍ୱର ସାହୁ, ଅଜୟ ରଣା, ଶିଶିର ମାନ୍ଧାତା, ତପନ ମହାରଣ୍ୟ, ବିଶ୍ୱଜିତ ରଣା, ଦିଲୀପ ଦାସ, ବିରଜା ପାଣି, ପରମେଶ୍ୱର ବେହୁରିଆ, ସମର ବିଜୟ ସରଣ, ଅଜୟ ରାଉଳ, ଆଦିତ୍ୟ ମହାନ୍ତି, ଦେବାଶିଷ ସାହୁ, ପ୍ରଦୀପ ବେହୁରିଆ, ମାନସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଆଇ, ଏଏସ୍‌ଆଇସ୍ତରରେ ଅଦଳବଦଳ

ପାଣିକୋଇଲି,୨୧।୯(ବିକାଶ ମଲ୍ଲିକ): ଯାଜପୁର ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଆରକ୍ଷୀ ଅଧୀକ୍ଷକ ଭିନୀତ୍ ଅଗ୍ରୱାଲ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର (ଏଏସ୍‌ଆଇ)ସ୍ତରରେ ୭ଜଣଙ୍କୁ ଜିଲା ମଧ୍ୟରେ ଅଦଳବଦଳ କରିଛନ୍ତି। ଏଥିରେ ଜିଲା ସଦରମହକୁମାର ଏସ୍‌ଆଇ ସୌମ୍ୟରଞ୍ଜନ ନାଥଙ୍କୁ ଆର୍‌ଏସ୍‌ଆଇ ଯାଜପୁର, ଏଏସ୍‌ଆଇ ଶରତ କୁମାର ବେହେରାଙ୍କୁ ପାଣିକୋଇଲି ଥାନା, କଳାକାହ୍ନୁ ଟିୟୁଙ୍କୁ ଧର୍ମଶାଳା ଥାନା, ରାଧାକାନ୍ତ ମାଝୀଙ୍କୁ ସିଏସ୍‌ଆଇ ଯାଜପୁରରୋଡ କୋର୍ଟ, ଅମୀୟ କୁମାର ବେହେରାଙ୍କୁ ଯାଜପୁର ଏସ୍‌ଡିପିଓ ଅଫିସ, ଅରୁତ୍ୟାନନ୍ଦ ଦାଶଙ୍କୁ ସିଏସ୍‌ଆଇ ଯାଜପୁର କୋର୍ଟ ଓ ବିଜୟ କୁମାର ବେହେରାଙ୍କୁ ଧର୍ମଶାଳା ଥାନାରୁ ଜାରକା ବିଟ ହାଉସକୁ ବଦଳି କରାଯାଇଛି।

### ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

ଯାଜପୁରରୋଡ୍,୨୧।୯(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ୱାର୍ଡ ନଂ-୨୩ କୋପଣ୍ଡ ଗ୍ରାମରେ ବ୍ୟାସନଗର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଓ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ନିରଞ୍ଜନ ଘଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଦଳର ପ୍ରାଥମିକ ସଦସ୍ୟତା କିପରି ବହୁ ମାତ୍ରାରେ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଦସ୍ୟତା ଅଭିଯାନକୁ ଆଗକୁ ନେବାପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଏହି ୱାର୍ଡରେ ୨୦୦୦ ଗଛ ଘରେ ଘରେ ବଣ୍ଟନ କରାଯାଇଥିଲା। ଏହି ସମୟରେ କର୍ମକର୍ତ୍ତା ଲୋକଙ୍କୁ ଗଛଟିଏ ନିଜ ବାଡିରେ ଲଗାଇ ତା'ର ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ। ଯାଜପୁର ଜିଲା ଭାଜପାର କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା ସଦସ୍ୟତା ଅଭିଯାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ସୌମେନ୍ଦ୍ର ରାଉତ, ପ୍ରସନ୍ନ ସାମଲ, ନିରଞ୍ଜନ ଘଡାଇ, ରବିନାରାୟଣ ରାଉତ, ବାବାଜୀ ଚରଣ ମଲ୍ଲିକ, ରୁଦ୍ର ମୁଖୀ, ମୁକ୍ତି ରଥ, ବିଜୟ ସାହୁ, ସ୍ୱର୍ଣ୍ଣପ୍ରଭା ନାୟକ, ମହିଳା ସଭାପତି ରଶ୍ମିତା ରାଉତ, ସୁଚିତ୍ରା ଘଡ଼ାଇ, ଆଶା ମହାନ୍ତି, ରାନୀ ସାମଲ, ସୁଜାତା ପରିଡ଼ା, ସେବତୀ ସାମଲ, ଗୌରହରି ଦାସ ଓ ଅଭିରାମ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଧର୍ମଶାଳା ବିଧାୟକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଧର୍ମଶାଳା,୨୧।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଗୋକର୍ଣ୍ଣେଶ୍ୱର କଳାକାର ସଂଘ ଓ ସତ୍ୟନାରାୟଣ ପାଲାକାର ସଂଘ ପକ୍ଷରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋକର୍ଣ୍ଣେଶ୍ୱର କଳାକାର ସଂଘ ସଭାପତି ବିପିନ ବିହାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କଳାକାରମାନଙ୍କ ରହିଥିବା ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜାରକା ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ, ସାମାଜିକ କର୍ମ କାହ୍ନୁଚରଣ ଦାଶ, ସତ୍ୟ ନାରାୟଣ ପାଲାକାର ସଂଘ ସଭାପତି ଦାଶରଥି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପାଲାକାର ପ୍ରସନ୍ନ କୁମାର କର ବାର୍ଷିକ ବିବରଣୀ ପାଠ କରିଥିଲେ। ପାଲାକାର ରବି ନାରାୟଣ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଙ୍ଗୀତଜ୍ଞ କରୁଣାକର ବରାଳ ସ୍ୱାଗତ ଭାଷଣ ଦେଇଥିଲେ। ଦାସକାଠିଆ କଳାକାର ମଦନ ମୋହନ ପଣ୍ଡିତ ମଙ୍ଗଳା ଚରଣ ପାଠ କରିଥିଲେ। ପ୍ରାରମ୍ଭରେ କଳାକାରମାନେ ଜାରକା ବିଟ ହାଉସ ନିକଟରୁ ବିଧାୟକ ସାହୁଙ୍କୁ ଏକ ପଟୁଆରରେ ବଜାର ପରିକ୍ରମା କରି ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସଂଘର କଳାକାର ଅର୍ଦ୍ଦୈତ୍ୟ ଜେନା, ବଟକୃଷ୍ଣ ବେହେରା, ଭଗବାନ ବିଶ୍ୱାଳ ଓ ଭରତ ଶତପଥୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଣ୍ଡିଖୋଲସ୍ଥିତ ବୀଣାପାଣି କଳାପୀଠର ଛାତ୍ରୀମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ କଳାକାର ଦୁଃଶାସନ ଘଡ଼େଇ ଧନ୍ୟବାଦ ଦେଇଥିଲେ।

# ଖବର ପ୍ରକାଶ ପରେ ତତ୍ପରତା

ବରୀ,୨୧।୯(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବରୀମାଉଣ୍ଡଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇଥିବା ନେଇ ଖବର ପ୍ରକାଶ ପରେ ଏହାର ମରାମତି ପାଇଁ ତତ୍ପରତା ପ୍ରକାଶ ପାଇଛି। ଏହି ରାସ୍ତା ଉପରେ ଅଞ୍ଚଳର ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ମାତ୍ର ଦୀର୍ଘଦିନ ଧରି ଏହି ରାସ୍ତାରେ ବହୁ ଗର୍ତ୍ତ ସୃଷ୍ଟି ହେବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ସ୍ଥାନୀୟ ଲୋକେ ଯାଜପୁର ଜିଲାପାଳଙ୍କ ଠାରୁ ଆରମ୍ଭ କରି ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କ ନିକଟରେ ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ ହେଁ ଏହାର କୌଣସି ସୁଫଳ ମିଳି ନ ଥିଲା। ୧୯।୦୯।୨୦୨୪ରେ 'ଧରିତ୍ରୀ'ରେ 'ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ପୂର୍ତ୍ତ ବିଭାଗ ତରଫରୁ ବରୀମାଉଣ୍ଡଠାରୁ ଦରଘା ପର୍ଯ୍ୟନ୍ତ ରାସ୍ତାର ଗୋଟିଏ କଡ଼କୁ ସମ୍ପ୍ରସାରଣ କରାଯିବା ସହ ରାସ୍ତା ଉପରେ ଥିବା ଖାଲଖମାକୁ ତୁରନ୍ତ



ପୂର୍ବରୁ ଥିବା ରାସ୍ତା।



ମରାମତି ପରେ ରାସ୍ତା।

ମରାମତି କରାଯିବାକୁ ପଦକ୍ଷେପ ନିଆଯାଇଛି ବୋଲି ସହକାରୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନ ବର୍ଷାଋତୁ ଚାଲିଥିବାରୁ ମରାମତି କାର୍ଯ୍ୟ ବ୍ୟାଘାତ ହୋଇପାରେ। କିନ୍ତୁ ଦୁର୍ଗାପୂଜା ପୂର୍ବରୁ ପୂର୍ତ୍ତ ବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତା ମରାମତି କରାଯିବ ବୋଲି ସେ ମତ ରଖିଛନ୍ତି।

# ଲୁଣ ଚାଲାଣ, ଗଚ୍ଛିତ ନେଇ ଗାଡ଼ି ଅଟକ

ଚଣ୍ଡିଖୋଲ,୨୧।୯(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳଠାରେ କିଛି ବର୍ଷ ଧରି ଚାଲି ଆସୁଥିବା ଲୁଣ ପରିବହନ ଓ ଗଚ୍ଛିତ ରଖିବା ନେଇ ଶନିବାର ସ୍ଥାନୀୟ ଲୋକେ ପ୍ରତିବାଦ କରିବା ସହ ଗାଡ଼ି ଅଟକ ରଖିଛନ୍ତି।

ଲୋକଙ୍କ ଅଭିଯୋଗ ଅନୁଯାୟୀ, ଧାନମଣ୍ଡଳ ରେଳ ଷ୍ଟେଶନକୁ ଆସୁଥିବା ଲୁଣ ଅନଲୋଡ କରାଯାଇ ବିଭିନ୍ନ ଅଞ୍ଚଳକୁ ପରିବହନ କରାଯିବା ସହ ଧାନମଣ୍ଡଳଠାରେ ଥିବା କେତେକ ଗୋଦାମରେ ଗଚ୍ଛିତ ରଖାଯାଉଛି। ଏହି ଗୋଦାମରେ ଲୁଣ ବସ୍ତା ରଖିବା ସମୟରେ ଏଥିରୁ କିଛି ବସ୍ତା ଫାଟି ଯାଇ ଏଣେତେଣେ ପଡି ଯାଇଥାଏ। ବର୍ଷା ପାଣି ପଡ଼ିବା ପରେ ଲୁଣ ତରଳି ମାଟିତଳକୁ ଭେଦି ଯାଇଥାଏ। ଲବଣ ତରଳ ଅଂଶ ମାଟି ଭେଦିବା ପରେ ନିକଟରେ ଥିବା ନଳକୂପ, କୂପ ଓ ପୋଖରୀ ମଧ୍ୟରେ ମିଶି ଯିବାରୁ ଜଳ ପ୍ରଦୂଷିତ ହୋଇ ଲବଣାକ୍ତ ହୋଇଯାଉଛି। ଫଳରେ ପାଣି ବ୍ୟବହାର କରୁଥିବା ଲୋକଙ୍କୁ ଚର୍ମ ରୋଗ ହେବା ସହ ପିଇବା ପାଇଁ ଉପଯୋଗୀ ହୋଇପାରୁନି। ଦୀର୍ଘବର୍ଷ ଧରି ଏହା ବିରୋଧରେ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିବା ସହ ନ୍ୟାୟଳୟରେ ପିଟିସନ ଦାୟର କରିଥିଲେ ବି କିଛି ସୁଫଳ ପାଇ ନ ଥିଲେ।



ସ୍ଥାନୀୟ ଅଧିବାସୀ ଏହାର ପ୍ରତିବାଦ ସ୍ୱରୂପ ଗୋଦାମରେ ଗଚ୍ଛିତ ପାଇଁ ଷ୍ଟେଶନରୁ ଲୋଡ ହୋଇ ଆସୁଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଟ୍ରକ୍‌କୁ ପ୍ରାୟ ୪ ଘଣ୍ଟା ଅଟକ ରଖିଥିଲେ। କାହା ତତ୍ତ୍ୱାବଧାନରେ ପରିବହନ ଓ ଲୁଣ ଗଚ୍ଛିତ ରଖାଯାଉଛି ସେ ସମ୍ପର୍କରେ ଗାଡ଼ିଚାଳକମାନେ ଉତ୍ତର ରଖି ପାରି ନଥିଲେ। ଏହାକୁ ନେଇ ସ୍ଥାନୀୟ ଯୁବକମାନେ ବଡ଼ଚଣା ଥାନା ଅଧିକାରୀଙ୍କୁ ଅବଗତ କରିଥିଲେ। ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଏକ ଟିମ ସହ ପହଞ୍ଚିବା ପରେ ବଡ଼ଚଣା ବ୍ଲକ୍ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ ପହଞ୍ଚି ଏହି ପରିବହନ ସେ ନିଜେ କରୁଥିବା କହିଥିଲେ। ଏହାକୁ କେଉଁ ଆଧାରରେ କରାଯାଉଛି, ଟ୍ରାନ୍ସପୋର୍ଟ ଲାଇସେନ୍ସ କାହା ନାମରେ ଅଛି ଓ ଲୁଣ ଗଚ୍ଛିତ ରଖିବା ପାଇଁ କିଏ ଅନୁମତି ପ୍ରଦାନ କରିଛି ପଚାରିବାରୁ ସେ ଉତ୍ତର ଦେଇ ପାରି ନ ଥିଲେ। ତୁରନ୍ତ ଏଭଳି ବେଆଇନ ପରିବହନ ଓ ଗଚ୍ଛିତ ଭବିଷ୍ୟତରେ କେବେ ନ କରିବା ପାଇଁ ଥାନା ଅଧିକାରୀ ତାଙ୍କୁ କହିବା ସହ ଲୋଡ ହୋଇଥିବା ଲୁଣକୁ ଏକ ଗୋଦାମରେ ରଖିବାକୁ କହିଥିଲେ। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ ପରେ ଏହାକୁ ଅନ୍ୟତ୍ର ପରିବହନ କରିବା ପାଇଁ ତାଗିଦ କରିଥିଲେ।

# ଓଡ଼ିଶାରେ ଜନ ଭାଗୀଦାରିରେ ଚାଲୁଛି ସରକାର: ଉପମୁଖ୍ୟମନ୍ତ୍ରୀ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି ବିଭୁ ପ୍ରସାଦ ତରାଇ, ଜିଲାପାଳ ଓ ସଭାରେ ଉପସ୍ଥିତ ଜନସାଧାରଣ।

ଜଗତ୍‌ସିଂହପୁର, ୨୧ ।୯ (ପ୍ରମୋଦ କୁମାର ନାୟକ)

■ ଓଡ଼ିଶା ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ

■ ପ୍ରଗତିର ନୂତନ ସୂର୍ଯ୍ୟୋଦୟ, ବିକାଶ ମେଳା ଉଦ୍‌ଘାଟନ

ଜଗତ୍‌ସିଂହପୁରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଶନିବାର ରାଜ୍ୟର ଭାଜପା ସରକାରଙ୍କ ୧୦୦ ଦିନ ଉପଲକ୍ଷେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ, ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଅଭ୍ୟୁଦୟ କାର୍ଯ୍ୟକ୍ରମ ଏବଂ ବିକାଶ ମେଳା ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ, ଜଗତ୍‌ସିଂହପୁର ଅଞ୍ଚଳରେ ଭରପୂର ପର୍ଯ୍ୟଟନସ୍ଥଳୀ ରହିଛି। ଏହାର ପ୍ରଚାର ପ୍ରସାର ହେଲେ ସମଗ୍ର ବିଶ୍ୱରେ ଜିଲା ଏକ ଐତିହ୍ୟ, ସଂସ୍କୃତି କେନ୍ଦ୍ର ହେବ। ବର୍ତ୍ତମାନ ସାଧାରଣ ଲୋକଟିଏ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚି ପାରୁଛି। ଏ ସରକାର ହେଉଛି ଲୋକଙ୍କ ସରକାର, ଏହା ଜନ ଭାଗୀଦାରିରେ ଚାଲୁଛି। ଓଡ଼ିଶାର ଶାସନ ଓଡ଼ିଆ ଭାଷାରେ ହେବ। ପ୍ରତ୍ୟେକ ଯୋଗ୍ୟ ମା’ଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ପ୍ରଦାନ କରିବା ସ୍ୱପ୍ନ ଆଜି ସାକାର ହୋଇଛି। ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ଧାନର ଆଉ ଅଭାବୀ ବିକ୍ରି ହେବ ନାହିଁ, ଏମ୍‌ଏସ୍‌ପି ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯିବ। ଜିଲାରେ ସୁଭଦ୍ରା ଯୋଜନା ରେ ୧,୦୧,୬୧୩ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। କେବଳ ୧୦୦ ଦିନ ନୁହେଁ ଆହୁରି ଅନେକ ବାଟ ଯିବାର ଅଛି, ମହିଳାଙ୍କ ନେତୃତ୍ୱରେ ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ରେ ପରିଣତ କରିବାର ଅଛି ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ।

ଉତ୍ସବରେ ସମ୍ମାନିତ ଅତିଥିଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର ସହ ଜିଲାରେ ଶିଳ୍ପର ବିକାଶ ଏବଂ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଥିଲେ, ଆଜି ମୋହନ ସରକାରଙ୍କ ୧୦୦ ଦିନର ପୂର୍ତ୍ତି ପାଳନ କରାଯାଉଛି। ମାତୃଶକ୍ତି, ଯୁବଶକ୍ତି, କୃଷକମାନଙ୍କୁ କେନ୍ଦ୍ର ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉଛି। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ, ଏ ସରକାର ଲୋକଙ୍କ ସରକାର। ମୁଖ୍ୟମନ୍ତ୍ରୀ ଲୋକଙ୍କ ସମସ୍ୟା ଶୁଣୁଛନ୍ତି ବୋଲି କହିଥିଲେ। ଜିଲାପାଳ ଜେ .ସୋନାଲ ବିକାଶ ମେଳାରେ ଅଧ୍ୟକ୍ଷତା କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ମିତା ରାଣୀ ବେହେରା, ସୁଶ୍ରୀ ସଙ୍ଗୀତା ନାୟକ, ବେବିନା ପଣ୍ଡା, ଲକ୍ଷ୍ମୀକାନ୍ତି ବେହେରା, ହଜ୍ଜୁ ବିବିଙ୍କୁ ୫୦୦୦ଟଙ୍କାର ସୁଭଦ୍ରା ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ନଳିନୀ ପ୍ରଭା ସାହୁଙ୍କୁ ୪୦୦୦, ଶୈଳବାଳା ସାହୁଙ୍କୁ ୧୨, ୫୦୦ ଟଙ୍କା ସିଏମ୍ କିଷାନ ଯୋଜନାରେ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ଛାତ୍ରବୃତ୍ତି ଭାବେ ସ୍ମୃତି ରଞ୍ଜନ ବେହେରାଙ୍କୁ ୧୦,୦୦୦ ଟଙ୍କା ଓ ଧରିତ୍ରୀ ତରାଇଙ୍କୁ ୧୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସୁଭଦ୍ରା ହିତାଧିକାରୀ ସୁଶ୍ରୀ ସଙ୍ଗୀତା ନାୟକଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୁଭଦ୍ରା ଯୋଜନାର ଜିଲା ବ୍ରାଣ୍ଡଆମ୍ବାସାଡର ଭାବେ ଘୋଷଣା କରିଥିଲେ। ଏହି ଅବସରରେ ସେ ସମସ୍ତଙ୍କୁ ସ୍ୱଚ୍ଛତା ହିଁ ସେବା ପାଠ କରାଇଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶ ମେଳାରେ ଓରମାସର ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବିଭିନ୍ନ ବିଭାଗ ପକ୍ଷରୁ ୩୧ ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିଲା। ଏହି ମେଳା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉତ୍ସବରେ ଜିଲା ଭାଜପା ସଭାପତି ଶ୍ରୀ ସତ୍ୟବ୍ରତ ମହାପାତ୍ର, ସାମାଜିକ କର୍ମୀ ସତ୍ୟ ସାରଥୀ ମହାନ୍ତି, ଆଇନଜୀବୀ ରାଜ କିଶୋର ବେହେରା, ଅତିରିକ୍ତ ଜିଲାପାଳ ସମ୍ପିତ କୁମାର ରାଉତ, ଅତିରିକ୍ତ ଜିଲାପାଳ ପାରାଦୀପ ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟ ଗ୍ରହଣ ପର୍ଯ୍ୟନ୍ତ ପଞ୍ଚାୟତକୁ ସିସିଟିଭି ନଜରରେ ରଖିବାକୁ ଦାବି

କୁଜଙ୍ଗ,୨୧।୯(ମନୋଜ ପ୍ରଧାନ)

## ଢିଙ୍କିଆ ନିର୍ବାଚନ

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟା ସଭ୍ୟ ନିମନ୍ତେ ଆସନ୍ତା ଅକ୍ଟୋବର ୪ ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ କରିବାକୁ ଏବେଠାରୁ ପଞ୍ଚାୟତକୁ ସିସିଟିଭି ନଜରରେ ରଖିବାକୁ କେତେଜଣ ଭୋଟର କେନ୍ଦ୍ର ଓ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନଠାରୁ କେତେଜଣ ପ୍ରଭାବଶାଳୀ ରାଜନେତା ସାଧାରଣ ଲୋକଙ୍କୁ ମଦ, ମାଂସ ଓ ଟଙ୍କାର ଲୋଭ ଦେଖାଇ ଭ୍ରମିତ କରିବା ସାଙ୍ଗକୁ ଭୟଭୀତ କରିବା ଆରମ୍ଭ କଲେଣି। ପବିତ୍ର ଗଣତନ୍ତ୍ରକୁ ଅପବିତ୍ର କରିବାର ଏହା ଏକ ହୀନ ପ୍ରୟାସ । ଆଗକୁ ଆହୁରି ଏହି ପ୍ରକ୍ରିୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରି ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାକ୍ଷର ସମ୍ବଳିତ ଦରଖାସ୍ତ ଡାକ ଯୋଗେ ଉଭୟ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇଛନ୍ତି। ସୂଚନାଯୋଗ୍ୟ, ୨୩ଟି ୱାର୍ଡକୁ ନେଇ ଗଠିତ ଢ଼ିଙ୍କିଆ ପଞ୍ଚାୟତରେ ସରପଞ୍ଚ ଓ ୨୨ଟି ୱାର୍ଡ ସଭ୍ୟାସଭ୍ୟ ପଦ ପାଇଁ ନିର୍ବାଚନ ହେବ । ୯ ନଂ. ୱାର୍ଡଟି ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ସେ ୱାର୍ଡରେ ଏହି ବର୍ଗର କେହି ନ ଥିବାରୁ ଭୋଟ ହେବ ନାହିଁ । ୭ ହଜାର ୯ ଶହ ୬୫ ଜଣ ମତଦାତା ମତଦାନ କରିବେ ।

# ଛତୁ ମଞ୍ଜି ଉତ୍ପାଦନ କୌଶଳ ସମ୍ବନ୍ଧୀୟ ତାଲିମ



ତାଲିମ ଶିବିରରେ ମାନପତ୍ର ପାଇଥିବା ଚାଷୀମାନେ।

ଜଗତ୍‌ସିଂହପୁର, ୨୧ ।୯ (ପ୍ରମୋଦ କୁମାର ନାୟକ)

କୃଷି ବିଜ୍ଞାନ କେନ୍ଦ୍ର, ଜଗତ୍‌ସିଂହପୁର ପକ୍ଷରୁ ଏହାର ପରିସରରେ ଛତୁ ମଞ୍ଜି ଉତ୍ପାଦନ କୌଶଳ ସମ୍ବନ୍ଧୀୟ ୫ ଦିନିଆ ତାଲିମ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ୨୦ ଜଣ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛତୁ ମଞ୍ଜି ଉତ୍ପାଦନ ଉପରେ ବିଶଦ ଭାବରେ ଆଲୋଚନା ହୋଇଥିଲା। ମଞ୍ଜି ଉତ୍ପାଦନ ପାଇଁ ଆବଶ୍ୟକ ଉପାଦାନ ଯଥା ଅଟୋକ୍ଲେଭ, ଲମିନାରଏୟାର୍ ଫ୍ଲୋ, ରନ୍ଧନ ଉପକରଣ, ରାସାୟନିକ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପଦାର୍ଥ ଉପରେ ଜ୍ଞାନ ପ୍ରଦାନ କରିବା ସହ ଛତୁ ମଞ୍ଜି ପ୍ରସ୍ତୁତ ପ୍ରଣାଳୀ ଯଥା ମୂଳ ଫିମ୍ପି ପ୍ରସ୍ତୁତି (ମଦର କଲଚର), ମୂଳ ଫିମ୍ପି ରୁ ଅଧିକ ବଂଶ ବିସ୍ତାର (ସବ୍ କଲଚର) ଓ ଛତୁ ମଞ୍ଜି ପ୍ରସ୍ତୁତି ଉପରେ ଜ୍ଞାନ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଚାଷୀ ନିଜେ ମିଡିଆ ପ୍ରସ୍ତୁତି, କଲଚର ପ୍ରସ୍ତୁତି, ଛତୁ ମଞ୍ଜି ପ୍ରସ୍ତୁତି କରିଥିଲେ। ଛତୁ ଚାଷର ଆବଶ୍ୟକତା, ଛତୁ ଚାଷର ସୁଯୋଗ, ଛତୁରେ ଥିବା ଖାଦ୍ୟ ଉପାଦାନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଛଡ଼ା ପାଳ ଛତୁ ଧିଙ୍ଗିରି ଛତୁ, ଦୁଗ୍ଧ ଛତୁ, ବୋତାମ ଛତୁ ଓ ରିସି ଛତୁ (ଗାନୋଡରମା ଛତୁ) ଆଦିର ଚାଷ ପ୍ରଣାଳୀ ଅଦିନିଆ ଛତୁ ଚାଷ ତଥା ପଲିହାଉସରେ ଛତୁ ଚାଷ ବିଷୟରେ ଶିକ୍ଷା ଦିଆଯାଇଥିଲା। ଏହାବ୍ୟତୀତ ଛତୁ ଅମଳ ପରବର୍ତ୍ତୀ ଯତ୍ନ, ଛତୁର ପୋଷକ ଗୁଣ, ଔଷଧୀୟ ଗୁଣ, ଛତୁର ମୂଲ୍ୟ ଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି, ଛତୁ ଚାଷରେ ରୋଗ ପୋକ ପରିଚାଳନା, ଛତୁ ଚାଷରେ ଥିବା ସରକାରୀ ପ୍ରୋତ୍ସାହନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ.ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝି, ଡ. ଦ୍ୱାରିକା ମୋହନ ଦାସ, ଶ୍ରୀମତୀ ସରିତା ଦାସ ଓ ବୈଷୟିକ କର୍ମଚାରୀ ବିଜୟିନୀ ସାହୁ, ଡ.ବିଚିତ୍ରା ମୈତ୍ରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ମୌଳିକ ଭାଷା, ଗଣିତ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

ରଘୁନାଥପୁର,୨୧ ।୯(ରାଜେନ୍ଦ୍ର ନାରାୟଣ ସିଂହ)

## ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈଠକ

ରଘୁନାଥପୁର ବ୍ଲକ ଅଧୀନ ୨୫ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ୧୦ମ ମାସିକ ବୈଠକ ନାଳିବର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏବିଓ ଆଶୁତୋଷ ବାନାର୍ଜୀ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଛାତ୍ରୀଛାତ୍ରଙ୍କ ମୌଳିକ ଭାଷା,ସଂଖ୍ୟା ଜ୍ଞାନ ଓ ଗଣିତ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ପିଲାଙ୍କ ଗଣିତରେ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନେ ଯତ୍ନବାନ ହେବା ଲାଗି ଶିକ୍ଷାଧିକାରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ, ଉଲ୍ଲାସ ଚନ୍ଦ୍ର ରାୟ ଓ ଅକ୍ଷୟ କୁମାର ମହାନ୍ତି ବୈଠକରେ ଭାଗ ନେଇ ନିଜର ମତାମତ ରଖିଥିଲେ। ପ୍ରାରମ୍ଭରେ ନାଳିବର ସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜନପ୍ରଭା ରାଉତରାୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ତାରପୁର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବିଶ୍ୱାଳ ଗତ ବୈଠକର ବିବରଣୀ ପଠନ କରିଥିଲେ। ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା, ରଞ୍ଜନ କୁମାର ମିଶ୍ର, ପ୍ରଶାନ୍ତ କୁମାର ସାମଲ, ପ୍ରଣତିଲତା ଦାଶ, ରିତା ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଅଞ୍ଜନା ନାୟକ ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ।

# ଆବର୍ଜନା ନ କରିବାକୁ ଶପଥ ନେବାକୁ ହେବ



ଆବର୍ଜନା ନ କରିବା ପାଇଁ ଛାତ୍ରୀଛାତ୍ର ଓ ଅନ୍ୟମାନେ ଶପଥ ନେଉଛନ୍ତି।

ପାରାଦୀପ,୨୧।୯(ଶରତ ରାଉତ)

## ଆନ୍ତର୍ଜାତିକ ତଟ ସଫେଇ ଦିବସ

ପାରାଦୀପର ବଡିଘର ବେଳାଭୂମିରେ ଶନିବାର ଆନ୍ତର୍ଜାତିକ ତଟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପାରାଦୀପ ଓ ପାରାଦୀପ ପୌରପରିଷଦ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ କିଛି କମ୍ପାନୀ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସ୍କୁଲ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇଥିଲେ।

ଏହି ଅବସରରେ ଆଞ୍ଚଳିକ ଅଧିକାରୀ ବେହେରା କହିଥିଲେ,୧୯୮୬ରେ ଆମେରିକାର ଗବେଷକମାନେ ସମୁଦ୍ରରେ ପ୍ଲାଷ୍ଟିକ କଣିକା ମିଶୁଥିବା ଜାଣିବାକୁ ପାଇଥିଲେ। ସେବେଠାରୁ ସମୁଦ୍ରରେ ପ୍ଲାଷ୍ଟିକ ନ ମିଶାଇବା ପାଇଁ ଏଭଳି ତଟ ସଫେଇ ଦିବସ ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ସେପ୍ଟେମ୍ବର ତୃତୀୟ ଶନିବାର ଏହା ପାଳନ କରାଯାଉଛି। ପୃଥିବୀରେ ବର୍ଷକୁ ୫୦୦ରୁ ୬୦୦ମିଲିୟନ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ସେହି ପ୍ଲାଷ୍ଟିକର ଏକ ତୃତୀୟାଂଶ ସମୁଦ୍ରରେ ମିଶୁଛି। ଏହାକୁ ଜଳଜୀବ ଖାଇବା ଦ୍ୱାରା ଅନେକ ପ୍ରଜାତିର ଜଳଜୀବ ମରିଯାଉଛନ୍ତି। ସେଥିପାଇଁ ଆମେ ସମସ୍ତେ ପ୍ରକୃତିର ସୁରକ୍ଷା ଦାତା ସମୁଦ୍ରକୁ ସଫା ରଖିବା ପାଇଁ ସଂକଳ୍ପ ନେବା ବୋଲି କହିଥିଲେ। ମୁଖ୍ୟ ଅତିଥି ବିଶ୍ୱାଳ କହିଥିଲେ, ଆମେ କେବଳ ଆବର୍ଜନା ସଫା କରିବା ପାଇଁ ସଚେତନ କଲେ ହେବ ନାହିଁ। ଆମେ ଆଜିଠାରୁ ଶପଥ ନେବା ମୁଁ ଆବର୍ଜନା କରିବି ନାହିଁ। ଏହି ମାନସିକତା ରହିଲେ ଆଗାମୀ ବଂଶଧର ସୁରକ୍ଷିତ ରହିବ। ସେହିପରି କୋଷ୍ଟଗାର୍ଡ ପକ୍ଷରୁ ଅଲଗା ଭାବେ ତଟ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

# ତୁମ୍ବେଶ୍ୱର ମନ୍ଦିରରୁ ଚୋରି

ନାଉଗାଁ,୨୧।୯(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତର ତୁମ୍ବେଶ୍ୱର ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମନ୍ଦିର ପୂଜକ ଜଗନ୍ନାଥ ପଣ୍ଡା ଶନିବାର ସକାଳୁ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିବା ସମୟରେ ମନ୍ଦିର କବାଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏହାପରେ ଭିତରକୁ ଯାଇ ଦେଖିବା ବେଳକୁ ଦୋଳରେ ଯାଉଥିବା ଶିବପାର୍ବତୀଙ୍କ ଅଷ୍ଟଧାତୁ ମୂର୍ତ୍ତି, ୪ ଫୁଟର ପିତଳ ନାଗ, ପିତଳ ଖଟୁଲି, ହନୁମାନ ମନ୍ଦିରରୁ ପିତଳ ଢାଳ, ଥାଳିଆ, ଘଣ୍ଟି, ଶନି ମନ୍ଦିରରୁ ଢାଳ, ଘଣ୍ଟି ,ଥାଳି ସମେତ ପାର୍ବତୀ ମନ୍ଦିର ପରିସରରେ ଥିବା ପାଣି ପମ୍ପ ଆଦି ଚୋରି ହୋଇଥିବା ଜଣାପଡ଼ିଥିଲା। ଉକ୍ତ ମନ୍ଦିରଟି ଏକ ନିଛାଟିଆ ସ୍ଥାନରେ ହୋଇଥିବାରୁ ପୂଜା ସାରି ପୂଜକ ଆସିବା ପରେ ଦୁର୍ବୃତ୍ତମାନେ ଚୋରି କରିଥିବା ଆଶଙ୍କା କରାଯାଉଛି। ପୂର୍ବରୁ ଉକ୍ତ ମନ୍ଦିରରୁ ବିଭିନ୍ନ ଠାକୁରଙ୍କ ପିତଳ ଜିନିଷ ଚୋରି ଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏସଂକ୍ରାନ୍ତରେ ଥାନାଧିକାରୀ ସଂଘମିତ୍ରା ନାୟକଙ୍କୁ ପଚାରିବାରେ ତଦନ୍ତ ଜାରି ରହିଥିବା କହିଛନ୍ତି।

# ସ୍କୁଲ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

ରାଜକନିକା,୨୧।୯(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତର ଜୟନଗର ଗାଁରେ ଥିବା ଜୟନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୫୧ରେ ସ୍ଥାପିତ ହୋଇଛି । ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ହେଲେ ଏହି ବିଦ୍ୟାଳୟ ଏକ ବର୍ଷ ହେବ ଜଣେ ଶିକ୍ଷକଙ୍କ ଦ୍ୱାରା ଚାଲିଛି । ଗୋଟିଏ ଶ୍ରେଣୀ ଗୃହରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ସମ୍ପୃକ୍ତ ଶିକ୍ଷକ ପାଠ ପଢ଼ାଉଛନ୍ତି। ଜଣେ ଶିକ୍ଷକ ଥିବାରୁ, ସେ ଅଫିସ କାର୍ଯ୍ୟ ଓ ମଧ୍ୟାହ୍ନ ଭୋଜନ ଖାତା କାମ କରୁଥିବାରୁ ଠିକ ଭାବେ ପାଠ ପଢାଇ ପାରୁ ନାହାନ୍ତି । ଏଥିପାଇଁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଗୋଟିଏ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ର ପାଠପଢା ହେଉଥିବାରୁ କୌଣସି ଏକ ଶ୍ରେଣୀର ପାଠପଢା ସମୟରେ ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ପାଟି କରୁଛନ୍ତି । ଜଣେ ଶିକ୍ଷକ ଥିବାରୁ ପିଲାମାନେ ପାଠ ପଢି ପାରୁନାହାନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଗତ ମାର୍ଚ୍ଚ ୨୨ରେ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ବିଇଓ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ଖୁବ୍ ଶିଘ୍ର ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ହେଲେ ଏଠାକୁ ନୂତନ ଶିକ୍ଷକ ନ ଆସିବାରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବସି ରହିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ । ତୁରନ୍ତ ଏହି ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆ ନ ଯିବା ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକରେ ତାଲା ପଡି ରହିବ ବୋଲି ଗ୍ରାମବାସୀ, ଛାତ୍ରୀଛାତ୍ର ଓ ଅଭିଭାବକମାନେ କହିଛନ୍ତି । ଉକ୍ତ ଆନ୍ଦୋଳନରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଭୁତି ଭୂଷଣ ନାୟକ, ଜୟନ୍ତ କୁମାର ମଲିକ, ଅନିଲ କୁମାର ପଲାଇ, ଅମର କୁମାର ପଲାଇ, ବିକ୍ରମ କୁମାର ନାୟକ, ଧନୁର୍ଜ୍ଜୟ ନାୟକ, କଳାକାର ମଲିକ, ମିନାକ୍ଷୀ ପ୍ରଧାନ, ସେଫାଳୀ ପ୍ରଧାନ, ଅମ୍ବୁଧରା ଦାସ, ଆଶାଲତା ସେଠୀ, ଅରୁଣ କୁମାର ବିଶ୍ୱାଳଙ୍କ ସମେତ ଛାତ୍ରୀଛାତ୍ର ଆୟୁଷ ମଲିକ, ଅମ୍ରିତା ପ୍ରଧାନ, ଶୁଭମ ମଲିକ, ଜୟପ୍ରକାଶ ପ୍ରଧାନ, ଚିନୁ ବାରିକ, ବିଶ୍ୱଜିତ ବେହେରା, ଧର୍ମବୀର ମଲିକ, ସୌରଭ ପ୍ରଧାନ, ଦେବସ୍ମିତା ନାୟକ, ଅମିୟ କୁମାର ବିଶ୍ୱାଳ, ସର୍ଣ୍ଣପ୍ରଭା ସେଠୀ, ଶୁଭ୍ରଜ୍ୟୋତି ନାୟକ, ନିରଞ୍ଜନ ସେଠୀ, ସେଲିନା ବାରିକ, ବିଶ୍ୱ ରଞ୍ଜନ ପଲାଇ ପ୍ରମୁଖ ସାମିଲ ହୋଇଛନ୍ତି ।

# ଗୋଟିଏ ପ୍ଲଟ୍‌ରେ ଏକାଧିକ ହିତାଧିକାରୀଙ୍କ ନାମ

ନାଉଗାଁ, ୨୧।୯(ସୁଧା ବେହୁରା)

■ ମୋ ଉପକାରୀ ବଗିଚା ପ୍ରକଳ୍ପରେ ଟଙ୍କକତା

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୋର୍ଟାଲ୍‌ରୁ ଜଣାପଡ଼ିଛି

ରାଜ୍ୟ ସରକାର ମୋ ଉପକାରୀ ବଗିଚା ନାମରେ ଏକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକମାନେ ଜୈବିକ ଖତ ବ୍ୟବହାର କରି ପୁଷ୍ଟିକର ପରିବା ଉତ୍ପାଦନ କରିପାରିବେ। ଏହାଦ୍ୱାରା ସେମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାରକ୍ଷମ କରାଇପାରିବେ। କିନ୍ତୁ ନାଉଗାଁ ବ୍ଲକରେ ଉକ୍ତ ଯୋଜନାରେ ଟଙ୍କକତା କରାଯାଇଥିବା ଅଭିଯୋଗ ହେଉଛି। ବ୍ଲକରେ ଗୋଟିଏ ପ୍ଲଟରୁ ଏକାଧିକ ହିତାଧିକାରୀଙ୍କ ନାମରେ ଏହି ଯୋଜନାରେ ବିଲ୍ କରାଯାଇଛି। ନିୟମାନୁସାରେ, ବ୍ୟକ୍ତିଗତ ମୋ ଉପକାରୀ ବଗିଚା ପାଇଁ ଗୋଟିଏ ପ୍ଲଟ ୧୩ ଶହ ୫୨ ବର୍ଗଫୁଟର ହୋଇଥିବା ଆବଶ୍ୟକ। ଏହା ମଧ୍ୟରେ ଜଳ ସଂରକ୍ଷଣ ପାଇଁ ଗୋଟିଏ ପିଟ୍ ଓ ଜୈବିକ ଖତ ପାଇଁ କମ୍ପୋଜିଟ୍ ପିଟ୍ ରହିବ। ଫଳରେ ଉକ୍ତ ପିଟ୍‌ରୁ ଚାଷୀ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପାଇବା ସହ ଓ ଆବଶ୍ୟକ ପାଣି ଚାଷ ପାଇଁ ବ୍ୟବହାର କରିପାରିବେ। ଏହି ୨ଟି ପିଟ୍‌କୁ ଛାଡି ଦେଲେ ୪ ଫୁଟ ବ୍ୟବଧାନରେ ୭ଟି ଆନ୍ଧି ରହିବ। ତେବେ ୨ ଆନ୍ଧି ମଧ୍ୟରେ ୧ ଫୁଟର ପାଣି ନାଳ ରହିବ। ଏଥିସହ ୨ଟି ମନ୍ଦା ଏବଂ ଚତୁଃପାର୍ଶ୍ୱରେ ବିଭିନ୍ନ ପରିବାଜାତୀୟ ଗଛ ଯଥା ସଜନା, ଅମୃତ ଭଣ୍ଡା ଆଦି ଗଛ ରହିବ। ବଗିଚାକୁ ସୁରକ୍ଷା ଦେବା ପାଇଁ ଚତୁଃପାର୍ଶ୍ୱରେ ସବୁଜ ବାଡ଼ ଓ ଗୋଟିଏ ପାର୍ଶ୍ୱରେ ବଗିଚାକୁ ଯିବା ଆସିବା କରିବା ପାଇଁ ବାଉଁଶ ଗେଟ୍ ରହିବ।

ନାଉଗାଁ ବ୍ଲକରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଅଧିକାଂଶ ପଞ୍ଚାୟତରେ ବଗିଚା ନିର୍ମାଣ କରାଯାଇଥିବା ଦର୍ଶାଯାଇଥିବା ବେଳେ ଗୋଟିଏ ହେଲେ ବଗିଚା ନ ଥିବା ଜଣାଯାଇଛି। ବ୍ଲକରେ ବଗିଚା ନିର୍ମାଣ କରାଯାଇଥିବା ପଞ୍ଚାୟତଗୁଡ଼ିକୁ ଅନୁଧ୍ୟାନ କଲେ ବଛାଳୋ ପଞ୍ଚାୟତରେ ଦଶଜଣ ଚାଷୀଙ୍କ ପାଇଁ ଗୋଟିଏ ପ୍ଲଟ ନଂ. ୧୦୫୭ ଦର୍ଶାଯାଇଛି। ସେହିପରି ତିନି ଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ.୧୦୫୮, ଦଶଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୨୪୫, ଆଉ ଦଶଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୫୪୫/୬୪୫ ଦର୍ଶାଯାଇଛି। ନାଉଗାଁ ପଞ୍ଚାୟତରେ ଚଉଦ ଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୧୨୪୮, ବାରଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୫୯୪, ଏଗାର ଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ.୨୩୫୭, ଓଷକଣା ପଞ୍ଚାୟତରେ ସାତଜଣ ଚାଷୀଙ୍କ ପ୍ଲଟ ନଂ. ୨୫୮, ଛଅଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ.୨୭୮, ତିରୁଣା ପଞ୍ଚାୟତରେ ୧୦ ଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୧୧୪୮, ଦଶଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୧୦୨୩/୧୫୮୭, ଡେରିକି ପଞ୍ଚାୟତରେ ଦଶଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ.୨୫୫୩, ଆଉ ଦଶଜଣ ଚାଷୀଙ୍କ ପାଇଁ ପ୍ଲଟ ନଂ. ୨୫୮୮ ଆଦି ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ପୋର୍ଟାଲରେ ଦର୍ଶାଯାଇଛି। କେବଳ ଏହି ପଞ୍ଚାୟତ ନୁହେଁ, ଯେଉଁ ପଞ୍ଚାୟତରେ ଉକ୍ତ ବଗିଚା ନିର୍ମାଣ କରାଯାଇଛି ଅଧିକାଂଶ ସ୍ଥାନରେ ଗୋଟିଏ ପ୍ଲଟରେ ଏକାଧିକ ହିତାଧିକାରୀ ଥିବା ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି। ଗୋଟିଏ ପ୍ଲଟ ଉପରେ ଏକାଧିକ ଚାଷୀ କିପରି ଚାଷ କରୁଛନ୍ତି, ସେନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ସୂଚନା ମୁତାବକ, ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ କୋରୁଅ ଓ ଅଲଣା ପଞ୍ଚାୟତକୁ ଛାଡିଦେଲେ ଅନ୍ୟ ପଞ୍ଚାୟତରେ ମୋ ଉପକାରୀ ବଗିଚା ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୋର୍ଟାଲ ତଥ୍ୟ ଅନୁସାରେ ୨୦୨୪–୨୫ ଆର୍ଥିକ ବର୍ଷରେ ୬୪ ମୋ ଉପକାରୀ ବଗିଚା ପାଇଁ ୩ ୭୮ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏଥିମଧ୍ୟରୁ ୯ ପଞ୍ଚାୟତରେ ୨୮ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ୧୪୩୬ଟି ଶ୍ରମଦିବସ ସୃଷ୍ଟି କରାଯାଇଛି। ଏହା ବାବଦରେ ପ୍ରତି ଶ୍ରମ ଦିବସକୁ ୨୫୪ ଟଙ୍କା ହିସାବରେ ୩ ଲକ୍ଷ ୬୪ ହଜାର ୭ ଶହ ୪୪ ଟଙ୍କା ପ୍ରଦାନ କରାଯାଇଛି। ଏ ପ୍ରସଙ୍ଗରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶିବିରରେ ୬୮ ୟୁନିଟ୍ ରକ୍ତ ସଂଗ୍ରହ

ବୁଗୁଡ଼ା,୨୧ା୯(କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ ଡିଗ୍ରୀ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ କଲେଜ ପରିଚାଳନା ସମିତି ସଭାପତି ରଜନୀକାନ୍ତ ଭଞ୍ଜ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଲେଜ ସମ୍ମିଳନୀ କକ୍ଷରେ ୟୁଥ୍ ରେଡ୍‌କ୍ରସ୍ ଏବଂ ଜାତୀୟ ସେବା ଯୋଜନା ୟୁନିଟ୍-୧ ଓ ୨ର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ ଟିମ୍ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କଠାରୁ ୬୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ ୱାଇଆର୍‌ସି କାଉନସିଲର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଓ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବର୍ଗେ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରବୀନ୍ଦ୍ର ନାଥ ପୋଲେଇ ଓ ଅଧ୍ୟାପିକା ସସ୍ମିତା ସାମନ୍ତରା ପରିଚାଳନା କରିଥିଲେ। ଏଥିରେ ମୋହିତ କୁମାର ସାହୁ, ରେଶମା ସେଠୀ, ଶୁଭଶ୍ରୀ ନାୟକ, ତୃପ୍ତି ଆଲଟିଆ ଓ ଇପ୍ସିତା ପ୍ରଧାନଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଧରାକୋଟ/ ଚାନ୍ଦିପୁଟ,,୨୧ା୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ/ କେ. ପ୍ରମୋଦ କୁମାର ଦୋରା)

ଧରାକୋଟ ବ୍ଲକର ଢଉଗାଁ ବାସୁଦେବ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ରାଲି ଢଉଗାଁ ଗ୍ରାମ ପରିକ୍ରମା କରିଥିଲା। ଶିକ୍ଷକ ରଞ୍ଜନ ସାହୁ, ପ୍ରୀତିମାନ ପ୍ରଧାନ, ମାନସ ରଞ୍ଜନ ବେହେରା, ବସନ୍ତ କୁମାର ପାଣିଗ୍ରାହୀ, ମହେଶ୍ୱର ଗୌଡ଼ ଏବଂ ଶିକ୍ଷୟିତ୍ରୀ ରେଣୁକା ଦାସ, ନମିତା ତ୍ରିପାଠୀ, ଦୀପ୍ତିମୟୀ ନାୟକ, ରାଧା ମାଧୁରୀ ତ୍ରିପାଠୀ ଓ ଅଶ୍ୱିନୀ କୁମାରୀ ଅଧିକାରୀ ଏହି ସଚେତନତା ରାଲିର ନେତୃତ୍ୱ ନେଇଥିଲେ। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ସ୍ୱଚ୍ଛ ପରିବେଶ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ସେହିପରି ମୋହନା ତହସିଲଠାରେ ତହସିଲଦାର ସତ୍ୟବାନ ନାୟକ ତହସିଲ କର୍ମଚାରୀଙ୍କୁ ନେଇ ସ୍ୱଚ୍ଛ ଭାରତ ଅଭିଯାନ କରିଛନ୍ତି। ତହସିଲ ପରିସର ଅଳିଆ ଆବର୍ଜନା, ଲଟା କଣ୍ଟା ସଫାକରି ପରିବେଶକୁ ସଫାସୁତୁରା ରଖିବା ପାଇଁ ଉପଦେଶ ଦେବା ସହ କାର୍ଯ୍ୟରେ କରି ଦେଖାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କିରାଣି ଯୁଧିଷ୍ଠିର ରଣସିଂ, କିରାଣି ସମୀର ଭୁକ୍ତା, କିରାଣି ରାଜୁ ଶବର, ରାଜସ୍ୱ ନିରୀକ୍ଷକ ତାରା ପ୍ରସାଦ ମହାନ୍ତି ଏବଂ ତହସିଲର ସମସ୍ତ କର୍ମଚାରୀ ଏହି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ରୋଗୀଙ୍କୁ ଫଳ ବଣ୍ଟନ, ସ୍ୱଚ୍ଛ ଭାରତ ଅଭିଯାନ

ରମ୍ଭା,୨୧ା୯(ବନବାସୀ ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ତମ ଜନ୍ମ ଦିବସ ଅବସରରେ ଭାଜପା ତରଫରୁ ସେପ୍ଟେମ୍ବର ୧୭ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବାପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ନିର୍ବାଚନମଣ୍ଡଳୀର ରମ୍ଭା ମେଡିକାଲରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ସମେତ ରୋଗୀଙ୍କୁ ଫଳବଣ୍ଟନ ସହ ସେମାନଙ୍କୁ ମାଗଣାରେ ଔଷଧ ମିଳିବା କଥା କହିଥିଲେ ଏବଂ ମେଡିକାଲର ସ୍ୱଚ୍ଛତା ବୁଲି ଦେଖିବା ସହ ଡାକ୍ତରମାନଙ୍କୁ ପଚାରି ସ୍ଥିତି ପରଖିଥିଲେ। ଉକ୍ତ କାର୍ଯ୍ୟକ୍ରମ ଗଞ୍ଜାମ ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସଙ୍କ ନେତୃତ୍ୱରେ ସେବାପକ୍ଷ କାର୍ଯ୍ୟ ହୋଇଥିଲା। ଏଥିରେ ରମ୍ଭା ଏନ୍‌ଏସିର ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରାଇ, ଗଞ୍ଜାମ ଜିଲା ଭାଜପାର ଉପସଭାପତି ରଶ୍ମିରାଣୀ ମହାପାତ୍ର, ଗଞ୍ଜାମ ବ୍ଲକ ପୂର୍ବତନ ଚେୟାରମ୍ୟାନ ରଘୁନାଥ ସାହୁ, ଗଞ୍ଜାମ ବ୍ଲକ ବିଧାୟକ ପ୍ରତିନିଧି ମାନସ ନାହାକ, ରମ୍ଭା ମଣ୍ଡଳ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ଦୋରା, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ନାହାକ ପ୍ରମୁଖ ଯୋଗ ଦେଇଥିଲେ।

# କନ୍ଧମାଳ ହଳଦୀର କିସମ ଗୋଟିଏ, ଗୁଣ୍ଡ ମିଳୁଛି ଏକାଧିକ



ଦାରିଙ୍ଗବାଡି, ୨୧ା୯(ଅରୁଣ ସାହୁ)

- ଧରପଗଡ଼ ନ କରି ବିଭାଗ ନିଦରେ
- ବ୍ରହ୍ମପୁରରୁ ଆସୁଥିବା ସାମଗ୍ରୀ କନ୍ଧମାଳର କହି ବିକ୍ରି କରୁଛନ୍ତି

ବର୍ଷା ଓ ଶୀତ ଋତୁର ମଧ୍ୟବର୍ତ୍ତୀ ସମୟରେ ଦାରିଙ୍ଗବାଡିକୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ସାଥୀରେ କନ୍ଧମାଳରେ ଅମଳ ହେଉଥିବା ବିଶ୍ୱ ପ୍ରସିଦ୍ଧ ହଳଦୀ ସମେତ ମହୁ, ଝୁଣା, ଅଦା, ସୋରିଷ, ଗୋଲମରିଚ, କଫି, କ୍ଷୁଦ୍ରଦାନା ଶସ୍ୟ କୁଏରୀ, କାଙ୍ଗୁ, ମାଣ୍ଡିଆ, ପାଳୁଅ ଆଦି କିଣି ନେବାକୁ ଭୁଲନ୍ତିନି। ହଳଦୀ ଗୋଟିଏ କିସମର ଏଠାରେ ଉତ୍ପାଦନ କରାଯାଉଥିବା ବେଳେ ତାହାକୁ ପ୍ରସ୍ତୁତି କରାଯିବା ପରେ ଗୁଣ୍ଡ ଆକାରରେ ବିକ୍ରି କରାଯାଉଛି ଏକାଧିକ ରଙ୍ଗର ହଳଦୀ ଗୁଣ୍ଡ। ଏପରି ନକଲି ହଳଦୀ ଗୁଣ୍ଡ ପ୍ରସ୍ତୁତ କରିବାକୁ ବ୍ରହ୍ମପୁର ବଜାରରୁ ଅପମିଶ୍ରିତ ଗୁଣ୍ଡ ଆଣି ତାହାକୁ ପ୍ରକୃତ ହଳଦୀରେ ମିଶାଇ ବିକ୍ରି କରାଯାଇ ପର୍ଯ୍ୟଟକଙ୍କୁ ଠକୁଛନ୍ତି ବ୍ୟବସାୟୀ। ଏନେଇ ଧରପଗଡ କରିବାକୁ ନାଁ ଧରୁନି ଖାଦ୍ୟ ନିରାପତ୍ତା ଓ ମାନଦଣ୍ଡ ଦାୟିତ୍ୱରେ ଥିବା ବିଭାଗ । ଫଳରେ ପ୍ରକୃତ କନ୍ଧମାଳ ହଳଦୀ ବିକ୍ରି କରୁଥିବା ବ୍ୟବସାୟୀ ଓ ଜିଲା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି କଫି ବଗିଚା ସମ୍ମୁଖରେ କଫି ଗୁଣ୍ଡ ପ୍ରସ୍ତୁତ କରି ବିକ୍ରି କରାଯାଉଛି। ଜିଲା ପ୍ରଶାସନ କଫି ସଂଗ୍ରହ କରିବାକୁ ପଦକ୍ଷେପ ନେଉ ନ ଥିବା ବେଳେ କଫି ପ୍ରସ୍ତୁତ ଓ ପ୍ୟାକିଂ କୌଣସି ସ୍ୱୀକୃତିପ୍ରାପ୍ତ କମ୍ପାନୀକୁ ମଧ୍ୟ ପ୍ରଦାନ କରାଯାଇନାହିଁ। ଦାରିଙ୍ଗବାଡି କଫି ନାମରେ ଲେବୁଲ ମାରି ଏହାକୁ ଅବାଧରେ ବିକ୍ରି କରାଯାଉଛି। ଦାରିଙ୍ଗବାଡିରେ କୌଣସି ମସଲା ଜାତୀୟ ଯଥା ଡାଲଚିନି, ଗୁଜୁରାତି, ଜୁଆଣି, ଜୁଆଣି ଫୁଲ, ଧଳା ସୋରିଷ, ଚେରିକୋଳି, ପୁସ୍ତା, ତେଜପତ୍ର ଭଳି ସାମଗ୍ରୀ ଅମଳ ହେଉ ନ ଥିଲେ ସୁଦ୍ଧା କନ୍ଧମାଳ ଅଞ୍ଚଳର ନାମ ଦେଇ ପ୍ୟାକିଂ କରି ଉପରୋକ୍ତ ଜିନିଷ ବିକ୍ରି ହେଉଛି। ଅଞ୍ଚଳରେ ଥିବା ଓଜନ ଓ ମାପ ବିଭାଗ ସହ ଖାଦ୍ୟ ନିରାପତ୍ତା ଓ ଏହାର ମାନ ପରୀକ୍ଷା କରିବାକୁ ବ୍ଲକ ସ୍ତରରେ ବିଭାଗୀୟ କାର୍ଯ୍ୟାଳୟ ନ ଥିବା ବେଳେ ଜିଲାସ୍ତରୀୟ ଅଧିକାରୀମାନେ ଏହାକୁ ଯାଞ୍ଚ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏନେଇ ଭୁବନେଶ୍ୱରର ଜଣେ ପର୍ଯ୍ୟଟକ ସମରେନ୍ଦ୍ର ସାହୁ କୁହନ୍ତି ସେ ଅନେକ ଥର ଦାରିଙ୍ଗବାଡି ବୁଲିବାକୁ ଆସିଛନ୍ତି। ହଳଦୀ ଗୋଟିଏ ପ୍ରକାର ଆମେ ଜାଣିଛୁ, କିନ୍ତୁ ପର୍ଯ୍ୟଟନକ୍ଷେତ୍ର ସମ୍ମୁଖରେ କିଛି ବ୍ୟବସାୟୀ ଅପମିଶ୍ରିତ ହଳଦୀ ବିଭିନ୍ନ ଦରରେ ବିକ୍ରି କରୁଛନ୍ତି। ସେଠାକାର ଜନଜାତି କିମ୍ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଠିକ୍ ଅଞ୍ଚଳର ଅମଳ ସାମଗ୍ରୀ ବିକ୍ରି କରୁଛନ୍ତି ବୋଲି ସେ କହିଛନ୍ତି । ଏନେଇ କନ୍ଧମାଳ ଜିଲା ଖାଦ୍ୟ ନିରାପତ୍ତା ଓ ମାନଦଣ୍ଡ କର୍ତ୍ତୃପକ୍ଷ ସତ୍ୟବ୍ରତ ଷେଣ୍ଡଙ୍କୁ ପଚାରିବାରୁ ସେ କହିଛନ୍ତି, କେବଳ ହଳଦୀ ନୁହଁ ଏକାଧିକ ସାମଗ୍ରୀ ନକଲି ଆଶଙ୍କାରେ ଆଗାମୀ ଦିନରେ ଯାଞ୍ଚ ପାଇଁ ପଦକ୍ଷେପ ନିଆଯିବ।

# ଶିଶୁ ସୁରକ୍ଷା, ଥଇଥାନ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି।

ଫୁଲବାଣୀ, ୨୧ା୯(ରାକେଶ କୁମାର ରାଉତ)

ଶିଶୁ ସୁରକ୍ଷା ଏବଂ ଥଇଥାନ ଉପରେ ଏକ କର୍ମଶାଳା ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ବନାନୀ କଳା ସଙ୍ଗମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅର୍ପିତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଓ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସିଡବ୍ଲ୍ୟୁସି ଅଧ୍ୟକ୍ଷ ରଜତ ଦିଗାଲ, ସଦସ୍ୟ ସଦାଶିବ ପାତ୍ର, ପ୍ରସନ ବିଶୋୟୀ, ଏଲ୍‌ପିଓ ଅଭିରାମ କହଁର, ସୁନୀଲ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ଓ ଥଇଥାନ ଉପରେଗୁରୁତ୍ୱାରୋପ କରିଥିଲେ। ହମାରା ବଚପନ ଟ୍ରଷ୍ଟ ଗତ ଜୁନରୁ ଗ୍ରାମ ଏବଂ ସହରରେ ଅସୁରକ୍ଷିତ ଅବସ୍ଥାରେ ବସବାସ କରୁଥିବା ଶିଶୁମାନଙ୍କ ଜୀବନଶୈଳୀରେ ସୁଧାର ଆଣିବା, ସେମାନଙ୍କୁ ଏକ ସୁସ୍ଥ ନିରାପଦ ଶିଶୁଭିତ୍ତିକ ହିଂସାମୁକ୍ତ ପରିବାର ବା ସମାଜରେ ବାସ କରିବା ଦିଗରେ ସହାୟତା କରି କାର୍ଯ୍ୟ କରିଆସୁଛି । ଏବେ କନ୍ଧମାଳ ଜିଲ୍ଲାରେ ଏକ ପ୍ରକଳ୍ପ 'ଜଷ୍ଟ ରାଇଟସ୍ ଫର ଚିଲଡ୍ରେନ (ଜେଆରସି) ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି।

### ନିଜ ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ରୂପେ ଗଢିବାକୁ କରୁଛନ୍ତି ଉଦ୍ୟମ

# ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରପଞ୍ଚ ସମ୍ମାନିତ



ଦିଗପହଣ୍ଡି,୨୧ା୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ ରୂପେ ପରିଣତ କରିବା ପାଇଁ ସରପଞ୍ଚ ମନୋରଞ୍ଜନ ଗୌଡ଼ଙ୍କ ଉଦ୍ୟମକୁ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଛି। ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟାଧିକାରୀ ଡ଼ା.ସନ୍ତୋଷ ପାଢ଼ୀ ସରପଞ୍ଚଙ୍କୁ ମାନପତ୍ର ସମ୍ମାନିତ କରିଥିବା ଜଣାପଡିଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ସରପଞ୍ଚ ସାମିଲ ହୋଇ କଇଠଖଣ୍ଡି ପଞ୍ଚାୟତର ଗ୍ରାମଗୁଡ଼ିକରେ ଯକ୍ଷ୍ମା ରୋଗରେ ପୀଡିତ ଥିବା ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକୀୟ ପୋଷଣ ତଥା ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ସହଯୋଗ କରି ଆସୁଛନ୍ତି। ସେ ପଞ୍ଚାୟତର ଗାଁ କୁ ଗାଁ ବୁଲି ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ଦିଗରେ ଲୋକଙ୍କୁ ସଚେତନ କରି ପୀଡ଼ିତଙ୍କୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ନେବାକୁ କହିଆସୁଛନ୍ତି। କଇଠଖଣ୍ଡି ଗ୍ରାମପଞ୍ଚାୟତକୁ ଯକ୍ଷ୍ମାରୋଗ ମୁକ୍ତ ପଞ୍ଚାୟତ ରୂପେ ପରିଣତ କରିବାରେ ସହଯୋଗ କରୁଥିବାରୁ ତାଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି।

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଜେଲଗଲେ ଅଭିଯୁକ୍ତ

ଗଞ୍ଜାମ,୨୧ା୯(ବିଦ୍ୟାଧର ସାହୁ)- ଗଞ୍ଜାମ ଥାନା ଅଧୀନ ଦାମୋଦରପୁର ଗ୍ରାମର ଜଣେ ନାବାଳିକା ଛାତ୍ରୀଙ୍କୁ ସେହି ଗ୍ରାମର ଯୁବକଜଣକ ବଳାତ୍କାର କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗ ପରେ କ୍ରମେ ପୋଲିସ ନଂ. ୨୧୫/୩୪ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରୁଦ୍ରମଣି ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଘରେ ପଶି ଟଙ୍କା ସହ ସୁନା, ରୁପା ଲୁଟ୍

ଖଲିକୋଟ,୨୧ା୯(ପ୍ରଶାନ୍ତ କୁମାର ମିଶ୍ର)-ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମରେ ଶୁକ୍ରବାର ରାତିରେ ଜଣେ ବୃଦ୍ଧା ଘରୁ ଦୁର୍ବୃତ୍ତମାନେ ୭୦ ହଜାର ଟଙ୍କା ସହ ୧୭ ତୁଳା ସୁନା ଓ ୧୦ ତୁଳା ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଖୋଜାପଲ୍ଲୀ ଗ୍ରାମର ସୂର୍ଯ୍ୟ ପ୍ରଧାନ ବୃଦ୍ଧା ଘରେ ଏକାକୀ ରହୁଥିଲେ। ସେ ଶୁକ୍ରବାର ରାତିରେ ଖାଇ ସାରି ଉପର ଘରେ ଶୋଇଥିଲେ। ଭୋର ୪ଟାରେ ନିଦରୁ ଉଠି ରୁମ ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ। ତେବେ ରୁମ କବାଟ ବାହାର ପଟୁ ବନ୍ଦ ଥିବାରୁ ସେ ଆସି ପାରି ନଥିଲେ। ତାଙ୍କ ମନରେ ସନ୍ଦେହ ହେବାରୁ ପଡୋଶୀ ଝିଅ' ସୁକାନ୍ତି ପ୍ରଧାନଙ୍କୁ ଡାକିଥିଲେ। ସୁକାନ୍ତି ଆସି ଦେଖିବା ବେଳକୁ ବାରିପଟ ଗେଟର ତାଲା କଟାଯାଇଥିଲା ଏବଂ କାଠ କବାଟରେ ଏକ ହୋଲ କରି କବାଟ ଖୋଲା ଯାଇଥିଲା। ସେ ଉପରକୁ ଆସି ରୁମ କବାଟ ଖୋଲିବା ପରେ ବୃଦ୍ଧା ବାହାରକୁ ଆସି ଚୋରି ସମ୍ପର୍କରେ ଜାଣି ପାରିଥିଲେ। ଦୁର୍ବୃତ୍ତମାନେ ଆଲମାରୀ ଭାଙ୍ଗି ଭିତରେ ଥିବା ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ନେଇଯାଇଛନ୍ତି। ଏ ସମ୍ପର୍କରେ ସୂର୍ଯ୍ୟଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ପୋଲିସ ନଂ. ୭୭୪/୨୦୨୪ ଅନୁଯାୟୀ ମାମଲା ରୁଜୁ କରିଛି। ଥାନାଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାସ୍ଥଳକୁ ଯାଇ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ ଜାରି ରହିଛି।

# ରାଇକିଆ ପଞ୍ଚାୟତ ସମିତି ବୈଠକ



ମଞ୍ଚାସୀନ ଅତିଥି।

ରାଇକିଆ,୨୧ା୯(ପ୍ରଦୀପ ବେହେରା)

ରାଇକିଆ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନ ପରେ ପ୍ରଥମ ଥର ପାଇଁ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଓ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ବୈଠକରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ରାଇକିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳ, ତହସିଲଦାର ସୁଭଦ୍ରା ମୁଣ୍ଡିକା, ବ୍ଲକ ଉପାଧ୍ୟକ୍ଷା ରୀନା ପ୍ରଧାନ, ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ଜିଲା ପରିଷଦ ସଭ୍ୟା ମମତା ରାଣୀ ପ୍ରଧାନ ଏବଂ ବ୍ଲକର ସରପଞ୍ଚ ଏବଂ ସମିତି ସଭ୍ୟସଭ୍ୟା ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପାନୀୟ ଜଳ, ସ୍ୱାସ୍ଥ୍ୟ, ଜଳବିଭାଜିକା, ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା, ରାସ୍ତାଘାଟ ନିର୍ମାଣ, ଗୃହ ନିର୍ମାଣ, ଉଦ୍ୟାନ ବିଭାଗ, କୃଷି ବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଜିଲାସ୍ତରୀୟ ବିଦ୍ୟାଳୟ ସାମୂହିକ କ୍ରୀଡ଼ା ପ୍ରତିଯୋଗତା ଉଦ୍‌ଯାପିତ

# ୧୯୬ କ୍ରୀଡ଼ା ପ୍ରତିଭା ରାଜ୍ୟସ୍ତରକୁ ମନୋନୀତ



ପାରଳାଖେମୁଣ୍ଡି,୨୧ା୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ତତ୍ତ୍ୱାବଧାନରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ ସାମୂହିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ୧୯୬ କ୍ରୀଡ଼ା ପ୍ରତିଭା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ଏବିଇଓ ଏସ୍. ପାପା ରାଓ, ସରପଞ୍ଚ ସୁଷମା ଶବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମ ପ୍ରସାଦ ପାଇକ, ଗଙ୍ଗାବାଡ଼ ସମିତି ସଭ୍ୟା ସୁମିତ୍ରା ଶବର ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଜିଲାର ୫୪୦ ଜଣ କ୍ରୀଡ଼ା ପ୍ରତିଭା ଭାଗ ନେଇଥିଲେ। ସେଥିରୁ ୧୯୬ ଜଣ ପ୍ରତିଭା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବରିଷ୍ଠ ଶିକ୍ଷକ ଅମୂଲ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ । ଆୟୋଜିତ ଖୋ ଖୋ, କବାଡି, ଭଲିବଲ, ସତରଞ୍ଜ, ବ୍ୟାଡ୍‌ମିଣ୍ଟନ, ତୀରନ୍ଦାଜ, ଯୋଗାସନ, ଦୌଡ଼ ଓ କୁସ୍ତି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ ବେହେରା ପରିଚାଳନା କରିଥିଲେ। କ୍ରୀଡାଶିକ୍ଷକ ଜଗତ ଚନ୍ଦ୍ର କାର୍ଜି, ସନ୍ତୋଷ ପ୍ରସାଦ ପଣ୍ଡା, ପ୍ରିୟଦର୍ଶୀ ମିଶ୍ର ସହଯୋଗ କରିଥିଲେ।

# ୟୁବ ରେଡକ୍ରସ୍ ଶାଖାର ଅଭିମୁଖୀକରଣ କାର୍ଯ୍ୟକ୍ରମ




ଅତିଥିଙ୍କ ଗହଣରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ।

ଆସିକା,୨୧ା୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ପାଇଁ ଶନିବାର ମହାବିଦ୍ୟାଳୟ ପରିସରରେ ଅଭିମୁଖୀକରଣ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଦକ୍ଷିଣ ଓଡିଶା ରେଡକ୍ରସ ସଂଯୋଜକ ବି. ଗୋବିନ୍ଦ ରାଓ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଅଧ୍ୟାପକ ତଥା ଗଞ୍ଜାମ ଜିଲାର ବରିଷ୍ଠ ଯୁବ ରେଡକ୍ରସ ଉପଦେଷ୍ଟା ଡ. ଲୋକନାଥ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସମାଜରେ ମାନବିକତାର ଧାରାକୁ ସେବା ମାଧ୍ୟମରେ ଅକ୍ଷୁଣ୍ଣ ରଖିବା ପାଇଁ ଅଧ୍ୟକ୍ଷ ଡ. ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଏଡ୍‌ସ ସଚେତନତା, ସ୍ୱେଚ୍ଛାକୃତ ରକ୍ତଦାନ, ବିଭିନ୍ନ ଯାତ୍ରା ଉତ୍ସବରେ ଜନସାଧାରଣଙ୍କୁ ସେବା, ସ୍ୱଚ୍ଛ ଭାରତ ଅଭିଯାନ, ସଡ଼କ ସୁରକ୍ଷା ସଚେତନତା, ପ୍ରାଥମିକ ଚିକିତ୍ସା ସଚେତନତା, ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ଆଦି ବିଭିନ୍ନ କାର୍ଯ୍ୟରେ ସ୍ୱେଚ୍ଛାସେବୀମାନେ ନିଜକୁ ସାମିଲ କରିବା ଲାଗି ଆହ୍ୱାନ କରାଯାଇଥିଲା। ଯୁବ ରେଡକ୍ରସର ଉପଦେଷ୍ଟା ଅଧ୍ୟାପକ ରାଜେଶ କୁମାର ସାହୁ ଓ ଅଧ୍ୟାପକ ଡ. ଅଜିତ କୁମାର ମୁନିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସାମିଲ ଥିଲେ।

# ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଶେରଗଡ,୨୧ା୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପାକିଡିସ୍ଥିତ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଶିବାଶିଷ ବରାଳ, ଅନ୍ୟତମ ଅତିଥି ଭାବେ ବିଇଓ ଉପେନ୍ଦ୍ର ପାଢୀ, ଅଧ୍ୟାପିକା ମିନତୀ ପାତ୍ରପାତ୍ର ଯୋଗଦେଇ ଥିଲେ। ସରକାର ଯେଉଁ ଆଭିମୁଖ୍ୟ ନେଇ ଏହି ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ସେହି ଲକ୍ଷ୍ୟ ପୂରଣ ଦିଗରେ ସମସ୍ତେ ଆଗଭର ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ମନୋଭାବ ରଖି ପାଠ ପଢିବାକୁ ପରାମର୍ଶ ଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀ, ୟୁନିୟନ ବ୍ୟାଙ୍କର ମିଳିତ ବୈଠକ

ଶେରଗଡ,୨୧ା୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ଅବସରପ୍ରାପ୍ତ କର୍ମଚାରୀ ଓ ୟୁନିୟନ ବ୍ୟାଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ୟାଙ୍କର ମାର୍କେଟିଂ ଅଧିକାରୀ ବିଘ୍ନେଶ ସାସମଲ, ଆଞ୍ଚଳିକ ଅଧିକାରୀ ପ୍ରତାପ ଚନ୍ଦ୍ର ସାହୁ, ଶେରଗଡ ଶାଖା ପରିଚାଳକ ପୁଷ୍କଲ ଶାହା ଯୋଗଦେଇ ସ୍ଥାୟୀ ଜମା, ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଗତ ମେ'ରେ ୟୁନିୟନ ବ୍ୟାଙ୍କ ୩୭ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନରୁ ଅଜଣା ଭାବେ କର ବାବଦକୁ ଖାତାରୁ ଅର୍ଥ କଟାଯାଇଛି ବୋଲି ଏହି ଅବସରରେ କେତେ ଜଣ ଜମାକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ତୁରନ୍ତ ଫେରାଇ ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ସ୍କୁଲବାହିନୀରେ କାମ କରି ଅବସର ନେଇଥିବା ଏବଂ ଇତିମଧ୍ୟରେ ମୃତ୍ୟୁବରଣ କରିଥିବା ଅରକ୍ଷିତ ପାଢୀଙ୍କ ପେନ୍‌ସନ ତୁରନ୍ତ ପ୍ରଦାନ ପାଇଁ ବ୍ୟାଙ୍କ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। ବ୍ୟାଙ୍କ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବ ବୋଲି ଅଧିକାରୀମାନେ କହିଥିଲେ। ସଂଘ ସାଧାରଣ ସମ୍ପାଦକ ଦିଲୀପ ତ୍ରିପାଠୀ ସଂଯୋଜନା କରିଥିଲେ। ବୈଠକରେ ସଭାପତି ବିଷ୍ଣୁ ଚରଣ ତ୍ରିପାଠୀ, ଉପସଭାପତି କୋରା ପାଢୀ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ତ୍ରିନାଥ ପାତ୍ରଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପୋଲ ନିର୍ମାଣ ହେଲା, ସଂଯୋଗୀକରଣ ରାସ୍ତା ନାହିଁ

ଦାରିଙ୍ଗବାଡି,୨୧ା୯ (ଅରୁଣ ସାହୁ)



ନିର୍ମିତ ପୋଲ ୱାଲରେ ଚଢ଼ି ଯାତାୟାତ କରୁଛନ୍ତି ଗ୍ରାମବାସୀ।

- ୱାଲ୍‌ରେ ଚଢ଼ି ଯାତାୟାତ କରୁଛନ୍ତି ଲୋକେ
- ରାସ୍ତା ନିର୍ମାଣ କରିବାକୁ ଭୁଲିଯାଇଛି ପ୍ରଶାସନ
- ଏଣିକି ଆନ୍ଦୋଳନ କରିବୁ: ଗ୍ରାମବାସୀ

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତର ପାଙ୍ଗାମାଡୁବାଡି ଡିଡ୍ରବାଡି ରାଜସ୍ୱ ଗ୍ରାମଠାରୁ ପାଙ୍ଗାମାଡୁବାଡି ଗ୍ରାମକୁ ସଂଯୋଗ ପାଇଁ ପୋଲ ନିର୍ମାଣ ଲାଗି ବାରମ୍ବାର ଦାବି କରିବା ପରେ ପ୍ରଶାସନ ଗ୍ରାମକୁ ଯାତାୟାତ ଲାଗି ପୋଲ ନିର୍ମାଣ କଲା, ମାତ୍ର ସଂଯୋଗୀକରଣ ରାସ୍ତା କରିବାକୁ ଭୁଲିଗଲା। ଫଳରେ ନିର୍ମିତ ପୋଲ ଗ୍ରାମବାସୀଙ୍କ କାମରେ ଲାଗୁ ନ ଥିବା ବେଳେ ଯାତାୟାତ ପାଇଁ ସେମାନଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ଆବଶ୍ୟକ ସମୟରେ ପୋଲ ଉପରେ ଚଢ଼ି ଚାଲିଚାଲି ଯାତାୟାତ କରି ଅନେକ ସମୟରେ ତଳେ ପଡି ଆହତ ହେଉଛନ୍ତି ଲୋକେ। ଏଥିପାଇଁ ପ୍ରଶାସନ ୭ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ କରି ପୋଲ ନିର୍ମାଣ ସହ ୱାଲ କାର୍ଯ୍ୟ ଶେଷ କରିଥିଲା। ୱାଲ ନିର୍ମାଣ କରାଯାଇଥିଲେ ସୁଦ୍ଧା ସଂଯୋଗୀକରଣ ରାସ୍ତା ପାଇଁ ମାଟି ଭର୍ତ୍ତି କରାଯାଇନାହିଁ। ଫଳରେ ଉକ୍ତ ପୋଲ ଆମର କୌଣସି କାର୍ଯ୍ୟରେ ଆସୁନାହିଁ ବୋଲି ଗ୍ରାମର ଆରତି ପ୍ରଧାନ, ରଞ୍ଜିତ ପ୍ରଧାନ ଅଭିଯୋଗ କରିଛନ୍ତି। ପୋଲ ଉପରେ ଚଢ଼ି ଦରକାର ସମୟରେ ଯାତାୟାତ କରୁଛୁ। କେବେ କେମିତି ପୋଲ ୱାଲରେ ଚଢ଼ି ଯିବା ଆସିବା ବେଳେ ଖସିପଡ଼ି ଆହତ ହେଉଛୁ। ଆମ ଗ୍ରାମର ଏବେନଶ୍ୱର ପ୍ରଧାନ ଏବଂ ସାଞ୍ଜୁ ପ୍ରଧାନ ଉକ୍ତ ୱାଲରୁ ଖସିପଡି ଗୋଡ଼ ଭାଙ୍ଗି ଏବେ ଚିକିତ୍ସିତ ହେଉଥିବା କହିଛନ୍ତି। ଏନେଇ ପ୍ରଶାସନକୁ ଜଣାଇ କିଛି ସୁଫଳ ପାଇନାହାନ୍ତି ଗ୍ରାମବାସୀ। ଫଳରେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପୋଲ ନିର୍ମାଣ ହେଲେ ସେମାନଙ୍କ ଯାତାୟାତ ଲାଗି ସୁବିଧା ହେବ। ଜରୁରୀ ସମୟରେ ସୁବିଧାରେ ଯାତାୟାତ କରିପାରିବୁ ବୋଲି ଆଶା ରଖିଥିବା ପାଙ୍ଗାମାଡୁବାଡିବାସୀଙ୍କ ଆଶା ଏବେ ନିରାଶାରେ ପରିଣତ ହୋଇଛି। ଏନେଇ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଅଟକଳ ପଠାଯାଇଛି। ଅନୁମୋଦନ ପରେ କାର୍ଯ୍ୟ ହେବ।

# ଶିଳ୍ପରେ ନିଯୁକ୍ତି ତଥ୍ୟ ମାଗିଲେ ମନ୍ତ୍ରୀ

**ଆର୍‌ପିଡିଏସି ବୈଠକ**

- ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ପ୍ରତିଶ୍ରୁତି
- ବୈଠକ କେବଳ ଶିଳ୍ପପତିମାନଙ୍କୁ ସୁହାଉଛି: ବିସ୍ଥାପିତ ନେତା

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨୧।୯



ଆର୍‌ପିଡିଏସି ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

ବ୍ୟାସନଗର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସଠାରେ ଶନିବାର ଅନୁଷ୍ଠିତ ହୋଇଛି ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି(ଆର୍‌ପିଡିଏସି) ବୈଠକ। ୮ ବର୍ଷ ପରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ବି. ପରମେଶ୍ୱରନ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଛନ୍ତି, ବିସ୍ଥାପିତ ଲୋକମାନଙ୍କର ବହୁତ କିଛି ସମସ୍ୟା ରହିଛି। ଏହାର କିଭଳି ସମାଧାନ ହୋଇପାରିବ, ସେମାନେ ନିଯୁକ୍ତି ପାଇପାରିବେ ସେ ସମ୍ପର୍କରେ ଶିଳ୍ପ ଅନୁଷ୍ଠାନର ଅଧିକାରୀମାନେ ବିଶେଷ ଦୃଷ୍ଟି ଦେବେ। ଜିଲାରେ ସିଏସ୍‌ଆର ପାଣ୍ଠିରେ କ'ଣ ଉନ୍ନତିମୂଳକ କାର୍ଯ୍ୟ ହୋଇଛି ଏବଂ ଶିଳ୍ପସଂସ୍ଥାଗୁଡ଼ିକରେ ନିଯୁକ୍ତି ସମ୍ପର୍କିତ ତଥ୍ୟ ଦେବାକୁ ମନ୍ତ୍ରୀ ବଳସାମନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବୈଠକ ସ୍ଥଳ ଭିତରେ ଏବଂ ବାହାରେ ବିସ୍ଥାପିତମାନଙ୍କ ପକ୍ଷରୁ କେତେକ ନାରାବାଜି ହୋଇଥିଲା। ସେଥିମଧ୍ୟରେ ମେସ୍କୋ ଷ୍ଟିଲ ବନ୍ଦ ପଡ଼ିଥିବାରୁ ବିସ୍ଥାପିତମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି, ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦାବି ପୂରଣ ହେଲାନି ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ।

ବୈଠକରେ ଉପସ୍ଥିତ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି, ୮ ବର୍ଷ ଧରି ବିଜେଡି ସରକାର ଆର୍‌ପିଡିଏସି ବୈଠକ କରି ନ ଥିଲେ। ବିସ୍ଥାପିତମାନଙ୍କ ବିକାଶ ପାଇଁ ଆମେ କାମ କରିବୁ। ଲୋକଙ୍କ ସମସ୍ୟାକୁ ନେଇ ବିଧାନସଭା ଓ ଲୋକ ସଭାରେ ଉପସ୍ଥାପନ କରାଯାଇ ସମାଧାନ କରିବାକୁ ଉଦ୍ୟମ କରାଯିବ। ଆରଡିସି ବି. ପରମେଶ୍ୱରନ କହିଛନ୍ତି, ବିସ୍ଥାପିତ ଲୋକମାନଙ୍କର ଅନେକ ଆଶା, ଆଶଙ୍କା ରହିଛି। ସରକାରୀ ଅଧିକାରୀ, ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଓ ବିସ୍ଥାପିତ ପରିବାର ସମସ୍ତେ ମିଶି ବିଭିନ୍ନ ସମସ୍ୟାର ସମାଧାନ କରାଯିବ। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତ ପରିବାର ପାଇଁ ଯେଉଁ ସବୁ ସମସ୍ୟା ରହିଛି ତାହାର ବିଶ୍ଳେଷଣ କରାଯାଇ ଗଠନମୂଳକ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ବିସ୍ଥାପିତ ପରିବାର ସଦସ୍ୟଙ୍କ ନିଯୁକ୍ତି ବିଷୟରେ ପଦକ୍ଷେପ ଗ୍ରହଣ କରାଯିବ। ବୈଠକରେ ଉପସ୍ଥିତ ଥିବା ବିସ୍ଥାପିତ ନେତା ବାବୁଲି ପୂର୍ତ୍ତି ନିଜର ଅସନ୍ତୋଷ ପ୍ରକାଶ କରି କହିଲେ, ଏହି ବୈଠକ କେବଳ ଶିଳ୍ପପତିମାନଙ୍କୁ ସୁହାଉଛି। ବିସ୍ଥାପିତମାନଙ୍କ ଏକାଧିକ ସମସ୍ୟା ଅସମାହିତ ହୋଇରହିଛି। ବିସ୍ଥାପିତମାନଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ମିଳୁ ନାହିଁ। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ, ଦାବି ହେଉଥିଲେ ବି ସରକାର ଶୁଣୁନାହାନ୍ତି ବୋଲି ସେ କହିଥିଲେ।

ବୈଠକରେ ବିସ୍ଥାପିତଙ୍କ ପାଇଁ ପରିଚୟ ପତ୍ର, ଟ୍ରାଫିକ ସମସ୍ୟା ଯୋଗୁ ଦୁର୍ଘଟଣା, ବୃକ୍ଷରୋପଣ, ଥଇଥାନ କଲୋନି ପାଇଁ ଉପଯୁକ୍ତ ସରକାରୀ ଜାଗା, ଚାଣ୍ଡିଆଠାରେ ନୂଆ ପଞ୍ଚାୟତ ଅଫିସ ନିର୍ମାଣ, ଗୋବରଘାଟିରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, କମନ କରିଡ଼ର ପ୍ରଶସ୍ତୀକରଣ, ମାନପୁର୍ ରେଲୱେ ବ୍ରିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଟାଟା ଷ୍ଟିଲ ଲିମିଟେଡ୍, ନୀଳାଚଳ ଇସ୍ପାତ ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଲିମିଟେଡ୍, ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ଲିମିଟେଡ୍, ଭିସା ଷ୍ଟିଲ୍, କେ.ଜେ ଇସ୍ପାତ ଲିମିଟେଡ୍, ରୋହିତ ଫେରୋଟେକ, ବ୍ରାହ୍ମଣୀ ରିଭର୍ସ ପେଲେଟ ଲିମିଟେଡ୍, ଆପିଜେ ଲଜିଷ୍ଟିକ ଆଣ୍ଡ ପାୱାର ଲିମିଟେଡ୍‌ରେ କେତେଜଣ ବିସ୍ଥାପିତ ନିଯୁକ୍ତି ପାଇଛନ୍ତି ଓ କେତେ ପାଇନାହାନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଏହି ବୈଠକରେ ଉତ୍ତମ ଗାଲ୍‌ଭା କମ୍ପାନୀକୁ ଅଧିଗ୍ରହଣ କରିଥିବା ମିତ୍ତଲ କମ୍ପାନୀର କେହି ପ୍ରତିନିଧି ଉପସ୍ଥିତ ନ ଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ବିସ୍ଥାପିତ ଓ ପ୍ରଭାବିତ ପରିବାର ପ୍ରତିନିଧି, ଶିଳ୍ପାନୁଷ୍ଠାନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆର୍‌ପିଡିଏସି ବୈଠକ ସ୍ଥଳର ଉଭୟ ରାସ୍ତାର ପ୍ରାୟ ୫୦୦ ମିଟର ଦୂରରୁ ସାଧାରଣ ଲୋକଙ୍କ ପାଇଁ ଗମନାଗମନ କଟକଣା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

# ଯାଜପୁର ନିଖିଳ ଉତ୍କଳ କଳାକାର ସଂଘର ପ୍ରତିଷ୍ଠା ଉତ୍ସବ

ଯାଜପୁର ସଦର,୨୧।୯(ସମର ବିଜୟ ଶରଣ):

ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁଆଁ ପଞ୍ଚାୟତର ମା' ତାରାଦେବୀ ପୀଠରେ ଯାଜପୁର ନିଖିଳ ଉତ୍କଳ କଳାକାର ସଂଘର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘ ସ୍ଥାୟୀ ସଭାପତି ଭାଗୀରଥି ରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କଳାକାରମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅମିତ ରାଉତ ଯୋଗଦେଇ କଳାକାରଙ୍କ ପାଇଁ ଏକ ଘର ନିର୍ମାଣ କରିଦେବକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଗୋଲମ ଅଲ୍ଲୀ ଯୋଗଦେଇ ସହଯୋଗ କରିବେ ବୋଲି କହିଥିଲେ। ସମ୍ପାଦକ ପରେଶ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଗାୟକ ଅର୍ଜୁନ ଦାସ ପାଲା ପରିବେଷଣ କରିଥିଲେ। ମହିଳା କଳାକାରମାନେ ବିଧାୟିକାଙ୍କୁ ସଂକୀର୍ତ୍ତନ ମାଧ୍ୟମରେ ମଞ୍ଚକୁ ପାଛୋଟି ଆଣିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନଟବର ଜେନା, ନରେନ୍ଦ୍ର ପରିଡ଼ା ଓ ଉପେନ୍ଦ୍ର ବିନ୍ଧାଣି ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



କଳାକାର ସଂଘ ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ପିଏଲ୍‌ଭିଙ୍କ ପ୍ରଶିକ୍ଷଣ

ଯାଜପୁର ଟାଉନ,୨୧।୯
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପିଏଲଭିମାନଙ୍କ ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଉପଭୋକ୍ତାଙ୍କୁ ବିନା ଖର୍ଚ୍ଚରେ କିପରି ନ୍ୟାୟ ମିଳିବ ସେ ଦିଗରେ ପିଏଲଭିମାନେ ନିଷ୍ଠାର ସହ ଦାୟିତ୍ୱ ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକଭାବେ ସିଭିଲ ଜଜ୍ ପାରସ ପାଢ଼ୀ, ଆଇଜେଏମ୍ ମୁଖ୍ୟ ଅମିତ କୁମାର ନାୟକ, ଆଇନ ସେବା ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ପରିବାର ଅଦାଲତ ଜଜ୍ ଗୁଣ୍ଡିଚା ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ଯଥାକ୍ରମେ ; କ୍ରିମନାଲ୍ ଏବଂ ପିଡବ୍ଲ୍ୟୁଡିଭି ଆଇନ, ମାନବ ଚାଲାଣ, ଗୋତି ଶ୍ରମିକ, ପିଏଲଭିମାନଙ୍କ ଦାୟିତ୍ୱ, ଭୂମିକା, ମହକିଲ ପରାମର୍ଶ, ଶିଶୁ ଅଧିକାର ଓ ପରିବାର ଅଦାଲତ ସମ୍ପର୍କିତ ଆଇନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସ ସୂଚନା ପ୍ରଦାନ କରିବା ସହ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ୪୨ ପିଏଲଭି ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରିଚାଳନାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବିଚାରପତି ଓ ଅନ୍ୟମାନେ।

# ୭୨ ଟ୍ରକ୍ ଉପରୁ କଟକଣା ହଟିଲା

**୧୫ ଦିନ ପାଇଁ କଳା ତାଲିକାଭୁକ୍ତ ହୋଇଥିଲା**

କାଳିଆପାଣି,୨୧।୯(ଅସିତ ମହାନ୍ତ):

ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ କାଳିଆପାଣି ଥାନା ଅଧିକାରୀ ୭୨ ଟ୍ରକ୍‌କୁ କଳା ତାଲିକାଭୁକ୍ତ କରିବାର ଦିନକ ପରେ ତାହାକୁ ହଟାଇ ଦେଇଛନ୍ତି। ଗାଡ଼ିଗୁଡ଼ିକ ୧୫ ଦିନ ପାଇଁ କଳା ତାଲିକାଭୁକ୍ତ ହୋଇଥିବାବେଳେ ଗୋଟିଏ ଦିନ ପରେ ନିୟମ ବଦଳିବା ପୋଲିସର କାର୍ଯ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି

ସୂଚନା ଅନୁଯାୟୀ, ଯାଜପୁର ଜିଲାର କାଳିଆପାଣି ଖଣି ଅଞ୍ଚଳକୁ କ୍ରୋମାଇଟ ପରିବହନ ପାଇଁ ଦୈନିକ ହଜାର ହଜାର ଟ୍ରକ ଆସିଥାଏ। ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ଟମକା ମଙ୍ଗଳପୁର ୪୫କିମି ରାସ୍ତା ଏବେ ବିପର୍ଯ୍ୟସ୍ତ ଓ ଅଣଓସାରିଆ ହୋଇଛି। ଏହି ଅଣଓସାରିଆ ରାସ୍ତା ଉପରେ ଟ୍ରକଗୁଡିକ ଠିଆହୋଇ ରହୁଥିବାରୁ ଅନ୍ୟଗାଡ଼ିଗୁଡ଼ିକ ଯାତାୟାତ କରିବାରେ ଅସୁବିଧା ହେଉଛି। ଆମ୍ବୁଲାନ୍ସ ଘଣ୍ଟାଘଣ୍ଟା ଜାମରେ ଫସି ରହୁଥିବାବେଳେ ସ୍କୁଲ ବସ, ଯାତ୍ରୀବାହୀ ବସ, ଛୋଟ ବଡ଼ ସମସ୍ତ ସରକାରୀ ଯାନ ବାହାନ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବ୍ୟାଘାତ ଘଟୁଛି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ବହୁ ସମୟରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ପ୍ରଶାସନ ସହ ମୁହାଁମୁହିଁ ହେବା ଦେଖିବାକୁ ମିଳିଛି। ହେଲେ ପ୍ରଶାସନ ମାତ୍ର କିଛି ସମୟ ପାଇଁ ଏଥିପ୍ରତି ଧ୍ୟାନ ଦେଉଥିବା ବେଳେ ପରବର୍ତ୍ତୀ ସମୟରେ ଚାପ ଗ୍ରସ୍ତହୋଇ ଦୁର୍ବଳ ମନୋଭାବ ପୋଷଣ କରୁଥିବାରୁ ରାସ୍ତା ଜାମ ହଟିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଗତ ୧୭ ତାରିଖରେ ୭୨ ଟ୍ରକକୁ ଥାନା ଅଧିକାରୀ କଳାତାଲିକା ଭୁକ୍ତ କରିଥିବା ସମସ୍ତ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେଣୁ ଅଞ୍ଚଳବାସୀ ପୋଲିସକୁ ଧନ୍ୟବାଦ ଦେଇଥିଲେ। ହେଲେ ତାର ଠିକ ଦିନକ ପରେ କେତେଜଣ ଟ୍ରକ ମାଲିକ ଥାନାରେ ପହଞ୍ଚିବାରୁ ପୋଲିସ ସମସ୍ତ ୭୨ ଟ୍ରକରୁ କଳାତାଲିକାଭୁକ୍ତକୁ ହଟାଇ ତାଙ୍କ ପୂର୍ବ ସ୍ଥାନରେ ରଖି ସିରିଏଲ ଲେଖିବାର ସୁଯୋଗ ଦେଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

# କରାଟେରେ ଯାଜପୁରର ସଫଳତା


ଅଲ୍ ଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

ଧର୍ମଶାଳା,୨୧।୯(ବଟକୃଷ୍ଣ ପରିଡ଼ା):

ରେଲୱେ ଇନ୍‌ଡୋର ଷ୍ଟାଡିୟମ ଭୁବନେଶ୍ୱରଠାରେ ଅନୁଷ୍ଠିତ ଦାମୋଦର ମେମୋରିଆଲ ଅଲ୍ ଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତାରେ ଯାଜପୁରର ଜାରକା ପ୍ରତିଯୋଗୀ ସଫଳତା ପାଇଛନ୍ତି। କାଟା ଓ କୁମିତେ ବିଭାଗରେ ଜାରକା ଅଞ୍ଚଳର ୧୬ ପ୍ରତିଯୋଗୀ ଭାଗନେଇ କୃତିତ୍ୱ ହାସଲ କରିଛନ୍ତି। ଅନୁଷ୍ଠିତ କାଟା ବିଭାଗରେ ପ୍ରକୃତି ପ୍ରିୟଦର୍ଶିନୀ ମଲିକ, ସାଇ ସୁୟାଂଶ ସାହୁ, ଓମ୍‌ପ୍ରକାଶ ମଲିକ ପ୍ରଥମ ହୋଇଥିବାବେଳେ ସାହିଲ ଦାସ, ସାଇ ସଙ୍କେତ ବିଶ୍ୱାଳ, ସ୍ନେହା ମଲିକ, ସୁଭଶ୍ରୀ ଦାସ, ଆୟୁଷମାନ ମଲିକ, ନିଶିକାନ୍ତ କୈବଲ୍ୟ ଜେନା, ଅଂଶ କୁମାର ସିଂ, କାଜୋଲ କୁମାରୀ, ଦେବାଶିଷ ରାଣା ତୃତୀୟ ହୋଇଛନ୍ତି। କୁମିତେ ବିଭାଗରେ ସାଇ ସଙ୍କେତ ବିଶ୍ୱାଳ, ପ୍ରକୃତି ପ୍ରିୟଦର୍ଶିନୀ ମଲିକ ପ୍ରଥମ ହୋଇଥିବା ବେଳେ ସାହିଲ ଦାସ, ସ୍ନେହା ମଲିକ, ଆୟୁଷମାନ ମଲିକ, ନିଶିକାନ୍ତ କୈବଲ୍ୟ ଜେନା, ଦେବାଶିଷ ରାଣା, ଦିନେଶ କୁମାର ସିଂ ଦ୍ୱିତୀୟ ଏବଂ ଶୁଭମ ମଲିକ, ସ୍ୱପ୍ନେଶ୍ୱର ମଲିକ, ଶୁଭଶ୍ରୀ ଦାସ, ଅଂଶ କୁମାର ସିଂ, ସାଇ ସୁୟାଂଶ ସାହୁ ଓ ଲାଲମୋହନ ମଲିକ ତୃତୀୟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ରେଫରି ସେନସେଇ ବେଣୁଧର ମଲିକ ଓ କୋଚ ଭାବେ ସେନସେଇ ପ୍ରଭାତ କୁମାର ଯୋଗ ଦେଇଥିଲେ।

# ବିଦ୍ୟାଳୟସ୍ତରୀୟ କବାଡ଼ି ଦଳ ଚୟନ

ରସୁଲପୁର,୨୧।୯(ରଞ୍ଜିତ ରାଉତ):

ଯାଜପୁର ଜିଲା ବିଦ୍ୟାଳୟସ୍ତରୀୟ ୧୪ ଓ ୧୭ବର୍ଷରୁ କମ୍ ବାଳିକା/ବାଳକ କବାଡି ଦଳ ଚୟନ କରାଯାଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବା ପୂର୍ବରୁ ଉକ୍ତ ଦଳଗୁଡ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର କବାଡି ଷ୍ଟାଡିୟମରେ ଜିଲା ବାଳିକାବାଳକ କବାଡି ଟିମ୍ ପ୍ରଶିକ୍ଷଣ ନେବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବିତ କବାଡି ଷ୍ଟାଡିୟମକୁ ପରିଦର୍ଶନରେ ଆସି ସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଗ୍ରାଉଣ୍ଡରେ ପ୍ରଶିକ୍ଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି ଏବଂ ସ୍ଥାନୀୟ ଅଞ୍ଚଳରେ ଦକ୍ଷ କବାଡ଼ି ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣରେ ଜିଲା ଦଳ ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ଶିକ୍ଷାଧିକାରୀ ଆଶାବ୍ୟକ୍ତ କରିଛନ୍ତି।

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ୨୮ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସୁନ୍ଦରଗଡ଼ଠାରେ ଆୟୋଜନ କରାଯିବା ନେଇ ଦିନ ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାରେ ଯାଜପୁର ଜିଲାରୁ ୨ ବର୍ଗରୁ ମୋଟ୍ ୪ ବାଳିକା/ବାଳକ ଦଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରୁ ମନୋନୀତ ହୋଇଥିବା ଦକ୍ଷ କବାଡ଼ି ଖେଳାଳିଙ୍କୁ ନେଇ ୪ ଦଳ ଗଠନ କରାଯାଇଛି। ଏହି ୪ ଦଳର ଖେଳାଳିଙ୍କୁ ଯାଜପୁର କବାଡି ଆସୋସିଏଶନ ଆନୁକୂଲ୍ୟରେ ପରିଚାଳିତ ଖଣ୍ଡିତର କବାଡି ଷ୍ଟାଡିଅମରେ ପ୍ରଶିକ୍ଷଣ ଦେବା ପାଇଁ ସ୍ଥିରୀକୃତ ହୋଇଛି। ଚଳିତମାସ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ନେଇ ପ୍ରସ୍ତୁତି ସରିଛି ବୋଲି ଖଣ୍ଡିତର ହାଇସ୍କୁଲ ପ୍ରଧାନଶିକ୍ଷକ ସୁନନ୍ଦ ରାଉତ ସୂଚନା ଦେଇଛନ୍ତି। କ୍ରୀଡ଼ା ଶିକ୍ଷକ ଅନାଦି ଚରଣ ସାହୁ ପ୍ରଶିକ୍ଷଣ ପାଇଁ ଆସୋସିଏଶନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏଠାରେ ଆୟୋଜିତ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ୧୦ରୁ ଉର୍ଦ୍ଧ୍ୱ କ୍ରୀଡ଼ା ଶିକ୍ଷକ ଓ ପ୍ରଶିକ୍ଷିକ ଯୋଗଦେଇ ଶିବରକୁ ପରିଚାଳନା କରିବେ ବୋଲି ସୂଚନା ମିଳିଛି।



# ଗ୍ୟାସ୍ ପାଇପ୍ ପାଇଁ ରାସ୍ତା ସାରା ଖାଲ

ଯାଜପୁର ଟାଉନ,୨୧।୯
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରର ବିଭିନ୍ନ ରାସ୍ତାକୁ ଭାଙ୍ଗିରୁଜି ଛାରଖାର୍ କରାଯାଉଛି। ଯାଜପୁର ପୌରପାଳିକାର ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିବା କଂକ୍ରିଟ୍ ରାସ୍ତାରେ ଗ୍ୟାସ୍ ପାଇପ୍ ବିଛାଇବା ଆଳରେ ଖୋଳାଯାଇ ବଡ଼ବଡ଼ ଗର୍ତ୍ତ କରାଯାଉଛି। ମେଶିନ ଦ୍ୱାରା ଗାତ ଖୋଳୁଥିବା ଠିକାଦାରଙ୍କ ଦୂରଦୃଷ୍ଟି ଅଭାବ ଓ ମନମୁଖି କାର୍ଯ୍ୟଯୋଗୁ ଅଧିକାଂଶ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଟି ତଳେ ବିଛାଯାଇଥିବା ପାନୀୟଜଳ ଯୋଗାଣ ପାଇପ୍‌ଗୁଡ଼ିକ ଫାଟି ରାସ୍ତାରେ ପାଣିର ସୁଅ ଛୁଟୁଛି। ଫଳରେ ସାଧାରଣ ଲୋକେ ପାନୀୟଜଳ ଟୋପେ ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସହରର ଅଧିକାଂଶ ରାସ୍ତାରେ ଚାରି ଚକିଆ ଯାନ ଯିବା ତ ଦୂରର କଥା ସାଧାରଣ ଲୋକ ଏହି ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ଖାଲଗୁଡ଼ିକୁ ଜାଣି ନ ପାରି ଲୋକେ ପ୍ରତ୍ୟେକ ଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲେ ଏହି ଗ୍ୟାସ୍ ପାଇପ୍ ବିଛାଇବା ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଏହାକୁ କିପରି ତୁରନ୍ତ ମରାମତି କରାଯିବ ସେଥିପ୍ରତି ଦୃଷ୍ଟି ଦେଉ ନ ଥିବାର ଅଭିଯୋଗ ହେଉଛି। ଯାଜପୁର ପୌରପାଳିକା ଓ ପୂର୍ତ୍ତ ବିଭାଗ ଅଧିକାରୀ ଏହା ଜାଣୁଥିଲେ ମଧ୍ୟ ସରକାରୀ କାର୍ଯ୍ୟଯୋଗୁ ମୁହଁ ଚୁପ୍‌କରି ବସିଛନ୍ତି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ସବୁଠାରୁ ବଡ଼ କଥା ହେଉଛି ଏହି ଗର୍ତ୍ତରେ ପାଣି ଭର୍ତ୍ତି ହୋଇ ରହୁଥିବାରୁ ଏବଂ ସନ୍ଧ୍ୟା ପରେ ଲୋକେ ଏହି ଖାଲ ସମ୍ପର୍କରେ ଜାଣି ନ ପାରି ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାଛଡ଼ା ଗୋରୁ, ଛେଳି ଆଦି ଗୃହପାଳିତ ପ୍ରାଣୀ ଉକ୍ତ ଖାଲରେ ପଡ଼ି ଗୁରୁତର ହେଉଛନ୍ତି। ଏହି ଗ୍ୟାସ୍ ପାଇପ୍ ବିଛାଇବା ପାଇଁ ଠିକା ସଂସ୍ଥା ପକ୍ଷରୁ ଖୋଳାଯାଇଥିବା ସ୍ଥାନରେ ବ୍ୟାରିକେଡ୍ କରାଯାଉ ନ ଥିବାରୁ ବିଭିନ୍ନ ଲୋକ ଏହି ଖାଲରେ ପଡୁଛନ୍ତି। ରାସ୍ତା ଖୋଳିବା ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ଯାଜପୁର ପୌରପାଳିକା ଓ ପୂର୍ତ୍ତବିଭାଗର ଅନୁମତି ନେଇଥିବାବେଳେ ଉକ୍ତ ବିଭାଗ ପକ୍ଷରୁ ରଖାଯାଇଥିବା ସର୍ତ୍ତକୁ ସମ୍ପୃକ୍ତ ଠିକା ସଂସ୍ଥା ଗୁରୁତ୍ୱ ନ ଦେଇ ମନଇଚ୍ଛା କାମ କରୁଛି। ଯାହାର ପରିଣାମ ସାଧାରଣ ଲୋକେ ଭୋଗୁଛନ୍ତି।

କିଛିଦିନ ତଳେ ଏ ସମ୍ପର୍କିତ ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହି ଗ୍ୟାସ୍ ପାଇପ୍ ବିଛାଇବା କାର୍ଯ୍ୟ କରୁଥିବା ଠିକା ସଂସ୍ଥା କିଛି ଖାଲକୁ ବାଲି ପକାଇ ପୋତି ପକାଇଥିବା ଦେଖିବାକୁ ମିଳିଛି। ହେଲେ ବାଲି ପୋତାଯାଉଥିବା ସ୍ଥାନଗୁଡ଼ିକୁ କିପରି କଂକ୍ରିଟ କରାଯିବ ସେଥିପ୍ରତି ଠିକାସଂସ୍ଥା ଗୁରୁତ୍ୱ ଦେଉନାହିଁ। ଅନ୍ୟପକ୍ଷରେ ଅନୁମତି ଦେଇ ଚୁପ୍ ବସିରହିଥିବା ଯାଜପୁର ପୌରପାଳିକା ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ଏଥିନେଇ ସଂପୃକ୍ତ ଠିକା ସଂସ୍ଥାକୁ ତାଗିଦ୍ ମଧ୍ୟ କରାଯାଉନାହିଁ। ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ଏଥିଯୋଗୁ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ହାତ ଟେକିଦେଇଛି। ଏପରିକି ବାରମ୍ବାର ସହରର ବିଭିନ୍ନ ସ୍ଥାନରେ ଫାଟିଯାଉଥିବା ପାଇପ୍‌ଗୁଡ଼ିକୁ ମରାମତି କରିବା ଜନସ୍ୱାସ୍ଥ୍ୟ ବିଭାଗ ପାଇଁ କାଠିକର ପାଠ ହୋଇପଡୁଛି। ଯଦି ଗର୍ତ୍ତଗୁଡ଼ିକୁ ଅବିଳମ୍ବେ ମରାମତି କରା ନ ଯାଏ ତେବେ ସହରବାସୀଙ୍କୁ ମୃତ୍ୟୁମୁଖକୁ ଠେଲିଦେବା ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ନଦୀପଠାରେ କାଶତଣ୍ଡୀର ସମ୍ଭାର

ମାର୍ଶାଘାଇ,(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକର ଲୁଣା, କରାଣ୍ଡିଆ, ପାଇକା ଓ ଚିତ୍ରୋତ୍ପଳା ନଦୀପଠା ଏବେ କାଶତଣ୍ଡୀର ଅପରୂପ ଶୋଭାରେ ଚମକୁଛି । କାଶତଣ୍ଡୀର ଶୁଭ୍ର ଚାମରରେ ଜଗତଜନନୀ ମା'ଦୁର୍ଗା ଧରାବତରଣ କରିବାକୁ ଯାଉଛନ୍ତି । ସାରା ବର୍ଷ ଏହି ନଦୀ ପଠା ଖାଲି ରହୁଥିବା ବେଳେ ଅଶ୍ୱିନୀ ଋତୁରେ ହିଁ ପଠାରେ କାଶତଣ୍ଡୀ ଖେଳୁଛି । ଏବେ ବିଭିନ୍ନ ମଣ୍ଡପରେ ପୂଜା ପାଇଁ ପ୍ରସ୍ତୁତି ଚାଲିଛି । ମା'ଦୁର୍ଗାଙ୍କ ଆଗମନକୁ ସମସ୍ତେ ଅପେକ୍ଷା କରିଛନ୍ତି । କୁହାଯାଏ କାଶତଣ୍ଡୀ ଅତୃପ୍ତ । ତେଣୁ କାଶତଣ୍ଡୀ ଆସିବା ସମୟରେ ହିଁ ପିଣ୍ଡଦାନ କରିବାର ବେଳ ଆସିଥାଏ ବୋଲି ବିଶ୍ୱାସ ରହିଛି ।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଘେରିଲେ ଶତାଧିକ ଚାଷୀ

## ସମବାୟ ସମିତିରେ ଚାଷୀଙ୍କୁ ଶୋଷଣର ପ୍ରତିବାଦ

ଆଳି,୨୧।୯(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକା ବ୍ଲକରେ ଥିବା ୩୮ଟି ସମବାୟ ସମିତିରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। କିଛିଦିନ ପୂର୍ବେ ରାଜକନିକା ବ୍ଲକ ବରୁଣା ସମବାୟ ଦୁର୍ନୀତି ତଦନ୍ତ ଦାବି କରି ବ୍ୟାଙ୍କ ସମ୍ମୁଖରେ ୧୦ଦିନରୁ ଊର୍ଦ୍ଧ୍ୱ ହେବ ଅନଶନ ଚାଲିଛି । କେତେଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନିମନ୍ତେ ଚାଲିଚାଲି ରାଜକନିକାରୁ ରାଜଧାନୀ ଯାଇଛନ୍ତି । ଶନିବାର ଆଳି ବ୍ଲକରେ ଥିବା ନୂଆଗାଁ, ମହୁ ଓ କଣ୍ଟିପୁର ସମବାୟ ସମିତି ଅଧୀନରେ ଥିବା ରାଣୀପୋଖରୀ, ନାଗପଡା, ବାଲକାଟୀ, ଚୂନବନ୍ଧ, ବଡ଼ଆଙ୍କୋ, ସାନଆଙ୍କୋ ଗ୍ରାମର ଶତାଧିକ ଚାଷୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ପହଞ୍ଚି ବ୍ୟାଙ୍କ ଘେରାଉ କରିବା ସହିତ ଚାଷୀମାନଙ୍କୁ ଶୋଷର ପ୍ରତିବାଦ ଜଣାଇଥିଲେ ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ସମବାୟ ସମିତିରେ ସଦସ୍ୟ ହେବା ଦିନରୁ ସେମାନଙ୍କୁ ଋଣ ବହି, ବ୍ୟାଙ୍କ ପାସ୍‌ବୁକ, ଚେକ୍‌ବୁକ୍‌କୁ


ଚାଷୀମାନେ ବ୍ୟାଙ୍କ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ସମବାୟରେ ସମ୍ପାଦକ ନିଜ କବ୍‌ଜାରେ ରଖିଛନ୍ତି । ସେମାନଙ୍କ ଅଜାଣତରେ ମନଇଚ୍ଛା ଋଣ କରି ଚାଲିଥିବା ବେଳେ ସେମାନଙ୍କୁ କିନ୍ତୁ ଋଣ ଟଙ୍କା ମିଳୁନି । ଏ ନେଇ ମଧୁସ୍ମିତା ବେହେରା ନାମକ ଜଣେ ଚାଷୀ କହିଛନ୍ତି, ତାଙ୍କର ୮୦ ହଜାର ଟଙ୍କା ଋଣ ହୋଇଥିଲା । ସେ ୪୯ ହଜାର ଟଙ୍କା ପାଇଥିବା ବେଳେ ସମବାୟ ସଭାପତିଙ୍କ ପୁଅ ତାଙ୍କ ନିକଟରୁ ଚେକ୍ ନେଇ ୩୦ ହଜାର ଟଙ୍କା ଉଠାଇ ନେଇଛନ୍ତି । ସେହିପରି ଶଶୀକଳା ବେହୁରା ଅଭିଯୋଗ କରିଛନ୍ତି, ଯେ ନୂଆଗାଁ ସମବାୟ ସମିତି ପକ୍ଷରୁ ତାଙ୍କ ଋଣ ବହି କିମ୍ବା କୌଣସି କାଗଜ ପତ୍ର ଦେଉନାହାନ୍ତି । ତାଙ୍କ ଗ୍ରାମର ଅନେକ ଚାଷୀଙ୍କ ଋଣ ବହିରେ ସେମାନେ ନେଇଥିବା ଋଣ ଅର୍ଥଠୁ ଅଧିକ ଅର୍ଥ ପଡିଥିବା ଦେଖି ସେ ମଧ ତାଙ୍କ ନିଜ ଋଣ ବହିରେ କେତେ ଋଣ ହୋଇଥିବା ନେଇ ଚିନ୍ତାରେ ପଡି ଯାଇଛନ୍ତି ।

ସେହିପରି ଲକ୍ଷ୍ମୀପ୍ରିୟା ଜେନା ଅଭିଯୋଗ କରିଛନ୍ତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମବାୟ ସମିତିରେ ସମ୍ପାଦକମାନେ ନିଜ ମନମୁଖି କାର୍ଯ୍ୟ କରୁଥିବାରୁ ସରକାରଙ୍କ ଯୋଜନା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି । ଚାଷୀମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ କରି ସେମାନେ ଅୟସ କରୁଥିବା ବେଳେ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି । ଏହି ବିଭାଗ ସମ୍ପୂର୍ଣ୍ଣ ଭାବେ ଦୁର୍ନତିରେ ଉବୁଟୁବୁ ହେଉଛି । ଫଳରେ ସେମାନେ ବ୍ୟାଙ୍କରେ ପହଞ୍ଚି ନିଜ ପାସ୍‌ବୁକ ଖୋଳତାଡ଼ କରିବା ପରେ ସେମାନଙ୍କ ଋଣ ବହିରେ ସେମାନେ ନେଇଥିବା ଋଣଠୁ ଅଧିକ ଟଙ୍କା ଲେଖା ଯାଇଥିଲା। ଏ ନେଇ ଶାଖା ପରିଚାଳକ ସମୀର ମଣ୍ଡଳ କହିଛନ୍ତି, ଅଭିଯୋଗ କରିଥିବା ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଖୁବ୍‌ଶୀଘ୍ର ତଦନ୍ତ କରାଯିବ । ତଦନ୍ତ ପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ବିନା ସୂଚନା ଫଳକରେ ହାଟପଟି ଘର ଉପର ମହଲା ଛାତ ପଡ଼ିଲା


ହାଟପଟି ଘର ଉପର ମହଲା ଛାତ କାମ ଚାଲିଛି ।

## ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ରାଜକନିକା,୨୧।୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ଅଚ୍ୟୁତପୁର ପଞ୍ଚାୟତ ହାଟପଟିରେ ଥିବା ହାଟ ଗୃହର ଉପର ମହଲା ଛାତ ବିନା ସୂଚନା ଫଳକରେ ପଡ଼ିବାକୁ ନେଇ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ପଞ୍ଚାୟତର ସରପଞ୍ଚ ମହୋଦୟା ପଞ୍ଚାୟତ ହାଟପଟିରେ ଥିବା ଗୃହର ଉପର ମହଲା କାର୍ଯ୍ୟ କରୁଥିବା ନେଇ ପଞ୍ଚାୟତବାସୀ ଅବଗତ ନାହାଁନ୍ତି। ଘରକାମ ହେବା ନେଇ କୌଣସି ସୂଚନା ଫଳକ ଲଗାଯାଇନାହିଁ ।

କାମ ତଦାରଖ କରିବାକୁ କୌଣସି ସରକାରୀ ଅଧିକାରୀ ମଧ ଏଠାକୁ ଆସୁନାହାଁନ୍ତି । ରାତି ଅଧିଆ ଛାତ ପଡୁଥିବା ଦୁର୍ନୀତିର ବାସ୍ନା ବାରି ହେଉଛି । ଏହାକୁ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ରାତିରେ ଛାତ ପକାଇଲେ କିଛି ଅସୁବିଧା ନାହିଁ । ପଞ୍ଚାୟତ ବୈଠକରେ ୱାର୍ଡ ସଭ୍ୟମାନେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଘର ତିଆରି ବିଷୟରେ ପଚାରିବାରେ ଏବେ ପଞ୍ଚାୟତର କୌଣସି ଘର ହେବାର ନାହିଁ ବୋଲି କହିଥିଲେ । ହେଲେ ରାତି ଅଧିଆ ଛାତ ପଡ଼ିବା ଓ ଆଳି ବ୍ଲକ ବାଲକାଟୀ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଛିଡାହୋଇ ଛାତ ତଦାରଖ କରିବା ନେଇ ସନ୍ଦେହ ପ୍ରକଟ କରି ପଞ୍ଚାୟତବାସୀଙ୍କ ପକ୍ଷରୁ ବିକ୍ରମ ମହାନ୍ତି ଓ ଜ୍ଞାନେନ୍ଦ୍ର ବିନୋଦ ଶନିବାର ଲିଖିତ ଭାବେ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଡ଼ିଓ ପୃଥୀରାଜ ପରିଡ଼ାଙ୍କୁ ପଚାରିବାରେ ସେ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ ।

## ସଂକ୍ଷେପରେ

### ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ମାଟି ଅନୁକୂଳ

ରାଜକନିକା,୨୧।୯(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଆୟତନସ୍ଥିତ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ମାଟି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଡ଼ୋଶୀ ସିକୋ ଗାଁର ମହିଳା ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟାମାନଙ୍କ ସଂକୀର୍ତ୍ତନ ସହ ପଣ୍ଡିତ ମନୋଜ କୁମାର ତ୍ରିପାଠୀ, ବଡ଼ପଣ୍ଡା ରଞ୍ଜନ କୁମାର ମିଶ୍ର ଓ ହନୁମାନ ପୂଜକ ଶରତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗାଁର ହାଟ ପୋଖରୀ କୂଳରେ ପୂଜାର୍ଚ୍ଚନା ଆଦି କରାଯାଇ ମାଟି ଉଠାଣ କାର୍ଯ୍ୟ ସମ୍ପାଦନ ହୋଇଥିଲା । କର୍ତ୍ତା ଭାବେ ବନମାଳୀ ବେହୁରା ଅନୁକୂଳ ମାଟି ନେଇ ଏକ ବିରାଟ ଶୋଭାଯାତ୍ରାରେ ପୂଜା ମଣ୍ଡପରେ ପହଞ୍ଚିଥିଲେ । କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ବୈକୁଣ୍ଠନାଥ ବେହୁରା, ବରିଷ୍ଠ ସଭ୍ୟ ଦୋଳଗୋବିନ୍ଦ ଧଳ, ବିରଞ୍ଚି ନାରାୟଣ ଦାସ, ପ୍ୟାରୀମୋହନ ସ୍ୱାଇଁ, ରଞ୍ଜନ କୁମାର ରାଉତ, ଗୋପୀନାଥ ବାରିକ, ମହେଶ୍ୱର ବେହେରା, ଅର୍ଜୁନ ଧଳ, ନରୋତ୍ତମ ମହାନ୍ତି, ପ୍ରଶାନ୍ତ ଗିରି ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା

ରାଜକନିକା,୨୧।୯ (ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ମଣ୍ଡଳସ୍ତରୀୟ କୁଇଜ ପ୍ରତିଯୋଗିତା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜକନିକା ବିଡ଼ିଓ ପୃଥୀରାଜ ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ବ୍ଲକର ୨୯ଟି ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜୁନିୟର ଗ୍ରୁପରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପାଇଁ ୧୫୫ଜଣ, ସିନିୟର ବର୍ଗରେ ଷଷ୍ଠରୁ ଅଷ୍ଟମ ୭୩ଜଣ ଓ ନବମରୁ ଦଶମ ୭୮ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ମୋଟ ୩୦୬ଜଣ ଛାତ୍ରୀଛାତ୍ର ଭାଗନେଇ ପ୍ରମାଣପତ୍ର ପାଇଛନ୍ତି । କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ରାଜକନିକା ବିଡ଼ିଓ ଟ୍ରଫି ପ୍ରଦାନ କରିଥିଲେ। କୃତି ଛାତ୍ରୀଛାତ୍ରମାନେ ଜିଲା ଓ ରାଜ୍ୟସ୍ତରର ପ୍ରତିଯୋଗିତାରେ ଭାଗନେବେ ବୋଲି ମଣ୍ଡଳ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। କୃତି ଛାତ୍ରୀଛାତ୍ର ବିଭିନ୍ନ ବର୍ଗର ମୋଟ ୯ଜଣ ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରାଜକନିକା ବିଡ଼ିଓ, ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତ ରାୟ, ସମ୍ମାନୀତ ଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ସୁରୁଚି ପ୍ରଭା ଦାସ, ସୁମନମାଳା ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁକଦେବ ମଲିକ, ପ୍ରଧାନ ଶିକ୍ଷକ ଧର୍ମଜ୍ୟୋତି ରାଉତ, ସିଆରସିସି ସଞ୍ଜୟ ବଳ ଉପସ୍ଥିତ ଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ସିଆରସିସି ଖଗେଶ୍ୱର ପଡିହାରୀ । ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ।

# ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ବୈଠକ


ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରସଂସଦର କର୍ମକର୍ତ୍ତା ।

ପଟାମୁଣ୍ଡାଇ,୨୧।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପୁରାତନ ଛାତ୍ର ସଂସଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରଫେସର ଅନିରୁଦ୍ଧ ରାଉଳ, ଉପସଭାପତି ବିଜୟ କୁମାର ସାହୁ, କୋଷାଧକ୍ଷ ଗୋପୀନାଥ ତ୍ରିପାଠୀ, ଉପସଭାପତି ରାଜେନ୍ଦ୍ର କୁମାର ଦାଶ, ସଞ୍ଜୟ କୁମାର ବର୍ମା, ସାଙ୍ଗଠନିକ ସମ୍ପାଦକ ରମେଶ ଚନ୍ଦ୍ର ଦେ ପ୍ରମୁଖ ଭାଗନେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ପୁରାତନ ଛାତ୍ର ସଂସଦ ବରିଷ୍ଠ ସଭ୍ୟ ଦିବଙ୍ଗତ ଲକ୍ଷ୍ମୀଧର ଦାଶ, ଦୁଃଶାସନ କୁଣ୍ଡ, କମଳାକାନ୍ତ ମହାନ୍ତିଙ୍କ ସମେତ ଇତିମଧ୍ୟରେ ଇହଲୀଳା ସମ୍ବରଣ କରିଥିବା ଅନ୍ୟ ପୁରାତନ ଛାତ୍ରୀଛାତ୍ରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ୨୦୨୩ ବାର୍ଷିକ ଉତ୍ସବର ଆୟ ବ୍ୟୟ ସମୀକ୍ଷା କରାଯିବା ସହିତ ଚଳିତବର୍ଷ ଅକ୍ଟୋବର ୬ରେ ପୁରାତନ ଛାତ୍ର ସଂସଦର ୧୪ତମ ବାର୍ଷିକ ଉତ୍ସବ ପାଳନ କରାଯିବା ସହିତ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଉକ୍ତ ଉତ୍ସବ ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗଦାନ କରିବାକୁ ଅନୁରୋଧ କରାଯାଇଥିଲା । ଉକ୍ତ ବିଦ୍ୟାଳୟ କେନ୍ଦ୍ରାପଡା ଜିଲ୍ଲାର ୨ୟ ବୃହତମ ବିଦ୍ୟାଳୟ ହୋଇଥିବାସ୍ଥଳେ ପ୍ରଧାନ ଶିକ୍ଷକ ସମେତ ୧୨ଜଣ ଶିକ୍ଷକ ଓ ୪ଜଣ ଶିକ୍ଷା କର୍ମଚାରୀ ପଦବୀ ଦୀର୍ଘଦିନ ହେବ ଖାଲି ପଡିଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉ ଥିବାରୁ ଉକ୍ତ ପଦବୀଗୁଡିକ ଯଥାଶୀଘ୍ର ପୂରଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା । ଉକ୍ତ ସଭାରେ ସମ୍ପାଦକ କସ୍ତୁରି ଚରଣ ସ୍ୱାଇଁ ପୂର୍ବ ଅଧିବେଶନର ବିବରଣୀ ଉପସ୍ଥାପନ କରିଥିବା ବେଳେ କୋଷାଧକ୍ଷ ଗୋପୀନାଥ ତ୍ରିପାଠୀ ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ବିଶ୍ୱାଳ, ଶିଶିର କୁମାର ମଲିକ, କାର୍ଯ୍ୟକାରୀ କମିଟିର ସଭ୍ୟ ତ୍ରିଲୋଚନ ଜେନା, ବ୍ରଜ ସୁନ୍ଦର ସାହୁ, ଇଂ.ତପନ କୁମାର ପାତ୍ର, ଶିକ୍ଷକ ପ୍ରତିନିଧି ଅଶୋକ କୁମାର ଦାଶ, ଚିତ୍ରଶିଳ୍ପୀ ଶିବ କୁମାର କର, କୁମାରେଶ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଦିବସ ପାଳିତ

ରାଜନଗର,୨୧।୯(ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଦ୍ୱାରା ସମଗ୍ର ଭାରତବର୍ଷରେ ସ୍ୱଚ୍ଛତା ହିଁ ସେବା-୨୦୨୪ କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହି ଅବସରରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ଦିବସ ପାଳନ କରାଯିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ପ୍ରବେଶ ପଥ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପଲିଥିନ ମୁକ୍ତ ଓ ଅନ୍ୟାନ୍ୟ ଆବର୍ଜନାକୁ ସଫେଇ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ଟିଂଟି ମିଶ୍ର, ବିପିଓ ଶ୍ରୀକାନ୍ତ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ସ୍ୱଚ୍ଛତା ସଂକଳ୍ପପତ୍ର ପାଠ କରି ଶପଥ ନେଇଥିଲେ। ସେହିପରି ରାଜନଗର ଗ୍ରାମ ପଞ୍ଚାୟତ ପରିସରରେ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପରିଚାଳନା କରିଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଶିକ୍ଷକଙ୍କୁ ମାଡ଼

ପଟ୍ଟାମୁଣ୍ଡାଇ,୨୧।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଏକ ନିର୍ଦ୍ଦିଷ୍ଟ ସ୍କୁଲର ଶିକ୍ଷକଙ୍କୁ ଅଭିଭାବକ ଓ ଗ୍ରାମବାସୀ ଅଟକ ରଖି ମାଡ଼ ମାରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପହଞ୍ଚି ସମ୍ପୃକ୍ତ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ ଜାରି ରଖିଛନ୍ତି । ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ


ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାଜପା କର୍ମୀମାନେ ସଫେଇ କରୁଛନ୍ତି ।

## ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କଲେ ଭାଜପା କର୍ମୀ

ପାଟକୁରା,୨୧।୯(ରବୀନ୍ଦ୍ର ନାଥ ବାରିକ)

ଭାଜପାର ଗରଦପୁର ବ୍ଲକ ଶାଖା ତରଫରୁ ଗରଦପୁର ବ୍ଲକ୍‌ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାଟକୁରା ଭାଜପା ନେତା ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ପାଟକୁରା, ଗରଦପୁର, କୋରୁଆ, ମଧୁଶାସନ ଓ ତେଣ୍ଡାକୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କରାଯାଇଥିଲା। ଏହାଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ସଫଳ ରୂପାୟନ ଦେଇ ହେବ ବୋଲି ପରିଡ଼ା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ବିଜୟ କୁମାର ନାୟକ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ଯୁବମୋର୍ଚ୍ଚା ସଦସ୍ୟ ବିଜ୍ଞାନରତ୍ନ ସୂତାର, ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ମିଶ୍ର,କୁମରବର ସେଠୀ, ତପନ ପରିଡା, ରଞ୍ଜନ ସେଠୀ, ନୃସିଂହ କୁମାର ଷଡ଼ଙ୍ଗୀ,ରତ୍ନାକର ବେହେରା, କାଳନ୍ଦୀ ସାହୁ, ହେମନ୍ତ ମଲିକ, ବିଶ୍ୱଜିତ ଜେନାଙ୍କ ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ ।

# ୫-ଟି ବିଦ୍ୟାଳୟ ପରିଦର୍ଶନକଲେ ଜିଲାପାଳ

ରାଜନଗର,୨୧।୯(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଶନିବାର ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ୫-ଟି ଅଧୀନରେ କରାଯାଇଥିବା ବିଦ୍ୟାଳୟର ରୂପାନ୍ତକରଣକୁ ଅନୁଧ୍ୟାନ କରିଥିଲେ। ଏଥିସହିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ପାଠପଢା ସମ୍ବନ୍ଧରେ ପଚାରି ବୁଝିଥିଲେ। ପରେ ଜିଲାପାଳ ପ୍ରଧାନ ବଗପାଟିଆ ଥଇଥାନସ୍ଥଳୀ ଏବଂ ପେଣ୍ଠ ଗ୍ରାମରେ ଥିବା ୫ଟି ବିଦ୍ୟାଳୟଗୁଡିକ ଅନୁଧ୍ୟାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକ, ହାତିନା ସରପଞ୍ଚ ସମୀର ସେଠୀ, ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡା, ଜିପିଇଓ ଧର୍ମେନ୍ଦ୍ର ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲଙ୍କ ସମେତ ଥଇଥାନ କମିଟିର ସଦସ୍ୟ, ମିଶନଶକ୍ତି ମହିଳା, ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପେଣ୍ଠ ବେଳାଭୂମିରେ ତଟୀୟ ସ୍ୱଚ୍ଛତା ଦିବସ ପାଳିତ


ଅନ୍ତଃରାଷ୍ଟ୍ରୀୟ ସ୍ୱଚ୍ଛତା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ରାଜନଗର,୨୧।୯(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାର ଶେଷପ୍ରାନ୍ତରରେ ଥିବା ବଙ୍ଗୋପସାଗରର ବିସ୍ତୀର୍ଣ୍ଣ ପେଣ୍ଠ ବେଳାଭୂମି ଠାରେ ଅନ୍ତଃରାଷ୍ଟ୍ରୀୟ ତଟୀୟ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ତଟସୁରକ୍ଷା ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର ପଣ୍ଡା, ନାରୀନେତ୍ରୀ ଗୀତାଳି ସେଠୀ, ଯୁବନେତା ଲଳିତ କୁମାର ବେହେରା ପ୍ରମୁଖ ଯୋଗଦେଇ ତଟୀୟ ସ୍ୱଚ୍ଛତା ଦିବସ ଅବସରରେ ଐତିହାସିକ ପେଣ୍ଠ ବେଳାଭୂମିକୁ ସ୍ୱଚ୍ଛ ରଖିବା କ୍ଷେତ୍ରରେ ଆମ ସମସ୍ତଙ୍କ ମାନବୀୟ ଧର୍ମ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପେଣ୍ଠ ବେଳାଭୂମିକୁ ଅତିଥିମାନେ ସଫେଇ କରିଥିଲେ।

# ୧୨ ଦିନରେ ପହଞ୍ଚିଲା ଆମରଣ ଅନଶନ

## ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା

■ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି

ରାଜକନିକା,୨୧।୯(ସଞ୍ଜୟ କୁମାର ଦାଶ)



ଅନଶନରେ ବସିଥିବା ଚାଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଜକନିକା ବ୍ଲକ୍ ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚାଷୀମାନଙ୍କ ଅଜଣାତରେ ଟଙ୍କା ହେରଫେର ଘଟଣାରେ ଚାଷୀମାନଙ୍କୁ ନେଇ ଗତ ୧୦ରୁ ସମିତିସଭ୍ୟ ପ୍ରବେଶନ ମଲିକ କରିଥିବା ଆମରଣ ଅନଶନ ୧୨ଦିନରେ ପହଞ୍ଚିଛି । ସମବାୟ ସମିତିରେ ଅନେକ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ । ସମବାୟ ସମିତିର ସମ୍ପାଦକ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକଙ୍କ ବିରୋଧରେ ଚାଷୀମାନେ ଏତଲା ଦେଇଥିଲେ ବି ପୋଲିସ ଓ ସମବାୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କାହା ଚାପରେ ନିଆଯାଉନାହିଁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ଏତଲାକୁ ଭିତ୍ତିକରି ପୋଲିସ ମାତ୍ର ଗୋଟିଏ ମାମଲା ରୁଜୁ କରି ବସିଯାଇଛି । ସମବାୟ ବିଭାଗ ପକ୍ଷରୁ ଏକ ପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ । ପ୍ରଶାସନ ପକ୍ଷରୁ ଚାଷୀମାନେ ନ୍ୟାୟ ନ ପାଇବାରୁ ଗତ ୧୮ରେ ଆନ୍ଦୋଳନକୁ ଆଉ ପଦେ ଆଗେଇ ନେଇଛନ୍ତି । ଚାଷୀମାନେ ରାଜକନିକାରୁ ରାଜଧାନୀ ଭୁବନେଶ୍ୱରକୁ ପଦଯାତ୍ରାରେ ଯାଇଛନ୍ତି । ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବା ସହ ଦୁର୍ନୀତି କରିଥିବା ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବେ । ଏଥି ସହିତ ଉପରୋକ୍ତ ନିର୍ବାଚନମଣ୍ଡଳୀରେ ଥିବା ୩୮ଟି ପାକ୍ସର ସିଏଜି ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବେ ବୋଲି ଚାଷୀନେତାମାନେ କହିଛନ୍ତି । ଏହି ପଦଯାତ୍ରାରେ ଚାଷୀ, ଯୁବକ ଓ ମହିଳା ଓ ବୁଦ୍ଧିଜୀବିମାନେ ସାମିଲ ହୋଇଛନ୍ତି । ଆଶା ରଖିଛନ୍ତି ମୁଖ୍ୟମନ୍ତ୍ରୀଠାରୁ ନିଶ୍ଚୟ ନ୍ୟାୟ ପାଇବେ । ହେଲେ ମୁଖ୍ୟମନ୍ତ୍ରୀ ୩ଦିନ ପାଇଁ କେନ୍ଦୁଝର ଗସ୍ତରେ ଥିବାରୁ ସୋମବାର ଦିନ ଦେଖା କରିବେ ବୋଲି ପଦଯାତ୍ରୀମାନେ ଆଶା ରଖିଛନ୍ତି। ଏହି ଚାଷୀ ପଦଯାତ୍ରାରେ କୃଷକ ନେତା ରାଜନାରାୟଣ ଜେନା, ଚାଷୀ ସୂର୍ଯ୍ୟମଣୀ ସାହୁ, ଶୁଭ୍ରଜିତ୍ ବିଶ୍ୱାଳ, ସଂଗ୍ରାମ ମଲିକ, ରଜତ ଦାସ, ଜଗନ୍ନାଥ ସାମଲ, ପବିତ୍ର ମୋହନ ମିଶ୍ର ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ, ଶନିବାର ଅନଶନକାରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଥିବା କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଯାଞ୍ଚ ଟିମ୍ । ଶନିବାର କୌଣସି ପ୍ରଶାସନିକ ଅଧିକାରୀ ଅନଶନସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି ।

## ଗୋଟିଏ ଦିନରେ ୨ଟି ଅପମୃତ୍ୟୁ

**ନୟାଗଡ଼, ୨୧।୯(ଲୋକନାଥ ମିଶ୍ର)**

ନୟାଗଡ ଜିଲା ଶରଣକୁଳ ଥାନା ଅଞ୍ଚଳରେ ଗୋଟିଏ ଦିନରେ ଦୁଇଟି ଅପମୃତ୍ୟୁ ମାମଲା ହୋଇଛି। ଗୋଲଗାଁର ଭାଗିରଥି ସାହୁ(୫୫) ଶନିବାର ଭୋର ସମୟରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଭାଗିରଥି ଗୋଲଗାଁ ପୋଖରୀକୁ ଶନିବାର ସକାଳେ ଶୌଚ ହେବାକୁ ଯାଇଥିଲେ। ଗୋଡ ଖସି ଯିବାରୁ ପାଣିରେ ବୁଡି ପ୍ରାଣ ହରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ୧୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିଭଳି ହରିହରପୁର ଗାଁରେ ରାଧା ଜେନା(୭୦)ଙ୍କର ଅନୁରୂପ ଭାବେ ମୃତ୍ୟୁ ହୋଇଛି। ରାଧାଙ୍କର ଘର ରଣପୁର ଥାନାର ଖଡିଆ ଗାଁରେ। ରାଧାଙ୍କର ବାନ୍ତି ହୋଇଥିଲା। ବାନ୍ତି ପରେ ରାଧା ପ୍ରାଣ ହରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ୧୫/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମାବେଶ



ବୈଠକରେ ଯୋଗଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

**ଖଣ୍ଡପଡ଼ା,୨୧।୯ (ଅଜୟ କୁମାର ମହାରଣା)**

ପ୍ରତ୍ୟେକ ହାଇସ୍କୁଲରେ କିଭଳି ଗୁଣାତ୍ମକ ଶିକ୍ଷାଦାନ ହୋଇ ପାରିବ ସେ ନେଇ ରାଜ୍ୟ ସରକାର ଏବେ ଏହାର କାର୍ଯ୍ୟକାରିତା ନେଇ ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କର ସମାବେଶର ଆୟୋଜନ କରାଯାଉଛି । ଏହି କ୍ରମରେ ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନେଇ ଦଶମ ମଣ୍ଡଳସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷା ନୀତି ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟରେ କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ସେ ସମ୍ପର୍କରେ ସୂଚନା ଦେବା ସହ ସରକାରଙ୍କ ଶିକ୍ଷାଦାନ ସମ୍ପର୍କୀତ ଏକକ ଶ୍ରେଣୀ ଓ ବହୁ ଶ୍ରେଣୀ ପାଠ ସହ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସେହିପରି ପ୍ରତ୍ୟେକ ବିଦ୍ୟାଳୟରେ ଗଠନ କରାଯାଇଥିବା ଜିଜ୍ଞାଷା, ସାହିତ୍ୟ ସୃଜନୀ, କୌଶାଳୀ ଓ କ୍ରୀଡାଙ୍ଗନ କ୍ଲବ୍ ଗୁଡ଼ିକର ସୁପରିଚାଳନା, ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ କର ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲିପ୍ସା ନନ୍ଦ, କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା, ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଯୋଦ୍ଧା ନାୟକ, କଣ୍ଟିଲୋ ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମନୋଜ କୁମାର ନାୟକଙ୍କ ସମେତ ୨୮ ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ନଦୀକୂଳରେ ଚାରା ରୋପଣ କାର୍ଯ୍ୟକ୍ରମ



ନଦୀକୂଳରେ ଚାରାରୋପଣ କରାଯାଉଛି।

**ଦଶପଲ୍ଲା,୨୧।୯ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଏନ୍‌ଏସି ନିକଟସ୍ଥ ନଦୀକୂଳରେ କଲୋନୀ ବାସିନ୍ଦାମାନଙ୍କ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର ଓ ଅଶ୍ୱତଥ ଚାରା ରୋପଣ କରାଯାଇଥିଲା। ଏହି ନଦୀକୂଳରୁ ବିଭିନ୍ନ ପୂଜାରେ କଳସ ଯାତ୍ରାରେ ଜନସମାଗମ ହୁଏ। ନଦୀକୂଳରେ କୌଣସି ଛାୟା ପ୍ରଦାନକାରୀ ବୃକ୍ଷ ନାହିଁ। ଏଣୁ ଲୋକଙ୍କୁ ଛାୟା ପ୍ରଦାନ ଓ ଆଶ୍ରୟ ଦେବା ପାଇଁ ଅଧ୍ୟାପକ ନୀଳମଣି ସାହୁଙ୍କ ଉଦ୍ୟମରେ ଚାରା ରୋପଣ ଓ ସୁରକ୍ଷା ବାଡ଼ର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକଙ୍କ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁଙ୍କ ସମେତ କଲୋନୀ ବାସିନ୍ଦା ପ୍ରତାପ ଚନ୍ଦ୍ର ବେହେରା, ସନାତନ ସେଠୀ, ଫରେଷ୍ଟର ଅଶୋକ କୁମାର ନାୟକ, ପ୍ରଭାତ କୁମାର ସାହୁ ଓ କଣ୍ଟିଲୋର ବିଶିଷ୍ଟ ପରିବେଶବିତ ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ଓ ତାଙ୍କ ସ୍ତ୍ରୀ ଇନ୍ଦୁପ୍ରଭା ସାହୁ ଯୋଗ ଦେଇଥିଲେ । ଶୁକ୍ରବାର ଦଶପଲ୍ଲା ମାଟିର ସ୍ୱରର ସମ୍ପାଦକ ପ୍ରଭାତ କୁମାର ସାହୁ, ପ୍ରକାଶ ମଣ୍ଡଳ ଓ ଗଛସାର ଜଗାପୁର କେନାଲ ହୁଡ଼ାରେ ତାଳ ଓ ଖଜୁରୀ ମଞ୍ଜି ରୋପଣ କରିଛନ୍ତି । ନଦୀ କୂଳ ରେ ମୃତ୍ତିକା କ୍ଷୟ ରୋକିବା ପାଇଁ ମଧ ଖଜୁରୀ ମଞ୍ଜି ରୋପଣ କରାଯାଇଛି।

### ଗଜପତି, କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି କର୍ମକର୍ତ୍ତା ବୈଠକ

# ଲୋକଙ୍କ ପାଇଁ ଭଲ କାମ କରିଛୁ, ସେମାନେ ସାଥିରେ ଅଛନ୍ତି: ନବୀନ

**ଭୁବନେଶ୍ୱର,୨୧।୯(ଅନିଲ ଦାସ)**

କେନ୍ଦ୍ରାପଡ଼ା ଓ ଗଜପତି ଜିଲାର ନିର୍ବାଚିତ ପ୍ରତିନିଧି ଓ ପଦାଧିକାରୀମାନଙ୍କ ବୈଠକ ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଙ୍ଗଠନକୁ ମଜଭୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ବୈଠକରେ ଯୋଗଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ ବିଜେଡି ସରକାରର ୨୪ବର୍ଷ ଶାସନରେ ରାଜ୍ୟରେ ଗରିବୀ ୭୦ ପ୍ରତିଶତରୁ ୧୦ ପ୍ରତିଶତ କମିଛି। ଲୋକଙ୍କ ମୁଣ୍ଡ ପିଛା ଆୟ ବଢ଼ିଛି। ଏହା ଭାରତ ସରକାରଙ୍କ ରିପୋର୍ଟ କହୁଛି । ଏଥର ଯଦି ବିଜେଡି କ୍ଷମତାକୁ ଆସିଥାନ୍ତା ତେବେ ଓଡ଼ିଶାରୁ ଗରିବୀ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଥାନ୍ତା ବୋଲି ନବୀନ କହିଛନ୍ତି। କେନ୍ଦ୍ରାପଡ଼ା ସବୁବେଳେ ତାଙ୍କ ପାଇଁ ଓ ବିଜୁବାବୁଙ୍କ ପାଇଁ ସ୍ୱତନ୍ତ୍ର ହୋଇ ରହିଆସିଛି। ଗଜପତି ଜିଲା ସହ ବିଜୁବାବୁଙ୍କ ପରିବାରର ସମ୍ପର୍କ ବହୁତ ପୁରୁଣା। ଲୋକଙ୍କ ଭଲ ପାଇବା ଏବେ ବି ବିଜେଡି ପ୍ରତି ଅତୁଟ ରହିଛି । ଭାଜପା ସରକାରର ମିଛ ପ୍ରତିଶ୍ରୁତି ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା ଦେବା, ମାଗଣା ବିଜୁଳି ଓ ଭତ୍ତା ବଢ଼ାଇବା ଆଦି ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ନବୀନ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖର କଥା ଯେ ଭୁବନେଶ୍ୱର ପରି ଜାଗାରେ ଥାନାରେ ମହିଳା ଅସୁରକ୍ଷିତ। ରାଜଭବନରେ କର୍ମଚାରୀ ମାଡ଼ ଖାଉଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ଥିବାପରି ଲାଗୁନାହିଁ । ବିଜେଡି ସରକାରରେ ଥିବାବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା। ଲୋକଙ୍କ ଭଲ ପାଇବା ଏବେ ବି ବିଜେଡି ସହିତ ରହିଛି। ଲୋକଙ୍କ ସେବା ଜାରି ରଖିବାକୁ ସେ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ଆଳି ବିଧାୟକ ପ୍ରତାପ ଦେବ କେନ୍ଦ୍ରାପଡ଼ା ବୈଠକ ସଂଯୋଜନା କରିଥିବା ବେଳେ ଗଜପତି ଜିଲା ବୈଠକ ସଂଯୋଜନା କରିଥିଲେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର। ଏହି ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବ ସାହୁ, ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ରୂପେଶ ପାଣିଗ୍ରାହୀ, ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ତଥା ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରିଛନ୍ତି।

# ୟେଚୁରୀଙ୍କ ବିୟୋଗ ଭାରତ ପାଇଁ ଏକ ଅପୂରଣୀୟ କ୍ଷତି



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

## ସୀତାରାମ ୟେଚୁରୀଙ୍କୁ ଶ୍ରଦ୍ଧାଞ୍ଜଳି

**ନୟାଗଡ଼,୨୧।୯ (ଲୋକନାଥ ମିଶ୍ର)**

ନୟାଗଡ଼ ସହରର କୃଷ୍ଣଚନ୍ଦ୍ର କ୍ଲବ ସଭା ଗୃହରେ ସିପିଆଇ(ଏମ)ର ସର୍ବଭାରତୀୟ ମହାସଚିବ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଶତାଧିକ ବୁଦ୍ଧିଜୀବୀ, ଦଳୀୟ କର୍ମୀଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ୟେଚୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ସିପିଆଇଏମ୍‌ର ରାଜ୍ୟସ୍ତରୀୟ ନେତା ଦୁଷ୍ମନ୍ତ ଦାସ ଯୋଗ ଦେଇ କହିଲେ, ପ୍ରଖର ରାଜନୈତିକ ପାଣ୍ଡିତ୍ୟ, ସମୁଜ୍ଜ୍ୱଳ ଶୈକ୍ଷିକ କ୍ୟାରିୟର, ସମୟୋପଯୋଗୀ କୌଶଳଗତ ସିଦ୍ଧାନ୍ତ, ପ୍ରଗତିଶୀଳ ଚିନ୍ତା ଚେତନାର ଦିଗ୍‌ଦର୍ଶକ ଭାବେ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଲଢେଇ ପରିଚାଳନା କରିବାରେ ସୀତାରାମ ୟେଚୁରୀ ଥିଲେ ଭାରତରେ ଅଦ୍ୱିତୀୟ ନେତା। ଏଭଳି ନେତା ଭାରତରେ ପୁଣି ଜନ୍ମ ନେବା ଦରକାର। ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଓ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ କହିଥିଲେ ଭାରତରେ ରାଜନୈତିକ ଅବକ୍ଷୟ ସମୟରେ ୟେଚୁରୀଙ୍କ ବିୟୋଗ ନିଶ୍ଚିତ ଭାବେ ଅଶେଷ କ୍ଷତି ପହଞ୍ଚାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ୟେଚୁରୀଙ୍କ ଅଧୁରା କାର୍ଯ୍ୟକୁ ପୂରଣ କରିବାକୁ ଯୁବବର୍ଗକୁ ଆହ୍ୱାନ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା,ସିପିଆଇ ନେତା ଅମୀୟ ପଟ୍ଟନାୟକ, କଂଗ୍ରେସ ନେତା ରଣଜିତ୍ ଦାଶ, ସେବାଦଳ ନେତା ମନୋଜ କୁମାର ସାହୁ,ଏସୟୁସିଆଇ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଉମର ମଲିକ,ଅନାଦି ଚରଣ ମହାନ୍ତି, କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, ଗୋଲକ ବିହାରି ମୁଦୁଲି, ନିତ୍ୟାନନ୍ଦ ପରିଡ଼ା, ଶ୍ରମିକ ନେତା ସୁରେଶ ସ୍ୱାଇଁ, ଗଙ୍ଗାଧର ପଣ୍ଡା, ପବିତ୍ର ଇନ୍ଦ୍ରଜିତ, ଯୁବନେତା ସରୋଜ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା,୨୨।୯(ଅଜୟକୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତର ଜାକେଲା ଗ୍ରାମରେ ଖଣ୍ଡପଡ଼ା ଅବକାରୀ କର୍ମଚାରୀମାନେ ଶନିବାର ଅଚାନକ ଚଢ଼ାଉକରି ବୈକୁଣ୍ଠ ନାୟକଙ୍କ ଘରୁ ୧୬ ଲିଟର ଦେଶୀ ମଦ ଜବତ୍ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି। ଚଢାଉ ଅଭିଯାନରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତା ନାୟକ ପ୍ରମୁଖ ସାମିଲ୍ ହୋଇଥିଲେ।

# ଗଛ ଉପୁଡ଼ି କଲେଜ ରାସ୍ତା ଅବରୋଧ



ଅଗ୍ନିଶମ ସେବା କର୍ମଚାରୀମାନେ ଗଛ କାଟି ରାସ୍ତା ସଫା କରୁଛନ୍ତି।

**ଦଶପଲ୍ଲା,୨୧।୯(ପ୍ରକାଶ କୁମାର ପାଣି)**

ଶନିବାର ଦଶପଲ୍ଲା ବିଏସ୍ କଲେଜ ରାସ୍ତାରେ ଏକ ବଡ଼ ଆମ୍ବ ଗଛ ଉପୁଡ଼ି ପଡ଼ିଥିଲା। ଫଳରେ କିଛି ସମୟ ଧରି ରାସ୍ତା ଅବରୋଧ ହୋଇଥିଲା । ରାସ୍ତାର ୨ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ବର୍ଷା ଯୋଗୁ ଏହି ଆମ୍ବ ଗଛଟି ଉପୁଡ଼ି ପଡିଥିଲା। ଖବର ପାଇ ଦଶପଲ୍ଲା ଅଗ୍ନିଶମ ସେବା କର୍ମଚାରୀମାନେ ପହଞ୍ଚି ଗଛଟିକୁ କାଟି ରାସ୍ତା ସଫା କରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗକୁ ବିଏଲ୍‌ଏଫ୍ ଗ୍ରୁପ୍‌ର ଖଣ୍ଡନ

**ଗୋପାଳପୁର,୨୧।୯(ନବୀନ ରାଜ ଆଚାରୀ)**

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ସମେତ ଅନ୍ୟାନ୍ୟ ବଣ୍ଟନ ସାମଗ୍ରୀ ଗୁଡିକ ଯୋଗାଣ ହେଉଥିବା ଜିନିଷ କମ୍ ଓଜନ ସହ ନିମ୍ନମାନର ବୋଲି ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଉ ବୋଲି ସାମାଜିକ କର୍ମୀ ଶୁଭାଶିଷ ସାହୁ ଗଞ୍ଜାମ ଜିଲାପାଳ, ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଛତୁଆ ପ୍ରସ୍ତୁତି ଦାୟିତ୍ୱରେ ରହିଥିବା ବିଏଲଏଫର ମହିଳା ସଦସ୍ୟାମାନେ ଅଭିଯୋଗକୁ ଖଣ୍ଡନ କରିବା ସହ ଏହି ଅଞ୍ଚଳର ପୂର୍ବ ସରକାରର କିଛି ରାଜନେତାମାନେ ଏହି ଛତୁଆ ପ୍ରସ୍ତୁତ ତଦାରଖ କରୁଥିଲେ। ଗତ ଦୁଇ ମାସ ହେବ ଆମକୁ ଛତୁଆ ପ୍ରସ୍ତୁତରୁ ଓହରି ଯିବାକୁ ବାଧ କରୁଛନ୍ତି। ଏଥିସହ ସାମାଜିକ ଗଣମାଧ୍ୟମରେ ଛତୁଆ ନେଇ ମିଥ୍ୟା, ପୁରୁଣା ଫୋଟକୁ ଛାଡ଼ି ଆମମାନଙ୍କୁ ହଇରାଣ କରୁଥିବା ନେଇ କେନ୍ଦ୍ରରେ କାମ କରୁଥିବା ୧୪ ଜଣ ମହିଳା ଏକ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଇଛନ୍ତି। ଏହା ସହ ନିମ୍ନମାନର ଛତୁଆ ନେଇ ଯଦି ବଳିଷ୍ଠ ପ୍ରମାଣ ଅଛି ସର୍ବସାଧାରଣରେ ପରିପ୍ରକାଶ କରନ୍ତୁ ନ'ହେଲେ ବାଧ ହୋଇ ଆମେ ଆଇନର ଆଶ୍ରୟ ନେବୁ ବୋଲି ବଏଲଏଫର ସଭାନେତ୍ରୀ ପୁଷ୍ପାଞ୍ଜଳି ମହାନ୍ତି, ସମ୍ପାଦକ କେ ରୋଜା ଓ ଅନ୍ୟ ସଦସ୍ୟାମାନେ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଲକ୍ଷ୍ୟଧାର୍ଯ୍ୟ ପୂରଣ ନେଇ ଜିଲାପାଳଙ୍କ ପରାମର୍ଶ

**ଛତ୍ରପୁର,୨୧।୯( ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ)**

ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ବ୍ୟାଙ୍କସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକରୁ ଲୋକମାନେ କିପରି ଉପଯୁକ୍ତ ଲାଭ ପାଇବେ ଏବଂ ସେମାନଙ୍କୁ ସଠିକ ବ୍ୟାଙ୍କସେବା ଯୋଗାଇବା ନେଇ ଗୁରୁତ୍ୱାରୋପ କରିଥିଲେ। ଗଞ୍ଜାମ ଜିଲାରେ ମୋଟ ୩୨ଟି ବ୍ୟାଙ୍କ ରହିଥିବା ବେଳେ ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସେମାନଙ୍କ ୪ ୪୧ଟି ଶାଖା ରହିଛି । ୨୦୨୪ ଜୁନ ସୁଦ୍ଧା ସମସ୍ତ ବ୍ୟାଙ୍କର ମୋଟ ୨୯ହଜାର ୫୨୦ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ମୋଟ ୧୯ହଜାର ୩୯୪ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଏହା ଋଣ ଓ ଜମାର ଅନୁପାତ ଶତକଡା ୬୬ ପ୍ରତିଶତ। ଚଳିତ ଆର୍ଥିକ ବର୍ଷ ୨୦୨୪–୨୫ ଆର୍ଥିକ ବର୍ଷରେ ବ୍ୟାଙ୍କମାନଙ୍କ ପାଇଁ ରଖାଯାଇଥିବା ଲକ୍ଷ୍ୟଧାର୍ଯ୍ୟ ସଫଳତାର ସହ ପୂରଣ କରିବାକୁ ଜିଲାପାଳ ପରିଡା ବ୍ୟାଙ୍କଗୁଡିକୁ ପରାମର୍ଶ ଦେଇଥିଲେ। ଚଳିତ ଆର୍ଥିକ ବର୍ଷ ଜୁନ ୩୦ ସୁଦ୍ଧା ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରାଥମିକ କ୍ଷେତ୍ରରେ ୩୨ ପ୍ରତିଶତ ଋଣ ପ୍ରଦାନ କରାଯାଇଛି, ଯାହାକି କୃଷି କ୍ଷେତ୍ରରେ ଏହା ୩୨ ପ୍ରତିଶତ। ସେଥିରୁ ୩୫ପ୍ରତିଶତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୧୬ ପ୍ରତିଶତ ଋଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ୨୦୨୪ ଖରିଫ ଋତୁକୁ ୭୬୨୨୧ ହେକ୍ଟର ଜମି ବୀମାଭୁକ୍ତ ହୋଇଥିବା ବେଳେ ୬୧୫.୬୭ କୋଟି ବୀମାରାଶିରେ ଅନ୍ତର୍ଭୁକ୍ତ କରାଯାଇଛି। ଏତ ବ୍ୟତୀତ ଜିଲ୍ଲା ରେ ଚାଲିଥିବା ସମସ୍ତ ଯୋଜନା ଏମ୍‌କେୟୁୱାଇ ଯୋଜନା, ବଳରାମ, ଏସ୍‌ଏଚ୍‌ଜି,ପିଏମ୍ ଇଜିପି, ପିଏମ୍‌ଏଫ୍‌ଏମ୍‌ଇ ଆଦି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ସହକାରୀ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ।

# କର୍ମଚାରୀ ଅଭାବରୁ ବ୍ୟାଙ୍କରେ ଭିଡ଼

**ବ୍ରାହ୍ମଣୀଗାଁ, ୨୧।୯ (ମନୋରଞ୍ଜନ ରଣା )**

ବିଭିନ୍ନ ସରକାରୀ ଯୋଜନାରୁ ଲାଭ ଉଠାଇବାକୁ ବ୍ରାହ୍ମଣୀଗାଁସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଛି। ସକାଳ ୮ଟାରୁ ମହିଳାମାନେ ଲମ୍ବା ଧାଡ଼ି ଲଗାଉଛନ୍ତି। ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କନ୍ଧମାଳ ଜିଲା ସୀମାନ୍ତରେ ରହୁଥିବା ପ୍ରାୟ ୨୦ ହଜାର ଗ୍ରାହକ ଏହି ବ୍ରାହ୍ମଣୀଗାଁ ଷ୍ଟେଟ ବ୍ୟାଙ୍କ ଉପରେ ନିର୍ଭର କରନ୍ତି। କର୍ମଚାରୀ ଅଭାବରୁ କାମ ବିଳମ୍ବ ହେଉଥିବାରୁ ବ୍ୟାଙ୍କରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁଭଦ୍ରା ଯୋଜନା ଆରମ୍ଭ ହେବାଠାରୁ ଏହି ଭିଡ଼ ଅଧିକ ହେଉଛି। ଏନେଇ ଶନିବାର ମହିଳାମାନେ ଏକ ଲିଖିତ ଅଭିଯୋଗ ପତ୍ର ଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଶାଖା ପରିଚାଳକଙ୍କୁ ପ୍ରଦାନ କରିଛନ୍ତି। ସୋମବାର ସୁଦ୍ଧା ଏଠାରେ କର୍ମଚାରୀ ନିଯୁକ୍ତ ନ ହେଲେ ମହିଳାମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ବନ୍ୟପ୍ରାଣୀ ବିଭାଗ ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବନ କର୍ମଚାରୀ।

**ଗଣିଆ,୨୧।୯(ସନ୍ତୋଷ କୁମାର ପ୍ରଧାନ)**

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରଥମେ ମା'ବାଟ ପଛେଇ ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା କରି ସ୍ୱଚ୍ଛତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବନାଞ୍ଚଳର ୨୫ରୁ ଊର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମା'ବାଟ ପଛେଇ ପୀଠ ପରିସର ସଫେଇ କରିବା ସହ ବିଭିନ୍ନ ଫଳ ଚାରା ରୋପଣ କରିଥିଲେ। ଅନ୍ୟପରି ମୁଦୁଲିଗାଡ଼ିଆ ଗ୍ରାମରେ ବନ ବିଭାଗ ଓ ମା' ସାତଭଉଣୀ ପରିବେଶ ବିକାଶ ସମିତିର ଯୁବକମାନଙ୍କ ଦ୍ୱାରା ଗ୍ରାମ ଚାରିପାଖରେ ଅନାବନା ଗଛ ସଫା କରିବା ସହ ଗ୍ରାମଦାଣ୍ଡ ସଫେଇ କରାଯାଇଥିଲା। ଏହିଁ କାର୍ଯ୍ୟକ୍ରମରେ ଫରେଷ୍ଟର ଲୋକନାଥ ସେଠୀ, ସଞ୍ଜୟ ରାଉତ, ଫରେଷ୍ଟ ଗାର୍ଡ ମନୋରଞ୍ଜନ କହଁର, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ବାତିଲ ନେଇ ବିଇଓଙ୍କୁ ଦାବିପତ୍ର

**ରାମଗିରି,୨୧।୯(ବୃନ୍ଦାବନ ଗୌଡ଼)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ପୁନଃ ନିଯୁକ୍ତି ନେଇ ଦାବି ହୋଇଛି। ଶନିବାର ରାମଗିରିସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟଠାରେ ପ୍ରାଥମିକ ବିଦ୍ୟାଳୟ ଏସ୍‌ଏମ୍‌ସି ସଭ୍ୟାସଭ୍ୟ, ପିଆର୍‌ଆଇ ସଭ୍ୟ ଓ ଗ୍ରାମବାସୀ ଆର.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିବା ସହକାରୀ ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

ଏହି ବିଦ୍ୟାଳୟରେ ପ୍ରାୟ ୩ଶହ ଛାତ୍ରୀଛାତ୍ର ପଢୁଛନ୍ତି। ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଓ ଗଣିତ ପଢାଇବା ପାଇଁ ଦୁଇ ବର୍ଷ ତଳେ ତତ୍କାଳୀନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କହି ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ଉକ୍ତ ବିଦ୍ୟାଳୟକୁ ଅଣାଯାଇଥିଲା।




ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗତ ସ୍ୱାଧୀନତା ଦିବସରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ଗୋଷ୍ଠୀ ଶିକ୍ଷାଧିକାରୀ ତାଙ୍କୁ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ଶ୍ରେଣୀ ପରିଚାଳନାରେ ଉତ୍କର୍ଷତା ପାଇଁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ନିକଟରେ ତାଙ୍କୁ ହଠାତ୍ ରାଇକା ସାହି ବିଦ୍ୟାଳୟକୁ ଫେରାଇ ନିଆଯାଇଛି।

ଏଥିଯୋଗୁ ପିଲାମାନେ ଗଣିତ ଓ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ହେବେ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏହି ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ନ ଆଣିଲେ ଆଗାମୀ ଦିନରେ ବିଦ୍ୟାଳୟରେ ସମ୍ମୁଖରେ ଧାରଣା ଦେବେ ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି।

ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ସସ୍ମିତା କାର୍ଜି, ନାଏବ ସରପଞ୍ଚ ରାଜେନ୍ଦ୍ର ମାଝୀ, ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଜେନା, ଝୁନୁ ବିରକାଳିଆ, ପିଆର୍‌ଆଇ ସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାର ନକଲ ପାରଳାଖେମୁଣ୍ଡି ଜିଲା ଶିକ୍ଷାଧିକାରୀ ଏବଂ ଗଜପତି ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ସଭାପତି ଜେନା କହିଛନ୍ତି।

# ୧୦ ବର୍ଷରେ ନଦୀ ଆଁରେ ୬୦ରୁ ଊର୍ଦ୍ଧ୍ୱ ଘର

## ଲୁଣା,କରାଣ୍ଡିଆ ଦ୍ୱୀପାଞ୍ଚଳର ଦୁଃଖ

- ଅଧିକାଂଶ ଚାଷ ଜମି ନଦୀ ଗର୍ଭରେ
- ପଥରବନ୍ଧ ନିର୍ମାଣ ଦାବି

**କେନ୍ଦ୍ରାପଡ଼ା,୨୧।୯ (ଜଗନ୍ନାଥ ଧଳ):**



କେନ୍ଦ୍ରାପଡ଼ା ଲୁଣା ନଦୀ ନିକଟରେ ଥିବା ଘର ।

ଗତ ଅଗଷ୍ଟ ମାସରେ ମହାନଦୀରେ ବନ୍ୟା ଆସିଥିଲା । ଏହି ନଦୀ ସିଷ୍ଟମରେ ଥିବା ଲୁଣା ଓ କରାଣ୍ଡିଆ ନଦୀ ଫୁଲିଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ଦ୍ୱୀପାଞ୍ଚଳରେ ଥିବା ୧୩ ଗ୍ରାମରେ ପାଣି ପଶିଥିଲା । ବନ୍ୟା ଜଳ ଛାଡି ଯାଇଥିବା ବେଳେ ଏହାର କ୍ଷତି ଏବେ ସ୍ପଷ୍ଟ ହେଉଛି । ନଦୀକୂଳ ଅଞ୍ଚଳର ବହୁ ଫସଲ ନଷ୍ଟ ହୋଇଛି । ଏଥିସହ ଚାଷ ଜମି କିଛି ଅଂଶରେ ଏବେ ନଦୀ ଘେରକୁ ଚାଲିଯାଇଛି । ଗତ ୧୦ ବର୍ଷ ମଧ୍ୟରେ ଏହିପରି ବନ୍ୟା ଯୋଗୁ ଦ୍ୱୀପାଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ଘର ନଦୀଗର୍ଭରେ ମିଶିଯାଇଛି । ଏହି ପ୍ରକ୍ରିୟା ଏବେ ବି ଜାରି ରହିଛି । ପ୍ରତିବର୍ଷ ବନ୍ୟା ଜଳ ଏହି ଦ୍ୱୀପାଞ୍ଚଳରେ ଚାଷ ବାସ ନଷ୍ଟ କରୁଥିବାରୁ କରାଣ୍ଡିଆ ଓ ଲୁଣା ନଦୀର ପଥରପ୍ୟାକିଂ ବନ୍ଧ ନିର୍ମାଣ ପାଇଁ ସ୍ଥାନୀୟ ଲୋକ ମତ ଦେଇଛନ୍ତି ।

ଏ ସମ୍ପର୍କରେ ଆୟତପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ୧୩ ଗାଁ ଅବହେଳିତ ଅବସ୍ଥାରେ ଅଛି । ଏନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ । ସହରଠାରୁ ମାତ୍ର ୧୦ କି.ମି. ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗିରହିଛି । ଦ୍ୱୀପାଞ୍ଚଳର ୧୩ ଗ୍ରାମ ୩ ବ୍ଲକ ଅଧୀନସ୍ଥ ୫ ପଞ୍ଚାୟତରେ ଅଛି । ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର ଓ ଇନ୍ଦାଲୋ ପଞ୍ଚାୟତ ଅଛି । ସେହିପରି ଏଠାରେ ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଲାର, ଶିଶୁଆ ଓ ଷଠିଲୋ ଗ୍ରାମ ରହିଛି । ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି । ଷଠିଲୋ ନିକଟରୁ ଏହି ଦ୍ୱିପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଚଳିତ ବର୍ଷ ବନ୍ୟାଜଳରେ ସ୍ଥାନୀୟ ଅଧିବାସୀଙ୍କ ଚାଷ ଓ ବାସ ଅଧିକ ନଷ୍ଟ ହୋଇଥିବା ସେ ପ୍ରକାଶ କରିଛନ୍ତି । ଏହି ଗ୍ରାମର ରେଖା ସେଠୀ କହିଛନ୍ତି, କରାଣ୍ଡିଆ ନଦୀ ଆମ ଜୀବନକୁ ଦୁର୍ବିସହ କରିଛି । ଗତ ଦୁଇ ବର୍ଷ ମଧ୍ୟରେ ବନ୍ୟାରେ ୪ଟି ଘର ନଦୀଗର୍ଭକୁ ଚାଲିଯାଇଛି । ଏବେ ମାତ୍ର ଗୋଟିଏ ଘର ଅଛି । ଗତ କିଛି ବର୍ଷ ପୂର୍ବେ ନଦୀ ଏଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିଲା । ତେବେ ନଦୀର ଗତିପଥ ପରିବର୍ତ୍ତନ ହେଉଥିବାରୁ କୂଳ ଖାଇଯାଉଥିବା ସେ ପ୍ରକାଶ କରିଛନ୍ତି । ସରପଞ୍ଚ ବିଦ୍ୟୁତ୍‌ଲତା ସାହୁ କହିଛନ୍ତି, ପ୍ରାୟ ୨୦୦ ଘର ମଧ୍ୟରୁ ୬୦ ଘର ଗତ ୧୦ ବର୍ଷ ମଧ୍ୟରେ ନଦୀଗର୍ଭକୁ ଚାଲିଗଲାଣି । କେବଳ ଘର ନୁହେଁ, ନଦୀ ପଠା ଅଞ୍ଚଳ ନଦୀଶଯ୍ୟାରେ ପରିଣତ ହୋଇଛି । ଫଳରେ ଚାଷ ଜମି ହ୍ରାସ ପାଇଛି । ଏଠାରେ ପଥରବନ୍ଧ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଇଥିବା ସେ ପ୍ରକାଶ କରିଛନ୍ତି । ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ.ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ନଦୀବନ୍ଧକୁ ପଥର ପ୍ୟାକିଂ କରିବାକୁ ଯୋଜନା ରହିଛି । ଏନେଇ ଖୁବଶୀଘ୍ର କାମ ଆରମ୍ଭ ହେବ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭୟ



@ ଲିପକ



@ ପ୍ରିୟବ୍ରତ



@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଦ ବାର୍‌ରେ ମହିଳାଙ୍କ ଭଙ୍ଗାରୁଜା



ମଦବାର୍ ଭଙ୍ଗାରୁଜା କରିବାକୁ ଆସିଥିବା ମହିଳାମାନେ ।

**ବିଞ୍ଝାରପୁର,୨୧।୯(ରାମକୃଷ୍ଣ ଦାସ):**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ସୟଦପୁର ଏବଂ ମଇଁନ୍ଦା ରାସ୍ତା ମଧ୍ୟରେ ଥିବା ଏକ ମଦ ବାରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ଅପରାହ୍ନରେ ଗଣ୍ଡଗୋଳ ହୋଇଛି। ଏଥିରେ ଘଟଣାସ୍ଥଳରେ ୫୦ରୁ ଊର୍ଦ୍ଧ୍ୱ ମହିଳା ପହଞ୍ଚି ମଦବାରକୁ ଭଙ୍ଗାରୁଜା କରିଛନ୍ତି। ବିଞ୍ଝାରପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମହିଳାମାନଙ୍କୁ ବୁଝାସୁଝା କରି ଘରକୁ ପଠାଇଛି।

ଖବର ମୁତାବକ, ଶୁକ୍ରବାର ରାତିରେ କୌଣସି କାରଣ ନେଇ ବିଞ୍ଝାରପୁର ଏବଂ ସୟଦପୁର ଗାଁ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ବିଞ୍ଝାରପୁର ପୋଲିସ ଭକ୍ତ ଘଟଣାକୁ ଆଲୋଚନା ମାଧ୍ୟମରେ ଆପୋସ ସମାଧାନ କରିଦେଇଥିଲା। ହେଲେ ଘଟଣାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଦବାର ଡ୍ରାଇଭରମାନେ ମିଳିତ ଭାବେ କଏଣା ଗ୍ରାମର ଯୁବକ ତପନ ମଲ୍ଲିକଙ୍କୁ ଆକ୍ରମଣ କରି ବାର ବାହାରେ ଫିଙ୍ଗି ଦେଇଥିଲେ। କଏଣା ଗ୍ରାମର ମହିଳାମାନେ ଏହି ଖବର ପାଇବା ପରେ ବାରରେ ପହଞ୍ଚି ହୋହଲ୍ଲା କରିବା ସହ ବାରର ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଫଳରେ କିଛି ସମୟ ପାଇଁ ମଦବାର ରଣକ୍ଷେତ୍ର ପାଲଟିଥିଲା। ଅନ୍ୟପକ୍ଷରେ ମଦ ବାରରେ ମଦ୍ୟପାନ କରୁଥିବା କଏଣା ଗ୍ରାମର ଯୁବକଙ୍କୁ ମଦର ମୂଲ୍ୟ ଅଧିକ ମାଗିବାରୁ ଏ ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି।

## ବାର୍ କର୍ମଚାରୀଙ୍କ ଆକ୍ରମଣରେ ଯୁବକ ଆହତ

# ଲୋକଙ୍କ ପାଇଁ ଭଲ କାମ କରିଛୁ, ସେମାନେ ସାଥିରେ ଅଛନ୍ତି: ନବୀନ

## କେନ୍ଦ୍ରାପଡ଼ା, ଗଜପତି ଜିଲା ବିଜେଡି କର୍ମକର୍ତ୍ତା ବୈଠକ

**ଭୁବନେଶ୍ୱର,୨୧।୯(ଅନିଲ ଦାସ):**

କେନ୍ଦ୍ରାପଡ଼ା ଓ ଗଜପତି ଜିଲାର ନିର୍ବାଚିତ ପ୍ରତିନିଧି ଓ ପଦାଧିକାରୀମାନଙ୍କ ବୈଠକ ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଙ୍ଗଠନକୁ ମଜଭୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ବୈଠକରେ ଯୋଗଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ ବିଜେଡି ସରକାରର ୨୪ବର୍ଷ ଶାସନରେ ରାଜ୍ୟରେ ଗରିବୀ ୭୦ ପ୍ରତିଶତରୁ ୧୦ ପ୍ରତିଶତ କମିଛି। ଲୋକଙ୍କ ମୁଣ୍ଡ ପିଛା ଆୟ ବଢ଼ିଛି। ଏହା ଭାରତ ସରକାରଙ୍କ ରିପୋର୍ଟ କହୁଛି । ଏଥର ଯଦି ବିଜେଡି କ୍ଷମତାକୁ ଆସିଥାନ୍ତା ତେବେ ଓଡ଼ିଶାରୁ ଗରିବୀ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଥାନ୍ତା ବୋଲି ନବୀନ କହିଛନ୍ତି। କେନ୍ଦ୍ରାପଡ଼ା ସବୁବେଳେ ତାଙ୍କ ପାଇଁ ଓ ବିଜୁବାବୁଙ୍କ ପାଇଁ ସ୍ୱତନ୍ତ୍ର ହୋଇ ରହିଆସିଛି। ଗଜପତି ଜିଲା ସହ ବିଜୁବାବୁଙ୍କ ପରିବାରର ସମ୍ପର୍କ ବହୁତ ପୁରୁଣା। ଲୋକଙ୍କ ଭଲ ପାଇବା ଏବେ ବି ବିଜେଡି ପ୍ରତି ଅତୁଟ ରହିଛି। ଭାଜପା ସରକାରର ମିଛ ପ୍ରତିଶ୍ରୁତି ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା ଦେବା, ମାଗଣା ବିଜୁଳି ଓ ଭତ୍ତା ବଢ଼ାଇବା ଆଦି ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ନବୀନ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖର କଥା ଯେ ଭୁବନେଶ୍ୱର ପରି ଜାଗାରେ ଥାନାରେ ମହିଳା ଅସୁରକ୍ଷିତ। ରାଜଭବନରେ କର୍ମଚାରୀ ମାଡ଼ ଖାଉଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ଥିବାପରି ଲାଗୁନାହିଁ । ବିଜେଡି ସରକାରରେ ଥିବାବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା। ଲୋକଙ୍କ ଭଲ ପାଇବା ଏବେ ବି ବିଜେଡି ସହିତ ରହିଛି। ଲୋକଙ୍କ ସେବା ଜାରି ରଖିବାକୁ ସେ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ଆଜି ବିଧାୟକ ପ୍ରତାପ ଦେବ କେନ୍ଦ୍ରାପଡ଼ା ବୈଠକ ସଂଯୋଜନା କରିଥିବା ବେଳେ ଗଜପତି ଜିଲା ବୈଠକ ସଂଯୋଜନା କରିଥିଲେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର। ଏହି ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବ ସାହୁ, ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ରୂପେଶ ପାଣିଗ୍ରାହୀ, ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ତଥା ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରିଛନ୍ତି।

# ନିଆଁ ଛିଟିକି ୩ ଛାତ୍ରୀଛାତ୍ର ଆହତ

**ଚଣ୍ଡିଖୋଲ,୨୧।୯(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ଗ୍ରାମରେ ନିଆଁ ଛିଟିକି ପଡ଼ିବାରୁ ୩ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ପାରିପଲେଇ ଗ୍ରାମର ଉପେନ୍ଦ୍ର ମହାପାତ୍ରଙ୍କ ଘରେ କେତେଜଣ ଛାତ୍ରୀଛାତ୍ର ଟିଉସନ ହେଉଥିଲେ। ତାଙ୍କ ଘରେ କିଛି ପେଟ୍ରୋଲ ଥିବା ସମୟରେ କେହି ଜଣେ ବ୍ୟକ୍ତି ଦିଆସିଲି ମାରିଥିଲେ। ଏଥିରୁ ନିଆଁ ବାହାରି ପେଟ୍ରୋଲ ଡବାରେ ଲାଗି ଯାଇଥିଲା। ଫଳରେ ସଙ୍ଗେସଙ୍ଗେ ପେଟ୍ରୋଲ ଡବାକୁ ବାହାରକୁ ଫିଙ୍ଗି ଦିଆଯାଇଥିଲା। ଡବା ଫିଙ୍ଗିବା ସମୟରେ ନିଆଁ ଛିଟିକିବାରୁ ପିଲା ଆହତ ହୋଇଥିଲେ। ସେମାନଙ୍କୁ ସଙ୍ଗେସଙ୍ଗେ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଧାନ ଫସଲରେ ପୋକ, ଚିନ୍ତାରେ ଚାଷୀ

**ଚଣ୍ଡିଖୋଲ,୨୧।୯(ପ୍ରଦୀପ୍ତ କୁମାର ପୃଷ୍ଟି):**



ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ, ବରଦା, ପଲେଇ ଓ ବିକ୍ରମ ତିରଣ ପଞ୍ଚାୟତର ଧାନ ଚାଷ ହୋଇଥିବା ଜମିରେ ପୋକ ଲାଗିଛନ୍ତି। ଶହଶହ ହେକ୍ଟର ଧାନ ଫସଲରେ ପୋକ ଲାଗିବା ଦ୍ୱାରା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏନେଇ କୃଷି ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଧାନଗଛଗୁଡ଼ିକ ୨ ଫୁଟରୁ ୩ ଫୁଟ ଉଚ୍ଚା ହୋଇଗଲାଣି। ବାରମ୍ବାର ବର୍ଷା ହେଉଥିବା ଯୋଗୁ ଚାଷ ଜମିରେ ପାଣି ଜମି ରହୁଛି। ସେଥିପାଇଁ କୀଟନାଶକ ବ୍ୟବହାର କରି ପାରୁନାହାନ୍ତି। ଚାଷୀମାନେ ପୂଜା, ଶାରଳା ଓ ସର୍ଣ୍ଣ ଆଦି ଧାନ ବିହନ ଆଣି ଚାଷ କରିଛନ୍ତି। ଏଥିସହ ବେସରକାରୀ ବିହନ ମଧ୍ୟ ଆଣି ଚାଷ କରିଛନ୍ତି। ଏହି ରୋଗ ଦ୍ୱାରା ଧାନ ଗଛଗୁଡ଼ିକ ଦୁର୍ବଳ ହୋଇଯିବ। ଭଲ ଧାନକେଣ୍ଡା ବାହାରିବ ନାହିଁ। ଏଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଧାନ ଦେଇ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଚାଷୀ ପ୍ରଶାନ୍ତ କୁମାର ସାମଲ, ରୁଦ୍ରପ୍ରସନ୍ନ ସାମଲ, ଅଜିତ ପ୍ରଧାନ, ଗଗନ ବିହାରୀ ସ୍ୱାଇଁ, ପ୍ରମୋଦ ମଲ୍ଲିକ, ବିଶ୍ୱଜିତ ସାମଲ, ଉପେନ୍ଦ୍ର ନାଥ ପ୍ରଧାନ ଓ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଯୁବ ଚାଷୀ ଇଂ. ନୀଳାଦ୍ରି ପ୍ରଧାନ ଏସମ୍ପର୍କରେ ଶୁକ୍ରବାର ଜିଲା କୃଷି ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏ ପର୍ଯ୍ୟନ୍ତ ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ସର୍ବାଧିକ ପୁରସ୍କାର ପାଇଲା ଓମ୍ଫା ତୋରଣ

## ବିଶ୍ୱକର୍ମା ପୂଜାର ଷଷ୍ଠ ଦିନ

**ପାରାଦୀପ,୨୧।୯(ଶରତ ରାଉତ)**

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଶନିବାର ଷଷ୍ଠ ତଥା ଅନ୍ତିମ ଦିନରେ ପହଞ୍ଚିଛି। ଶେଷ ସନ୍ଧ୍ୟାରେ ଜିଲା ପ୍ରଶାସନ, ପୌର ପରିଷଦ, ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କାର ପ୍ରଦାନ ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ଫା)ସର୍ବାଧିକ ପୁରସ୍କାର ହାସଲ କରିଛି। ପୁରାତନ ରାଜମହଲ ସଦୃଶ ଓମ୍ଫା ତୋରଣ ଚଳିତ ବର୍ଷ ନିଆରା ଥିଲା। ବାଉଁଶ ପାତିଆ ଓ ଟେରାକୋଟା ଦ୍ୱାରା ସାଜସଜ୍ଜା କରାଯାଇଥିଲା। ପୁରସ୍କାର ୪ଟି ବର୍ଗରେ ଦିଆଯାଇଛି, ଯଥା ବାହ୍ୟ ସାଜସଜ୍ଜା କ୍ଷେତ୍ରରେ ଓମ୍ଫା ପ୍ରଥମ, ଡମ୍ପର ମାଲିକ ସଂଘ ଦ୍ୱିତୀୟ ଓ ଜିଲା ଟ୍ରକ ମାଲିକ ସଂଘ ତୃତୀୟ ହୋଇଛି। ସେହିପରି ଆଭ୍ୟନ୍ତରୀଣ ସାଜସଜ୍ଜାରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ, ଡମ୍ପର ସଂଘ ଦ୍ୱିତୀୟ ଓ ଓମ୍ଫା ଏବଂ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ମିଳିତଭାବେ ତୃତୀୟ ସ୍ଥାନ ପାଇଛନ୍ତି। ଆଲୋକୀକରଣ ସାଜସଜ୍ଜାରେ ପାରାଦୀପ ବନ୍ଦର ବିଦ୍ୟୁତ୍ ବିଭାଗ ପ୍ରଥମ, ଜିଲା ସଂଘ ଓ ଡମ୍ପର ସଂଘ ଦ୍ୱିତୀୟ, ଓମ୍ଫା ଏବଂ ପାରାଦୀପ ସଂଘ ତୃତୀୟ ସ୍ଥାନ ପାଇଛନ୍ତି।





ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କଠାରୁ ଓମ୍ଫା ସଭାପତି ପୁରସ୍କାର ଗ୍ରହଣ କରୁଛନ୍ତି ।

ଶାନ୍ତିଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଓମ୍ଫା ପ୍ରଥମ, ପାରାଦୀପ ସଂଘ ଦ୍ୱିତୀୟ ଓ ଭାରତୀୟ ମଜ୍‌ଦୁର ସଂଘ ତୃତୀୟ ସ୍ଥାନ ପାଇଛନ୍ତି। ଓମ୍ଫା ସଫଳତା ପାଇଥିବାରୁ ସଂଘ ପକ୍ଷରୁ ନୂଆ ଘୋଷଣା କରିଥିଲା, ଯଥା ଚଳିତ ବର୍ଷ ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ମେଧାବୀ ଛାତ୍ରୀ ମୋନାଲିସା ଦାସଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି, ଯଥା ତାଙ୍କର ବର୍ଷକ ପାଇଁ ଶିକ୍ଷାକ୍ଷେତ୍ରରେ ଯାହା ଆବଶ୍ୟକ ହେବ ସଂଘ ବହନ କରିବ ବୋଲି ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡ଼ା କହିଥିଲେ। ସମସ୍ତ ପୁରସ୍କାର ପାଇଥିବା ଆୟୋଜକ କର୍ମକର୍ତ୍ତାଙ୍କୁ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ପୁରସ୍କୃତ କରିଥିଲେ। ଏହି ଅବସରରେ ଏମ୍‌ପି ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଣ୍ଡପ ଅଞ୍ଚଳ ବୁଲି ଦେଖିଥିଲେ।

## ପୁରସ୍କାର ବର୍ଜନକଲା ଡମ୍ପର ମାଲିକ ସଂଘ

ଚଳିତ ବର୍ଷ ପୁରସ୍କାର ଚୟନରେ ପାତରଅନ୍ତର ହୋଇଛି ବୋଲି ଡମ୍ପର ମାଲିକ ସଂଘ ସଭାପତି ବିଜୟ କୁମାର ନାୟକ (ସଦା)ଅଭିଯୋଗ କରିଛନ୍ତି। ସେଥିପାଇଁ ସେ ପୁରସ୍କାର ବର୍ଜନ କଲେ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଆରମ୍ଭରୁ ଶେଷ ଦିନ ପର୍ଯ୍ୟନ୍ତ ଲୋକଙ୍କ ମତରେ ଡମ୍ପର ସଂଘ ପ୍ରଥମ ବୋଲି ସମସ୍ତେ କହୁଥିଲେ। ଏପରିକି ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପ୍ରଥମ ପୁରସ୍କାର ପାଇବୁ ବୋଲି ଶୁଣାଯାଉଥିଲା। ଶେଷ ସମୟରେ ଆମକୁ ଦ୍ୱିତୀୟ ସ୍ଥାନ ମିଳିବାରୁ ପୁରସ୍କାର ବର୍ଜନ କଲୁ ବୋଲି ସଦା କହିଛନ୍ତି।

# ଜିଲାପାଳଙ୍କ କ୍ଷମତାକୁ ନେଇ ପ୍ରଶ୍ନ କରି ସିଡିଏମ୍ଓ ହଟହଟା




ଜିଲା ପରିଷଦ ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି।

## ଜିଲା ପରିଷଦର ଅଷ୍ଟମ ସାଧାରଣ ବୈଠକ

- ସିଡିଏମ୍ଓଙ୍କ କାର୍ଯ୍ୟକଳାପକୁ ନେଇ ଗୃହରେ ଉଦ୍‌ବେଗ
- ଏଭଳି ଅଫିସରଙ୍କୁ ଜିଲାରୁ ତୁରନ୍ତ ବିଦା କରିବାକୁ ଦାବି
- କନିଷ୍ଠ ଶିକ୍ଷକ ନିଯୁକ୍ତି ତଥ୍ୟ ଦେଇ ନ ପାରି ଅପଦସ୍ଥ ହେଲେ ଡିଇଓ

ନୟାଗଡ଼,୨୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦର ୮ମ ଜିଲା ପରିଷଦ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ତେବେ ଜିଲାପାଳଙ୍କ କ୍ଷମତାକୁ ନେଇ ପ୍ରଶ୍ନ କରି ସିଡିଏମ୍ଓ ରମାକାନ୍ତ ପଣ୍ଡା ହଟହଟା ହୋଇଥିଲେ। ସିଡିଏମଓଙ୍କ କାର୍ଯ୍ୟକଳାପ ଓ ବ୍ୟବହାରକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଭଳିଆ ଅଫିସରଙ୍କୁ ଜିଲାରୁ ତୁରନ୍ତ ବିଦା କରିବାକୁ ଗୃହରେ ହୋହାଲା, ପ୍ରସ୍ତାବ ଓ ଦାବି ଉଠିଥିଲା।

ସେହିଭଳି ରୋଗୀ କଲ୍ୟାଣ ସମିତ, ଜନ ଆରୋଗ୍ୟ ସମିତି ପରି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କମିଟି ଠିକ ଭାବେ ବସିବା ନେଇ ତଥ୍ୟ ଦେଇ ନ ପାରି ସିଡିଏମ୍ଓ ଅଡୁଆରେ ପଡ଼ିଥିଲେ। ଚାନ୍ଦପୁରର ଏକ ଘରୋଇ ହସ୍ପିଟାଲରେ ପ୍ରସୂତି ଓ ଗର୍ଭବତୀଙ୍କ ମୃତ୍ୟୁ ଲାଗି ରହିଥିଲେ ମଧ୍ୟ ସେ ଦିଗରେ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ନ ଥିବା ଅନୁରୂପ ଉଦ୍‌ବେଗର କାରଣ ପାଲଟିଥିଲା। ମହାପ୍ରୟାଣ ଗାଡ଼ି ୨ଟି ଥିଲେ ମଧ୍ୟ ମୃତଦେହ ନିଆଯିବା କ୍ଷେତ୍ରରେ ଉଠୁଥିବା ସମସ୍ୟାକୁ ନେଇ ସିଡିଏମ୍ଓ ଦେଇଥିବା ଉତ୍ତର ସନ୍ତୋଷଜନକ ନଥିଲା। କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ତଥ୍ୟ ଦେଇ ନ ପାରି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ରାଜଶ୍ରୀ ପଟ୍ଟନାୟକ ଅପଦସ୍ଥ ହୋଇଥିଲେ। ୨୦ ମିନିଟ ସମୟ ନେଲା ପରେ ବି ଜିଲା ପରିଷଦ ସଭ୍ୟ, ବିଧାୟକ ଓ ଏମ୍‌ପିଙ୍କୁ ବୁଝାଇ ପାରି ନ ଥିଲେ ଜିଲା ଶିକ୍ଷା ଅଧିକାରୀ। ରାଜ୍ୟ ପାଇଁ ୨୦୨୩ ମେ'ରେ ୨୦ ହଜାର କନିଷ୍ଠ ଶିକ୍ଷକ ପଦବୀ ବାହାରିଥିଲା। ଏଥିରେ ନୟାଗଡ଼ ଜିଲାର ୧୦୭ କନିଷ୍ଠ ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ବାହାରିଥିଲା। ୮୩ ଜଣ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କ ସୂଚନା ନ ଦେଇ ଗୃହରେ ନିଯୁକ୍ତିକୁ ପାସ୍ କରିବାକୁ ଜିଲା ଶିକ୍ଷା ଅଧିକାରୀ ଚେଷ୍ଟା କରିଥିଲେ। ଜିଲାରେ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ସ୍ୱଳ୍ପ ସଂଖ୍ୟକ ପୋଷ୍ଟ ପାଇଁ ନିଯୁକ୍ତି ବାହାରଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାରେ କେତେ ଶିକ୍ଷକ ଓ ଛାତ୍ରୀଛାତ୍ର ଅଛନ୍ତି, କେତେ ଶିକ୍ଷକ ପଦବୀ ଖାଲି ପଡିଛି, ଶିକ୍ଷକ ନିଯୁକ୍ତି ତଥ୍ୟ କିଏ ଦେଲା, ପିଲା ବଢ଼ିଲେ ଶିକ୍ଷକ ତୁରନ୍ତ ବଢ଼ି ପାରିବେ କି ପରି ବିଭିନ୍ନ ପ୍ରଶ୍ନ ବିଧାୟକ, ଏମପି ଓ ଜିଲା ପରିଷଦ ସଭ୍ୟ ପଚାରିବାରେ ଜିଲା ଶିକ୍ଷା ଅଧିକାରୀ କିଛି କହି ପାରି ନ ଥିଲେ। ଠିକ୍ ତଥ୍ୟ ୭ଦିନ ଭିତରେ ସଂଗ୍ରହ ପାଇଁ ଶିକ୍ଷା ବିଭାଗର ସ୍ୱତନ୍ତ୍ର ବୈଠକ କରିବାକୁ ନିଷ୍ପତ୍ତି ହୋଇଛି।

## ବନ ବିଭାଗ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି

ନୟାଗଡ଼ ବନଖଣ୍ଡରେ ବନବିଭାଗର ଦୁର୍ନୀତି ବଢ଼ି ଚାଲିଛି। ବନବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ତଥ୍ୟ ମାଗିଲେ ଡିଏଫ୍ଓ ଦେଉ ନାହାନ୍ତି। ପୁଣି ବିଭିନ୍ନ ଦୁର୍ନୀତିର ତଦନ୍ତ ହୋଇ ପ୍ରମାଣ ମିଳିବା ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି। ବିଭିନ୍ନ ଗଣମାଧ୍ୟମରେ ବନବିଭାଗର ଦୁର୍ନୀତି ନେଇ ଖବର ପ୍ରକାଶ ପାଉଥିଲେ ବି ସେ ଦିଗରେ କିଛି ସୁଫଳ ମିଳୁନି। ଏଣୁ ବନବିଭାଗର କାର୍ଯ୍ୟକୁ ଭିଜିଲାନ୍ସକୁ ତଦନ୍ତ ଭାର ଦେବାକୁ ଗୃହରେ ଦାବି ଉଠିଥିଲା। ତେବେ ଗୃହରେ ଡିଏଫ୍ଓ ଅନୁପସ୍ଥିତ ଥିବାରୁ ପ୍ରସଙ୍ଗ ଆଲୋଚନା ହୋଇ ପାରି ନ ଥିଲା। ସେହିଭଳି ଜଳସେଚନ ବିଭାଗ ଉପରେ ଆଲୋଚନା ହୋଇଥିବାବେଳେ ମଣିପୁର ଗାଁ ସମସ୍ୟା ଉଠିଥିଲା। ମହାନଦୀରେ ବନ୍ୟାଜଳ ବଢ଼ିଲେ ମଣିପୁର ବିଚ୍ଛିନ୍ନ ହେଉଥିବାରୁ ଘେରିବନ୍ଧ ଓ ପଦ୍ମାବତୀଠାରେ ବ୍ୟାରେଜ କରିବାକୁ ପ୍ରସ୍ତାବ ଆସିଥିଲା। ସେହିଭଳି କୁସୁମୀ ବ୍ୟାରେଜ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଅପରପକ୍ଷେ ଓଡଶର ଓ ସୋରଡା ବ୍ରିଜର କାମ ୭ ବର୍ଷ ହେଲା ଶେଷ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଲୋଚନାରେ ବିଧାୟକ, ଏମ୍‌ପି, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସଂଯୁକ୍ତା ସାହୁ ପ୍ରମୁଖ ଭାଗ ନେଇଥିଲେ।

## ବିଦ୍ୟୁତ୍ ଖୁଣ୍ଟରେ ପିଟି ହେଲା ବାଇକ୍, ଚାଳକ ଗୁରୁତର

ଓଡ଼ଗାଁ,୨୧।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ-ବାହାଡାଝୋଲା ରାଜ୍ୟ ରାଜପଥର ରବି ଗାଡ଼ିଆ ପଞ୍ଚାୟତ ଜାମୁ ପାଟଣାଠାରେ ଶନିବାର ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜାମୁ ପାଟଣା ଗ୍ରାମର ଲିପୁ ନାୟକ। ଲିପୁ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦ୍ରୁତଗତିରେ ବାଇକ୍ ନେଇ ଓଡ଼ଗାଁ ଅଭିମୁଖେ ଯାଉଥିଲେ। ହେଲେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଫଳରେ ସେ ଗାଡ଼ି ସହ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଛି।

## ଜିପ୍ ଧକ୍କାରେ ସ୍କୁଟି ଚାଳକ ମୃତ

ଦିଗପହଣ୍ଡି,୨୧।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି-ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥର ଅନଙ୍ଗପୁର-କୁଶପଡ଼ା ଗାଁ ଛକରେ ଶନିବାର ଏକ ଜିପ୍ (ନଂ. ଓଡ଼ି ୩୨ ଜେ -୭୧୭୧) ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଥାନା ରାଜପୁର ଗ୍ରାମର ଦୀପକ ବିଷୋୟୀ।

# ନୟାଗଡ଼ରେ ପ୍ରତିଷ୍ଠା ହେବ ନୂଆ ଚିନିକଳ

- ପିପିପି ମୋଡ୍‌ରେ କରାଯିବାକୁ ନିଷ୍ପତ୍ତି
- ତହସିଲ ପକ୍ଷରୁ ୪୦ ଏକର ଜମି ଚିହ୍ନଟ
- ରାଜ୍ୟସ୍ତରୀୟ ବୈଠକ ପରେ ନିଆଯିବ ପଦକ୍ଷେପ

ନୟାଗଡ଼,୨୧।୯(ଲୋକନାଥ ମିଶ୍ର)

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳର ପୁନରୁଦ୍ଧାର ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ବୈଠକ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମକଦ୍ଦମା ଏବଂ ବ୍ୟାଙ୍କଋଣ ଯୋଗୁ ପୁରୁଣା ଚିନିକଳ ପୁନରୁଦ୍ଧାର କରିବା କାଠିକର ପାଠ ହୋଇଥିବାରୁ ନୂଆ ଚିନିଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ୍ (ପିପିପି ମୋଡ୍)ରେ ନୂଆ ଚିନିକଳ କରାଯିବାକୁ ସହମତି ପ୍ରକାଶ ପାଇଛି। ପୁଣି ନୂଆ ଚିନିକଳ ପାଇଁ ୪୦ ଏକର ଜମି ନୟାଗଡ଼ ତହସିଲ ପକ୍ଷରୁ ଚିହ୍ନଟ କରି ରଖାଯାଇଛି। କେଉଁଠାରେ ନୂଆ ଚିନିଶିଳ୍ପ ସ୍ଥାପନ କରାଯିବ ସେନେଇ ସ୍ଥାନ ନିରୂପଣ କରି ୭ଦିନ ଭିତରେ ରିପୋର୍ଟ ଦେବାକୁ ନୟାଗଡ଼ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ନୟାଗଡ଼ରେ ଆୟୋଜିତ ଜିଲାସ୍ତରୀୟ ବୈଠକରେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, କୋପରେଟିଭ ସୁଗାର ଇଣ୍ଡଷ୍ଟ୍ରିର ଏମ୍‌ଡି ତଥା ସମବାୟ ବିଭାଗର ଆଡିଶନାଲ ସେକ୍ରେଟାରୀ ସବୀର ପଣ୍ଡା, ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଡିଆରସିଏସ୍ ଅନନ୍ତ ନାୟକ, ୟୁକୋ ବ୍ୟାଙ୍କ ମ୍ୟାନେଜର, ଲିଡ୍ ବ୍ୟାଙ୍କ ମ୍ୟାନେଜର ବୈଠକରେ ଯୋଗ ଦେଇଥିଲେ। ପୁରୁଣା ଚିନି ଶିଳ୍ପ ନାଁରେ ୧୭୦୦ କୋଟି ଟଙ୍କାର ମାମଲା, ୨୨ କୋଟିର ବ୍ୟାଙ୍କ ଋଣ ୭୦ କୋଟିରେ ପହଞ୍ଚିଛି, ଋଣ ପାଇଁ ପୁରୁଣା ଚିନି ଶିଳ୍ପ ଜମିର କିଛି ଅଂଶ ବନ୍ଧକ ପଡିବା ପରି କାରଣ ପୁନରୁଦ୍ଧାରରେ ସମସ୍ୟା ସୃଷ୍ଟି କରୁଛି ବୋଲି କୋପରେଟିଭ ସୁଗାର ଇଣ୍ଡଷ୍ଟ୍ରିର ଏମ୍‌ଡି ଦର୍ଶାଇଥିଲେ। ପୁରୁଣା ସ୍ଥାନରେ ନୂଆ ଚିନି ଶିଳ୍ପ ପ୍ରତିଷ୍ଠା କରିବା ସହଜ ହେବ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଏହା ପରେ ନୂଆ ଚିନି ଶିଳ୍ପ ନେଇ ଆଲୋଚନା କରାଯାଇ ନିର୍ଯାସ ବାହାରିଥିଲା। ତେବେ ନୂଆ ଚିନିଶିଳ୍ପ ନେଇ ରାଜ୍ୟସ୍ତରୀୟ ବୈଠକ ହେବା ପରେ ଶେଷ ନିଷ୍ପତ୍ତି ନେବାକୁ ସହମତି ପ୍ରକାଶ ପାଇଛି।

ପୁରୁଣା ଚିନିଶିଳ୍ପର ପୁନରୁଦ୍ଧାର ପାଇଁ ପୁରୀ ଏମ୍‌ପି ପାତ୍ର ଓ ନୟାଗଡ଼ ସୁଗାର କମ୍ପ୍ଲେକ୍ସର ଡେପୁଟି ଡାଇରେକ୍ଟର ସବ୍ୟସାଚୀ ମିଶ୍ରଙ୍କ ସହ ଗତ କିଛି ଦିନ ତଳେ ଭୁବନେଶ୍ୱରଠାରେ ଆଲୋଚନା ପରେ ଚିନିକଳ ପାଇଁ ଗ୍ରୀନ ସିଗନାଲ ମିଳିଥିଲା। ଚିନିକଳ ପୁନରୁଦ୍ଧାର ଉଦ୍ଦେଶ୍ୟରେ ଚିନିକଳ ପାଇଁ ଗୋଟିଏ ଡିପିଆର ଏବଂ ବ୍ୟାଙ୍କ ଓ ଚାଷୀଙ୍କ ପାଇଁ ଅନ୍ୟ ଏକ ଡିପିଆର ପ୍ରସ୍ତୁତ ଚାଲିଛି। ପୁଣି ୪ରୁ ୫ଟି ପ୍ଲାନ ପ୍ରସ୍ତୁତି ଚାଲିଥିଲା। କୋଅପରେଟିଭ ସୁଗାର ଇଣ୍ଡଷ୍ଟ୍ରିର ଏମ୍‌ଡି ଶନିବାର ଜିଲାସ୍ତରୀୟ ବୈଠକରେ ଯୋଗ ଦେଇ ପୁରୁଣା ଚିନିକଳର ଆଇନଗତ ଦିଗରେ ଆଲୋଚନା କରିବା ପରେ ପୁରୁଣା ଚିନିକଳ ପୁନରୁଦ୍ଧାର ଆଶା ମଉଳିଯାଇଛି। ଚିନିକଳରେ ତାଲା ଝୁଲିବା ପରେ ପ୍ରାୟ ୯ ବର୍ଷ ହେଲା ଚିନିକଳକୁ ନେଇ ରାଜନୀତି ଲାଗି ରହିଛି। ୨୦୧୯ ନିର୍ବାଚନରେ ମଧ୍ୟ ଚିନିକଳ ଚାଲିବା ନେଇ ବିଜେଡି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ୨୦୨୪ ନିର୍ବାଚନ ସମୟରେ ଭାଜପା ଓ କଂଗ୍ରେସ ପକ୍ଷରୁ ପୁଣି ଚିନିକଳ ଚାଲିବ ବୋଲି ଘୋଷଣା କରାଯାଇଥିଲା।

୧୯୯୨ରେ ପାଣିପୋଇଲାଠାରେ ୧୪୩ ଏକର ଜମିରେ ଚିନିକଳ ସ୍ଥାପିତ ହୋଇଥିଲା। ରାଜ୍ୟ ସରକାର ଚିନି ଶିଳ୍ପ ପାଇଁ ୧୭ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ନବେ ଦଶକର ପ୍ରଥମ ଭାଗରେ ସମବାୟ ବିଭାଗ ଓଡ଼ିଶା ସରକାର ଏହାର ପରିଚାଳନା ଭାର ନେଇଥିଲେ। ପରେ ୧୯୯୧ରୁ ୧୯୯୭-୯୮ ପର୍ଯ୍ୟନ୍ତ ଧରଣୀ ସୁଗାର ଲିମିଟେଡ ପରିଚାଳନା ଭାର ନେଇଥିଲା। ୧୯୯୮-୯୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପୁଣି ସମବାୟ ବିଭାଗ ଓଡ଼ିଶା ସରକାର ପରିଚାଳନା ଭାର ନେଇଥିଲେ। ୨୦୦୦ରୁ ୨୦୦୩-୦୪ ପର୍ଯ୍ୟନ୍ତ ଚିନିକଳରେ ତାଲା ଝୁଲିଥିଲା। ୨୦୦୪-୦୫ରୁ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ ଏହାର ପରିଚାଳନା ଭାର ନେଇଥିଲା। ନୟାଗଡ଼ ସମବାୟ ଚିନି ଶିଳ୍ପ ପ୍ରତିଷ୍ଠା ହେବା ଦିନ ଠାରୁ ନିଜସ୍ୱ ପରିଚାଳନା ପରିଷଦ ଦ୍ୱାରା ୨୦।୬।୨୦୦୪ ପର୍ଯ୍ୟନ୍ତ ସମବାୟ ଆଇନ ୧୯୬୪ ଧାରା ଅନୁସାରେ ପଞ୍ଜୀକୃତ ହୋଇ ପରିଚାଳନା ହେଉଥିଲା। ଏହାର ଦୈନିକ ଉତ୍ପାଦନ କ୍ଷମତା ୧୨୫୦ ଟିସିଡି ରହିଥିଲା। ଏଠାରେ ରିଫାଇନ ଚିନି ଉତ୍ପାଦନ ହେଉଥିଲା। ନୟାଗଡ଼ ସମବାୟ ଚିନିଶିଳ୍ପକୁ ୫କୋଟି ୨୨ ଲକ୍ଷ ଟଙ୍କାରେ ସେଲ୍ ଆଣ୍ଡ ପରଚେସ୍ ଏଗ୍ରିମେଣ୍ଟ ଦ୍ୱାରା ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡକୁ ୨୦।୬।୨୦୦୪ରେ ହସ୍ତାନ୍ତର କରାଯାଇଥିଲା। ତେବେ ୨୦୧୪ ଶେଷ ସମୟରେ ଚିନିଶିଳ୍ପରେ ତାଲା ଝୁଲିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଚୋରି ରୋକିବାରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ବ୍ୟର୍ଥ ହେବା ପରେ ପାଣିପୋଇଲାସ୍ଥିତ ଚିନିକଳ ମାଟିରେ ମିଶିବାକୁ ବସିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭୟ



@ ଲିପକ



@ ପ୍ରିୟବ୍ରତ



@ ଶ୍ରୀନିବାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଜ୍ରପାତରେ ନଡ଼ିଆ ଗଛ ସହ ଘର ଜଳିଗଲା

ଗଣିଆ,୨୧।୯(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ହରିପୁର ଗାଁରେ ଶନିବାର ଅପରାହ୍ନରେ ବଜ୍ରପାତରେ ନଡ଼ିଆ ଗଛ ସହ ୧ ବଖରା ଚାଳ ଛପର ଘର ପୋଡ଼ିଯାଇଛି। ସୂଚନା ଅନୁଯାୟୀ ଅପରାହ୍ନରେ ସାମାନ୍ୟ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ହୋଇଥିଲା। ବଜ୍ରପାତରେ ଶଙ୍ଖାଳି ବେହେରାଙ୍କ ନଡ଼ିଆ ଗଛଟି ଜଳିଯିବା ସହ ପାଖରେ ଥିବା ଚାଳଘରକୁ ନିଆଁ ଲାଗିଯାଇଥିଲା। ଖବର ପାଇ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଶଙ୍ଖାଳି ଜଣେ ଗରିବ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଥାନାରେ ବୟାନ ଦେଲେ କାଉନସିଲର ପିଙ୍କି ସାହୁ

ନୟାଗଡ଼/ଖଣ୍ଡପଡ଼ା, ୨୧।୯
(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

## କାଉନସିଲର ଅପହରଣ ଘଟଣା

- ଅପହରଣକୁ ଅସ୍ୱୀକାର ପରେ ବଦଳିଲା ମାମଲା
- ଚେୟାରମ୍ୟାନ ଓ ତାଙ୍କ ସ୍ୱାମୀଙ୍କ ନାମରେ ପାଲଟା ଅଭିଯୋଗ
- ଖଣ୍ଡପଡ଼ା ଥାନା ସମ୍ମୁଖରେ ୨ପ୍ଲାଟୁନ ଫୋର୍ସ ମୁତୟନ

ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରକରି ୧୩ନଂ. ୱାର୍ଡର ସ୍ୱାଧୀନ କାଉନସିଲର ପିଙ୍କି ସାହୁଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି (ଜେଏମ୍‌ଏଫ୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ଥାନାରେ ୪ କାଉନସିଲର ଓ ପ୍ରମୋଦ ଦାସ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତେବେ କଡ଼ା ସୁରକ୍ଷାରେ ଶନିବାର କାଉନସିଲର ପିଙ୍କି ସାହୁ ଖଣ୍ଡପଡ଼ା ଥାନାରେ ପହଞ୍ଚି ଅପହରଣ ଅଭିଯୋଗକୁ ନେଇ ବୟାନ ଦେଇଛନ୍ତି। ସେହିପରି କୋର୍ଟରେ ମଧ୍ୟ ବୟାନ ଦେଇଥିବା ଜଣାପଡିଛି। ପୋଲିସକୁ ପିଙ୍କି ସାହୁ ଦେଇଥିବା ବୟାନରେ ଅପହରଣକୁ ସେ ଅସ୍ୱୀକାର କରିଛନ୍ତି। ପୁଣି ଏନ୍‌ଏସି ଚେୟାରମ୍ୟାନ ଓ ତାଙ୍କ ସ୍ୱାମୀ ବିଧାନ ପ୍ରଧାନଙ୍କ ନାମରେ ପାଲଟା ଅଭିଯୋଗ ଆଣିବା ପରେ ମାମଲାର ରୂପରେଖ ବଦଳି ଯାଇଛି। ପିଙ୍କି ସାହୁଙ୍କ ବୟାନ ଅନୁଯାୟୀ, ମୁଁ ମୋ ନିଜ ଇଚ୍ଛାରେ ଯାଇଥିଲି। ଅପହରଣ ଘଟଣା ସମ୍ପୂର୍ଣ୍ଣ ମିଥ୍ୟା। ମୋ ଯିବା ସଂକ୍ରାନ୍ତରେ ମୋ ଘର ଓ ପରିବାର ଲୋକ ସମସ୍ତେ ଜାଣିଛନ୍ତି। ମୋ ସ୍ୱାମୀଙ୍କୁ ଚେୟାରମ୍ୟାନ ମାଡାମ ଡକାଇ କହିଥିଲେ ଯଦି ମୁଁ ନ ଆସିବି ତା'ହେଲେ ତମେ କାଉନସିଲରମାନଙ୍କ ପାଖକୁ ପଳାଇବ। ଚେୟାରମ୍ୟାନଙ୍କ କଥା ଅନୁସାରେ ମୁଁ କାଉନସିଲରମାନଙ୍କୁ ଫୋନ କଲି। କଥା ହେଲା ପରେ ସେମାନଙ୍କୁ ଡକାଇ ସେମାନଙ୍କ ସହ ଯାଇଥିଲି। ମୁଁ ଶାଶୁଘରେ ରହିଲେ ମୋର ଓ ମୋ ଛୁଆର ଜୀବନ ପ୍ରତି ବିପଦ ରହିଛି। ଅନାସ୍ଥା ଭୋଟ ଶେଷ ହେଲେ ମୁଁ ଶାଶୁଘରକୁ ଫେରିବି। ଚେୟାରମ୍ୟାନ ମାଡାମଙ୍କ ସ୍ୱାମୀ ମୋତେ ଧମକାଇଛନ୍ତି। ମୋ ସ୍ୱାମୀଙ୍କୁ ମଧ୍ୟ ଡରାଇଛନ୍ତି। ମୁଁ ଯଦି ବିପକ୍ଷ ଦଳକୁ ଯାଏ ତେବେ ବ୍ରିଜ୍ ତଳକୁ ଠେଲିଦେବେ ବୋଲି ଧମକ ଦେଇଛନ୍ତି। ମୋ ସ୍ୱାମୀଙ୍କୁ ବନ୍ଧୁକ ଲଗାଇ ଡରାଇ ଭୁବନେଶ୍ୱରରୁ ବାଉନ୍ସର ଆଣି ଡରାଇଛନ୍ତି। ଏଣୁ ମୋ ସ୍ୱାମୀ ଓ ପରିବାର ଲୋକେ ଭୟଭୀତ ହୋଇ ମିଥ୍ୟା ଅଭିଯୋଗ କରିଛନ୍ତି। ବନ୍ଧୁକ ଦେଖାଇ ଅପହରଣ କରିବା, ଶାଶୁ ଘରୁ ଚୋରି କରିବା, ସୁନାରୁପା ଲୁଟ୍ କରିବା ସମ୍ପୂର୍ଣ୍ଣ ମିଥ୍ୟା। ଚେୟାରମ୍ୟାନ ସ୍ୱାମୀଙ୍କ ଚାପରେ ପଡି ତାଙ୍କ ଦ୍ୱାରା ଭୟଭୀତ ହୋଇ ମୋ ପରିବାର ଲୋକେ ଏଭଳି କରିଛନ୍ତି।

ଏନେଇ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ ବାରିକ କୁହନ୍ତି, ବନ୍ଧୁକ ଦେଖାଇ ଅପହରଣ କରିବା, ଶାଶୁଘରୁ ଚୋରି କରିବା, ସୁନାରୁପ ଲୁଟ୍ କରିବା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କାଉନସିଲର ପିଙ୍କି ସାହୁ ବୟାନ ଦେବା ପରେ ପୋଲିସର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ନାରାୟଣ ହାଇସ୍କୁଲରେ ବିଜ୍ଞାନମେଳା

ଶରଣକୁଳ,୨୧।୯ (ଦୀପକ କର)

ସ୍ଥାନୀୟ ନାରାୟଣ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ସିନିଅର ବର୍ଗ ଓ ଜୁନିଅର ବର୍ଗରେ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ରୂପେ ଗୋଡ଼ିପଲ୍ଲୀ ଗୋପୀନାଥ ହାଇସ୍କୁଲର ଶିକ୍ଷକ ଦେବରାଜ ସ୍ୱାଇଁ ଓ ପ୍ରକାଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହିପ୍ରକଳ୍ପଗୁଡ଼ିକ ମଧ୍ୟରୁ ୬ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଇନସ୍ପାୟାର ଓ ବ୍ଲକସ୍ତରକୁ ଯିବାକୁ ଯୋଗ୍ୟ ବିବେଚିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ଓଡ଼ଗାଁ ବ୍ଲକ ଉପଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲୋକ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ତଥା ଶିକ୍ଷାବିତ୍ ଡ.ସୁରେଶ ଚନ୍ଦ୍ର ବରାଡ଼ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ।




ଜଣେ ଛାତ୍ର ତାଙ୍କର ପ୍ରକଳ୍ପ ବିଷୟରେ କହୁଛନ୍ତି।

ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି ପାଇଁ ବିଜ୍ଞାନର ଆବଶ୍ୟକତା ଠାରୁ ବୈଜ୍ଞାନିକ ମାନସିକତାର ଅଧିକ ଆବଶ୍ୟକତା ରହିଛି। ନୟାଗଡ଼ ଜିଲାର ଦୁଇ ମହାନ ସନ୍ତାନ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ଅର୍ଥାତ ପଠାଣି ସାମନ୍ତ ଓ ଘଣାଶିଳିଆ ପରି ନିପଟ ମଫସଲ ଗ୍ରାମରେ ଜନ୍ମ ନେଇଥିବା ମହାନ ବୈଜ୍ଞାନିକ ତଥା ଭୁବନେଶର ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡ. ତ୍ରିଲୋଚନ ପ୍ରଧାନଙ୍କର ବିଜ୍ଞାନକୁ ଅବଦାନ ସମ୍ପର୍କରେ ଡ.ବରାଡ଼ ମତ ରଖିଥିଲେ। ମୁଖ୍ୟ ଅତିଥି ନାୟକ ଭାରତର ବୈଜ୍ଞାନିକ ଅଗ୍ରଗତି ସମ୍ପର୍କରେ ସମ୍ୟକ ଧାରଣା ଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ଶିକ୍ଷକ ଜନାର୍ଦ୍ଦନ ପରିଡ଼ା,ସୁନିତା ସାହୁ ଓ ପ୍ରତିଭା ମଞ୍ଜରୀ ସ୍ୱାଇଁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର, ଗୌରାଙ୍ଗ ସାହୁ, ଆଲୋକ ରଞ୍ଜନ ମଲିକ, ଜଗନ୍ନାଥ ଗୌଡ଼, ସସ୍ମିତା ସାହୁ, ରଶ୍ମିତା ବେହେରା, ନିରୁପମା ସାହୁ ଓ ଚନ୍ଦନ ମଲିକ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃହତ୍ ସଞ୍ଚୟ ଉପରେ ଆକର୍ଷଣୀୟ ରିହାତି

## ଜମିବ ପାର୍ବଣ କାରବାର

ନୂଆଦିଲ୍ଲୀ,୨୧।୯

ଇ କର୍ମସ ବଜାରରେ ସବୁଠାରୁ ବଡ଼ ପର୍ବ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ-୨୦୨୪ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୪ ସେପ୍ଟେମ୍ବର ୨୭ରୁ ଏହି ମହାପର୍ବ ଆରମ୍ଭ ହେଉଛି। ଏହି ସମୟରେ ଆମାଜନ ପ୍ରାଇମ ମେମ୍ବରମାନେ ୨୪ଘଣ୍ଟାର ଯର୍ଲି ଆକ୍ସେସ୍ ପାଇପାରିବେ। ଏପରିକି ଆମାଜନ ଡଟ୍ ଇନ୍‌ରେ ୨୫,୦୦୦ ରୁ ଅଧିକ ନୂଆ ଲଞ୍ଚ, ଉତ୍ସାହଜନକ ଅଫର, ଡିଲ୍, ବୃହତ୍ ସଞ୍ଚୟ ଓ ମନୋରଞ୍ଜନ ସହ ଅନେକ ସୁବିଧା ସାମିଲ ରହିଛି। ଗ୍ରାହକମାନେ ସାମ୍‌ସଙ୍ଗ୍, ରିଅଲ୍‌ମି ନାର୍‌ଜୋ, ୱାନ୍‌ପ୍ଲସ୍, ଆଇକ୍ୟୁଓଓ, ଇଣ୍ଟେଲ, ସୋନି ପ୍ଲେଷ୍ଟେସନ, ହିନ୍ଦୁସ୍ଥାନ ୟୁନିଲିଭର,ପି ଆଣ୍ଡ ଜି, ଲୋରିୟଲ, ଟିସିଏଲ୍, ଆସର୍, ସାସମି, ଆଇଏଫ୍‌ବି ଆପ୍ଲାଏନ୍ସ, ଫେରେରୋ, ଏରିଏଲ୍, କୁବେର ଇଣ୍ଡଷ୍ଟ୍ରିଜ ଓ ୟୁରେକା ଫୋର୍ସବ ଭଳି ବ୍ରାଣ୍ଡଗୁଡିକ ଉପରେ ଆକର୍ଷଣୀୟ ଅଫର ପାଇପାରିବେ। ଆମାଜନ ଏକ ସ୍ୱତନ୍ତ୍ର କ୍ୟୁରେଟେଡ୍ ସିଲେକ୍ସନ ଉପରେ ୭୦% ପର୍ଯ୍ୟନ୍ତ ରିହାତି ଓ ସ୍ୱତନ୍ତ୍ର ଡିଲ୍ ସହ ଗ୍ରାହକଙ୍କ ପାଇଁ ଭାରତର କ୍ଷୁଦ୍ର ବ୍ୟବସାୟଗୁଡିକୁ ସମର୍ଥନ କରିବାକୁ ସହଜ କରୁଛି। ଏହି ସମୟରେ ଗ୍ରାହକମାନେ ଏସ୍‌ବିଆଇ ଡେବିଟ୍ ଓ କ୍ରେଡିଟ୍ କାର୍ଡ ଏବଂ କ୍ରେଡିଟ୍ ଇଏମ୍‌ଆଇ ସହ ୧୦%ର ତତ୍କାଳ ରିହାତି ପାଇପାରିବେ। ପ୍ରାଇମ ମେମ୍ବରମାନେ ନିଜର ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହ ଶପିଙ୍ଗ୍ ଉପରେ ୫%ର ଅନ୍‌ଲିମିଟେଡ୍ କ୍ୟାଶ୍‌ବ୍ୟାକ୍ ଓ ୨୫୦୦ଟଙ୍କା ପର୍ଯ୍ୟନ୍ତ ୱେଲ୍‌କମ୍ ରିୱାର୍ଡ ଉପଭୋଗ କରିପାରିବେ। ଆମାଜନ ପେ ଲ୍ୟାଟର ସହ ଯୋଗ୍ୟ ଗ୍ରାହକମାନେ ୬୦,୦୦୦ଟଙ୍କା ପର୍ଯ୍ୟନ୍ତ ଋଣ ଓ ୬୦୦ଟଙ୍କା ପର୍ଯ୍ୟନ୍ତ ରିୱାର୍ଡ ପାଇପାରିବେ। ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଗିଫ୍ଟ କାର୍ଡ କ୍ରୟ କରିବା ସମୟରେ ଗ୍ରାହକମାନେ ତତ୍କାଳ ରିହାତି ଓ ୧୫% ପର୍ଯ୍ୟନ୍ତ



ସଞ୍ଚୟ ଏବଂ ଆମାଜନ ପେ ଗିଫ୍ଟ କାର୍ଡ ଉପରେ ୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ପାଇପାରିବେ।

ସେହିଭଳି ଏହି ସମୟରେ ମୋବାଇଲ ଓ ଆକ୍ସେସରି ଉପରେ ୪୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ ଏବଂ ମୋବାଇଲ ଆକ୍ସେସରିଗୁଡିକର ପ୍ରାରମ୍ଭିକ ମୂଲ୍ୟ ୮୯ଟଙ୍କା ରହିଛି। ସେହିପରି ଏକାଧିକ ବିକଳ୍ପରେ ସ୍ମାର୍ଟଫୋନ୍ ଉପରେ ୨୪ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍‌ଆଇ ଉପଲବ୍ଧ ହେବ। ଇଲେକ୍‌ଟ୍ରୋନିକ୍ସ ଓ ଆକ୍ସେସରି ଉପରେ ୭୫% ପର୍ଯ୍ୟନ୍ତ ରିହାତି ମିଳିବ। ଆସ୍‌ର, ଆମେଜଫିଟ୍, ସାମ୍‌ସଙ୍ଗ୍, ଆପଲ, ସୋନି, ଜେବିଏଲ୍, ନଏଜ ଆଦି ବ୍ରାଣ୍ଡ ପକ୍ଷରୁ ନୂଆ ଉତ୍ପାଦ ଲଞ୍ଚ୍ କରାଯିବ। ଗ୍ରାହକମାନେ ଏହି ଅବଧିରେ ୨୪ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍‌ଆଇ,ଏକ୍ସଚେଞ୍ଜ ଉପରେ ୨୫୦୦୦ଟଙ୍କା ପର୍ଯ୍ୟନ୍ତ ରିହାତି ୧୧୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ରିହାତି,ଲାପ୍‌ଟପ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି, ଟାବ୍‌ଲେଟ୍ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ହେଡ୍‌ଫୋନ ଉପରେ ୭୫%ପର୍ଯ୍ୟନ୍ତ ରିହାତି, ସ୍ପିକର ଓ ସାଉଣ୍ଡବାର ଉପରେ ୬୦%ପର୍ଯ୍ୟନ୍ତ ରିହାତି, ପ୍ରିମିୟମ ସ୍ମାର୍ଟୱାଚ୍ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇବେ। ଏହାବ୍ୟତୀତ ଗ୍ରାହକମାନେ ୱାଶିଂମେଶିନ, ରେଫ୍ରିଜରେଟର, ଏୟାର କଣ୍ଡିସନର ଭଳି ଆପ୍ଲାଏନ୍ସଗୁଡିକ ଉପରେ ୭୫% ପର୍ଯ୍ୟନ୍ତ ରିହାତି, ୧୦,୦୦୦ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ କ୍ୟାଶ୍‌ବ୍ୟାକ୍, ୨୦,୦୦୦ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ରିହାତି ଓ ୫୦୦୦ଟଙ୍କା ପର୍ଯ୍ୟନ୍ତ କୁପନ ରିହାତି ପାଇପାରିବେ। ସ୍ମାର୍ଟ ଟିଭି ଉପରେ ୬୫% ପର୍ଯ୍ୟନ୍ତ ରିହାତି, ୫୫୦୦ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ଅଫର ଓ ୩ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ ୱାରେଣ୍ଟି ଉପଲବ୍ଧ ରହିଛି।

ସେହିପରି ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ୪.୫ଲକ୍ଷରୁ ଅଧିକ ଷ୍ଟାଇଲ ଓ ୧୫୦୦ ରୁ ଅଧିକ ଟପ୍ ବ୍ରାଣ୍ଡରେ ଫ୍ୟାଶନ ଆଣ୍ଡ ବିୟୁଟି ବର୍ଗରେ ୫୦ରୁ ୮୦% ରିହାତି ଉପଲବ୍ଧ ହେବ। ଗ୍ରାହକମାନେ ଗ୍ରୋସେରି ଓ ଦୈନନ୍ଦିନ ସାମଗ୍ରୀ ଉପରେ ୭% ପର୍ଯ୍ୟନ୍ତ ରିହାତି ଓ ୪୦୦ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ। ଆମାଜନ ଫ୍ରେଶ୍‌ରେ ଗ୍ରାହକମାନେ ୧ଟଙ୍କାରୁ ଆରମ୍ଭ ହେଉଥିବା କ୍ରେଜି ଡିଲ୍ ଓ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ବର୍ଗରେ ଚଳିତ ପାର୍ବଣଋତୁରେ ୩୦୦ରୁ ଅଧିକ ନୂଆ ଉତ୍ପାଦ ଲଞ୍ଚ ହେବ। କ୍ଷୁଦ୍ର ବ୍ୟବସାୟଗୁଡିକରୁ ୨ଲକ୍ଷରୁ ଅଧିକ ନୂଆ ଉତ୍ପାଦ ଉପରେ ସ୍ୱତନ୍ତ୍ର ଡିଲ୍, କୁପନ ଓ ୭୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ। ଏହାଛଡା ଆମାଜନ ବିଜ୍‌ନେସ୍‌ରେ ବ୍ୟବସାୟିକ ଗ୍ରାହକମାନେ ଜିଏସ୍‌ଟି ବିଲ୍ ସହ ୨୮% ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ ଓ ୯୯୯୯ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଓ ବଡ ଅର୍ଡର ଉପରେ ୪୦% ପର୍ଯ୍ୟନ୍ତ ରିହାତି ଉପଭୋଗ କରିପାରିବେ।

# ଡିସିବିଏଲ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର



ଭୁବନେଶ୍ୱର,୨୧।୯: (ଅଭୟ ଦାଶ)

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍)କୁ ନିକଟରେ ଆଉ ଏକ ସମ୍ମାନ 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର' ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ବାର୍ଷିକ ଉତ୍ସବରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ ଡିସିବିଏଲ୍‌କୁ 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର-୨୦୨୪'ପ୍ରଦାନ କରାଯାଇଛି। ଓଡ଼ିଶାର ଲାଞ୍ଜିବେର୍ଣ୍ଣା ଚୂନପଥର ଏବଂ ଡୋଲୋମାଇଟ୍ ମାଇନ୍ସରେ କମ୍ପାନୀ ପକ୍ଷରୁ ନିଆଯାଇଥିବା ପ୍ରଭାବଶାଳୀ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଏବଂ ଧ୍ୱନିପରିଚାଳନା ଅଭ୍ୟାସ କାର୍ଯ୍ୟକାରୀ କରିବାର ନିରନ୍ତର ଉଦ୍ୟମ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏହି ଅବସରରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ ଡିସିବିଏଲ୍ ଏଇଡି ଏବଂ ଲାଞ୍ଜିବେର୍ଣ୍ଣା ମାଇନ୍ସ ହେଡ୍ ଓମ୍ ପ୍ରକାଶ ଖେଲକାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଓଏସ୍‌ପିସିବି ସଦସ୍ୟ ସଚିବ ଡ. କେ. ମୁରୁଗେସନ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଏ ସମ୍ପର୍କରେ ଡିସିବିଏଲ୍‌ର ଇଡି ତଥା ୟୁନିଟ୍‌ହେଡ୍(ରାଜଗାଙ୍ଗପୁର) ଚେତନ ଶ୍ରୀବାସ୍ତବ କହିଥିଲେ, କମ୍ପାନୀରେ ଦୀର୍ଘ ସ୍ଥାୟିତ୍ୱ ଆମର ସମସ୍ତ କାର୍ଯ୍ୟର ମୂଳ ଅଂଶ ହୋଇଥିଲାବେଳେ ଆମେ ଏକ ଦାୟିତ୍ୱପୂର୍ଣ୍ଣ ଖଣି ଏବଂ ପରିବେଶ ପରିଚାଳନା ଅଭ୍ୟାସ ପାଇଁ ପ୍ରତିବଦ୍ଧ ରହିଛୁ। ଏପରିକି ଆମର ପ୍ରୟାସର ଏକ ଅଂଶ ଭାବେ ଇନ୍ଧନ-ଦକ୍ଷ ଯନ୍ତ୍ରପାତି, ଅକ୍ଷୟ ଶକ୍ତି ଏବଂ ଆମେ ଜୈବ ବିବିଧତା ସଂରକ୍ଷଣକୁ ପ୍ରାଥମିକତା ଦେଇଥାଉ। ଏହି ପୁରସ୍କାର ପରିବେଶ ପରିଚାଳନା ପାଇଁ ଆମର ପ୍ରତିବଦ୍ଧତା ଏବଂ ପରିବେଶ ତଥା ଆମେ ସେବା ପ୍ରଦାନ କରୁଥିବା ସମ୍ପ୍ରଦାୟ ଉପରେ ଏକ ସକାରାତ୍ମକ ତଥା ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଆମର ଉତ୍ସର୍ଗୀକୃତତାକୁ ଦୃଢ଼ କରିଛି।

# ୟୁଏସ୍‌ଏଫ୍‌ବିଏଲ୍‌ର ପ୍ରତିଷ୍ଠା ଦିବସ

ନୂଆଦିଲ୍ଲୀ,୨୧।୯

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ୟୁଏସ୍‌ଏଫ୍‌ବିଏଲ୍) ର ୧୫ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁଏସ୍‌ଏଫ୍‌ବିଏଲ୍‌ର ୧୮ଟି ନୂତନ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ଏହି ସମ୍ପ୍ରସାରଣ ଭାରତରେ ୟୁଏସ୍‌ଏଫ୍‌ବିଏଲ୍‌ର ମୋଟ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ ସଂଖ୍ୟାକୁ ୯୬୬କୁ ବୃଦ୍ଧି କରିଛି। ଏଥିମଧ୍ୟରେ ବିହାରରେ ୪ଟି, ହିମାଚଳ ପ୍ରଦେଶ ୧ଟି, ଝାଡ଼ଖଣ୍ଡରେ ୨ଟି, କେରଳ ୨ଟି, ମଧ୍ୟପ୍ରଦେଶ ୩ଟି, ମହାରାଷ୍ଟ୍ର ୧ଟି, ଓଡ଼ିଶାରେ ୨ଟି, ଉତରପ୍ରଦେଶ ୨ଟି ଏବଂ ଉତ୍ତରାଖଣ୍ଡରେ ୧ଟି ଆଉଟ୍‌ଲେଟ୍ ସାମିଲ ରହିଛି।

ଏ ସମ୍ପର୍କରେ ୟୁଏସ୍‌ଏଫ୍‌ବିଏଲ୍‌ର ଅଧ୍ୟକ୍ଷ ପ୍ରବୀଣ କୁମାର ଗୁପ୍ତା କହିଛନ୍ତି,ପ୍ରତିଷ୍ଠା ଦିବସ ଅବସରରେ ଆମର ଏହି ନୂଆ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ଗୁଡିକର ଉଦ୍‌ଘାଟନ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଆମର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ଆମେ ଆମର ଉପସ୍ଥିତି ବିସ୍ତାର କରିବା ଏବଂ ଅଭିନବ ଓ ଗ୍ରାହକ କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ସେହିଭଳି ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ଓ ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଉତ୍କର୍ଷ କୋରଇନ୍‌ଭେଷ୍ଟ ଲିମିଟେଡ୍ ଭାବେ ଆମର ପରିଚାଳନା ଆରମ୍ଭରୁ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ ପରିଣତ ହେବା ପର୍ଯ୍ୟନ୍ତ, ବିଗତ ବର୍ଷଗୁଡିକ ଅଭିବୃଦ୍ଧି, ଶିକ୍ଷା ଓ ପ୍ରତିବଦ୍ଧତାର ଏକ ମହାନ୍ ଯାତ୍ରା ରହି ଆସିଛି।

# ବଜାରରେ ହୋଣ୍ଡା ଏଲିଭେଟ୍‌ର ନ୍ୟୁ ଆପେକ୍ସ ଏଡିଶନ




ନୂଆଦିଲ୍ଲୀ,୨୧।୯

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ଏଲିଭେଟ୍‌ର ନ୍ୟୁ ଆପେକ୍ସ ଏଡିଶନ'କୁ ସର୍ବଭାରତୀୟସ୍ତରରେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ଚଳିତ ପାର୍ବଣ ଅଭିଯାନ 'ଦି ଗ୍ରେଟ୍ ହୋଣ୍ଡା ଫେଷ୍ଟ' ସମୟରେ ହୋଣ୍ଡାର ମଧ୍ୟମ-ଆକାର ଏସ୍‌ୟୁଭି ହୋଣ୍ଡା ଏଲିଭେଟ୍‌ର ନୂଆ ଆପେକ୍ସ ସଂସ୍କରଣ ବଜାର ପ୍ରବେଶ ହୋଇଯାଇଛି। ଏପରିକି ସୀମିତ ସଂଖ୍ୟାରେ ଏହି ଆପେକ୍ସ ସଂସ୍କରଣ ଉଭୟ ମାନୁଆଲ ଟ୍ରାନ୍ସମିଶନ (ଏମ୍‌ଟି) ଏବଂ କଣ୍ଟିନିଓସ୍‌ଲି ଭାରିଏବଲ୍ ଟ୍ରାନ୍ସମିଶନ (ସିଭିଟି) ରେ ଉପଲବ୍ଧ ଏବଂ ଏହା ହୋଣ୍ଡା ଏଲିଭେଟ୍‌ର 'ଭି' ଓ 'ଭିଏକ୍ସ' ଗ୍ରେଡ୍ ଉପରେ ଆଧାରିତ ହେବ। ହୋଣ୍ଡା ଏଲିଭେଟ୍‌ର ଦମ୍‌ଦାର ଡିଜାଇନ, ପ୍ରଶସ୍ତ ସ୍ଥାନ ଏବଂ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଆଭ୍ୟନ୍ତରୀଣ ଅଂଶ ଆଦି ବୈଶିଷ୍ଟ୍ୟ ସନ୍ନିବେଶିତ ଆପେକ୍ସ ସଂସ୍କରଣ ବାହ୍ୟ ଓ ଆଭ୍ୟନ୍ତରୀଣରେ ପରିବର୍ଦ୍ଧିତ କରାଯାଇଥିବା ଏକ ନୂତନ ପ୍ରିମିୟମ ପ୍ୟାକେଜରେ ଆସୁଛି। ଏହି ମଡେଲ ୭ଟି ଅକର୍ଷଣୀୟ (ରଙ୍ଗ) କଲରରେ ଉପଲବ୍ଧ।

ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ (ମାର୍କେଟିଂ ଆଣ୍ଡ ସେଲ୍‌ସ) କୁନାଲ ବେହଲ୍ କହିଛନ୍ତି, ଆମ ସଫଳତା କ୍ଷେତ୍ରରେ ଏଲିଭେଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି,ଏହା ଆମର ଘରୋଇ ବଜାରରେ ବିକ୍ରି ଓ ରପ୍ତାନି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖୁଛି। ଭାରତରେ ପାର୍ବଣଋତୁ ଆରମ୍ଭ ହୋଇସାରିଛି ଏବଂ ଆକର୍ଷଣୀୟ ମୂଲ୍ୟରେ ପ୍ରସ୍ତୁତ ହୋଣ୍ଡା ଏଲିଭେଟ୍‌ର ନୂଆ ସଂସ୍କରଣକୁ ଉନ୍ମୋଚନକରି ଆମେ ଉଲ୍ଲସିତ ଅନୁଭବ କରୁଛୁ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସଚେତନତା ଅଭିଯାନ



ଭୁବନେଶ୍ୱର,୨୧।୯

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଏକ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। କେନ୍ଦୁଝର ଜିଲାର ଠାକୁରାଣୀ ଗ୍ରାମ ସମେତ ବଡ଼ବିଲ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ମଶାଜନିତ ରୋଗର ମୁକାବିଲା ଓ ନିରାକରଣ ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଡେଙ୍ଗୁ ନିରାକରଣ ଅଭିଯାନ ଆରମ୍ଭ କରାଯାଇଛି। ଦୀର୍ଘ ୧ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ନାଳନର୍ଦ୍ଦମାକୁ ଘୋଡ଼ାଇବା, ଆଣ୍ଟି ଲାର୍ଭା ସ୍ପ୍ରେ, ଘର ଘର ବୁଲି ଲିଫ୍‌ଲେଟ୍ ବଣ୍ଟନକରି ସଚେତନତା କରାଇବା ଆଦି କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ପରିପ୍ରେକ୍ଷୀରେ ଏକ ଡେଙ୍ଗୁ ସଚେତନତା ମୋବାଇଲ ଭ୍ୟାନ୍‌ର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ କର ବସ୍ତିଠାରେ ଆୟୋଜିତ ଶୁଭାରମ୍ଭ ଉତ୍ସବରେ ୱାର୍ଡ-୨ର କାଉନସିଲର ବବିରାଣୀ ମହନ୍ତ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ମାଇନ୍ସର ମ୍ୟାନେଜର ମୁକେଶ ଥାୱେତ ଏବଂ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ବଡ଼ବିଲର ସିଏସଆର ମୁଖ୍ୟ ଅରୁଣ ଅଗ୍ରୱାଲ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅନ୍ୟାନ୍ୟ କର୍ମଚାରୀ, ସ୍ଥାନୀୟ ଲୋକ ଏବଂ ସ୍କୁଲ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

ସେହିଭଳି ବବିରାଣୀ ମହନ୍ତ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସ୍ଥାନୀୟ ସ୍ୱାସ୍ଥ୍ୟ ଓ ଉନ୍ନତି ନିମନ୍ତେ ପ୍ରତିବଦ୍ଧତା ଏବଂ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ମଶାମାନଙ୍କର ପ୍ରଜନନକୁ ରୋକିବା ପାଇଁ ସେ ସ୍କୁଲ ପିଲା ଏବଂ ଲୋକମାନଙ୍କୁ ସେମାନଙ୍କ ଆଖପାଖ ଅଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ରଖିବାକୁ ପରାମର୍ଶ ମଧ୍ୟ ଦେଇଥିଲେ।

# ଅକ୍ଟୋବର ୨୭ରେ 'ଲେକ୍ ସାଇଡ୍ ଗ୍ଲାମର'




ଭୁବନେଶ୍ୱର,୨୧।୯

ସ୍ୱସ୍ତି ଗ୍ରୁପ୍‌ର ପ୍ରମୁଖ ହୋଟେଲ ସ୍ୱସ୍ତି ଚିଲିକା ରେସର୍ଟ ପକ୍ଷରୁ ଏକ ଦିନିକିଆ ଫ୍ୟାଶନ ଶୋ ୨୦୨୪ ଅକ୍ଟୋବର ୨୭ ରେ ଆୟୋଜନ କରାଯାଉଛି। ସ୍ୱସ୍ତି ଚିଲିକା ରେସର୍ଟ ଏବଂ ଇଭେଣ୍ଟ ଏଲିଗାନ୍ସର ମିଳିତ ଉଦ୍ୟମରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଫ୍ୟାଶନ ଶୋ 'ଲେକ୍ ସାଇଡ୍ ଗ୍ଲାମର-୨୦୨୪'ର ଆୟୋଜନ ହେଉଛି। ଏହି ଶୋ'ରେ ୪୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ କରାଯାଇଥିଲା। ଏହି ଅବସରରେ ସ୍ୱସ୍ତି ଗ୍ରୁପ୍‌ର ଭିପି ପ୍ରିୟନାଥ ବେହେରା, ଅଭିଷେକ ନାଥ, ପ୍ରମୋଦ ତିୱାରୀଙ୍କ ସମେତ ଇଭେଣ୍ଟ ଏଲିଗାନ୍ସର ପିଏଚ୍ ଅଭିଷେକ ଶାସ୍ତ୍ରୀ ଏବଂ ଅମିତ ସାୱନ୍ତ ପ୍ରମୁଖ ଯୋଗଦେଇ ଶୋ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ବିଏଏଏସ୍ ପ୍ରୋଗ୍ରାମର ସମ୍ପ୍ରସାରଣ

ନୂଆଦିଲ୍ଲୀ,୨୧।୯

ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ବୈଦ୍ୟୁତିକ ଯାନ (ଇଭି) ଶିଳ୍ପର ପ୍ରଥମ ଧରଣର ଅଭିଯାନ 'ବ୍ୟାଟେରି-ଆଜ୍- ଏ-ସର୍ଭିସ୍ (ବିଏଏଏସ୍ ବା ବାସ୍)ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତରେ ବ୍ରାଣ୍ଡ୍‌ର ଇଭି ସେଗ୍‌ମେଣ୍ଟକୁ ପୁନଃ ନିର୍ଦ୍ଦିଷ୍ଟକରି ଜାରି ରହିଥିବା କମେଟ ଇଭି ଓ ଜେଡ୍ ଏସ ଇଭି ଭଳି ମଡେଲ ପାଇଁ ବାସ୍ କାର୍ଯ୍ୟକ୍ରମକୁ ପୁନଃ ଆରମ୍ଭ କରିଛି। ନିକଟରେ ବାସ୍ କାର୍ଯ୍ୟକ୍ରମ ସହ ଏମ୍‌ଜି ୱିଣ୍ଡସର ଶୁଭାରମ୍ଭ ହୋଇଥିଲାବେଳେ ସେହିଦିନଠାରୁ ଏହା ବହୁ ଲୋକପ୍ରିୟ ହୋଇଆସୁଛି। ସେହିଭଳି ଏହି କାର୍ଯ୍ୟକ୍ରମ ଅଧୀନରେ ଗ୍ରାହକମାନେ ବର୍ତ୍ତମାନ ହୋମ୍ ଷ୍ଟ୍ରିଟ୍-ସ୍ମାର୍ଟ କାର୍-ଏମ୍‌ଜି କମେଟ ଇଭି ପ୍ରାରମ୍ଭିକ ମୂଲ୍ୟ ୪.୯୯ଲକ୍ଷ ଟଙ୍କା + ବ୍ୟାଟେରି ରେଣ୍ଟାଲ ପ୍ରତି କି.ମି. ପିଛା ୨.୫ ଟଙ୍କା ଏବଂ ଏମ୍‌ଜି ଜେଡ୍‌ଏସ୍ ଇଭିର ପ୍ରାରମ୍ଭିକ ମୂଲ୍ୟ ୧୩.୯୯ ଲକ୍ଷ ଟଙ୍କା +ବ୍ୟାଟେରି ରେଣ୍ଟାଲ ପ୍ରତି କି.ମି. ପିଛା ୪.୫ ଟଙ୍କା କି.ମି. ହାରରେ ପ୍ରଦାନ କରୁଛି। ଏପରିକି ବ୍ରାଣ୍ଡ୍‌ର ଏହି କାର୍ଯ୍ୟକ୍ରମ ଗ୍ରାହକଙ୍କୁ ବ୍ୟାଟେରି ବ୍ୟବହାର ଲାଗି କି.ମି. ପ୍ରତି ନାମମାତ୍ର ଶୁଳ୍କ ପ୍ରଦାନ କରିବାକୁ ଦେଇଥାଏ। ବାସ୍ କାର୍ଯ୍ୟକ୍ରମ ସହ ଗ୍ରାହକମାନେ ୩ବର୍ଷର ମାଲିକାନା ପରେ ୬୦% କ୍ରୟ ମୂଲ୍ୟ ମଧ୍ୟ ପାଇପାରିବେ। ଫଳରେ ସେମାନେ ଏକ ନିରାପଦ ଓ ଆତ୍ମବିଶ୍ୱାସୀ ମାଲିକାନା ଅଭିଜ୍ଞତା ପାଇପାରିବେ।

ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ସିସିଓ ସତିନ୍ଦର ସିଂ ବାଜୱା କହିଛନ୍ତି, ବାସ୍ ସହ ଆମେ ସହଜ ମାଲିକାନା ପାଇଁ ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିଛୁ, ଯାହା ଆମର ଇଭିଗୁଡ଼ିକୁ ପୂର୍ବ ଅପେକ୍ଷା ଅଧିକ ଲୋକପ୍ରିୟ କରିପାରିବ। ପୂର୍ବରୁ ୱିଣ୍ଡସରର ଅଫରକୁ ଦେଖି ଆମେ ଏହି କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ କରିଛୁ। ଏହି ସ୍ୱତନ୍ତ୍ର ମାଲିକାନା ମଡେଲ ଇଭିକୁ ଅଧିକରୁ ଅଧିକ ଲୋକପ୍ରିୟ କରିପାରିବ।

# ଅକ୍ଟୋବର ୨ରୁ ବୁଣାକାରଙ୍କ ମଜୁରି ବୃଦ୍ଧି

## ଉପକୃତ ହେବେ ସୂତା କଟାଳି

ନୂଆଦିଲ୍ଲୀ,୨୧।୯

ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ଅଧ୍ୟକ୍ଷ ମନୋଜ କୁମାର ଚଳିତ ବର୍ଷ ଅକ୍ଟୋବର ୨ ରୁ ମଜୁରି ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏପରିକି ସୂତା କଟାଳିଙ୍କ ମଜୁରି ୨୫% ଏବଂ ବୁଣାକାରଙ୍କ ମଜୁରି ୭% ବୃଦ୍ଧି କରାଯାଇଥିଲାବେଳେ ଏହି ବର୍ଦ୍ଧିତ ମଜୁରି ୨୦୨୪ ଅକ୍ଟୋବର ୨ରୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଏବଂ ମୋଦି ସରକାର ୩.୦ର ୧୦୦ଦିନ ପୂରଣ ଅବସରରେ ପୂଜ୍ୟ ବାପୁଙ୍କ ଜନ୍ମସ୍ଥଳୀ ପୋରବନ୍ଦରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେଭିଆଇସି ଅଧ୍ୟକ୍ଷ ଏଭଳି ଘୋଷଣା କରିବା ସହ ବହୁ ଲକ୍ଷ ଖଦି କାରିଗର ଉପକୃତ ହେବେ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ



(ପିଏମ୍‌ଇଜିପି) ଅନ୍ତର୍ଗତ ୩୯୧୧ ହିତାଧିକାରୀଙ୍କ ଆକାଉଣ୍ଟରେ ୧୦୧ କୋଟି ଟଙ୍କା ଜମା କରାଯାଇଥିଲାବେଳେ ଭିଡିଓ କନ୍‌ଫରେନ୍ସରେ ୧୧୦୦ ନୂତନ ପିଏମ୍‌ଇଜିପି ୟୁନିଟ୍ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଆସମାବତୀ ନଦୀକୂଳରେ ସ୍ଥାପିତ ୨୬ ଫୁଟ ଲମ୍ବ ଏବଂ ୧୩ଫୁଟ ଚଉଡ଼ା ଷ୍ଟେନ୍‌ଲେସ୍ ଷ୍ଟିଲ୍ ସ୍ମାରକ ଚରଖା ମଧ୍ୟ ଅନାବରଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମନୋଜ କହିଥିଲେ, ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨ୟ ଥର ପାଇଁ ସୂତା କଟାଳି ଏବଂ ବୁଣାକାରଙ୍କ ମଜୁରି ବୃଦ୍ଧି କରାଯାଇଛି। ୨୦୨୪ ଅକ୍ଟୋବର ୨ରୁ ସୂତା କଟାଳିଙ୍କୁ ଗୁଣ୍ଡି ପିଛା ୧୦ଟଙ୍କା ମଜୁରି ପରିବର୍ତ୍ତେ ୧୨.୫୦ଟଙ୍କା ମଜୁରି ମିଳିବ। ଏହା ପୂର୍ବରୁ ୨୦୨୩ ଏପ୍ରିଲ ୧ରେ ଏହାକୁ ୭.୫୦ ଟଙ୍କାରୁ ୧୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଖଦି କ୍ରାନ୍ତି ଦ୍ୱାରା ସୂତା କଟାଳି ଏବଂ ବୁଣାକାରମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିଛି।

ଗତ ଆର୍ଥିକ ବର୍ଷରେ ଖଦିର କାରବାର ୧.୫୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହି କାର୍ଯ୍ୟକ୍ରମରେ ଗୁଜରାଟର କେଭିଆଇସି ରାଜ୍ୟ କାର୍ଯ୍ୟାଳୟ ସହ ଜଡ଼ିତ ଖଦି ଅନୁଷ୍ଠାନର ପ୍ରତିନିଧି, ଖଦି ଶ୍ରମିକ, କାରିଗର ଏବଂ କେଭିଆଇସିର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI**
**MEDICAL COLLEGE HOSPITAL,**
Brahmapur-760004, Ganjam, Odisha
Tel. 0680-2292624, FAX. : 0680-229275,
E-mail : supdtmkcg@gmail.com, mkcgmchberhampur@gmail.com,
Website : www.mkcgmch.org
No.12690.MCH/F&S/2024 D/Berhampur the, 17.09.2024

**TENDER CALL NOTICE**

No.E-338 : Sealed Qutotion(s) in prescribed proforma are invited from the reputed local wholesale Dealers/Authorized stockiest/ N.G.Os/Co-operative stores for supply of the Printing articles to this hospital. The details of articles with specification along with other terms and conditions available in website www.ganjam.nic.in / www.mkcgmch.org. The last date of the receipt of the Quotation(s) through Regd. Post/Speed post/Courier is on or before 05.10.2024 up to 5.30 P.M. and will be opened on 07.10.2024 12.30 P.M.

**Sd./- Superintendent**
**M.K.C.G Medical College Hospital,**
**Berhampur**
OIPR-10028/11/0023/2425

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Phone/Fax: 0674-2392480/79
E-mail ld-hrdnrhm1@gmail.com

Advt.No.23/24 **Walk-in-Interview** Date:21.09.2024

**No.E-335:**Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and coterminus with the scheme. Lower age limit is 21 years as on dtd. 01.09.2024.

| Sl. No. | Name of the Post | Remuneration (in Rs.), Performance Incentive (P.I) & other allowances as admissible | No. of Vacancy | Date of Registration/ Interview |
|---|---|---|---|---|
| 1 | Consultant, NLEP | Rs.59,707/- + P.I. | 01 | 18.10.2024 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, ToR, Application Form etc. Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date. No application will be received after scheduled date & timing of registration. Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist-Khordha, Pin – 751012, Odisha. The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

**Sd/- Mission Director, NHM**
**Member Secretary, OSH&FWS, Odisha**
OIPR-10084/11/0008/2425


ଯୁବ କଂଗ୍ରେସ କର୍ମୀ ଶନିବାର ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଗ୍ରସର ହେଉଥିବା ବେଳେ ପୋଲିସ ଅଟକାଉଛି।


ପୋଲିସ କମିଶନରଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଏଏପିର ପ୍ରତିନିଧି ଦଳ।


ରାଜଭବନ ସମ୍ମୁଖରେ ଧାରଣା ଦେଇଥିବା ବିଜୁ ମହିଳା ଦଳର ନେତ୍ରୀ ଓ ସଦସ୍ୟା।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା ମାଡ଼କଲା ଯୁବକଂଗ୍ରେସ

ଭୁବନେଶ୍ୱର, ୨୧।୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀଙ୍କୁ ନ୍ୟାୟ ପ୍ରଦାନ ନେଇ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରାଯାଇଛି। ଏନେଇ ଯୁବକଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଅପର ପିଏମ୍‌ଜି ଠାରେ ଅବସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ଯୁବ କଂଗ୍ରେସ

**ଭରତପୁର ଥାନାରେ ସେନା କର୍ମଚାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା**

କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ପଚା ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ। ଶତାଧିକ ଯୁବ କଂଗ୍ରେସ କର୍ମୀ ୩ଟି ପୋଲିସ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଗ୍ରସର ହେଉଥିବା ବେଳେ ପୋଲିସ ସମସ୍ତଙ୍କୁ ଉଠାଇ ନେଇଥିଲା। ଏହି ଅବସରରେ ରଣଜିତ କହିଛନ୍ତି, ଗୃହ ବିଭାଗକୁ ସମ୍ଭାଳିବାରେ ମୁଖ୍ୟମନ୍ତ୍ରୀ ଅସମର୍ଥ। ତାଙ୍କ ବାସଭବନଠାରୁ ମାତ୍ର ୧୦ କି.ମି. ଦୂରରେ ଭରତପୁର ଆଦର୍ଶ ଥାନାରେ ଥାନା ଅଧିକାରୀ ମହିଳାଙ୍କ ଇଜ୍ଜତ ଲୁଟୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଖବର ହେଲା ନାହିଁ। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଏବଂ ବିଶେଷକରି ଡିଜିପି ଏବଂ କମିଶନରେଟ୍ ପୋଲିସ ଭରତପୁର ଥାନାର ତତ୍କାଳୀନ ଅଧିକାରୀ ଦିନକୃଷ୍ଣ ମିଶ୍ରଙ୍କୁ ଘଣ୍ଟ ଘୋଡ଼ାଇବାରେ ବ୍ୟସ୍ତଥିଲେ। କେବଳ ଗଣମାଧ୍ୟମ, କୋର୍ଟ ଓ ବିଭିନ୍ନ ରାଜନୈତିକ ଅନୁଷ୍ଠାନର ଦାବି ପାଇଁ ସେହି ଅପରାଧୀ କର୍ମଚାରୀଙ୍କୁ କେବଳ ନିଲମ୍ବନ କରାଯାଇଛି। ଓଡ଼ିଶାରେ ମହିଳା ଅସୁରକ୍ଷିତ ବୋଲି ନିର୍ବାଚନ ପୂର୍ବରୁ ଭାଜପାର ତୁଙ୍ଗନେତାମାନେ ଚିତ୍କାର କରୁଥିଲେ। ବର୍ତ୍ତମାନ ସେମାନେ ଚୁପ୍ ହୋଇ ବସିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ପୀଡ଼ିତାଙ୍କୁ ଭେଟିନାହାନ୍ତି। ଭାଜପାର ନାରୀ ସଶକ୍ତୀକରଣର ଆହ୍ୱାନ ଏକ ଡ୍ରାମାବାଜି ବୋଲି ଏହି ଘଟଣାରୁ ସ୍ପଷ୍ଟ ହୋଇପଡ଼ିଛି ବୋଲି ଯୁବ କଂଗ୍ରେସ କହିଛି।

# ମହିଳା ବିରୋଧୀ ହିଂସାକୁ ରାଜ୍ୟ ସରକାର ବରଦାସ୍ତ କରିବେନି: ଭାଜପା

ଭୁବନେଶ୍ୱର, ୨୧।୯(ସୁନିତ୍ ମିଶ୍ର)


ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଅନିଲ ବିଶ୍ୱାଳ ଓ ମନୋଜ ମହାପାତ୍ର।

ମହିଳା ବିରୋଧୀ ହିଂସାକୁ ଭାଜପା ସରକାର ବରଦାସ୍ତ କରିବ ନାହିଁ। ଭରତପୁର ଥାନା ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ଏହି ଘଟଣାରେ ସମ୍ପୃକ୍ତ ୫ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ନିରପେକ୍ଷତା, ସ୍ୱଚ୍ଛତା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଆଭିମୁଖ୍ୟ ଉପରେ ସ୍ପଷ୍ଟୀକରଣ ଦେବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜେ ଡାକ୍ତରଖାନା ଯାଇ ପୀଡ଼ିତାଙ୍କୁ ଭେଟି ଆଶ୍ୱାସନା ଦେବା ସହ ସ୍ଥିତି ସମ୍ପର୍କରେ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଘଟଣାରେ ଭାଜପା ସରକାର 'ଶୂନ୍ୟ ସହନଶୀଳତା ନୀତି' ଅବଲମ୍ବନକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବଦ୍ଧପରିକର ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ବିଜେଡି ସରକାର ସମୟରେ ଗଣବଳାତ୍କାର, ବଳାତ୍କାର, ବ୍ୟଭିଚାର ଭଳି ଅନେକ ମହିଳା ବିରୋଧୀ ହିଂସାକାଣ୍ଡ ଘଟିଯାଇଛି। କିନ୍ତୁ ସମ୍ବେଦନହୀନ ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସମେତ କୌଣସି ମନ୍ତ୍ରୀ, ବିଧାୟକ କିମ୍ବା ଏମ୍‌ପି ପୀଡ଼ିତାଙ୍କୁ ଭେଟୁ ନ ଥିଲେ। ମାତ୍ର ଏବେ ଏହି ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ଉଭୟ ବିଜେଡି ଏବଂ କଂଗ୍ରେସ ଉଦ୍ୟମ କରୁଛନ୍ତି। ବିଜେଡି ସରକାର ଗତ ୨୪ ବର୍ଷର ଶାସନ ସମୟରେ ମହିଳା ବିରୋଧୀ ହିଂସା ଚରମସୀମାରେ ପହଞ୍ଚିଥିଲା। ସେହି ବିଜେଡି ଏବେ ମହିଳା ବିରୋଧୀ ହିଂସା ସମ୍ପର୍କରେ ମନ୍ତବ୍ୟ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ କବି ରବି ସିଂଙ୍କ କବିତା 'ଯାଦୁଆ ବିକୁଛି ଯାଦୁର ମଲମ ଓ ମଦୁଆ କରୁଛି ନିଶା ନିବାରଣ'କୁ ମନେ ପକାଇଦେଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଅନ୍ୟତମ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଭରତପୁର ଥାନା ଘଟଣାରେ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ପରେ ଏହି ଘଟଣାରେ ରାଜନୀତି କରିବା ଉଚିତ ନୁହେଁ।

# ରାଜଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳର ଧାରଣା

ଭୁବନେଶ୍ୱର,୨୧।୯(ଅନିଲ ଦାସ)

ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସର ବର୍ବରତାକୁ ବିରୋଧ କରି ଶନିବାର ରାଜଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ଘଟଣାକୁ ନେଇ ବିଜେଡି ସିଧାସଳଖ ଭାବେ ସରକାରଙ୍କୁ ଦୋଷାରୋପ କରିଛି । ନ୍ୟାୟ ନ ମିଳିବା ଯାଏ ବିଜୁ ଜନତା ଦଳ ଚୁପ୍ ବସିବ ନାହିଁ । ଏ ଲଢ଼େଇ ଗାଁକୁ ଯିବ ବୋଲି ବିଜୁ ମହିଳା ଜନତା ଦଳ ଘୋଷଣା କରିଛି। ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ଯଦି ସରକାର କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ ତେବେ ଆଜି ମେଜର ଓ ତାଙ୍କ ବାନ୍ଧବୀଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ବିଜେଡି କହିଛି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜୁ ମହିଳା ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ପୂର୍ବତନ ବିଧାୟିକା ଟୁକୁନି ସାହୁ, ଲତିକା ପ୍ରଧାନ, ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, କସ୍ତୁରୀ ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ପୀଡ଼ିତାଙ୍କୁ ନ୍ୟାୟ ଦିଆଯାଉ: ଏଏପି

ଭୁବନେଶ୍ୱର, ୨୧।୯(ସୁନିତ୍ ମିଶ୍ର)

ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟର ଶିକାର ହେବା ଏବଂ ସୁରକ୍ଷା ଆଶାରେ ଭରତପୁର ଥାନାରେ ଗୁହାରି କରିବାକୁ ଯାଇଥିବାବେଳେ ଥାନା କର୍ମଚାରୀଙ୍କ ଦ୍ୱାରା ନିର୍ଯାତିତ ହେବା ଘଟଣା ସାରା ଓଡ଼ିଶାକୁ ସ୍ତମ୍ଭୀଭୂତ କରିଦେଇଛି। ସେନା ଅଧିକାରୀଙ୍କୁ ହାଜତ ଭିତରେ ରଖିବା ନ୍ୟାୟସଙ୍ଗତ ନୁହେଁ ବୋଲି ପ୍ରତିବାଦ କରିବାରୁ ତାଙ୍କ ବାନ୍ଧବୀଙ୍କୁ ପୋଲିସ ଦେଇଥିବା ଶାରୀରିକ ଓ ମାନସିକ ନିର୍ଯାତନାର ଯେତେ ନିନ୍ଦାକଲେ ମଧ୍ୟ କମ୍ ହେବ। ଏନେଇ ଏଏପିର ଏକ ପ୍ରତିନିଧି ଦଳ ଶନିବାର ପୋଲିସ କମିଶନରଙ୍କୁ ଭେଟି ସ୍ମାରକପତ୍ର ଦେବା ସହ ଉଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନକରି ପୀଡ଼ିତ ମହିଳା ଓ ସେନା ଅଧିକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଛି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଣ୍ଡୁଝୁଣ୍ଡୁ ହୋଇ ଯାଏ ଛଟକୀ,**
**ଦେଖିଲା ବେଳକୁ ଖଣ୍ଡିଆ ନାକୀ ।**

ମହିଳାମାନେ ସାଧାରଣତଃ ଫେଶନ ପ୍ରିୟ ହୋଇଥାନ୍ତି। ନିଜ ରୂପ ବର୍ଣ୍ଣ କୁ ଦେଖି ପ୍ରସାଧନ ପ୍ରତି ମନ ବଳେଇଥାନ୍ତି। ତେବେ ଅସୁନ୍ଦରୀ ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୀଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଣୁ ମାଇଲେ ଗୋ ହତ୍ୟା,**
**ତେଣୁ ମାଇଲେ ବ୍ରହ୍ମ ହତ୍ୟା।**

ବେଳେବେଳେ ବ୍ୟକ୍ତି ଦୋ ସନ୍ଧିରେ ପଡ଼ିଯାଇଥାଏ। କେଉଁଟା କରିବ ବା କେଉଁଟା ଛାଡିବ ତା'ର କୂଳକିନାରା ପାଇ ନ ଥାଏ କି ସମୟୋପଯୋଗୀ ନିଷ୍ପତ୍ତି ନେବାରେ ବୁଦ୍ଧିବାଟ ଦିଶି ନ ଥାଏ। ବିଷମ ସମସ୍ୟାର ସମ୍ମୁଖୀନ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ନବୀନ ପରାମର୍ଶ ଦେବା ଶୋଭାପାଉନି: କନକବର୍ଦ୍ଧନ

କଟକ,୨୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ଉପରେ ହୋଇଥିବା ନିର୍ଯାତନା ଘଟଣାକୁ ରାଜନୀତୀକରଣ କରା ନ ଯାଉ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ୍ ପଡିଆରେ ଶନିବାର ଜିଲାସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଯୋଗଦେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଖୁସିର ବିଷୟ ୨୪ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପ୍ରସଙ୍ଗରେ ଗଣମାଧ୍ୟମ ସମ୍ମୁଖରେ ମୁହଁ

**'ପୂର୍ବ ସରକାରର ଅବ୍ୟବସ୍ଥିତ କାର୍ଯ୍ୟ ଯୋଗୁ ଏଭଳି ଘଟଣା ଘଟିଛି'**

ଖୋଲିଛନ୍ତି। ୨୪ବର୍ଷ ମଧ୍ୟରେ ଘଟିଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଓ ବଲାଙ୍ଗୀର ଗୁଳିମାଡ ଘଟଣାରେ ଯେଉଁ କମିଶନ ଗଠନ କରାଯାଇଥିଲା, ତାହାର ରିପୋର୍ଟ ପୂର୍ବ ସରକାର ଏପର୍ଯ୍ୟନ୍ତ କେଉଁ କାରଣରୁ ସାର୍ବଜନୀନ କରିନାହାନ୍ତି, ତାହାର ଉତ୍ତର ରଖନ୍ତୁ। ନବୀନ ପଟ୍ଟନାୟକ ଏଭଳି ଘଟଣାରେ ପରାମର୍ଶ ଦେବା ଆଦୌ ଶୋଭାପାଉ ନାହିଁ। ପୂର୍ବ ସରକାର ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ କରିପାରିନାହିଁ। ପୂର୍ବ ସରକାର ଏଭଳି ଭାବେ ସମସ୍ତ କାର୍ଯ୍ୟକୁ ଦୁର୍ବଳ କରି ରଖିଥିଲା ଯେଉଁଥି ପାଇଁ ଏବେ ଏଭଳି ଘଟଣା ଘଟିଛି। ବର୍ତ୍ତମାନର ଭାଜପା ସରକାର ଦୁର୍ବଳ ହୋଇଯାଇଥିବା ସମସ୍ତ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବ। ପୂର୍ବ ସରକାର ଯୋଗୁ ପୋଲିସ କର୍ମଚାରୀମାନେ ସାଧାରଣ ଲୋକଙ୍କୁ ଏପରି ବ୍ୟବହାର କରିବାକୁ ପଛଘୁଞ୍ଚା ଦେଉ ନ ଥିଲେ। ଏବେ ସମସ୍ତ କର୍ମଚାରୀଙ୍କୁ ବ୍ୟବସ୍ଥିତ କରିବ ଭାଜପା ସରକାର। ପୂର୍ବ ସରକାରର ଜଣେ ଅଧିକାରୀ ନିର୍ବାଚିତ ବିଧାୟକଙ୍କୁ ଆଙ୍ଗୁଠିରେ ନଚାଉଥିଲେ। କିନ୍ତୁ ଏଭଳି କାର୍ଯ୍ୟକୁ ଭାଜପା ପ୍ରଥମରୁ ବିରୋଧ କରିଆସିଛି। ଏବେ ଭାଜପା ସରକାର ଏସମସ୍ତ କାର୍ଯ୍ୟକୁ ବ୍ୟବସ୍ଥିତ ଭାବେ କରୁଛି। ବିରୋଧୀ ଦଳ ଯାହା ମନ୍ତବ୍ୟ ଦେବେ ସେଗୁଡିକର ଉତ୍ତର ଭାଜପା ସରକାର କାର୍ଯ୍ୟରେ କରି ଦେଖାଇବ ବୋଲି ସିଂଦେଓ କହିଛନ୍ତି।

# ୨୭ରେ ନୀଳଗିରି ଏନ୍‌ଏସିରେ ଅନାସ୍ଥା ଭୋଟ

ନୀଳଗିର, ୨୧।୯(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ସେପ୍ଟେମ୍ବର ୨୭ରେ ଅନାସ୍ଥା ଭୋଟ ହେବ ବୋଲି ବାଲେଶ୍ୱର ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନାଯୋଗ୍ୟ ଏନ୍‌ଏସିର ୧୧ କାଉନ୍‌ସିଲଙ୍କ ଅଭିଯୋଗ କ୍ରମେ ଅଧ୍ୟକ୍ଷାଙ୍କ ବିରୋଧରେ ଗତ ଅଗଷ୍ଟ ୧୪ରେ ଅନାସ୍ଥା ଭୋଟ ଲାଗି ବାଲେଶ୍ୱର ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଗଷ୍ଟ ୧୨ରେ ଅଧ୍ୟକ୍ଷା ଏହା ବିପକ୍ଷରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବା ପରେ ନ୍ୟାୟାଳୟ ଅନାସ୍ଥା ଭୋଟ ଉପରେ ରହିତାଦେଶ ଜାରି କରିଥିଲେ । ଉଚ୍ଚନ୍ୟାୟାଳୟ ସେପ୍ଟେମ୍ବର ୫ରେ ଏହାର ବୃତାନ୍ତ ଶୁଣାଣି କରି ନୂତନ ଭାବେ ଅଗ୍ରଗତି କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନାସ୍ଥା ସଂକଳ୍ପ

**ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଉପରେ ରହିତାଦେଶ ଥିଲା**

ଆଇନ ଅନୁଯାୟୀ ସ୍ୱାଧୀନତା ପ୍ରଦାନ କରିଥିଲେ । ଉକ୍ତ ଆଦେଶକୁ ପାଳନ କରି ଆସନ୍ତା ସେପ୍ଟେମ୍ବର ୨୭ରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ପୂର୍ବାହ୍ନ ୧୧ଟା ଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରସ୍ତାବିତ ସଂକଳ୍ପ ଉପରେ ଆଲୋଚନା କରାଯିବା ସହିତ ୧୨ଟା ୧୦ରେ ମତଦାନ ଏବଂ ୧୨ଟା ୩୦ରେ ଫଳାଫଳ ପ୍ରକାଶ କରିବାକୁ ବାଲେଶ୍ୱର ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହିତ ଏହାର ଏକକିତା ନକଲ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷା ଏବଂ ନୀଳଗିରି ଉପଜିଲାପାଳଙ୍କୁ ପ୍ରେରଣ କରିଥିବା ଜଣାପଡିଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଏମ୍‌ପି, ବିଧାୟକଙ୍କ ନାଁ ନ ଥିବାରୁ ଉତ୍ତେଜନା

ସୋନପୁର,୨୧।୯(ମୃତ୍ୟୁଞ୍ଜୟ ଶତପଥୀ)

ଓମ୍‌ଫେଡ୍‌ର ସୋନପୁର ଡେଏରୀ ପ୍ଲାଣ୍ଟ (ଦୁଗ୍ଧ କାରଖାନା) ଉଦ୍‌ଘାଟନ ଉତ୍ସବସ୍ଥଳ ଶନିବାର ରଣକ୍ଷେତ୍ର ପାଲଟିଥିଲା। ନିମନ୍ତ୍ରଣ ପତ୍ରରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କ ନାମ ନ ଥିବାରୁ ଉତ୍ସବ ଆରମ୍ଭ ପୂର୍ବରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଧାୟକଙ୍କ ସମର୍ଥକ ଓ ଭାଜପା କର୍ମକର୍ତ୍ତାମାନେ ଉତ୍ସବ ସ୍ଥଳରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଜାଣିଶୁଣି ଏଭଳି କରିଥିବା ବିଧାୟକଙ୍କ ସମର୍ଥକ ଅଭିଯୋଗ କରି ନାରାବାଜି କରିଥିଲେ। କାରଖାନା ପରିସର ଓ ଉତ୍ସବସ୍ଥଳ ହୁଲସ୍ଥୁଲ ହୋଇଥିଲା। ଚେୟାର ଫିଙ୍ଗା ସହ ଜଣେ ଅଧିକାରୀଙ୍କୁ ମାଡ ମରାଯାଇଥିଲା। ଏଥିଯୋଗୁ ଜିଲା ଓ ଜିଲା ବାହାରୁ ଆସିଥିବା ଦୁଗ୍ଧଚାଷୀ ଭୟଭୀତ ହୋଇ କିଏ କେଉଁଆଡେ ପଳାଇଥିଲେ। ଓମ୍‌ଫେଡ୍‌ର ଅଧିକାରୀ ଓ କର୍ମଚାରୀ ଭୟରେ ଲୁଚିଥିଲେ। ସୋନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି



ସୋନପୁର ଡେଏରୀ ପ୍ଲାଣ୍ଟ ଉଦ୍‌ଘାଟନ ପାଇଁ ପ୍ରସ୍ତୁତ ହୋଇଥିବା ମଞ୍ଚ ।

ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ଖବର ପାଇବା ପରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଆସୁଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୌଦ୍ଧରୁ ଫେରିଯାଇଥିଲେ। ଉତ୍ସବ ପାଇଁ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ଟଙ୍କା ବରବାଦ ହେଲା। ରାଜ୍ୟରେ ଭାଜପା ସରକାର ଚାଲିଥିବା ବେଳେ ନିମନ୍ତ୍ରଣପତ୍ରରେ ସ୍ଥାନୀୟ ଏମ୍‌ପି ଓ ବିଧାୟକଙ୍କ ନାମ ନ ରହିବା, ଭାଜପା କର୍ମୀଙ୍କ ହଙ୍ଗାମା ପାଇଁ ଉତ୍ସବ ବାତିଲ ହେବା ଚର୍ଚ୍ଚାର ବିଷୟ ପାଲଟିଛି।

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ୍‌ର କଳାପଥରଠାରେ ପ୍ରାୟ ୧୪କୋଟି ଟଙ୍କା ବ୍ୟୟରେ ଓମ୍‌ଫେଡ୍ ପକ୍ଷରୁ ଡେଏରୀ ପ୍ଲାଣ୍ଟ ନିର୍ମାଣ ହୋଇଛି।

**ଦୁଗ୍ଧ କାରଖାନା ଉଦ୍‌ଘାଟନ ଉତ୍ସବ ଘୁଞ୍ଚିଲା**

ଏଠାରେ ଦୁଗ୍ଧରୁ ଦହି, ଛେନା, ପନିର, ଲସି ଆଦି ପ୍ରସ୍ତୁତ ହୋଇ ବଜାରରେ ବିକ୍ରି ହେବା ପାଇଁ ଯୋଜନା ରହିଛି। ଏହା ଦ୍ୱାରା ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ ଓ ବଲାଙ୍ଗୀର ଜିଲାର ଦୁଗ୍ଧଚାଷୀ ଉପକୃତ ହେବେ। ଶନିବାର ଅପରାହ୍ନ ୪ଟାରେ ଏହି କାରଖାନାର ଉଦ୍‌ଘାଟନ ଉତ୍ସବ ଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ହୋର୍ଡିଂ ସବୁଠି ଲାଗିଥିଲା। ନିମନ୍ତ୍ରଣପତ୍ରରେ ବିଭାଗୀୟ ମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥି, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଓ ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେବେ ବୋଲି ଉଲ୍ଲେଖ ଥିଲା। ତେବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ବୀରମହାରାଜପୁର ବିଧାୟକ ଇଂ. ଜଗଦଲାଙ୍କ ନାମ ନିମନ୍ତ୍ରଣପତ୍ରରେ ନ ଥିଲା। ଏହା ଜାଣିବା ପରେ ଅପରାହ୍ନ ପ୍ରାୟ ୧ଟା ୩୦ରେ ବୀରମହାରାଜପୁର ବିଧାୟକଙ୍କ ଶତାଧିକ ସମର୍ଥକ ନବନିର୍ମିତ କାରଖାନା ପରିସରରେ ପହଞ୍ଚି ଗଣ୍ଡଗୋଳ ଆରମ୍ଭ କରିଥିଲେ। ସୋନପୁର ଆଇଆଇସି ରମେଶ ମହାନା ପୋଲିସ ଟିମ୍ ସହ ଉତ୍ସବ ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିଲେ। ଉତ୍ତେଜନାକୁ ଆଖି ଆଗରେ ରଖି କାରଖାନା ପରିସରରେ ପୋଲିସ ଟିମ୍‌କୁ ମୁତୟନ କରାଯାଇଛି। ଶନିବାର ଉଦ୍‌ଘାଟନ ଉତ୍ସବ ପାଇଁ ସଭା ମଞ୍ଚ ପ୍ରସ୍ତୁତ ସହ ୫୦୦ ଦୁଗ୍ଧଚାଷୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିଲା। କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାରୁ ପ୍ରାୟ ୨୦୦ ଚାଷୀ ସଭାସ୍ଥଳରେ ପହଞ୍ଚିସାରିଥିଲେ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କୁ ପଚାରିବାରୁ ଠିକ୍ ସମୟରେ ବର୍ଷାହେବାରୁ ଉତ୍ସବ କାର୍ଯ୍ୟକ୍ରମ ରବିବାର ଅପରାହ୍ନକୁ ଘୁଞ୍ଚିଥିବା କହିଥିଲେ।

# ୭ ଅଭିଯୁକ୍ତ ଛାତ୍ର ଗିରଫ

## ଆର୍ମି ଅଫିସର, ବାନ୍ଧବୀଙ୍କୁ ମାଡ଼ ଓ ଧମକ ଘଟଣା

■କାର୍ ସମେତ ୧୧ ମୋବାଇଲ ଜବତ
■ଗିରଫର ୪ ଘଣ୍ଟା ଭିତରେ ଜାମିନ

ଭୁବନେଶ୍ୱର/ବାରଙ୍ଗ,୨୧ା୯ (ସତ୍ୟଜିତ୍ ରାଉତ/ଲିଙ୍ଗରାଜ ରାଉତ)



ଆର୍ମି ଅଫିସର କ୍ୟାପ୍‌ଟେନ୍ ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ରାସ୍ତାରେ ଅଟକାଇ ଧକ୍କା ମାରିବା ସହ ଦୁର୍ବ୍ୟବହାର କରିବା ଓ ଧମକ ଦେବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଅଟକ ରଖିଥିବା ୭ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସମସ୍ତେ ଛାତ୍ର ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମ୍‌ଡୁମା ପଞ୍ଚସଖା ନଗରରେ ରହୁଥିବା ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ରାକେଶ ନାୟକ (୨୨), ଡୁମ୍‌ଡୁମାରେ ରହୁଥିବା ସୁନ୍ଦରଗଡ଼ ଜିଲା କୋଏଲ ନଗର ଥାନା ଅଞ୍ଚଳର ଅଭିଳାଷ ସାମନ୍ତ (୨୧), ଖଣ୍ଡଗିରି ସିଜୁଆ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ଅମନ କୁମାର (୨୧), ଡୁମ୍‌ଡୁମା ପଞ୍ଚସଖା ନଗରରେ ରହୁଥିବା ଭଦ୍ରକର ଆଦିତ୍ୟ ରଞ୍ଜନ ବେହେରା (୨୧), ଡୁମ୍‌ଡୁମାର ଫେଜ୍-୧ରେ ରହୁଥିବା ରାଉରକେଲା ସେକ୍ଟର-୩ ଅଞ୍ଚଳର ଆକାଶ ପଡ଼ିହାରୀ (୨୨), ରାଉରକେଲା ସେକ୍ଟର-୩ ଥାନା ଅଞ୍ଚଳର ହରିଶ ମହନ୍ତ (୨୧) ଏବଂ ଖଣ୍ଡଗିରି ଆର୍ଯ୍ୟ ଭିଲେଜରେ ରହୁଥିବା ସମୀର ଆଶିଷ କୁମାର ସ୍ୱାଇଁ (୨୨)। ସେମାନଙ୍କଠାରୁ ୧୧ଟି ମୋବାଇଲ ଓ ଗୋଟିଏ କାର୍ (ଓଡି୧୪ଜେ-୦୪୫୫) ଜବତ କରାଯାଇଛି। ଭରତପୁର ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟଙ୍କ ଏତଲା ଆଧାରରେ ଚନ୍ଦକା ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୨୬(୨), ୧୧୫(୨), ୧୧୭(୨), ୨୯୬, ୩(୫)ରେ ଏକ ମାମଲା (ନଂ. ୩୧୫/୨୦୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ଅଭିଯୁକ୍ତମାନେ ଛାତ୍ର ହୋଇଥିବାବେଳେ ଘଟଣା ସଂକ୍ରାନ୍ତରେ ଗୋଟିଏ ଭିଡିଓ କ୍ଲିପ୍ ଏବଂ ଅଡିଓ କ୍ଲିପ୍ ମିଳିଛି। ସେଗୁଡିକୁ ଆମେ ଯାଞ୍ଚ କରୁଛୁ ବୋଲି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଡିସିପି କୃଷ୍ଣପ୍ରସାଦ ଦାସ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ଘଟଣାସ୍ଥଳକୁ ଅଭିଯୁକ୍ତମାନଙ୍କୁ ନେଇ ସିନ୍ ରିକ୍ରିଏଶନ୍ କରିଛି।

ମାମଲା ଅନୁଯାୟୀ, ସେପ୍ଟେମ୍ବର ୧୪ ତାରିଖ ରାତିରେ ଗୁରୁଭନ୍ସ ଏବଂ ଅଙ୍କିତା ପଟିଆରୁ ଅନ୍ଧାରୁଆସ୍ଥିତ ଘରକୁ ଫେରୁଥିଲେ। ସେମାନେ କାର୍‌ରେ ପଥରଗାଡ଼ିଆ ରୋଡ୍‌ରେ ଆସୁଥିବା ବେଳେ ରାତି ପ୍ରାୟ ୨ଟା ୨୦ ବେଳେ ସୁନ୍ଦରପୁର ଗୋଲେଇ ଛକ ନିକଟରେ ଅଭିଯୁକ୍ତମାନେ ଦୁଇଟି କାର୍‌ରେ ଆସି ଓଭରଟେକ୍ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ଗୁରୁଭନ୍ସ ଓ ଅଙ୍କିତାଙ୍କୁ ଧକ୍କା ମାରିବା ସହ ଦୁର୍ବ୍ୟବହାର କରିଥିଲେ ଓ ଧମକ ଦେଇଥିଲେ। ଘଟଣାଟି ଚନ୍ଦକା ଥାନା ଅଞ୍ଚଳରେ ଘଟିଥିବାରୁ ପୋଲିସ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଭରତପୁରର ନୂତନ ଥାନାଧିକାରୀ ଗୁରୁବାର ଏତଲା ଦେଇଥିଲେ। ଅନ୍ୟପକ୍ଷରେ ଗୁରୁଭନ୍ସ ଓ ଅଙ୍କିତାଙ୍କୁ ସେମାନେ ମାଡ଼ ମାରି ନ ଥିଲେ ବୋଲି ଅଭିଯୁକ୍ତମାନେ କହିଛନ୍ତି। ଅଭିଯୁକ୍ତମାନଙ୍କୁ ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରାଯାଇଥିଲା। ତେବେ ଗିରଫର ୪ଘଣ୍ଟା ଭିତରେ ଅଭିଯୁକ୍ତମାନଙ୍କୁ ଜାମିନ ମିଳିଛି।

# ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମୁଖ୍ୟଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୨୧ା୯(ସତ୍ୟଜିତ୍ ରାଉତ)

**ପ୍ରକୃତ ଆୟଠାରୁ ଆୟ ବହିର୍ଭୂତ ସମ୍ପତ୍ତି ୧୭୭% ଅଧିକ**

ଭିଜିଲାନ୍ସର ଯାଞ୍ଚ ପରେ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମଣ୍ଡଳର ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓ ବହୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହୋଇଛି। ଠାବ ହୋଇଥିବା ଏହି ସମ୍ପତ୍ତି ହରିହରଙ୍କ ପ୍ରକୃତ ଆୟଠାରୁ ୧୭୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ହରିହର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ହରିହରଙ୍କୁ ଶନିବାର ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ସେଲ୍ ଥାନାରେ ହରିହର ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୧/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ହରିହରଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ଟିମ୍ ହରିହରଙ୍କ ଘର ସମେତ ବାଲେଶ୍ୱର, ଭୁବନେଶ୍ୱର, କେନ୍ଦୁଝର ଓ ବ୍ରହ୍ମପୁରର ୧୦ ସ୍ଥାନରେ ଏକକାଳୀନ ଚଢ଼ାଉ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ବ୍ରହ୍ମପୁରସ୍ଥିତ ଭବାନୀପୁରରେ ଗୋଟିଏ ଦୁଇ ମହଲା କୋଠା ସହ ଭୁବନେଶ୍ୱର ପାତ୍ରପଡ଼ାରେ ଗୋଟିଏ କୋଠା, ବ୍ରହ୍ମପୁର ବୈଦ୍ୟନାଥପୁରସ୍ଥିତ ଏକ ଆପାର୍ଟମେଣ୍ଟର ଫ୍ଲାଟ୍, ବୈଦ୍ୟନାଥପୁରର ଏକ ଆପାର୍ଟମେଣ୍ଟରେ ଗୋଟିଏ ଓ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଅର୍ଚିଡ୍ ରେସିଡେନ୍‌ସି ଆପାର୍ଟମେଣ୍ଟରେ ଗୋଟିଏ ବେନାମୀ ଫ୍ଲାଟ୍ ଠାବ ହୋଇଛି। ଏହାବ୍ୟତୀତ ୫ଟି ବହୁମୂଲ୍ୟ ଜମିବାଡି ପ୍ଲଟ ଠାବ କରିଛି। ସେହିପରି ଶଳାଙ୍କ ବ୍ରହ୍ମପୁରସ୍ଥିତ ଘରେ ଯାଞ୍ଚ ବେଳେ ୪୬.୪୫ ଲକ୍ଷ ଟଙ୍କା ସହ ହରିହରଙ୍କ ବ୍ୟାଙ୍କ ଜମା ଓ ଷ୍ଟକ୍ ନିବେଶ ୩.୭୭ କୋଟି ଥିବାବେଳେ ଘରୁ ୫୧୦ ଗ୍ରାମର ସୁନା ଓ ୩୦୦ ଗ୍ରାମର ରୁପା ଅଳଙ୍କାର ସହ ଗୋଟିଏ ଚାରିଚକିଆ ଯାନ ଏବଂ ଗୋଟିଏ ଦୁଇଚକିଆ ଯାନ ଓ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି।

# ଋଣ କରାଇଦେବା ନାଁରେ ଠକେଇ : ୩ ଗିରଫ

■ଗ୍ରାହକଙ୍କ ନାଁରେ ଆକାଉଣ୍ଟ ଖୋଲି ୧ କୋଟି ଟଙ୍କା କାରବାର ଧରାପଡ଼ିଲା
■ଓଡ଼ିଶାରେ ସକ୍ରିୟ ଅଛନ୍ତି ବଡ଼ଧରଣର ସାଇବର ଠକେଇ ଗ୍ୟାଙ୍ଗ୍

ବଲାଙ୍ଗୀର,୨୧ା୯(ବୀରେନ୍ଦ୍ର କୁମାର ଝାଙ୍କର)

କମ୍ ସୁଧରେ ଋଣ କରାଇଦେବା ନାଁରେ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲି ଟଙ୍କା ଠକେଇ କରୁଥିବା ଏକ ସାଇବର ଠକ ଦଳକୁ ବଲାଙ୍ଗୀର ପୋଲିସ ଗିରଫ କରିଛି। ପୋଲିସ ଏହି ଠକ ଦଳର ୩ଜଣ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ଦଶରଥପୁରର ପ୍ରଜ୍ଞାପ୍ରସନ୍ନ ଜେନା ଓରଫ୍ ରଞ୍ଜନ (୨୮), ବରଗଡ଼ ଜିଲା ଗ୍ରାମାଞ୍ଚଳ ଥାନା ପ୍ରଧାନପାଲି ଗାଁର ସିଜନ ଭୁଏ (୩୪) ଓ ଖୋର୍ଦ୍ଧା ଜିଲା ପାହାଲା ଥାନା ଗୋହାଲା ଗାଁର ଅଜୟ ରଞ୍ଜନ ଦାଶ (୩୨)। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ବଲାଙ୍ଗୀର ଟାଉନ ଥାନାରେ ଖବରଦାତା ସମ୍ମିଳନୀ କରି ସାଇବର ଠକେଇ ଓ ଠକଙ୍କ ଗିରଫଦାରି ସମ୍ପର୍କରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଲୋଇସିଂହାର ନବକିଶୋର ନାଏକ ଗତ ୧୨ ତାରିଖରେ ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ କରିଥିଲେ ଯେ, କିଛି ଦିନ ପୂର୍ବରୁ ବନ୍ଧନ ବ୍ୟାଙ୍କରୁ କମ୍ ସୁଧରେ ଋଣ କରାଇଦେବାକୁ କହି ତାଙ୍କଠାରୁ ୩ ଜଣ ବ୍ୟକ୍ତି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ଡକ୍ୟୁମେଣ୍ଟ ନେଇ ଆସିଥିଲେ। ଏହାର କିଛିଦିନ ପରେ ତାଙ୍କ ନାଁରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିବା ଏବଂ ସେଥିରେ ପ୍ରାୟ ୧ କୋଟି ଟଙ୍କାର କାରବାର ହୋଇଥିବା ନବକିଶୋର ଜାଣିବାକୁ ପାଇଥିଲେ। ନବକିଶୋର ନିଜେ ଉକ୍ତ ବ୍ୟାଙ୍କ ଆକାଉଣ୍ଟରୁ କୌଣସି ଟଙ୍କା ନେଣଦେଣ କରି ନ ଥିଲେ ମଧ୍ୟ କିଭଳି ସେଥିରେ ୧ କୋଟି ଟଙ୍କା କାରବାର ହୋଇଛି ଜାଣି ବଲାଙ୍ଗୀର ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଅଭିଯୋଗ ପରେ ସାଇବର ଥାନାରେ ଏକ ମାମଲା (ନଂ. ୩୪/୨୪) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରି ଓଡ଼ିଶାରେ ଏକ ସାଇବର ଠକ ଦଳ ସକ୍ରିୟ ଥିବା ଜଣାପଡିଥିଲା। ଜାଲ୍ ଟ୍ରେଡିଂ ଓ କମ୍ ସୁଧରେ ଋଣ କରାଇଦେବା ଲୋଭ ଦେଖାଇ ଏହି ଠକମାନେ ନିରୀହ ଲୋକଙ୍କ ଠାରୁ ଟଙ୍କା ଠକେଇ କରୁଥିଲେ। ନବକିଶୋରଙ୍କ ଡକ୍ୟୁମେଣ୍ଟରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେହି ଆକାଉଣ୍ଟର ଡେବିଟ୍ କାର୍ଡ ଜରିଆରେ ଟଙ୍କା ନେଣଦେଣ କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ପୋଲିସ ୮ଟି ଡେବିଟ୍ କାର୍ଡ, ୪ଟି ବ୍ୟାଙ୍କ ପାସ୍ ବୁକ୍, ଗୋଟିଏ ହୁଣ୍ଡାଇ କାର୍ ଓ ୫ଟି ମୋବାଇଲ ଫୋନ୍ ଜବତ କରିଛି। ଏସ୍‌ଡିପିଓ ସାହୁ ବିହାର ଓ ଝାଡ଼ଖଣ୍ଡ ଅଞ୍ଚଳରୁ ଏହି ଠକ ଦଳ ସାଇବର ଅପରାଧ କରୁଥିବା କହି ଏନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ ସାଇବର ଥାନାଧିକାରୀ ଭାରତୀ ନାଏକ, ସବ୍‌ଇନ୍ସପେକ୍ଟର ଏମ୍.କେ. ମୁଣ୍ଡା, ଅବିନାଶ ନାୟକ, ଏଏସ୍ଆଇ ହେମନ୍ତ ମିଶ୍ର, କନଷ୍ଟେବଲ ରୋହିତ କୁମାର ନାଏକ, ପୃଥ୍ୱୀରାଜ ସାହୁ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୨୧ା୯(ରାକେଶ କୁମାର ରାଉତ)-କନ୍ଧମାଳ ଜିଲା ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଶନିବାର ଜଣେ ୯ ବର୍ଷିଆ ନାବାଳିକା ବଳାତ୍କାର ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା କନାଡି ଗ୍ରାମର ଧନୁ ନାୟକ।

ପ୍ରକାଶ ଯେ, ୨୦୨୧ ମାର୍ଚ୍ଚ ୮ ତାରିଖରେ ନାବାଳିକାଙ୍କ ପିତାମାତା ଇଟା କାମ କରିବାକୁ ଯାଇଥିଲେ। ପୀଡ଼ିତା ଏକୁଟିଆ ଘରେ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଘର ଭିତରକୁ ଟେକି ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା' କାମରୁ ଘରକୁ ଫେରି କବାଟ ଧକ୍କାଦେଇ ଭିତରେ ପଶି ଦେଖିଲା ବେଳକୁ, ଅଭିଯୁକ୍ତ ପୀଡ଼ିତାଙ୍କୁ ବଳାତ୍କାର କରୁଥିଲେ। ପୀଡିତାଙ୍କ ଚେତା ବୁଡିଯାଇଥିଲା। ପୀଡ଼ିତାଙ୍କ ମା' ପାଟି କରିବାକୁ ଅଭିଯୁକ୍ତ ତାଙ୍କୁ ଚାପୁଡ଼ା ମାରି ପଳାଇଥିଲେ। ଅଭିଯୁକ୍ତଙ୍କ ପୁଅ ଏକଥା କାହାକୁ କହିଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲେ ମଧ୍ୟ ପୀଡ଼ିତାଙ୍କ ମା' ରାଇକିଆ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ତରୁଣ ତପନ ବେହେରା ଥାନା କେସ୍ ନମର୍ ୩୦/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟରେ ହାଜର କରାଇଥିଲେ। ବିଚାରପତି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ମେଡିକାଲ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଲିଗାଲ ଏଡ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ଗିରିଶୋଲା ଗେଟ୍‌ର ୪ର୍ଥ ଶ୍ରେଣୀ କର୍ମଚାରୀ ଓ ସ୍ତ୍ରୀଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୨୧ା୯(ସୁବାସ ଚନ୍ଦ୍ର ପାଢ଼ୀ)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାରକରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଜଣେ ସରକାରୀ କର୍ମଚାରୀ ଓ ତାଙ୍କ ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତମାନେ ହେଲେ ଗିରିଶୋଲା ଗେଟ୍‌ର ତତ୍କାଳୀନ ୪ର୍ଥ ଶ୍ରେଣୀ କର୍ମଚାରୀ ସତ୍ୟନାରାୟଣ ଶତପଥୀ(୫୭) ଓ ତାଙ୍କ ସ୍ତ୍ରୀ ଝୁନୁଲତା (୫୫) । ଉଭୟଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଥିବା ବେଳେ ପ୍ରତ୍ୟେକେ ୨୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ ମାସ ଲେଖାଏ ସଶ୍ରମ କାରାଦଣ୍ଡ ଉଭୟଙ୍କୁ ଭୋଗିବାକୁ ହେବ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ୨୦୦୦ରୁ ୨୦୧୦ ପର୍ଯ୍ୟନ୍ତ ସତ୍ୟ ନାରାୟଣ ଓଡ଼ିଶା-ଆନ୍ଧ୍ର ସୀମା ଗିରିଶୋଲା ତନଖି ଫାଟକ( ଗେଟ୍)ରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଗେଟ୍ ଦେଇ ଯାତାୟାତ କରୁଥିବା ଟ୍ରକଗୁଡ଼ିକର ଓଜନ କରାଇବା ତାଙ୍କ କାର୍ଯ୍ୟ ଥିଲା। ସେତେବେଳେ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା । କଟକ ଭିଜିଲାନ୍ସ ସେଲ୍ ପକ୍ଷରୁ ୨୦୧୦ ନଭେମ୍ବର ୮ରେ ତାଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢାଉ ହୋଇଥିଲା । ୨୦୦୦ ଏପ୍ରିଲ ୨୦ରୁ ୨୦୧୦ ନଭେମ୍ବର ୪ ମଧ୍ୟରେ ତାଙ୍କ ଆୟବ୍ୟୟର ହିସାବ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୮୪ ଲକ୍ଷ ୧୬ହଜାର ୯୦୩ ଟଙ୍କା ବୋଲି ଆକଳନ ହୋଇଥିଲା। ସେହିପରି ସେ ଉକ୍ତ ସମୟ ମଧ୍ୟରେ ୩୦ଲକ୍ଷ ୭୧ ହଜାର ୨୫୭ ଖର୍ଚ୍ଚ କରିଥିଲେ। ସେହି ସମୟ ମଧ୍ୟରେ ତାଙ୍କର ୩୪ଲକ୍ଷ ୪୩ହଜାର ୩୦୩ ଟଙ୍କା ଆୟ ଥିଲା। ତାଙ୍କର ମୋଟ ୮୦ ଲକ୍ଷ ୪୫ ହଜାର ୮୫୭ ଟଙ୍କାର ଆୟ ବିହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ଦର୍ଶାଯାଇଥିଲା । ଯାହା ତାଙ୍କ ମୋଟ ଆୟର ଶତକଡା ୨୩୪ ପ୍ରତିଶତ ଥିଲା। ଉକ୍ତ ସମ୍ପତ୍ତିରେ ତାଙ୍କ ସ୍ତ୍ରୀ ଝୁନୁବାଳାଙ୍କ ଅଂଶ ରହିଥିବା ମଧ୍ୟ ସେତେବେଳେ ଭିଜିଲାନ୍ସ ସ୍ପଷ୍ଟ କରିଥିଲା ।

# ଦୋଷୀଙ୍କୁ ଯାବଜ୍ଜୀବନ କାରାଦଣ୍ଡ

## ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲା

**ବାରିପଦା, ୨୧ା୯(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାର ବିଚାରକରି ଶନିବାର ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ଜଜ୍ ସନ୍ତୋଷ କୁମାର ନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ହଜାର ଟଙ୍କା ଜରିମାନା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଅଭିଯୁକ୍ତ ହେଲେ ବଡ଼ସାହି ଥାନା ଅଧୀନ ଦେଉଳିଆ ଗ୍ରାମ ନୂଆସାହିର କମଳଲୋଚନ ସି(୩୫)। ଏଥିସହ ପୀଡିତାଙ୍କ ପରିବାରକୁ ୬ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



କମଳଲୋଚନ ସି

୨୦୧୯ ଜାନୁଆରୀ ୧୫ରେ ଶିଶୁକନ୍ୟାଙ୍କ ମା' ଓ ଭାଇ ନିକଟସ୍ଥ ପଞ୍ଚାୟତ ଅଫିସକୁ ଯାଇଥିଲେ । ଘରେ କେହି ନ ଥିବା ସୁଯୋଗ ନେଇ କମଳଲୋଚନ ଖେଳୁଥିବା ୪ବର୍ଷର ଶିଶୁକନ୍ୟାଙ୍କୁ ବିସ୍କୁଟ ଦେବେ କହି ସାଇକେଲରେ ବସାଇ ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଶିଶୁକନ୍ୟା ଜଣକ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ବଡସାହି ଓ ପରେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଉକ୍ତ ଘଟଣା ନେଇ ପୀଡିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୦/୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL, PHULBANI**

Notice No. 11456/DWH/2024 Date : 20.09.2024

**Tender Cancellation Notice**

**No.E-343 :** It is notified to all the bidders that the invitation of the bids from authorized firms for **Supply & Installation of Medical Equipments, Instruments, Furniture & Other Chemical & Reagents to Kandhamal district**. Vide Tender Call Notice No. 1782/07.02.2024 Published on 13.02.2024 in the district website : www.kandhamal.nic.in. is hereby cancelled.

Sd./-
OIPR-10015/11/0008/2425 Chief District Medical & PH Officer, Kandhamal

**झारखण्ड सरकार**
**कार्यपालक अभियंता का कार्यालय**
**पेयजल एवं स्वच्छता प्रमण्डल, हटिया योजना, राँची**

**निविदा निविदा रद्द करने के संबंध में**

एतद् द्वारा सूचित किया जाता है कि कार्य का नाम REQUEST PROPOSAL FOR SUPPLYING VARIOUS EQUIPMENTS, CHEMICALS, STANDARD REFERENCE MICROBIAL CULTURES, GLASSWARES / PLASTICWARES AND GENERAL ITEMS in 22 Numbers of District Level Water Testing Laboratories of Jharkhand जिसका निविदा आमंत्रण संख्या– LAB/DWSD/11/2024-25 दिनांक – 13/09/2024 एवं PR – 336101 Drinking Water & Sanitation (24-25) है जो विभिन्न समाचार पत्रों में प्रकाशित हुई है को अपरिहार्य कारणों से रद्द की जाती है।

कार्यपालक अभियंता,
पेयजल एवं स्वच्छता प्रमण्डल,
हटिया योजना, राँची

PR 336597 Drinking Water and Sanitation (24-25)_D

**कार्यालय जिला परिषद, हजारीबाग**

अति अल्पकालीन ई–निविदा आमंत्रण सूचना संख्या :– 24/2024–25 दिनांक 20/09/2024

मद का नाम :– जिला खनिज फाउण्डेश ट्रस्ट

| क्र0 | प्रखण्ड | योजना का नाम | प्राक्कलित राषि | परिमाण विपत्र का मूल्य | अग्रधन की राषि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | सदर | आश्रम आवासीय विद्यालय, भेलवारा में 100 छात्रों के लिए नये छात्रावास भवन एवं अन्य विविध निर्माण कार्य। | 42999300.00 | 10000.00 | 860000.00 | एक वर्ष छः माह |
| 2 | बड़कागांव | सामुदायिक स्वास्थ्य केन्द्र, बड़कागांव को मॉडल सामुदायिक स्वास्थ्य केन्द्र के रूप में विकसित करने से संबंधित कार्य। | 49167800.00 | 10000.00 | 984000.00 | एक वर्ष छः माह |

1. वेबसाईट में निविदा प्रकाशन की तिथि 04.10.2024
2. ई–निविदा प्राप्ति की तिथि एवं समय 05.10.24 से 12.10.2024 अपराह्न 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 14.10.2024 पूर्वाह्न 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग।

PR.NO.336614 District(24-25):D

**Office of the Executive Engineer**
**Road Construction Department,**
**Road Division,Garhwa.**

e-Procurement Notice (Short Tender)
Tender Reference No. : RCD/GARHWA/1172/2024-25
Date:-19.09.2024

| | | |
|---|---|---|
| 1. | Name of the work | Construction of one block (6 unit) 'C' Type Quarter Building under Road Division, Garhwa |
| 2. | Estimated Cost (Rs.) | Rs. 1,80,00,000.00 (One Crore Eighty Lac) only. |
| 3. | Bid Security (Amount) | Rs. 3,60,000.00 (Three Lacs Sixty Thousand Only) |
| 4. | Time of Completion | 06 Months. |
| 5. | Date of Publication of Tender on website | 27.09.2024 from 10.30 A.M. |
| 6. | Last date/Time for receipt of bids | 05.10.2024 Up to 12.00 Noon |
| 7. | Name & address of office Inviting tender | Executive Engineer, RCD, Road Division, Garhwa |
| 8. | Contact no. of Procurement officer | 06561-295161 |
| 9. | Helpline number of e-Procurement cell | 0651-2401010 |

Note :- (1) The Bid Amount & Bid security Amount may decrease or increase.
(2) Contractor registered under R.C.D Jharkhand and also registered in UCAN PORTEL can only participate in this tender.
*Further details can be seen on website* http://jharkhandtenders.gov.in

Executive Engineer,
Road Construction Department,
Road Division,Garhwa.

PR 336330 Road(24-25).D

**कार्यपालक अभियंता का कार्यालय**
**पथ निर्माण विभाग,**
**पथ प्रमण्डल, धनबाद**

अति–अल्पकालीन
ई–प्रोक्योरमेंट सूचना (1st Call)
ई–निविदा प्रसंग संख्या - RCD/DHANBAD/1595/2024-25
(1st Call)
दिनांक – 20.09.2024

| | | |
|---|---|---|
| 1. | कार्य का नाम | "पथ प्रमण्डल, धनबाद अन्तर्गत लोहापट्टी से चन्द्रपुरा पथ के चैनेज– 0.00 कि0मी0 से 1.600 कि0मी0 पथ (कुल लंबाई– 1.60 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य, वर्ष 2024–25" |
| 2.. | प्राक्कलित राशि (रुपये में) | रुपये 1,94,73,200/– रूपये मात्र |
| 3. | कार्य समाप्ति की अवधि | 45 दिन। |
| 4. | निविदा प्राप्ति की अंतिम तिथि एवं समय | 07.10.2024 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 27.09..2024 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, धनबाद। |
| 7. | प्रोक्युरमेंट अधिकारी का सम्पर्क नम्बर | 06432-275640 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता,
पथ निर्माण विभाग,
पथ प्रमण्डल, धनबाद।

PR.NO.336458 Road(24-25):D

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची (ग्रामीण)।**

अतिअल्पकालीन ई–प्रोक्योरमेंट सूचना
नेशनल कम्पेटेटीभ बिडिंग

ई–टेन्डर रेफरेंन्स नं0–प0नि0वि0/राँची (ग्रामीण)–12/2024–25,दिनांक :–20.09.2024

| | | |
|---|---|---|
| 1. | कार्य का नाम | राहे–सीता फॉल पथ के 0.00 से 11.9 कि0मी0 तक में विशेष मरम्मति कार्य। |
| 2. | प्राक्कलित राशि (रू० लाख में) | रु० 185.00 लाख |
| 3. | अग्रधन की राशि (रू० लाख में) | रु० 3.70 लाख |
| 4. | कार्य पूर्ण करने की अवधि | 2 माह। |
| 5. | वेबसाईट पर निविदा प्रकाशन की तिथि | 28.09.2024 10:30 बजे पूर्वाह्न |
| 6. | निविदा प्राप्ति की अंतिम तिथि/ समय | 05.10.2024 12:00 बजे दोपहर तक |
| 7. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल, राँची(ग्रामीण)। |
| 8. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 9. | ई–प्रोक्योरमेंट सेल का हेल्पपाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- नियम एवं शर्तों के लिए http://jharkhandtenders.gov.in पर Login कर देखा जा सकता है।

कार्यपालक अभियंता
पथ निर्माण विभाग,
पथ प्रमंडल, राँची(ग्रामीण)।

PR 336374 (Road) 24-25 (D)

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

e- Procurement Notice
(VERY SHORT TENDER)
e-Tender Reference no.- RCD/SAHIBGANJ/688/2024-25
Dated : 21.09.2024

| | | |
|---|---|---|
| 1 | Name of Work | IRQP/Strengthening work of Lalbandh (MDR-210) to Mohanpur (NH-80) Road via Babupur and Jonka Link Road (Total length-14.305 KM) under Road Division, Sahibganj for the year 2024-25 |
| 2 | Estimated Cost (Rs) | Rs. 8,87,31,326.00 (Rupees Eight Crores Eighty Seven Lacs Thirty One Thousand Three Hundred Twenty Six and Zero Paise) Only. |
| 3 | Time of Completion | 04 (Four) Months |
| 4 | Last date / Time for receipt of bids | 07.10.2024 upto 12.00 Noon |
| 5 | Date of Publication of Tender on website | 26.09.2024 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhand tenders.gov.in*

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR.NO.336563 Road(24-25):D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ..............................



ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦଳିତ ନାବାଳିକାଙ୍କୁ ଗଣବଳାତ୍କାର

ମଥୁରା,୨୧।୯: ଉତ୍ତରପ୍ରଦେଶର ମଥୁରାରେ ଜଣେ ଦଳିତ ନାବାଳିକା(୧୩)ଙ୍କ ପାନୀୟରେ ନିଶା ଦ୍ରବ୍ୟ ମିଳାଇ ଏକ ଚଳନ୍ତା ଭ୍ୟାନ୍ ମଧ୍ୟରେ ୩ ଯୁବକ ତାଙ୍କୁ ଗଣବଳାତ୍କାର କରିଛନ୍ତି। ପରେ ଏକ ଫ୍ଲାଏ ଓଭର ନିକଟରେ ସେମାନେ ନାବାଳିକାଙ୍କୁ ଫିଙ୍ଗିଦେଇ ଫେରାର ହୋଇଯାଇଛନ୍ତି। ଘଟଣାକୁ ନେଇ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ମଥୁରା ପୋଲିସ ମାମଲାର ତଦନ୍ତ ଚଳାଇଛି।

### ଜନ୍ମଦିନ ଶୁଭେଚ୍ଛା



**କଲ୍ୟାଣୀ ସାହୁ**
ଜନ୍ମ ତାରିଖ- ୨୨।୦୯।୨୦୦୨
ସ୍ୱାମୀ- ବ୍ରହ୍ମାନନ୍ଦ
ସହୀଦ ନଗର, ଭୁବନେଶ୍ୱର
ଭଗବାନ ଆପଣଙ୍କ ମଙ୍ଗଳ କରନ୍ତୁ ଏବଂ ଆପଣଙ୍କ ଜୀବନରେ ସବୁ ଖୁସି ମିଳୁ, ଏହା ମୋର ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି।
ଧ-୧୩୯୭

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଦେବାଂଶୀ ପୂଜାପଣ୍ଡା**
ଜନ୍ମ ତାରିଖ- ୨୨।୦୯।୨୦୨୩
ବାପା- ଦିଲ୍ଲୁ ପୂଜାପଣ୍ଡା
ମାଆ- ମାମୁନି ପୂଜାପଣ୍ଡା
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା।
ଧ-୧୪୦୭

# ଓଟିଟିରେ ଆସିବ ତମାଖୁ ନିରୋଧୀ ବିଜ୍ଞାପନ

ନୂଆଦିଲ୍ଲୀ,୨୧।୯

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମଗୁଡ଼ିକରେ ତମାଖୁ ନିରୋଧୀ ସ୍ୱାସ୍ଥ୍ୟ ସଚେତନତା ବିଜ୍ଞାପନ ଦେବା ପାଇଁ ପ୍ରସ୍ତାବ ଆଣିଛି। ଯଦି ତାହା ଗୃହୀତ ହୁଏ, ତେବେ ୟୁଜରମାନେ ଓଟିଟି ଆପ୍ ଖୋଲୁ ଖୋଲୁ ଅନ୍ୟୂନ ୩୦ ସେକେଣ୍ଡ ପାଇଁ ତମାଖୁ ନିରୋଧୀ ବିଜ୍ଞାପନ ଦେଖିବାକୁ ବାଧ ହେବେ। ୟୁଜର ଚାହିଁଲେ ବି ଏହାକୁ ଅଣଦେଖା କରିପାରିବେ ନାହିଁ।

ନିକଟରେ ମନ୍ତ୍ରଣାଳୟ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ତମାଖୁ ନିରୋଧୀ ନିୟମାବଳୀର ଚିଠା ସଂଶୋଧନ ପ୍ରକାଶ କରିଥିଲା। ଉକ୍ତ ଚିଠା ଗାଇଡ୍‌ଲାଇନ୍ସ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୧ ଏବଂ ଏହା ପରେ ମୁକ୍ତିଲାଭ କରିଥିବା ସମସ୍ତ ଚଳଚ୍ଚିତ୍ର, ତାହା ଭାରତୀୟ ହେଉ କି ବିଦେଶୀ ଏବଂ ସିବିଏଫ୍‌ସି ସାର୍ଟିଫିକେଟ ପାଇଥାଉ କି ନାହିଁ, ଅନ୍ୟୂନ ୩୦ ସେକେଣ୍ଡର ତମାଖୁ ନିରୋଧୀ ସଚେତନତା ବିଜ୍ଞାପନ ଦେବାକୁ ବାଧ। ଏହା ଚଳଚ୍ଚିତ୍ର ଆରମ୍ଭ ଏବଂ ମଧ୍ୟଭାଗରେ ପ୍ରଦର୍ଶନ କରାଯିବ। ଏଥିସହିତ ପରଦାର ତଳ ଭାଗରେ ତମାଖୁ ନିରୋଧୀ ସତର୍କ ସୂଚନା ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବା ଜରୁରୀ।

### ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଣିଲା ଚିଠା ଗାଇଡ୍‌ଲାଇନ




୨୦୨୩ ରୁଲ୍‌ସରେ ଆହୁରି କୁହାଯାଇଛି, ତମାଖୁ ସାମଗ୍ରୀ ଫିଚର ଥିବା ଅନ୍‌ଲାଇନ୍ କଣ୍ଟେଣ୍ଟରେ ଅନ୍ୟୂନ ୩୦ ସେକେଣ୍ଡ ତମାଖୁ ନିରୋଧୀ ସ୍ୱାସ୍ଥ୍ୟ ସଚେତନତା ପ୍ରଦର୍ଶିତ କରିବାକୁ ହେବ। ସେପ୍ଟେମ୍ବର ୧୩ରେ ଜାରି ହୋଇଥିବା ଚିଠା ନିୟମାବଳୀରେ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକର ସମସ୍ତ କଣ୍ଟେଣ୍ଟ ପାଇଁ ୩୦ ସେକେଣ୍ଡର ତମାଖୁ ନିରୋଧୀ ହେଲ୍‌ଥ ସ୍ପଟ୍ ରହିବା ବାଧ୍ୟତାମୂଳକ କରାଯାଇଛି, ଯାହାକୁ ୟୁଜର ବାଦ୍‌ଦେଇ ପାରିବେ ନାହିଁ। ଏଥିସହିତ ତମାଖୁ ବ୍ୟବହାରର କ୍ଷତିକାରକ ପ୍ରଭାବ ଉପରେ ଅନ୍ୟୂନ ୨୦ ସେକେଣ୍ଡର ଏକ ଅଡିଓ-ଭିଜୁଆଲ ଡିସ୍‌କ୍ଲେମର ରହିବ। ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ଉକ୍ତ ହେଲ୍‌ଥ ସ୍ପଟ୍ ଏବଂ ଡିସ୍‌କ୍ଲେମରଗୁଡ଼ିକୁ କେବଳ ପ୍ରୋଗାମ ଆରମ୍ଭ ଏବଂ ମଧ୍ୟଭାଗରେ ଦେଖାଇବେ ତାହା ନୁହେଁ, ପ୍ଲାଟ୍‌ଫର୍ମ ଖୋଲୁ ଖୋଲୁ ମଧ୍ୟ ଏହା ପ୍ରଦର୍ଶିତ ହେବ।

୨୦୨୨ ମେ'ରେ ଭାରତ ପ୍ରଥମ ଦେଶ ଭାବେ ଓଟିଟି ପ୍ଲାଟ୍‌ଫର୍ମରେ ତମାଖୁ ନିରୋଧୀ ସତର୍କତା ଏବଂ ଅସ୍ୱୀକାରୋକ୍ତି ପ୍ରଦର୍ଶନକୁ ବାଧ୍ୟତାମୂଳକ କରିଥିଲା। ୨୦୨୩ ସେପ୍ଟେମ୍ବର ୧ରୁ କାର୍ଯ୍ୟକାରୀ ହୋଇଥିବା ଓଟିଟି ନିୟମାବଳୀ ଅଧୀନରେ ଆସୁଥିବା ନେଟ୍‌ଫ୍ଲିକ୍ସ, ଆମାଜନ ପ୍ରାଇମ୍ ଭିଡିଓ, ଜିଓ ସିନେମା, ସୋନି ଏଲ୍‌ଆଇଭି, ଏଏଲ୍‌ଟି ବାଲାଜି, ଭୁଟ୍ ଆଦି ପ୍ଲାଟଫର୍ମ ଏଣିକି ତମାଖୁ ନିରୋଧୀ ସଚେତନତା ବିଜ୍ଞାପନ ପ୍ରଦର୍ଶିତ କରିବାକୁ ବାଧ ହେବେ।

# ଆତିଶୀ ମାର୍ଲେନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୧।୯(ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀ ମାର୍ଲେନା ଶନିବାର ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଉପରାଜ୍ୟପାଳ ଭି.କେ. ସାକ୍ସେନା ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କ ସହ ୫ ଜଣ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଗୋପାଳ ରାୟ, କୈଳାସ ଗେହଲଟ, ସୌରଭ ଭରଦ୍ୱାଜ ଏବଂ ଇମ୍ରାନ୍ ହୁସେନ୍ ପୂର୍ବ ସରକାରରେ ମନ୍ତ୍ରୀ ଥିବାବେଳେ ମୁକେଶ ଅଲ୍‌ୱାତ୍ ନୂଆ ମୁହଁ।

ଆପ୍ ଆବାହକ ଅରବିନ୍ଦ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପାଇଁ ନିଷ୍ପତ୍ତି ନେବା ପରେ ଆତିଶୀଙ୍କୁ ବିଧାୟକ ଦଳ ନେତା ନିର୍ବାଚନ କରାଯାଇଥିଲା। ଶପଥ ଗ୍ରହଣ ଉତ୍ସବରେ କେଜ୍‌ରିୱାଲଙ୍କ ସମେତ ବରିଷ୍ଠ ଆପ୍ ନେତା ମନୀଷ ସିସୋଡିଆ ଉପସ୍ଥିତ ଥିଲେ। ଆତିଶୀ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ସ୍ୱାଧୀନ ଭାରତର ସେ ୧୭ତମ ମହିଳା ମୁଖ୍ୟମନ୍ତ୍ରୀ। ତେବେ ଆସନ୍ତାବର୍ଷ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଆତିଶୀ ସ୍ୱଳ୍ପ ସମୟ ପାଇଁ କ୍ଷମତାରେ ରହିବେ। ପ୍ରଥମ ଥର ବିଧାୟିକା ହୋଇଥିବା ଅକ୍ସଫୋର୍ଡ ଫେରନ୍ତା ଆତିଶୀ କେଜ୍‌ରିୱାଲଙ୍କ ସରକାରରେ ସର୍ବାଧିକ ୧୪ଟି ବିଭାଗର ମନ୍ତ୍ରୀ ରହିଥିଲେ।



ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି ଆପ୍ ନେତ୍ରୀ ଆତିଶୀ ମାର୍ଲେନା।

# Classified Everyday 0674-2580101, 2549949

# ମନେ ପଡ଼ନ୍ତି




### GROOM WANTED

42ବର୍ଷ, Govt. School Clark, ମହିଳା ପାଇଁ ବର ଆବଶ୍ୟକ। ଦରମା- 56,380/- (ବିଧବା, ଛାଡ଼ପତ୍ର, ଅବିବାହିତ, ଘରଜ୍ୱାଇଁ, ଅବସରପ୍ରାପ୍ତ, ସନ୍ତାନ ଥିବା ପୁଅ ପ୍ରାଥମିକତା)। 9109535676. D-1408



### REAL ESTATE
### SALE

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1405

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୫୭୮୫

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75786

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1406




**Vacant Land Ac. 0.250 decimal with boundary wall at Brahmanajharilo beside NH, near Xavier School, Nakhara, Cuttack. Contact- 9937591006, 9776681678.** D-75820

**Full boundarywall has been done on NH-42 near CDA, Cuttack, area of land-11Acres for lease. Contact- 9438298615.** D-71076

3BHK flat Main Road, Soubhagyanagar for Office, Family, Bachelors. 9000004523. D-1409




Newly open health benefits SPA special offer @ 799 Bapujinagar. 8018429809. D-76156

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Newly open health benefits SPA by expert therapist. Contact- 9938843929. D-76155

Newly open Jyoti SPA positively health benefits (Expert therapist). 8458067955. D-76157

### LOST

I, Orin Kumar Munda, S/o- Sudarsan Munda, R/o- At- Dhukupada, P.O.- Ainthapali, Dist.- Sambalpur, Odisha have lost the Migration Certificate and Conduct Certificate Vide Roll No.-12133901 and Registration No.- B120/53128/0077 issued by Vikash the Concept School, Sason, Sambalpur. While I am coming from Dhukupada to Ainthapali on dt. 18.09.24 and it is beyond recovery. D-1426

### AFFIDAVIT

By virtue of an affidavit before in the Executive Magistrate, Puri, I have changed my name from Bhakti Sambandha Suddhadwaity Maharaj to Bhakti Sambandha Suddhadwaity for all purposes. D-75608

By virtue of an affidavit sworn before the Executive Magistrate, Kalampur, Sl. No.-01 dated 19.09.2024, I, Jashoda Kara, W/o- Giridhari Tandi, R/o- Village- Balagaon, P.O.- Mandal, P.S.- Kalampur, Dist.- Kalahandi declare that my original name is Jashoda Kara which is recorded in my Educational Certificate and wrongly mentioned as Rasmita Kara in my Aadhaar Card. Now I have changed my name from Rasmita Kara to Jashoda Kara. Henceforth, I shall be known as Jashoda Kara for all future purposes. D-1424

I, Kuldeep Burma, S/o- Bedamati Barma (Mother) and Kandarparaj Burma (Father), R/o. At- Nuapada, Maneswar, Gulunda, P.S.- Dhama, Dist.- Sambalpur- 768005 (Odisha) declare by this affidavit No.-228 dated 20.09.2024, that now onwards I shall be known as Kuldeep Burma, S/o- Kandarpa Burma (Father) and Bedamati Burma (Mother) for all future purposes. D-1425

By virtue an affidavit No.- 8235, dtd. 11.09.2024, We Akhila Das & Anita Das, both husband and wife have changed our names from Akshaya Kumar Das & Rina Moharana to Akhila Das and Anita Das respectively. Henceforth we will be known as Akhila Das and Anita Das for all purposes in future. D-75454

MIRZASIKANDAR BAIG, aged about 42 years, Son of M Asdulla Baig, the permanent resident of At/P.O.- Jatabal, P.S.- Dabugaon in the District of Nabarangpur, State of Odisha affidavit No.- 6929, dated 20.09.2024 hereby intends to prove that, my father "M Asdulla Baig" & "Mirza Asdulla Baig" was one and same person. That now onwards as MIRZASIKANDAR BAIG for all future purpose. D-1410

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### LEGAL NOTICE

IN THE COURT OF THE CIVIL JUDGE (SENIOR DIVISION), BOUDH
Civil Suit No.- 125/2023
Santosh Mishra .....PLAINTIFF
VERSUS
Manoj Kumar Mishra .....DEFENDANT
(Notice U/O 5, Rule -20 C. P.C.)

To,
Manoj Kumar Mishra, Aged about 42 years, S/o- Late Tanujit Mishra, Village- Singari, P.O.- Bahira, P.S.- Baunsuni, Dist.-Boudh

Take notice that the aforesaid plaintiff has filed Civil Suit No. 125/2023 in the court of civil judge (Senior Division), Boudh against you and you are intentionally and deliberately avoiding to receive the notice, issued through Registered Post and process by this Hon'ble court and the aforesaid suit has been fixed for hearing on 08th day of October 2024 at 10.30. A.M. You are hereby directed to appear in the aforesaid suit either personally or through your pleader.

If no appearance is made on your behalf either by yourself or through your pleader or by someone by law authorised to act on your behalf in this suit, it will be heard and decided in accordance with law in your absence.

Given under my hand and seal of this court 18th day of September 2024.
Sd./- Civil Judge (S.D.) Boudh
D-1422

IN THE COURT OF THE CIVIL JUDGE (SENIOR DIVISION), JEYPORE.
INTEST CASE NO.2/2024.
BETWEEN:-
SMT. SAUDAMINI BARAL, aged about 55 years, W/o Rabi Narayan Baral, resident of Village: Jalbhar, PS: Jankia, District.- Khurda now residing at Ashok Nagar, Last Lane, PO/PS/District.- Koraput.
......PETITIONER.
VERSUS
1.SRI RAJESH KUMAR BARAL, aged about 28 years, S/o- Late Rabi Narayan Baral, resident of Village- Jalbhar, P.S- Jankia, District.- Khurda now residing at Ashok Nagar, Last Lane, P.O./P.S./ District.- Koraput.
2. SMT. BISWAJITA BARAL, aged about 30 years, D/o. Late Rabi Narayan Baral, W/o- Debasis Pradhan, residing at Ashok Nagar, Last Lane, P.O./P.S./ District.- Koraput.
....OPPOSITE PARTIES.

WHEREAS, the above named Petitioner has made application to this Court for issuance of succession certificate.

You the Opposite Parties, hereby warned to appear in this Court in person or by a pleader duly instructed on the day of 07th October 2024 at 10.00 AM 'O' clock, to show cause against the application. Failing where in the said application will be heard and determined ex-parte.

Given under my hand and seal of the Court this 18th day of September 2024.
Sd./-Civil Judge, Senior Division, Jeypore.18.09.2024
D-1423

ମୁଁ, ସରୋଜ କୁମାର ବେହେରା, ପିତା- ଶଙ୍କର ଚରଣ ବେହେରା (୮୨), ମାତା- ହେମଲତା ବେହେରା (୮୦), ଗ୍ରାମ- ଗଙ୍ଗାଧରପୁର, ପୋ- ଭିରଙ୍ଗ, ବ୍ଲକ୍- ଏରସମା, ଜିଲ୍ଲା- ଜଗତ୍‌ସିଂହପୁର। ମୋର ବାପା, ମା ଦୁଇଜଣଙ୍କର ବୟସ ମାତ୍ରାଧିକ ହେତୁ ମୋ ବାପାଙ୍କ ନାମରେ ଥିବା ସମ୍ପତ୍ତିକୁ କିଛି ଖଳ ପ୍ରକୃତିର ଲୋକ ଏହାର ଫାଇଦା ଉଠାଇ ନିଜ ନାମରେ କରାଇବାକୁ ଚାହୁଁଛନ୍ତି। ଏହାକୁ କୌଣସି ବ୍ୟକ୍ତି କ୍ରୟ ନ କରିବା ପାଇଁ ମୁଁ ଅନୁରୋଧ କରୁଛି। ନଚେତ୍ ଆଗାମୀ ଦିନରେ ଆପଣ ଆଇନ ଅନୁଯାୟୀ ଦଣ୍ଡିତ ହେବେ। କରିଥିବା ସମସ୍ତ ଡକ୍ୟୁମେଣ୍ଟ ରଦ୍ଦ କରାଯିବ। ଧ-୧୪୧୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ତନ୍ମୟ ମିଶ୍ର (ରିଣ୍ଟୁ)**
ଗ୍ରାମ- ମେଣ୍ଢାଶାଳ, ଖୋର୍ଦ୍ଧା
ଆବିର୍ଭାବ: ୧୩।୦୯।୧୯୯୦
ତିରୋଧାନ: ୧୨।୦୯।୨୦୨୪
ପ୍ରଭୁ ବାସୁଦେବ ତାଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ: ନନା, ବୋଉ, ପିଣ୍ଟୁ, ନାନୁ, ଜିତୁ, ରାଜା, ଗୁଡ୍ଡୁ, ଲଭ୍‌ଲି, ଗୁଗୁଲୁ, ବବ୍‌ଲି, ଲକି, ଚୁଲୁ, ଡୁଡ୍ଡୁ, ପାପାଲି, ବଡ଼ବୋଉ, ଆଉବୋଉ, ବଡ଼ନନା, ସମସ୍ତ ଭଉଣୀ, ଭିଣୋଇ, ଭାଉଜ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୩୪୮

### ଏକାଦଶାହ ଉପଲକ୍ଷେ



**୰ଉଷାରାଣୀ ମହାନ୍ତି**
ସ୍ୱା- ୰ପ୍ରଦୀପ ଚନ୍ଦ୍ର ମହାନ୍ତି
ଜଗନ୍ନାଥପୁର, କଲେଜ ଛକ, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୫୦
ତିରୋଧାନ: ୧୨।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ପରିବାରବର୍ଗ।
ଧ-୧୪୧୨

### Fourth Punya Tithi



**Late CA Jajati Keshari Patnaik**
Founder Global Institute of Management
1940-2020
You had touched countless lives in your lifetime and even now you live through your good deeds, we miss you always!
ଧ-୭୦୭୯୮

# ହାଇବ୍ରିଡ୍ ୱାର୍କ ଟ୍ରେଣ୍ଡ

କେବେ ଅଫ୍‌ଲାଇନ୍ ତ ପୁଣି କେବେ ଅନ୍‌ଲାଇନ୍‌ରେ ଅଫିସ୍ କାମ କରିବାର ସୁବିଧା ଏବେ ମିଳୁଛି ଅନେକ ଯୁବପିଢ଼ିଙ୍କୁ। ଏହି ନୂତନ କାର୍ଯ୍ୟଶୈଳୀକୁ କୁହାଯାଉଛି ହାଇବ୍ରିଡ୍ ୱାର୍କ କଲ୍‌ଚର। କରୋନା ମହାମାରୀ ଆସିବା ପରେ ବଢ଼ିଥିବା ଏହି ୱାର୍କ ଟ୍ରେଣ୍ଡ ଦ୍ୱାରା ଉଭୟ ସଂସ୍ଥା ସହ କମଚାରୀମାନେ ବି ଉପକୃତ ହେଉଛନ୍ତି...





ପୂର୍ବରୁ ନିହାତି ଜରୁରୀ ନ ଥିଲେ ଘରେ ରହି କାମ କରିବା ବା ୱାର୍କ ଫ୍ରମ୍ ହୋମ୍ ସୁବିଧା କୌଣସି କର୍ମଚାରୀଙ୍କୁ ମିଳୁ ନ ଥିଲା। ହେଲେ କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଅଧିକାଂଶ କାର୍ଯ୍ୟାଳୟ ପକ୍ଷରୁ ଏହି ସୁବିଧା ଦିଆଯାଇଥିଲା। ସେବେଠାରୁ ଏହା ଯେମିତି ଏକ ୱାର୍କ କଲ୍‌ଚର ବା ଧାରା ପାଲଟିଯାଇଛି। ଏବେବି କେତେକ ଅନୁଷ୍ଠାନ ପକ୍ଷରୁ କର୍ମଚାରୀଙ୍କୁ ସପ୍ତାହରେ ଦିନେ କିମ୍ବା ଦୁଇଦିନ ୱାର୍କ ଫ୍ରମ୍ ହୋମ୍ ସୁବିଧା ଦିଆଯାଉଛି। ତେବେ ଏହି କାର୍ଯ୍ୟଶୈଳୀ ପାଇଁ କିଭଳି ଉଭୟ ସଂସ୍ଥା ଏବଂ କର୍ମଚାରୀ ଉପକୃତ ହେଉଛନ୍ତି ଜାଣିବା ସେ ସମ୍ପର୍କରେ...

- ହାଇବ୍ରିଡ୍ ୱାର୍କ ସିଷ୍ଟମ୍‌ରେ ଏମ୍ପ୍ଲୟୀମାନଙ୍କୁ ସକାଳ ୯ରୁ ସଂଧ୍ୟା ୫ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଟାଇମ୍ ପିରିୟଡ୍ ଭିତରେ ଆବଦ୍ଧ ରହି କାମ ସାରିବାର ଟେନ୍‌ସନ୍ ରହୁନାହିଁ। ତେଣୁ ସେମାନେ ନିଜ ସୁବିଧା ଅନୁସାରେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ କରିପାରୁଛନ୍ତି। ଯେମିତିକି କେହି ସକାଳୁ ଅଧିକ କାମ କରିପାରୁଥିବା ବେଳେ କେହି ସଂଧ୍ୟା କିମ୍ବା ରାତିରେ କାମ କରିବାକୁ ଭଲପାଆନ୍ତି। ଖାଲି ଏତିକି ନୁହେଁ, କେବଳ ଅଫିସ୍ ଅବା ଘରେ ନୁହେଁ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଯାଇଥିଲେ କାମ ସାରି ସେଠାରେ ମଧ୍ୟ ଲଗ୍‌ଇନ୍ କରି କାମ କରିପାରୁଛନ୍ତି। ବିଶେଷକରି ସଫ୍ଟୱେର୍ ଭଳି କମ୍ପାନୀଗୁଡ଼ିକରେ ଏହି ସିଷ୍ଟମ୍ ଅଧିକ ପ୍ରଚଳିତ ହେଉଥିବାର ଦେଖିବାକୁ ମିଳୁଛି। ଏମ୍ପ୍ଲୟୀଙ୍କୁ ଏହି ସୁବିଧା ଦେବା ଫଳରେ ଅନୁଷ୍ଠାନ ମଧ୍ୟ ଅଳ୍ପ ସମୟରେ ଅଧିକ କାର୍ଯ୍ୟ ହାସଲ କରିପାରୁଛି।
- ପୂର୍ବରୁ ଅଫିସ୍‌ରେ ମିଟିଂ ହେଲେ ଗୋଟିଏ ସମୟରେ ସବୁ ଶିଫ୍ଟର ଏମ୍ପ୍ଲୟୀମାନଙ୍କ ଗହଳି ଜମୁଥିଲା। ବେଳେବେଳେ କୌଣସି ସମସ୍ୟାକୁ ନେଇ ଯୁକ୍ତିତର୍କ ହୋଇ ଅପ୍ରୀତିକର ପରିସ୍ଥିତି ବି ଉପୁଜୁଥିଲା। ହେଲେ ହାଇବ୍ରିଡ୍ ସିଷ୍ଟମ୍‌ରେ ଗୋଟିଏ ଶିଫ୍ଟର ଏମ୍ପ୍ଲୟୀ ମିଟିଂରେ ପ୍ରେଜେଣ୍ଟ ରହିଲେ ଅନ୍ୟମାନେ ଗୁଗୁଲ୍ ମିଟ୍, ଜୁମ୍ ଆଦିରେ ଅନ୍‌ଲାଇନ୍ ଜୋଡ଼ି ହୋଇ ପାରୁଛନ୍ତି, ଯଦ୍ଦ୍ୱାରା ବିନା ଗହଳିରେ ମଧ୍ୟ ସୁରୁଖୁରୁରେ ସମସ୍ତଙ୍କୁ ନେଇ ମିଟିଂ ହୋଇପାରୁଛି।
- ଏହି ଧାରା ପ୍ରଚଳନ ହେବା ପରଠାରୁ ଏମ୍ପ୍ଲୟୀମାନଙ୍କ କାର୍ଯ୍ୟଦକ୍ଷତା ସେମାନଙ୍କ ଅଫିସ୍‌ରେ ରହୁଥିବା ସମୟ ଆଧାରରେ କରାଯାଉ ନାହିଁ, ବରଂ କେତେ କମ୍ ସମୟରେ ସେମାନେ କେତେ ଅଧିକ କାମ କରିପାରୁଛନ୍ତି, ଅର୍ଥାତ୍ ସେମାନଙ୍କ ପ୍ରଡକ୍ଟିଭିଟି ଉପରେ ନିର୍ଭର କରୁଛି।
- ଏହା ଦ୍ୱାରା ପ୍ରତିଦିନ ଅଫିସ୍ ଯିବାଆସିବାରେ ହେଉଥିବା ଖର୍ଚ୍ଚ ମଧ୍ୟ କମିଯାଉଛି।
- ମାନସିକ ଚାପ ହ୍ରାସ ପାଉଛି। କାରଣ ପର୍ସନାଲ୍ ଏବଂ ପ୍ରଫେସନାଲ୍ ଲାଇଫ୍‌ରେ ବାଲାନ୍ସ ମେଣ୍ଟେନ୍ କରିହେଉଛି।
- ଗୋଟିଏ ଅଫିସ୍‌ରେ ଅଧିକରୁ ଅଧିକ ଟ୍ୟାଲେଣ୍ଟେଡ୍ କର୍ମଚାରୀଙ୍କୁ ରଖିବା ଲାଗି ହାଇବ୍ରିଡ୍ ୱାର୍କସିଷ୍ଟମ୍ ବେଶ୍ ଲାଭଦାୟକ ହୋଇପାରୁଛି। ଯେହେତୁ ଏଥିରେ ପ୍ରତିଦିନ ଏବଂ ନିର୍ଦ୍ଦିଷ୍ଟ ଟାଇମ୍‌ରେ ଅଫିସ୍ ଯିବାର ଟେନ୍‌ସନ୍ ନାହିଁ, ତେଣୁ ଦେଶ ବିଦେଶର ଅନେକ କର୍ମଚାରୀ ଅନ୍‌ଲାଇନ୍‌ରେ କାମ କରିବାର ସୁଯୋଗ ପାଉଛନ୍ତି ଏବଂ ଅନୁଷ୍ଠାନର ବି ଫାଇଦା ହେଉଛି।

## କ'ଣ କୁହନ୍ତି ଏମାନେ...



**ବାବାମଣି ବିଶ୍ୱଜିତ୍** ( ସଫ୍ଟୱେର୍ ଇଞ୍ଜିନିୟର, ଭୁବନେଶ୍ୱର)– ହାଇବ୍ରିଡ୍ ୱାର୍କ ସିଷ୍ଟମ୍ ଖୁବ୍ ଭଲ। ନିଜ କଥା କହିବି, ଏହାଦ୍ୱାରା ମୁଁ ବହୁତ ଉପକୃତ ହୋଇପାରୁଛି। ଘରେ କିମ୍ବା କେଉଁଠି କୌଣସି ଜରୁରୀ କାର୍ଯ୍ୟଥିଲେ ଅଫିସ୍ ନ ଯାଇ ମଧ୍ୟ ଠିକ୍ ସମୟରେ କାମ ସାରି ହେଉଛି। ସବୁଠୁ ବଡ କଥା ହେଉଛି ପ୍ରତିଦିନ ସକାଳୁ ଉଠି ତରତର ହୋଇ ଅଫିସ୍ ଯିବା, କେବେ ଟ୍ରାଫିକ୍ ଜାମ୍ ତ କେବେ ବର୍ଷା ପାଇଁ ପହଞ୍ଚିବା ବିଳମ୍ବ ହେଉଥିଲା। ହେଲେ ଏଥିରେ ଏହି ସବୁ ଅସୁବିଧା ନାହିଁ ବରଂ ଯିବା ଆସିବାରେ ବାବଦକୁ ହେଉଥିବା ଖର୍ଚ୍ଚ ମଧ୍ୟ କମିଯାଉଛି।



**ସାରଦା ପ୍ରସନ୍ନ ସେନାପତି**( ମାର୍କେଟିଂ୍ ଏକ୍‌ଜିକ୍ୟୁଟିଭ୍, ଭୁବନେଶ୍ୱର)– କାମ କରିବାରେ ଫ୍ଲେକ୍ସିବିଲିଟି ରହିଲେ କାହାକୁ ବା ଭଲ ନ ଲାଗେ, ସେ ଦୃଷ୍ଟିରୁ ହାଇବ୍ରିଡ୍ ୱାର୍କ ନିଶ୍ଚିତ ଭାବେ ଭଲ। ହେଲେ ଆମ ଭଳି ମାର୍କେଟିଂ ଜବ୍‌ରେ ରେଗୁଲାର କ୍ଲାଏଣ୍ଟଙ୍କ ପାଖକୁ ଯିବାକୁ ପଡିଥାଏ। ହେଲେ ଯଦି କେବଳ ନୂଆ କ୍ଲାଏଣ୍ଟଙ୍କ ପାଖକୁ ଯାଇ ପୁରୁଣା କ୍ଲାଏଣ୍ଟଙ୍କ ପାଖକୁ ଯିବା ବଦଳରେ ଅନ୍‌ଲାଇନ୍‌ରେ କାମ ହେଇପାରନ୍ତା ତେବେ ଭଲ ହୁଅନ୍ତା।ଏହାଦ୍ୱାରା ଯିବା ଆସିବା ସମୟ କମିଯାଆନ୍ତା ଏବଂ ଅଳ୍ପ ସମୟରେ ଅଧିକ କାମ କରିହୁଅନ୍ତା। ତା'ଛଡା ଶାରୀରିକ ପରିଶ୍ରମ ବି କମ୍ ହୁଅନ୍ତା। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ହାଇବ୍ରିଡ୍ ୱାର୍କ ସିଷ୍ଟମ୍ ରହିଲେ ଏମ୍ପ୍ଲୟୀ ବେଶୀ ଉପକୃତ ହୋଇପାରିବେ।







## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ .............. ରାଜ୍ୟ ସରକାରଙ୍କ ପକ୍ଷରୁ ସେପ୍ଟେମ୍ବର ୧୭ ତାରିଖକୁ ପ୍ରଜା ପାଳନ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଛି ?
୨– ୱାର୍ଲ୍ଡ ଓଜନ୍ ଡେ'– ୨୦୨୪ର ଥିମ୍ ............... ?
୩– ଷ୍ଟଡି ଅଫ୍ ଫଙ୍ଗସ୍‌କୁ ............ କୁହାଯାଏ ?
୪– ସରସ୍ୱତୀ ସମ୍ମାନ–୨୦୨୨ ପାଇଥିବା ଶିବଶଙ୍କରି ............ ଭାଷାର ଲେଖିକା ?
୫– ଗ୍ରାମୀ ପୁରସ୍କାର ପାଇଁ ମନୋନୀତ ଆବୁଡାନ୍ସ ଇନ୍ ମିଲେଟ୍ସ ଗୀତର ସିଙ୍ଗର୍ ......... ?

## ଗତ ଥରର ଉତ୍ତର

୧ ଡିଆର୍‌ଡିଓ
୨ ନୂଆଦିଲ୍ଲୀ
୩ ଗୁଜରାଟ
୪ ମହାରାଷ୍ଟ୍ର
୫ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ

## ଉତ୍ତରଦାତା



ମାନସ କୁମାର କର, କୋଣାର୍କ



ପ୍ରଦୀପ କୁମାର ରାଉତ, ଭୁବନେଶ୍ୱର



ଭବାନୀ ଶଙ୍କର ପ୍ରଧାନ, ମଣିତରା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଜଙ୍ଗଲ

| | | |
|---|---|---|
| ୧– | ଆମାଜନ୍ ରେନ୍‌ଫରେଷ୍ଟ | ୫,୫୦୦,୦୦୦ ବର୍ଗ କିମି. |
| ୨– | ଦି କଙ୍ଗୋ ରେନ୍‌ଫରେଷ୍ଟ | ୨,୦୦୦,୦୦୦ ବର୍ଗ କିମି. |
| ୩– | ଭାଲ୍ଡିଭିଆନ୍ ରେନ୍‌ଫରେଷ୍ଟ | ୨୪୮,୧୦୦ ବର୍ଗ କିମି. |
| ୪– | ଟାଇଗା/ବୋରିଏଲ୍ ଫରେଷ୍ଟ | ୧୭,୦୦୦, ୦୦୦ ବର୍ଗ କିମି. |
| ୫– | ଟ୍ରପିକାଲ୍ ଆଣ୍ଡେସ୍ | ୧,୮୦୦,୦୦୦ ବର୍ଗ କିମି. |
| ୬– | ସୁନ୍ଦରବନ | ୧୦,୦୦୦ ବର୍ଗ କିମି. |
| ୭– | ସାଇବେରିଆନ୍ ଟାଇଗା | ୧,୦୦୦,୦୦୦ ବର୍ଗ କିମି. |
| ୮– | ଆଟ୍‌ଲାଣ୍ଟିକ ଫରେଷ୍ଟ | ୧,୫୦୦,୦୦୦୦ ବର୍ଗ କିମି. |
| ୯– | ଡେନ୍‌ଟ୍ରି ରେନ୍‌ଫରେଷ୍ଟ | ୧,୨୦୦,୦୦୦ ବର୍ଗ କିମି. |
| ୧୦– | ଗ୍ରେଟ୍ ବିଅର ରେନ୍‌ଫରେଷ୍ଟ | ୬୪,୦୦୦ ବର୍ଗ କିମି. |

## ଯୁବ ପ୍ରତିଭା

# ନିରାଶ୍ରୟଙ୍କ ସାଥୀ ନୀହାରିକା



ନୀହାରିକା

ଅନ୍ୟର ସେବା ତାଙ୍କୁ ଆନନ୍ଦ ଦିଏ। ଅସହାୟ ଲୋକଙ୍କ ମୁଖରେ ଟିକିଏ ହସ ଦେଖିଲେ ସେ ଖୁସି ହୁଅନ୍ତି। ଏହି ସେବାକାର୍ଯ୍ୟକୁ ନିଜ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାସୁଦେଇପୁର ଗ୍ରାମର ସଂଯୁକ୍ତା ଏବଂ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସାନ ଝିଅ ନୀହାରିକା। ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ଜଣେ ଯୁବ ସାମାଜିକ କର୍ମୀ ଭାବେ ସେ ବେଶ୍ ଜଣାଶୁଣା।

ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ ସମୟରେ ପରିବେଶ ସୁରକ୍ଷା, ସମାଜସେବା, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ, ବୃକ୍ଷରୋପଣ ପ୍ରତି ତାଙ୍କର ବିଶେଷ ଆଗ୍ରହ ବଢ଼ିଥିଲା। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ହୋଇ ସେବାମୂଳକ କାର୍ଯ୍ୟକ୍ରମରେ ଯୋଗଦାନ କରି ଜଣେ ଯୁବ ସାମାଜିକ କର୍ମୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ସଫଳ କ୍ରୀଡ଼ାବିତ୍ ମଧ୍ୟ। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସେ ପୁରୀ ଜିଲା ତରଫରୁ ଆନ୍ତଃ ରାଜ୍ୟ କ୍ରୀଡ଼ାରେ ଅଂଶ ଗ୍ରହଣ କରି ଅନେକ ପଦକ ହାସଲ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଜଣେ ସଫଳ କଳାକାର ଭାବେ ନିଖୁଣ ଅଭିନୟ ପାଇଁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

ବର୍ତ୍ତମାନ ପୁରୀର ଅଗ୍ରଣୀ ସାମାଜିକ ସଙ୍ଗଠନ 'ଉର୍ଜାବାନ ଓଡ଼ିଶା'ର ସଂପାଦିକା ଅଛନ୍ତି ନୀହାରିକା। ଅନୁଷ୍ଠାନ ମାଧ୍ୟମରେ ବେଳାଭୂମି ସଫେଇ, ସ୍ୱଚ୍ଛତା ଅଭିଯାନ, ପୂଜ୍ୟପୂଜା ଆଦି କ୍ଷେତ୍ରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେହିପରି ଅସହାୟ ପିଲାମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବା, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ସ୍କୁଲକୁ ଆଣିବା, ପାଠ୍ୟ ସାମଗ୍ରୀ ଯୋଗାଇଦେବା କ୍ଷେତ୍ରରେ ତାଙ୍କ କାର୍ଯ୍ୟକୁ ଜନସାଧାରଣଙ୍କ ପାଖରୁ ଭୂୟସୀ ପ୍ରଶଂସା ମିଳିଛି। ପିଲାଙ୍କୁ ନେଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ, ବିଭିନ୍ନ ଐତିହ୍ୟ ସ୍ଥାନ ପରିଦର୍ଶନ କରାଇବା ସହ ପାଠ ପଢ଼ି ନିଜ କ୍ୟାରିୟର ଗଢ଼ିବା ପାଇଁ ସେ ପ୍ରେରଣା ଦେଉଛନ୍ତି। ଏତିକିରେ ସରିନି ତାଙ୍କ କାର୍ଯ୍ୟ। ବିଭିନ୍ନ କାର୍ଯ୍ୟକ୍ରମ, ଭୋଜିଭାତରେ ବଳି ଯାଉଥିବା ଖାଦ୍ୟ ସଂଗ୍ରହ କରି ଅସହାୟ ଲୋକଙ୍କୁ ବିତରଣ କରୁଛନ୍ତି। ରକ୍ତ ଅଭାବରୁ ଯେପରି କେହି ମୃତ୍ୟୁବରଣ ନ କରନ୍ତି, ସେଥିପାଇଁ ନିଜ ଅନୁଷ୍ଠାନ ମାଧ୍ୟମରେ ରକ୍ତଦାନ ଶିବିର ଆୟୋଜନ ସହ ଅନେକଥର ନିଜେ ରକ୍ତଦାନ କରି ପ୍ରଶଂସିତ ହୋଇଛନ୍ତି। ଜଣେ ସଚେତନ ନାଗରିକ ଭାବେ ସୋସିଆଲ ମିଡିଆ ଜରିଆରେ ଲୋକଙ୍କ ବିଭିନ୍ନ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ସହ ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସେହିପରି ଗତ କିଛିବର୍ଷ ହେବ ଘୋଷଯାତ୍ରାରେ ନିଜ ଅନୁଷ୍ଠାନର ଯୁବ ସାଥୀମାନଙ୍କୁ ଏକତ୍ରିତ କରି ଗରମରେ ଭକ୍ତଙ୍କ ଉପରେ ଜଳସିଞ୍ଚନ, ଶୁଖିଲା ଖାଦ୍ୟ, ପାଣି ଓ ସରବତ ବଣ୍ଟନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଏଭଳି ସମାଜଧର୍ମୀ କାର୍ଯ୍ୟ ଲାଗି ନୀହାରିକା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି।

– ପ୍ରଭାତ ପାଣିଗ୍ରାହୀ

## ଜାଣନ୍ତୁ ଦୁନିଆ

# ଜେଲିଫିଶ୍

ସୁନ୍ଦର ସାମୁଦ୍ରିକ ଜୀବ କଥା କହିଲେ ଜେଲିଫିଶ୍‌ର ନାମ ମଧ୍ୟ ଲିଷ୍ଟରେ ଆସିଥାଏ। ଦେଖିବାକୁ ଯେତିକି ଆକର୍ଷଣୀୟ, ଏହା ସମ୍ପର୍କରେ ସେହିଭଳି ଅନେକ ରୋଚକ ତଥ୍ୟ ମଧ୍ୟ ରହିଛି। ଜାଣିବା ସେ ସମ୍ପର୍କରେ...

- କୁହାଯାଏ ଜେଲିଫିସ୍ ହେଉଛି ପୃଥିବୀର ସର୍ବପୁରାତନ ବହୁଅଙ୍ଗବିଶିଷ୍ଟ ପ୍ରାଣୀ, ଯାହାକି ଡାଇନୋସର୍ ପୂର୍ବରୁ ଅର୍ଥାତ୍ ୬୦୦ ମିଲିଅନ୍ ବର୍ଷ ପୂର୍ବରୁ ଅଛନ୍ତି।
- ଏହାର ନା ମସ୍ତିଷ୍କ ଅଛି ନା ରହିଛି ରକ୍ତ ଏବଂ ହାଡ଼। ସେମାନଙ୍କ ଶରୀରରେ ଥିବା ଏଲିମେଣ୍ଟାରି ନର୍ଭସ୍ ସିଷ୍ଟମ୍ ଏହାକୁ ଲାଇଟ୍ ଦେଖିବା, ବିଭିନ୍ନ ଭାଇବ୍ରେଶନ୍ ସହ ପାଣିରେ ଥିବା କେମିକାଲ୍ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ।
- ଜେଲିଫିଶ୍ ଆର୍କ୍ଟିକ୍ ସାଗରର ବରଫ ପାଣିରୁ ଆରମ୍ଭ କରି ଟ୍ରପିକାଲ୍ ଓସେନ୍ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଥିବା ସମସ୍ତ ମହାସାଗର, ସାଗରରେ ଦେଖିବାକୁ ମିଳନ୍ତି।
- ଆଶ୍ଚର୍ଯ୍ୟର କଥା ହେଉଛି, କେତେକ ଜେଲିଫିଶ୍ ଆଦୌ ମରନ୍ତି ନାହିଁ।
- ସାଧାରଣତଃ ଜେଲିଫିଶ୍‌ର କଥା ଆସିଲେ ଏହାର ଟେଣ୍ଟାକଲ୍ସ(କଣ୍ଟା)ର ଛବି ମନକୁ ଆସିଯାଏ। ହେଲେ ଜାଣନ୍ତିକି, ଏମିତି ବି କେତେକ ପ୍ରଜାତିର ଜେଲିଫିଶ୍ ଅଛନ୍ତି, ଯାହା ଦେହରେ ଟେଣ୍ଟାକଲ୍ସ ନ ଥାଏ।
- ସେହିପରି ଏକ ବଡ଼ ପ୍ରଜାତିର ଜେଲିଫିଶ୍ ରହିଛି, ଯାହା ଦେହରେ ଅନେକ କେଶ ସଦୃଶ ରହିଥିବା ଦେଖିବାକୁ ମିଳେ। ଯେଉଁଥିପାଇଁ ଏହାକୁ ହେୟାରି ଜେଲିଫିଶ୍ ମଧ୍ୟ କୁହାଯାଏ। ୧୮୭୦ ମସିହାରେ ମାସାଚ୍ୟୁସେଟ୍ ସମୁଦ୍ରକୂଳରେ ଏଭଳି ଏକ ଜେଲିଫିଶ୍ ମିଳିଥିଲା, ଯାହାର ବ୍ୟାସ ୭.୬ ଫୁଟ୍ ହୋଇଥିବା ବେଳେ ଏହାର ଟେଣ୍ଟାକଲଗୁଡ଼ିକର ଲମ୍ବା ୧୨୧.୪ ଫୁଟ୍ ରହିଥିଲା। ଏହା ଏକ ନୀଳ ତିମିଠାରୁ ମଧ୍ୟ ଲମ୍ବା ଥିଲା।
- ଅଷ୍ଟ୍ରେଲିଆନ୍ ବକ୍ସ ଜେଲିଫିଶ୍‌କୁ ପୃଥିବୀର ସବୁଠୁ ବିଷାକ୍ତ ସାମୁଦ୍ରିକ ଜୀବ ବୋଲି କୁହାଯାଏ। କାରଣ ଏହା ଦଂଶିବାର ମାତ୍ର କିଛି କ୍ଷଣ ମଧ୍ୟରେ ମଣିଷଠାରେ ପାରାଲିସିସ୍, ହାର୍ଟ ଆଟାକ୍ ଭଳି ଲକ୍ଷଣ ଦେଖାଯିବା ସହ ମୃତ୍ୟୁ ବି ଘଟିଥାଏ।
- କେତେକ ଜେଲିଫିଶ୍ ଦେହରେ ବାୟୋଲୁମିନିସେଣ୍ଟ ରହିଛି, ଯେଉଁଥିପାଇଁ ତା' ଦେହରୁ ରାତିରେ ଗ୍ରୀନ୍ କିମ୍ବା ବ୍ଲୁ ଲାଇଟ୍ ବାହାରିଥାଏ। ଫଳରେ ସମୁଦ୍ରରେ ଲାଇଟ୍ ଜଳିବାର ଭ୍ରମ ସୃଷ୍ଟି କରିଥାଏ।





ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୨ ସେପ୍ଟେମ୍ବର, ୨୦୨୪ Bhubaneswar, Sunday, 22 September, 2024

# ୫୧୫ ରନ୍‌ର ଟାର୍ଗେଟ୍ ଦେଲା ଭାରତ

**ଚେନ୍ନାଇ,୨୧।୯(ପି.ଟି.)**

ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବାଂଲାଦେଶ ସମ୍ମୁଖରେ ୫୧୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଭାରତ। ଦଳ ପକ୍ଷରୁ ଶୁବମାନ ଗିଲ୍ ଓ ରିଷଭ ପନ୍ତ ଶତକ ହାସଲ କରିଛନ୍ତି। ଜବାବରେ

## ପ୍ରଥମ ଟେଷ୍ଟ
## ପନ୍ତ, ଗିଲ୍‌ଙ୍କ ଶତକ

ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୪ ଉଇକେଟ ହରାଇ ୧୫୮ ରନ୍ କରିଛି। ଟେଷ୍ଟର ଆହୁରି ୨ ଦିନ ବାକି ଥିବା ବେଳେ ବାଂଲାଦେଶକୁ ୩୫୭ ରନ୍ ଓ ଭାରତକୁ ୬ ଉଇକେଟ ଆବଶ୍ୟକ।

ତୃତୀୟ ଦିନର ଅସମାପ୍ତ ସ୍କୋର ୮୧/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦୁଇ ଅପରାଜିତ ବ୍ୟାଟର ରିଷଭ ପନ୍ତ ଓ ଶୁବମାନ ଗିଲ୍ ଦଳୀୟ ସ୍କୋରକୁ ଆଗେଇନେବା ସହ ବ୍ୟକ୍ତିଗତ ଶତକ ପୂରଣ କରିଥିଲେ। ଗିଲ୍ ଭାରତୀୟ ଇନିଂସର ଟପ୍ ସ୍କୋରର ରହିବା ସହ ୧୧୯ ରନ୍ କରି ଅପରାଜିତ ରହିଥିଲେ। ଗିଲ୍ ୧୭୬ ବଲ୍ ଖେଳି ୧୦ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ ରିଷଭ ପନ୍ତ ଆକ୍ରମଣାତ୍ମକ ବ୍ୟାଟିଂ କରି ୧୨୮ ବଲ୍ ଖେଳି ୧୦୯ ରନ୍ ସ୍କୋର କରିଥିଲେ। ଏହି ଇନିଂସ ମଧ୍ୟରେ ୧୩ ଚୌକା ଓ ୪ ଛକା ସାମିଲ ଥିଲା। ମେହିଦୀ ହସନ ମିରାଜଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ପନ୍ତ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ଗିଲ୍‌ଙ୍କ ସହ ସେ ଚତୁର୍ଥ ଉଇକେଟରେ ୧୬୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ପରେ ଲୋକେଶ ରାହୁଲ କ୍ରିଜରେ ଯୋଗ ଦେଇଥିଲେ। ୧୯ ବଲ୍‌ରୁ ୪ ଚୌକା ସହ ୨୨ ରନ୍ କରିଥିବା ରାହୁଲଙ୍କ ସହ ଗିଲ୍ ପଞ୍ଚମ ଉଇକେଟରେ ୫୩ ରନ୍ ଯୋଡିବା ପରେ ଦଳୀୟ ସ୍କୋର ୨୮୭/୪ରେ ଭାରତ ଇନିଂସ ଘୋଷଣା କରିଥିଲା। ବାଂଲାଦେଶ ପକ୍ଷରୁ ମେହିଦୀ ହସନ ମିରାଜ ୨, ନାହିଦ ରାଣା ଓ ଟାସ୍କିନ ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୫୧୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ବାଂଲାଦେଶର ଆରମ୍ଭ ସକାରାତ୍ମକ ରହିଥିଲା। ଦୁଇ ଓପନର ଜାକିର ହସନ(୩୩) ଓ ଶଦମାନ ଇସଲାମ(୩୫) ପ୍ରଥମ ଉଇକେଟରେ ୬୨ ରନ୍ ଯୋଡିଥିଲେ। ଜାକିରଙ୍କୁ ଆଉଟ କରି ଯଶପ୍ରୀତ୍ ବୁମ୍‌ରା ଏହି ଯୋଡି ଭାଙ୍ଗିଥିଲେ। ପରେ ରବିଚନ୍ଦ୍ରନ ଅଶ୍ୱିନ ୩ ଉଇକେଟ ନେବାରୁ ବାଂଲାଦେଶ ୧୫୮ ରନ୍‌ରେ ୪ ଉଇକେଟ ହରାଇଛି। ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ବେଳକୁ ଅଧିନାୟକ ନଜମୋଲ ହୋସେନ ଶନ୍ତୋ ୫୧ ଓ ଶାକିବ ଅଲ ହସନ ୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ଅଶ୍ୱିନ ୩ ଓ ବୁମ୍‌ରା ୧ ଉଇକେଟ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତ ପ୍ରଥମ ଇନିଂସରେ ୩୭୬ ରନ ସ୍କୋର କରିଥିବା ବେଳେ ବାଂଲାଦେଶ ୧୪୯ ରନ୍‌ରେ ଅଲଆଉଟ ହୋଇଥିଲା।


ଶତକ ହାସଲ ପରେ ରିଷଭ ପନ୍ତ ଓ ଶୁଭମନ ଗିଲ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୭୬/୧୦।

ବାଂଲାଦେଶ ପ୍ରଥମ ଇନିଂସ: ୧୪୯/୧୦।

ଭାରତ ଦ୍ୱିତୀୟ ଇନିଂସ ୬୪ ଓଭରରେ ୨୮୭/୪(ଘୋଷଣା): (ଶୁବମାନ ଗିଲ୍–୧୧୯*, ରିଷଭ ପନ୍ତ–୧୦୯, ଲୋକେଶ ରାହୁଲ–୨୨*, ମେହିଦୀ ହସନ ମିରାଜ–୨/୧୦୩, ନାହିଦ ରାଣା–୧/୨୧, ଟାସ୍କିନ୍ ଅହମଦ–୧/୨୨)।

ବାଂଲାଦେଶ ଦ୍ୱିତୀୟ ଇନିଂସ ୩୭.୨ ଓଭରରେ ୧୫୮/୪(ନଜମୋଲ ହୋସେନ ଶନ୍ତୋ–୫୧, ଜାକିର ହସନ–୩୩, ଶଦମାନ ଇସଲାମ–୩୫, ଆର. ଅଶ୍ୱିନ–୩/୬୩, ଯଶପ୍ରୀତ୍ ବୁମ୍‌ରା–୧/୧୮)।

# କ୍ୟାପିଟାଲ୍ସର ସଂଘର୍ଷପୂର୍ଣ୍ଣ ବିଜୟ

**ଜୟପୁର,୨୧।୯**

ରାଜସ୍ଥାନର ଯୋଧପୁରରେ ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ତୋୟାମ ହାଇଦ୍ରାବାଦକୁ ୧ ରନ୍‌ରେ ହରାଇ ଇଣ୍ଡିଆ କ୍ୟାପିଟାଲ୍ସ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଯୋଧପୁରର

## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

ବର୍କତଉଲା ଖାଁ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କ୍ୟାପିଟାଲ୍ସ ୬ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଜବାବରେ ସମାନ ଓଭରରେ ହାଇଦ୍ରାବାଦ ୭ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଅନ୍ତିମ ଓଭରରେ ୧୮ ରନ୍ ଆବଶ୍ୟକ ଥିବା ବେଳେ ପିଟର ଟ୍ରେଗୋ ୧୬ ରନ୍ କରିଥିଲେ। ଅନ୍ତିମ ବଲରେ ୪ ରନ୍ ଆବଶ୍ୟକ ଥିବା ବେଳେ ଟ୍ରେଗୋ ୨ ରନ୍ କରି ଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ବେନ୍ ଡଙ୍କ୍ ସର୍ବାଧିକ ୬୦ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆସ୍‌ଲେ ନର୍ସ ୩୦ ଓ କଲିନ୍ ଡି ଗ୍ରାଣ୍ଡହୋମ୍ ଅପରାଜିତ ୩୧ ରନ୍ କରିଥିଲେ। ଡଙ୍କ ୩୫ ବଲ୍ ଖେଳି ୪ ଚୌକା ଓ ୩ ଛକା ମାରିଥିଲେ। ଆସ୍‌ଲେ ନର୍ସ ୧୯ ବଲ୍ ଖେଳି ଦୁଇଟି ଲେଖାଏ ଛକା ଓ ଚୌକା ମାରିଥିବା ବେଳେ ଶେଷଭାବରେ ଡି ଗ୍ରାଣ୍ଡହୋମ ବିସ୍ଫୋରକ ୩୧ ରନ୍ କରିଥିଲେ। ୧୨ ବଲ୍‌ର ଏହି ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିଲା। ହାଇଦ୍ରାବାଦ ପକ୍ଷରୁ ଶିନାଉଲ୍ଲା ଶିନୱାରି ୨, ନୁଆନ୍ ପ୍ରଦୀପ, ଷ୍ଟୁଆର୍ଟ ବିନ୍ନି ଓ ବିପୁଲ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୬ ରନ୍ ଜବାବରେ ହାଇଦ୍ରାବାଦ ପ୍ରଥମ ୬ ଓଭରରେ ୨ ଉଇକେଟ ହରାଇ ୫୬ ରନ୍ କରିଥିଲା। ଓପନରର ଜର୍ଜ ୱାକର ସର୍ବାଧିକ ୫୨ ରନ୍ କରିଥିଲେ। ଗୁରକୀରଟ ସିଂ ମାନ ୨୮ ରନ୍ କରିଥିବା ବେଳେ ହାଇଦ୍ରାବାଦ ୧୦୩/୨ ରହିଥିଲା। ତେବେ ମଧ୍ୟକ୍ରମ ବ୍ୟାଟିଂ ବିପର୍ଯ୍ୟୟ କାରଣରୁ ୩୫ ରନ୍‌ରେ ପରବର୍ତ୍ତୀ ୪ ଉଇକେଟ ହରାଇଥିଲା ହାଇଦ୍ରାବାଦ। ତେବେ ଶେଷ ଭାଗରେ ପିଟର ଟ୍ରେଗୋ ଦ୍ରୁତ ୩୮ ରନ୍ କରି ବିଜୟର ଆଶା ସଞ୍ଚାର କରିଥିଲେ। ୧୮ ବଲ୍ ଖେଳି ଟ୍ରେଗୋ ୧ ଚୌକା ଓ ୩ ଛକା ମାରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଧୱଲ କୁଲକର୍ଣ୍ଣୀ ଓ ରାହୁଲ ଶର୍ମା ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ପୱନ ସୂୟଲ ଓ କ୍ରିସ୍ ମୋଫୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବେନ୍ ଡଙ୍କଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଶୁଇପ୍ ଶର୍ଟ ଖେଳୁଛନ୍ତି ବେନ୍ ଡଙ୍କ୍।

### ସଂକ୍ଷିପ୍ତ ସ୍କୋର

ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୧୮୫/୬(ବେନ୍ ଡଙ୍କ୍–୬୦, ଆସ୍‌ଲେ ନର୍ସ–୩୦, କଲିନ୍ ଡି ଗ୍ରାଣ୍ଡହୋମ୍–୩୧*, ଶିନାଉଲ୍ଲା ଶିନୱାରି–୨/୨୭, ଷ୍ଟୁଆର୍ଟ ବିନ୍ନି–୧/୨୧, ବିପୁଲ ଶର୍ମା–୧/୨୧)। ତୋୟାମ ହାଇଦ୍ରାବାଦ ୨୦ ଓଭରରେ ୧୮୪/୭(ଜର୍ଜ ୱାର୍କର–୫୨, ପିଟର ଟ୍ରେଗୋ–୩୮*, ଗୁରକୀରଟ ସିଂ ମାନ୍–୨୮, ରାହୁଲ ଶର୍ମା–୨/୨୧, ଧୱଲ କୁଲକର୍ଣ୍ଣୀ–୨/୪୩, ପୱନ ସୂୟଲ–୧/୩୭)।




# ଭାରତକୁ ଜିତାଇଲେ କାର୍ତ୍ତିକେୟ, ଅମନ

**ପୁଡୁଚେରୀ, ୨୧।୯ (ପି.ଟି.)**

ଏଠାରେ ଶନିବାର ଅନୁଷ୍ଠିତ ପ୍ରଥମ ଯୁବ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତର ୧୯ ବର୍ଷରୁ କମ୍ ଦଳ ୭ ଉଇକେଟରେ ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ଡାହାଣହାତୀ ବ୍ୟାଟର କେପି କାର୍ତ୍ତିକେୟଙ୍କ ଆକର୍ଷଣୀୟ ୮୫ ରନ ଏବଂ ଅଧିନାୟକ ମହମ୍ମଦଙ୍କ ଅର୍ଦ୍ଧଶତକ ଯୋଗୁ ଘରୋଇ ଦଳ ସହଜ ବିଜୟ ହାସଲ କରିଥିଲା। ଏହି ମ୍ୟାଚରେ କିମ୍ବଦନ୍ତୀ ରାହୁଲ ଦ୍ରାଭିଡଙ୍କ ବଡ଼ ପୁଅ ସମିତ ଦଳରେ ସ୍ଥାନ ପାଇ ନ ଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୯.୪ ଓଭରରେ ୧୮୪ ରନ ସ୍କୋର କରିଥିଲା। ଭାରତର ଡାହାଣହାତୀ ଲେଗ୍–ବ୍ରେକ୍ ବୋଲର ମହମ୍ମଦ ଇନାନ ତାଙ୍କ ୧୦ ଓଭର ବୋଲିଂରେ ୩୨ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଷ୍ଟିଭ ହୋଗାନ ୪୨ ଓ ରିଲି କିଙ୍ଗସେଲ ୩୬ ରନ ଭଲ ଆରମ୍ଭ କରିଥିଲେ ହେଁ ବଡ଼ ସ୍କୋର ଛିଡ଼ା କରିବାରେ ବିଫଳ ହୋଇଥିଲେ। ମିଡଲ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ୧୦ ନମ୍ବର ସ୍ଥାନରେ ଆସିଥିବା ଥୋମାସ ବ୍ରାଉନ୍ ୨୯ ରନ କରିବା ଦ୍ୱାରା ଭ୍ରମଣକାରୀ ଦଳ ୧୮୦ ଅଙ୍କ ଅତିକ୍ରମ କରିଥିଲା। ଭାରତୀୟ ଇନିଂସରେ କାର୍ତ୍ତିକେୟ ତୁଳନାତ୍ମକ ଭାବେ ଅଧିକ ଆକ୍ରମଣାତ୍ମକ ଖେଳିଥିଲେ। ସେ ତାଙ୍କ ୯୯ ବଲ୍ ଇନିଂସରେ ୯ ଚୌକା ଓ ଦୁଇ ଛକା ଲଗାଇଥିଲେ। ଅନ୍ୟପକ୍ଷରେ ଅମନ ତାଙ୍କ ଇନିଂସରେ ୫ ଚୌକା ଲଗାଇଥିଲେ।

## ନୋରିସଙ୍କୁ ପୋଲ୍ ପୋଜିଶନ

**ସିଙ୍ଗାପୁର,୨୧।୯**

ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ୦.୨୦୩ ସେକେଣ୍ଡ ଟାଇମିଂରେ ପଛରେ ପକାଇ ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ସିଙ୍ଗାପୁର ଫର୍ମୁଲା ୱାନ ମୋଟର ରେସ୍ ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ମର୍ସିଡିଜର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଜର୍ଜ ରସେଲ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ନିକୋ ହକେନବର୍ଗ (ହାସ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ୟୁକି ଟିସୁନୋଦା (ଆର୍‌ବି) ଏବଂ ଫେରାରିର ଦୁଇ ଡ୍ରାଇଭର ଚାର୍ଲ୍ସ ଲେକରେକ୍ ଓ କାର୍ଲୋସ ସେଞ୍ଜ। ରବିବାର ରେସ୍‌କୁ ମିଶାଇ ଚଳିତ ସିଜନରେ ଆଉ ୭ ରାଉଣ୍ଡ ରେସ୍ ବାକି ରହିଛି।

# ପ୍ଲେୟର ଅଫ୍ ଦ ଇୟର ଦୌଡ଼ରେ ହରମନ୍‌ପ୍ରୀତ୍



**ନୂଆଦିଲ୍ଲୀ,୨୧।୯(ପି.ଟି.)**

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ଶନିବାର ପ୍ଲେୟର ଅଫ୍ ଦ ଇୟର ଦୌଡ ତାଲିକା ପ୍ରକାଶ ପାଇଛି। ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଏହି ତାଲିକାରେ ଦ୍ୱିତୀୟ ଥର ପାଇଁ ସ୍ଥାନ ପାଇଛନ୍ତି। ସେ ଭାରତକୁ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୦ ଗୋଲ୍ ସହ ସେ ପ୍ୟାରିସ୍‌ରେ ସର୍ବାଧିକ ଗୋଲ୍‌ର ରେକର୍ଡ କରିଥିଲେ। ୨୦୨୦ ଓ ୨୦୨୨ରେ ଦୁଇଥର ହରମନ୍‌ପ୍ରୀତ୍ ପ୍ଲେୟର ଅଫ୍ ଦ ଇୟର ହୋଇ ପାରିଛନ୍ତି। ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡରେ ଥିଏରୀ ବ୍ରିଙ୍କମାନ୍(ନେଦରଲାଣ୍ଡ୍ସ), ଜୋଏପ୍ ଡି ନୋଏଲ୍(ନଦରଲାଣ୍ଡ୍ସ), ହାନ୍ସ ମୁଲେର(ଜର୍ମାନୀ) ଓ ଜ୍ୟାକ୍ ୱାଲେସ୍(ଇଂଲଣ୍ଡ)ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ହରମନ୍‌ପ୍ରୀତ୍।

# ରାଜ୍ୟସ୍ତରୀୟ ପିକଲ୍‌ବଲ୍ ଟୁର୍ନାମେଣ୍ଟ ୨୮ରୁ

**ଭୁବନେଶ୍ୱର,୨୧।୯(ସରୋଜ ଜେନା)**

ରାଜ୍ୟସ୍ତରୀୟ ପିକଲ୍‌ବଲ୍ ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୮ ଓ ୨୯ ତାରିଖରେ ଆୟୋଜନ ହେବ। ଭୁବନେଶ୍ୱରର ରୁଦ୍ରପୁର ନିକଟସ୍ଥ ହାଇୱେ ହୋଣ୍ଡା ପାଖରେ ଥିବା ଆଦିତ୍ୟ ରିକ୍ରିଏଶନାଲ ହବ୍‌ରେ ଏହି ମ୍ୟାଚ୍ ଖେଳାଯିବ। ପିକଲ୍‌ବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଶୁଭ୍ରାଂଶୁ ଚରଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ୧୪,୧୬, ୧୯ ବର୍ଷରୁ କମ୍, ୧୯, ୩୫, ୫୦ ଓ ୬୦ ବର୍ଷରୁ ଅଧିକ ବୟସ ବର୍ଗରେ ଟୁର୍ନାମେଣ୍ଟ ଖେଳାଯିବ। ସକାଳ ୭ଟାରୁ ରାତି ୯ ଯାଏ ଇଭେଣ୍ଟଗୁଡିକ ଅନୁଷ୍ଠିତ ହେବ। ସେହିପରି ଭୁବନେଶ୍ୱର ବାହାରୁ ଆସିଥିବା ପ୍ରତିଯୋଗୀଙ୍କ ପାଇଁ ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।




# ମାତୃତ୍ୱ ପରେ ଜାତୀୟ ପଦକ


ପାୟଲ ପଲ୍ଲବୀଙ୍କ ସହ ସାଗରିକା ନାୟକ।

**ଭୁବନେଶ୍ୱର,୨୧।୯ (ସରୋଜ ଜେନା)**

ଟାଏକୋଣ୍ଡୋରେ ଜାତୀୟ ସ୍ତରରେ ୩ଟି ସ୍ୱର୍ଣ୍ଣ ପଦକ ଜିତ ସାରିଛନ୍ତି ସାଗରିକା ନାୟକ। ତେବେ ଅନ୍ୟ ଖେଳାଳିଙ୍କ ପରି ସାଗରିକାଙ୍କ ଖେଳାଳି ଭାବରେ ଯାତ୍ରା ବେଶ୍ ଭିନ୍ନ ରହିଛି। ସାଧାରଣତଃ ଖେଳାଳିମାନେ ଆରମ୍ଭରୁ କ୍ରୀଡ଼ା ସହିତ ଜଡିତ ଥାଆନ୍ତି। ତେବେ ସାଗରିକା ମାତୃତ୍ୱ ଲାଭ ପରେ ପେସାଦାର କ୍ରୀଡ଼ାବିତ୍ ଭାବରେ ଟାଏକୋଣ୍ଡୋକୁ ଚୟନ କରିଥିଲେ। ଝିଅ ପାୟଲ ପଲ୍ଲବୀକୁ ଟାଏକୋଣ୍ଡୋ ପାଇଁ ଆଡ୍‌ମିଶନ କରିବା ସମୟରେ ନିଜେ ଟାଏକୋଣ୍ଡୋରେ ଆଡ୍‌ମିଶନ ନେଇଥିଲେ। ପରେ ଆରମ୍ଭ ହୋଇଥିଲା ମା'–ଝିଅ ଯୋଡିଙ୍କ ସଫଳତାର ଯାତ୍ରା। ୩ ଥର ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଚଳିତ ବର୍ଷ ଝିଅ ପାୟଲ ପଲ୍ଲବୀ କ୍ୟାଡେଟ୍ ବର୍ଗରେ ଜାତୀୟ ସ୍ୱର୍ଣ୍ଣ ଜିତିଛନ୍ତି। ସେ ବର୍ତ୍ତମାନ ସେଣ୍ଟ ଜାଭିୟର୍ସରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ସାଗରିକା ଦ୍ୱିତୀୟ ଡାନ୍‌ର ବ୍ଲାକ ବେଲ୍ଟ ହାସଲ କରିଥିବା ବେଳେ ପାୟଲଙ୍କ ନିକଟରେ ରହିଛି ପ୍ରଥମ ଡାନ୍‌ର ବ୍ଲାକ ବେଲ୍ଟ।

## ସାଗରିକାଙ୍କ ସଫଳତାର କାହାଣୀ

ଭୁବନେଶ୍ୱର ଗାଡ଼କଣରେ ଜନ୍ମିତ ସାଗରିକା ପିଲାଦିନରୁ ଭାଇଙ୍କ ସହିତ କରାଟେ ଶିଖୁଥିଲେ। ଅଭ୍ୟାସ ସମୟରେ ଭାଇଙ୍କ ହାତ ଭାଙ୍ଗିଯିବା ପରେ ସାଗରିକାଙ୍କ ଖେଳରେ ମଧ୍ୟ ବ୍ରେକ୍ ଲାଗି ଯାଇଥିଲା। ୨୦୧୪ରେ ୨୨ ବର୍ଷ ବୟସରେ ବିବାହ ପରେ କଟକ ଚାଲିଯାଇଥିଲେ। ୨୦୧୫ରେ ଝିଅ ଜନ୍ମ ହୋଇଥିଲା। ମାତୃତ୍ୱ ଲାଭ ପରେ ବଦଳି ଯାଇଥିଲା ସାଗରିକାଙ୍କ ଜୀବନର ଗତିପଥ। ସ୍ୱାମୀ ପ୍ରଶାନ୍ତ କୁମାର ସାହୁ ଆଇସିଆଇସିଆଇ ବ୍ୟାଙ୍କରେ ଟେକ୍ନିକାଲ ମ୍ୟାନେଜର ଭାବରେ କାର୍ଯ୍ୟ କରନ୍ତି। ସ୍ୱାମୀ ସର୍ବଦା ତାଙ୍କ ପଛରେ ଛିଡା ହେବା ସହ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇ ଥାଆନ୍ତି ବୋଲି କୁହନ୍ତି ସାଗରିକା। ୨୦୨୦ରେ ଯେତେବେଳେ ଝିଅ ଟାଏକୋଣ୍ଡୋ ଖେଳିବାକୁ ନିଷ୍ପତ୍ତି ନେଇଥିଲା ସେ ସମୟରେ ସାଗରିକା ନିଜେ ମଧ୍ୟ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। କୋଚ୍ ପ୍ରହ୍ଲାଦ ସାହାଙ୍କ ଅଧୀନରେ ୨୦୨୦ରେ ମା' ଓ ଝିଅଙ୍କ ଯୋଡି ଅଭ୍ୟାସ ଆରମ୍ଭ କରିଥିଲେ। ସାଗରିକା ୨୦୨୨ରେ କୋଲକାତା, ୨୦୨୩ରେ ଉତ୍ତରାଖଣ୍ଡ ଓ ୨୦୨୪ରେ ରାଜସ୍ଥାନରେ ଅନୁଷ୍ଠିତ ଜାତୀୟ ଟୁର୍ନାମେଣ୍ଟରେ ସାଗରିକା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ଜାତୀୟ କ୍ୟାଡେଟ ଟୁର୍ନାମେଣ୍ଟରେ ଝିଅକୁ ପ୍ରଶିକ୍ଷଣ ଦେବା ସହିତ କଟକର ତୁଳସୀପୁରଠାରେ ସେ 'କିଡ୍ସ' ଟାଏକୋଣ୍ଡୋ ଏକାଡେମୀ ସ୍ଥାପନ କରିଛନ୍ତି ସାଗରିକା। କିଡ୍ସରେ ପିଲାଙ୍କ ପାଇଁ ମାଗଣା ପ୍ରଶିକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି। ଏହି ଏକାଡେମୀରୁ ଅନେକ ଛାତ୍ରୀଛାତ୍ର ଜାତୀୟ ସ୍ତରରେ ମେଡାଲ ମଧ୍ୟ ଜିତି ସାରିଛନ୍ତି। ମା' ଓ କୋଚ୍ ବ୍ୟତୀତ ସାଗରିକା ଜାତୀୟ ସ୍ତରରେ ଜଣେ ରେଫରି ଭାବରେ ମଧ୍ୟ କାର୍ଯ୍ୟ କରି ସାରିଛନ୍ତି। ଭବିଷ୍ୟତରେ ଟାଏକୋଣ୍ଡୋରେ ଜଣେ ସଫଳ କୋଚ୍ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏହା ସହ ଝିଅ ଯେମିତି ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବ ତାହା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି ସାଗରିକା।

# କଳିକେଶ ଜାତୀୟ ରାଇଫଲ ଆସୋସିଏଶନର ସଭାପତି

**ନୂଆଦିଲ୍ଲୀ, ୨୧।୯ (ପି.ଟି.)**

କଳିକେଶ ନାରାୟଣ ସିଂଦେଓ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସ୍ଥାନୀୟ କନ୍‌ଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆଠାରେ ଶନିବାର ଅନୁଷ୍ଠିତ ନିର୍ବାଚନରେ ସେ ଭି.କେ. ଧଲଙ୍କୁ ୩୬–୨୧ ଭୋଟ୍‌ରେ ହରାଇ ଦେଇଛନ୍ତି। ସରକାରଙ୍କ ଜାତୀୟ କ୍ରୀଡ଼ା ସଂହିତା(ଏନ୍‌ଏସ୍‌ସି) ଅନୁସାରେ ରଣଧୀର ସିଂ ଗତବର୍ଷ ଇସ୍ତଫା ପ୍ରଦାନ ପରେ ଏହି ପଦବୀ ଖାଲି ପଡ଼ିଥିଲା। ସେହିଦିନଠାରୁ କଳିକେଶ ଏନ୍‌ଆର୍‌ଏଆଇର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିଆସୁଥିଲେ। ଜାତୀୟ କ୍ରୀଡ଼ା ସଂହିତା ଅନୁସାରେ କୌଣସି ଜାତୀୟ କ୍ରୀଡ଼ା ମହାସଂଘର ମୁଖ୍ୟ ପଦବୀରେ ଜଣେ ୧୨ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଗତବର୍ଷ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏନେଇ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ରଣଧୀର ୨୦୧୦ ଡିସେମ୍ବର ୨୯ରୁ ୨୦୨୨ ଡିସେମ୍ବର ପର୍ଯ୍ୟନ୍ତ ସଭାପତି ପଦବୀରେ କାର୍ଯ୍ୟ କରିସାରିଥିଲେ। ତାଙ୍କର ୧୨ ବର୍ଷ ପୂରଣ ହୋଇଯାଇଥିଲା। ସେ ଆଉ ଏହି ପଦବୀରେ ରହିପାରିବେ ନାହିଁ। ଗତବର୍ଷ ଏପ୍ରିଲରେ ରଣଧୀର ତାଙ୍କ ପଦବୀରୁ ହଟିଯିବା ପରେ ସିନିୟର ଉପସଭାପତି କଳିକେଶ ମହାସଂଘର କାମଚଳା ମୁଖ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। କଳିକେଶଙ୍କ ସମୟରେ ଭାରତ ପ୍ୟାରିସ ଅଲିମ୍ପିକ୍ସରେ ୩ ବ୍ରୋଞ୍ଜ ପଦକ ହାସଲ କରିପାରିଛି। ୨୦୧୬ ରିଓ ଅଲିମ୍ପିକ୍ସ ଏବଂ ୨୦୨୦ ଟୋକିଓ ଗେମ୍ସରେ ଭାରତୀୟ ଶୁଟରଭାବେ ପଦକ ଜିତିବାରେ ବିଫଳ ହୋଇଥିଲେ। କଳିକେଶ ୨୦୨୫ରେ ଏନ୍‌ଆର୍‌ଏଆଇର ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ ପର୍ଯ୍ୟନ୍ତ ସଭାପତି ପଦବୀରେ ରହିବେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ